DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୧/୨୦୨୨ (୧୪ ପୃଷ୍ଠା) Bhubaneswar, Monday, November 21/2022 Page 14 ₹ 7.00 ★★★★

୪୮ଶ ଭାଗ ୩୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 355 ମୂଲ୍ୟ ₹୭/-




**ଗୁରୁଙ୍କ ଆଲ୍‌ବମ୍‌ରେ ଶେହେନାଜ**

ରିଆଲିଟି ଶୋ' ବିଗ୍ ବସ୍‌ର ପୂର୍ବତନ ପ୍ରତିଯୋଗୀ ଶେହେନାଜ ଗିଲ୍ ବଲିଉଡ୍ ଗାୟକ ଗୁରୁ ରନ୍ଧାୱାଙ୍କ ଆଲବମ୍‌ରେ ଅଭିନୟ କରିଛନ୍ତି। ୧୦

୧୪ **ସୂର୍ଯ୍ୟକୁମାରଙ୍କ ଅପରାଜିତ ଶତକ**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ରେ ସୂର୍ଯ୍ୟକୁମାର ଯାଦବଙ୍କ ଅପରାଜିତ ଶତକ ସହାୟତାରେ ଭାରତ ବିଜୟ ହାସଲ କରିଛି।





କାତାରର ଅଲ୍‌ବାୟଟ ଷ୍ଟାଡିୟମରେ ରବିବାର ଫିଫା ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଅଧିକ ଫଟୋ ଓ ରିପୋର୍ଟ ଖେଳପୃଷ୍ଠା)

# କ୍ଷତିପୂରଣ କରିବେ ଧନୀ ରାଷ୍ଟ୍ର



କୋପ୍‌୨୭ରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ (ବାମରୁ ଦ୍ୱିତୀୟ)ଙ୍କ ସମେତ ଅନ୍ୟ ଦେଶର ପ୍ରତିନିଧିମାନେ ।

**ଶର୍ମ ଏଲ୍-ଶେଖ୍/ନୂଆଦିଲ୍ଲୀ,୨୦।୧୧**

ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଅନୁନ୍ନତ ଦେଶଗୁଡ଼ିକୁ ଉତ୍ସର୍ଜନ ସୃଷ୍ଟିକାରୀ ଧନୀ ରାଷ୍ଟ୍ରଗୁଡ଼ିକ କ୍ଷତିପୂରଣ ଦେବେ। ଏଥିସକାଶେ ଏକ ପାଣ୍ଠି ଗଠନ କରିବା ଉପରେ ବିତ୍ତଶାଳୀ ରାଷ୍ଟ୍ରଗୁଡ଼ିକ ସହମତି ପ୍ରକାଶ କରିଛନ୍ତି। ଏହି ଐତିହାସିକ ନିଷ୍ପତ୍ତି ସହ ରବିବାର ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ ଜାତିସଂଘ ଜଳବାୟୁ ସମ୍ମିଳନୀ କୋପ୍‌୨୭ ଉଦ୍‌ଯାପିତ ହୋଇଛି। ଭାରତ ସମ୍ମିଳନୀର ନିଷ୍କର୍ଷକୁ ଐତିହାସିକ ବୋଲି ଅଭିହିତ କରିଛି। ତେବେ ଉତ୍ସର୍ଜନ ହ୍ରାସ ଦିଗରେ କୌଣସି ବଡ଼ ପଦକ୍ଷେପ ନେବାରେ ସହମତି ପ୍ରକାଶ ପାଇ ନ ଥିବାରୁ ଆଉ କେତେକ ରାଷ୍ଟ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶର୍ମ ଏଲ୍-ଶେଖ୍ ସହରସ୍ଥିତ ରେଡ୍ ସି ରିସର୍ଟରେ ଗତ ୬ ତାରିଖରେ ଆରମ୍ଭ ହୋଇଥିବା କୋପ୍‌୨୭ ଶୁକ୍ରବାର ଶେଷ ହୋଇଥିଲା। କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଜାରି ରହିଥିବାରୁ ଡିଲ୍ ଚୂଡ଼ାନ୍ତ ପାଇଁ ଆଉ ୪୮ ଘଣ୍ଟା ଆଲୋଚନା ହୋଇଥିଲା। ସମ୍ମିଳନୀରେ ଅଧ୍ୟକ୍ଷତା କରିଥିବା ଇଜିପ୍ଟର ବହିର୍ବ୍ୟାପାର ମନ୍ତ୍ରୀ ସମେହ ଶୋଉର୍କି ଏହାକୁ 'ହର୍କ୍ୟୁଲିଆନ୍ ଇନ୍‌ଫର୍ମାଲ ନେଗୋସିଏଶନ୍ସ' ବୋଲି ଅଭିହିତ କରିଛନ୍ତି। ପ୍ରାୟ ୨ ସପ୍ତାହର ଆଲୋଚନା ପରେ ଜଳବାୟୁ କ୍ଷୟକ୍ଷତିର ଭରଣା ପାଇଁ ପାଣ୍ଠି ଗଠନର ଐତିହାସିକ ପଦକ୍ଷେପ ଉପରେ ସହମତି ପ୍ରକାଶ ପାଇଛି। ବର୍ଷକ ତଳେ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ଅନୁଷ୍ଠିତ କୋପ୍‌୨୬ରେ କୋଇଲା ଭଳି ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ (ଫେଜ୍ ଆଉଟ୍) ପରିବର୍ତ୍ତେ ପର୍ଯ୍ୟାୟକ୍ରମେ ହ୍ରାସ (ଫେଜ୍ ଡାଉନ୍) କରିବା ପାଇଁ ଭାରତ ପକ୍ଷରୁ ଶେଷ ମୁହୂର୍ତ୍ତରେ ଦିଆଯାଇଥିବା ପ୍ରସ୍ତାବ ଗୃହୀତ ହୋଇଥିଲା। କୋପ୍‌୨୭ରେ ମଧ୍ୟ ଭାରତ ଗତ ୧୨ ତାରିଖରେ ନିଜ ପୂର୍ବ ପ୍ରସ୍ତାବକୁ ☞ପୃଷ୍ଠା-୪

**କ୍ଷୟକ୍ଷତି ପାଣ୍ଠି ଗଠନ ପାଇଁ ସହମତି**

## ପାଣ୍ଠି ପରିଚାଳନା ନେଇ ସ୍ପଷ୍ଟତା ନାହିଁ

ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟର ପ୍ରଭାବରେ ଦ୍ୱୀପରେ ବସବାସ କରୁଥିବା ବହୁ ଲୋକ ବାସହରା ହୋଇଯାଇଛନ୍ତି। କ୍ଷୟକ୍ଷତିର ଭରଣା ସକାଶେ ଗଠିତ ହେବାକୁ ଥିବା ପାଣ୍ଠି ଗରିବ ଓ ବିପଦରେ ଥିବା ଏଭଳି ଲୋକଙ୍କ ପାଇଁ ଏକ ଜୀବନରେଖା ପାଲଟିବ ବୋଲି ୱାଶିଂଟନରେ ମୁଖ୍ୟାଳୟ ଥିବା ପରିବେଶ ସମ୍ପର୍କିତ ଥିଙ୍କ୍‌ଟ୍ୟାଙ୍କ ୱାର୍ଲ୍ଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପ୍ରେସିଡେଣ୍ଟ ଅନି ଦାସ୍‌ଗୁପ୍ତା ଆଶାବ୍ୟକ୍ତ କରିଛନ୍ତି। ତେବେ ଏହି ନୂଆ ପାଣ୍ଠି କିପରି କାମ କରିବ ଏବଂ ଜୀବାଶ୍ମ ଇନ୍ଧନ ଜାଳେଣିରୁ ବିଶ୍ୱରେ ସର୍ବାଧିକ ଉତ୍ତାପ ସୃଷ୍ଟି କରୁଥିବା ବିକଶିତ ରାଷ୍ଟ୍ରଗୁଡ଼ିକ କିପରି ଭାବେ ଅର୍ଥ ଯୋଗାଇବେ ସେନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଅର୍ଥାତ୍ ଏହି ପଦକ୍ଷେପ ବିନା ଅର୍ଥରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ଉଦ୍ଦେଶ୍ୟ ସମ୍ପର୍କରେ ଘୋଷଣା କରିବା ସଦୃଶ। ଧନୀ ଦେଶଗୁଡ଼ିକ ଏହି ପାଣ୍ଠିରେ ଅର୍ଥ ଜମା କରିବେ ବୋଲି ବର୍ତ୍ତମାନ ସୁଦ୍ଧା କୌଣସି ଆଶ୍ୱାସନା ଦେଇନାହାନ୍ତି।






**ଆଜିର ସମ୍ପାଦକୀୟ** ଚାପରେ ହେଉଛି ଚେପା

# ଓଡ଼ିଆ ଭାଷା ବୁଝୁନାହାନ୍ତି ପିଲା

**ଓଡ଼ିଆ ଭାଷାକୁ ବିପନ୍ନ କରିବାକୁ ଆନ୍ଧ୍ର ଚଳାଇଛି ରୀତିମତ ଷଡ଼ଯନ୍ତ୍ର। ଛତିଶଗଡ଼ପଟୁ ମଧ୍ୟ ବିପଦ କିଛି କମ୍ ନୁହେଁ। ଫଳରେ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡ଼ିକରେ ତେଲୁଗୁ ଏବଂ ହିନ୍ଦୀ ଭାଷାର ପ୍ରାବଲ୍ୟ ଅନୁଭୂତ ହେଲାଣି। ଆଦିବାସୀଙ୍କ କଥିତ ଆଞ୍ଚଳିକ ଭାଷା ଏବଂ ଲିଖିତ ଓଡ଼ିଆ ଭାଷା ମଧ୍ୟରେ ରହୁଥିବା ବ୍ୟବଧାନ ଏବେ ସ୍ଥିତିକୁ ଆହୁରି ଜଟିଳ କରିପକାଇଲାଣି। ବିଶେଷ କରି ମାଲକାନଗିରି ଜିଲାର ବଣ୍ଡା, ଦିଦାୟୀ, କୋୟା ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ର ଓଡ଼ିଆ ଶବ୍ଦକୁ ଆୟତ୍ତ କରି ନ ପାରିବା ଏବଂ ସେମାନଙ୍କ ଲାଗି ନିୟୋଜିତ ବହୁଭାଷୀ ଶିକ୍ଷକଙ୍କ ସହ ଭାବ ବିନିମୟ ଶତ ପ୍ରତିଶତ ସଫଳ ନ ହେବା କାରଣରୁ ଉପାନ୍ତ ଅଞ୍ଚଳରେ ସ୍ଥିତି ରକ୍ଷା ଲାଗି ସଂଘର୍ଷ କରୁଛି ଓଡ଼ିଆ ଭାଷା।**

**ଦୁର୍ଯ୍ୟୋଧନ ପାତ୍ର/ସୁବାସ ଚନ୍ଦ୍ର ଖୁଡ଼ୁପିଆ ମାଲକାନଗିରି/ମାଥିଲି, ୨୦।୧୧(ଡି.ଏନ୍.ଏ.)**

ଓଡ଼ିଆ ଭାଷାରେ ଶିକ୍ଷକ କରୁଛନ୍ତି ଶିକ୍ଷାଦାନ। ହେଲେ କୋୟା ଆଦିବାସୀ ପିଲା ତାହାକୁ ବୁଝିପାରୁନାହାନ୍ତି। ଅନୁରୂପ ସମସ୍ୟା ସୃଷ୍ଟି ହୋଇଛି ଶିକ୍ଷକଙ୍କ କ୍ଷେତ୍ରରେ। ପିଲାମାନେ କୋୟା ଭାଷାରେ କଥା ହେଉଥିବାବେଳେ ସେସବୁ ଶିକ୍ଷକଙ୍କ ମଗଜରେ ପଶୁନାହିଁ। ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଭଳି ବ୍ୟବଧାନ ଯେ କେବଳ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେଇନାହିଁ, ବରଂ ଏଥିରେ ପେଷି ହୋଇଯାଉଛି ଓଡ଼ିଆ ଭାଷା।



ସୋଡ଼ିଗୁଡ଼ା ଗ୍ରାମ ପ୍ରାଥମିକ ବିଦ୍ୟାଳୟ

ଶିକ୍ଷା ବ୍ୟବସ୍ଥାର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ଆନ୍ଧ୍ର ସୀମାନ୍ତ ମାଲକାନଗିରି ଜିଲାର ମାଥିଲି ବ୍ଲକରେ। କେବଳ ମାଥିଲି ନୁହେଁ, ବହୁଭାଷୀ ଶିକ୍ଷକଙ୍କ ଅଭାବରୁ ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ଉପୁଜିଛି ସମାନ ସ୍ଥିତି।

ମାଥିଲି ବ୍ଲକର କମାରପାଲି ପଞ୍ଚାୟତ ଅନ୍ତର୍ଗତ ସୋଡ଼ିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ୩୨ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ସେମାନଙ୍କ ପାଇଁ ନିୟୋଜିତ ହୋଇଛନ୍ତି ଏକମାତ୍ର ଓଡ଼ିଆ ଶିକ୍ଷକ ରତ୍ନାକର ପାଳ। ତେବେ କୋୟା ଭାଷାଭାଷୀ ଛାତ୍ରୀଛାତ୍ର ଶିକ୍ଷକଙ୍କ କଥା ବୁଝିପାରୁନାହାନ୍ତି କି ଛାତ୍ରୀଛାତ୍ର କ'ଣ କହିବାକୁ ଚାହୁଁଛନ୍ତି ତାହା ବୁଝିପାରୁନାହାନ୍ତି ଶିକ୍ଷକ। ଫଳରେ ସ୍କୁଲରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷାକୁ ନେଇ ସୃଷ୍ଟି ହୋଇଛି ବ୍ୟବଧାନ। ସମସ୍ୟା କେବଳ ଏତିକିରେ ସରିନାହିଁ। ସମ୍ପୃକ୍ତ ଶିକ୍ଷକଙ୍କୁ ବ୍ଲକ ପ୍ରଶାସନ ଏବେ ନିୟୋଜିତ କରିଛି ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ। ଶିକ୍ଷକ ଜଣକ ସରକାରୀ କାର୍ଯ୍ୟରେ ଗଲେ ସ୍କୁଲରେ ତାଲା ଝୁଲୁଛି। ତେଣୁ ଛତିଶଗଡ଼ ସୀମାନ୍ତ ଏହି ବିଦ୍ୟାଳୟରେ କୋୟା ଭାଷା ଜାଣିଥିବା ଜଣେ ଅଭିଜ୍ଞ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଶିକ୍ଷକ ରତ୍ନାକର ପାଳ ଏବଂ ମାଥିଲି ବ୍ଲକ ଦାୟିତ୍ୱରେ ଥିବା ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ରଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ଉଭୟଙ୍କ ମତାମତ ମିଳିପାରିନାହିଁ। ଅନ୍ୟପଟେ ଏଭଳି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ବହୁଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିବାବେଳେ ସଂଖ୍ୟାତ୍ମକ ଦୃଷ୍ଟିରୁ ତାହା ଅତି ନଗଣ୍ୟ। ଏହାର ନିୟମିତ ସମୀକ୍ଷା କରାଯାଉ ନ ଥିବାରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସବୁକିଛି କାମଚଳାରେ ଚାଲିଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

**▪ସୀମାନ୍ତରେ ସଙ୍ଗିନ ସ୍ଥିତି**
**▪ବହୁଭାଷୀ ଶିକ୍ଷକଙ୍କ ଅଭାବ**

## ମାଲକାନଗିରି ଜିଲାରେ ସବୁଠି ସମାନ ସ୍ଥିତି

ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ରାଜ୍ୟ ସୀମାନ୍ତ ମାଲକାନଗିରି ଜିଲାର ଖଇରପୁଟ, ଚିତ୍ରକୋଣ୍ଡା, ମୋଟୁ, କାଲିମେଳା, ପଡ଼ିଆ ବ୍ଲକରେ ଓଡ଼ିଆ ଭାଷାକୁ ନେଇ ସମସ୍ୟା ବଢ଼ିବାରେ ଲାଗିଛି। ଆନ୍ଧ୍ର ସରକାର ତେଲୁଗୁ ଭାଷାକୁ ପ୍ରୋତ୍ସାହିତ କରିବାକୁ ଯାଇ ଅଞ୍ଚଳବାସୀଙ୍କୁ ପ୍ରଲୋଭିତ କରୁଛନ୍ତି, ଯାହାର ଶିକାର ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟ। ପଡ଼ୋଶୀ ରାଜ୍ୟର ଲୋଭନୀୟ ଶିକ୍ଷା ବ୍ୟବସ୍ଥାରେ ଆକୃଷ୍ଟ ହୋଇ ସେମାନେ ତେଲୁଗୁ ସ୍କୁଲମୁହାଁ ହେଉଥିବା ଅଭିଯୋଗ ହେଉଛି।

ଜିଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୧,୧୫୬ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏ ପାଠ ପଢ଼ିବା ସୁବିଧା ରହିଛି। ☞ପୃଷ୍ଠା-୪

# ଟୁଇଟରକୁ ଫେରିଲେ ଟ୍ରମ୍ପ୍

**ୱାଶିଂଟନ୍,୨୦।୧୧**

୨୨ ମାସ ବ୍ୟବଧାନ ପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟରକୁ ଫେରିଛନ୍ତି। ବୈଦ୍ୟୁତିକ କାର୍ ନିର୍ମାଣକାରୀ କମ୍ପାନୀ ଟେସ୍‌ଲାର ମାଲିକ ତଥା ବିଶ୍ୱର ସବୁଠାରୁ ଧନୀ ଏଲନ ମସ୍କ ଟୁଇଟରର ମାଲିକାନା ନିଜ ହାତକୁ ନେବା ପରେ ଟ୍ରମ୍ପ୍ ଟୁଇଟରକୁ ଫେରିବା ସମ୍ଭବ ହୋଇଥିବା ଚର୍ଚ୍ଚା ହେଉଛି। ଟୁଇଟରର ନୂଆ ମାଲିକ ମସ୍କ ହେବାପରେ ଟ୍ରମ୍ପ୍‌ଙ୍କ ଆକାଉଣ୍ଟକୁ ପୁଣି ଖୋଲାଯିବା ଲାଗି ଅନ୍‌ଲାଇନ୍‌ରେ ଜନମତ ଲୋଡ଼ିଥିଲେ। ଏ ନେଇ ମୋଟ ୧୫,୦୮୫,୪୫୮ ଜନମତ ମିଳିଥିଲା, ଯେଉଁଥିରୁ ୫୧.୮% ଭୋଟ ଟ୍ରମ୍ପ୍‌ଙ୍କ ସପକ୍ଷରେ ଯାଇଥିବାବେଳେ ୪୮.୨% ଜନମତ ତାଙ୍କ ବିରୋଧରେ ଆସିଥିଲା।

**▪ ଟ୍ରମ୍ପ୍‌ଙ୍କ ସପକ୍ଷରେ ୫୧.୮% ଜନମତ**




ଟୁଇଟର ଆକାଉଣ୍ଟକୁ ରିଷ୍ଟାର୍ଟ କରିବା ପାଇଁ ସଂଖ୍ୟା ଗରିଷ୍ଠ ଜନମତ ହାସଲ ହେବା ପରେ ଟ୍ରମ୍ପ୍‌ଙ୍କ ପାଇଁ ଏବେ ଟୁଇଟରର ଦ୍ୱାର ଉନ୍ମୁକ୍ତ ହୋଇଛି। ୨୦୨୧ ଜାନୁୟାରୀ ୮ରେ ସେ ଶେଷଥର ପାଇଁ ଟୁଇଟ୍ କରିଥିଲେ। ପୂର୍ବରୁ ଟ୍ରମ୍ପ୍‌ଙ୍କର ୧ ନିୟୁତ ଫଲୋୟର୍ସ ଥିବାବେଳେ ଆକାଉଣ୍ଟ ରିଷ୍ଟାର୍ଟ ହେବାର ୩୦ମିନିଟ୍ ଭିତରେ ଫଲୋର୍ସ ସଂଖ୍ୟା ୨.୧ ନିୟୁତରେ ପହଞ୍ଚିଛି।

୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲ୍ ହିଂସାକୁ ଟ୍ରମ୍ପ ଉସୁକାଇବା ନେଇ ଟୁଇଟରରେ ବହୁ ପୋଷ୍ଟ କରିଥିଲେ। ଟ୍ରମ୍ପ୍‌ଙ୍କ ଟୁଇଟର ଆକାଉଣ୍ଟକୁ ବ୍ୟାନ୍ କରାଯିବା କ୍ଷେତ୍ରରେ ଭାରତୀୟ-ଆମେରିକୀୟ ବଂଶୋଦ୍ଭବ ଆଇନଜୀବୀ ବିଜୟ ଗଡ୍ଡେଙ୍କ ବଡ଼ ଭୂମିକା ଥିବା କୁହାଯାଉଛି। କ୍ୟାପିଟୋଲ ହିଂସା ନେଇ ଟ୍ରମ୍ପ୍ ଯେଉଁ ଟୁଇଟ୍ କରୁଥିଲେ, ପୁଣିଥରେ ବଡ଼ ଧରଣର ହିଂସାକାଣ୍ଡ ହେବାର ଆଶଙ୍କା ରହିଛି। ଏ ପ୍ରକାର ବିପର୍ଯ୍ୟୟ ସ୍ଥିତିକୁ ଦୂର କରିବା ଲାଗି ଟ୍ରମ୍ପ୍‌ଙ୍କ ଆକାଉଣ୍ଟକୁ ସ୍ଥାୟୀ ଭାବେ ସସ୍ପେଣ୍ଡ କରାଯିବା ଉଚିତ୍ କହି ସେ ଏକ ପୋଷ୍ଟ ଶେୟାର କରିଥିଲେ। ଏହାପରେ ଟୁଇଟରର ପୂର୍ବତନ ସିଇଓ ପରାଗ ଅଗ୍ରୱାଲ ଓ ଅନ୍ୟ ବରିଷ୍ଠ ଅଧିକାରୀ ଟ୍ରମ୍ପ୍‌ଙ୍କ ଆକାଉଣ୍ଟ ବ୍ୟାନ୍ କରିଥିଲେ।




**ଜରୁରୀ ଔଷଧ ତାଲିକାରେ କରୋନାରୀ ଷ୍ଟେଣ୍ଟ**

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜାତୀୟ ଜରୁରୀ ଔଷଧ ତାଲିକା, ୨୦୨୨ରେ କରୋନାରୀ ଷ୍ଟେଣ୍ଟସ୍‌କୁ ସାମିଲ କରିଛି। ଫଳରେ ଏହି ଜୀବନ ରକ୍ଷାକାରୀ ମେଡିକାଲ ଉପକରଣ ଶସ୍ତାରେ ମିଳିପାରିବ। କରୋନାରୀ ଷ୍ଟେଣ୍ଟସ୍‌କୁ ଜରୁରୀ ତାଲିକାରେ ସାମିଲ କରିବା ଲାଗି ଏକ ବିଶେଷଜ୍ଞ କମିଟି ସୁପାରିସ କରିଥିଲା। ଏବେ ଜାତୀୟ ଔଷଧ ମୂଲ୍ୟ କର୍ତ୍ତୃପକ୍ଷ (ଏନ୍‌ପିପିଏ) ଏହାର ମୂଲ୍ୟ ଧାର୍ଯ୍ୟ କରିବେ।

## ସଂକ୍ଷେପରେ

### ହୃଦ୍‌ଘାତରେ ଅଭିନେତ୍ରୀ ଐନ୍ଦ୍ରିଲା ଶର୍ମାଙ୍କ ପରଲୋକ



**କୋଲକାତା,୨୦।୧୧:** ବଙ୍ଗାଳୀ ଅଭିନେତ୍ରୀ ଐନ୍ଦ୍ରିଲା ଶର୍ମାଙ୍କର ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ମାତ୍ର ୨୪ ବର୍ଷ ହୋଇଥିଲା। ଶନିବାର ରାତିରେ ତାଙ୍କୁ ହୃଦ୍‌ଘାତ ହେବାରୁ ଗୁରୁତର ଅବସ୍ଥାରେ ହାୱଡାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇ ସିପିଆର୍ ଦିଆଯାଇଥିଲା ଓ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ରବିବାର ମଧ୍ୟାହ୍ନ ସମୟରେ ଆଉ ଏକ ହୃଦ୍‌ଘାତ ହେବାରୁ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ପୂର୍ବରୁ ସେ କ୍ୟାନ୍‌ସରରୁ ଆରୋଗ୍ୟ ହୋଇ ଅଭିନୟ ଜଗତକୁ ଫେରିଥିଲେ। ଗତ ୧ ତାରିଖରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଲୋକପ୍ରିୟ ଅଭିନେତ୍ରୀ ଐନ୍ଦ୍ରିଲା 'ଝୁମୁର' ସମେତ ବିଭିନ୍ନ ଟିଭି ଶୋ' ଓ ସିରିଏଲ୍‌ରେ କାର୍ଯ୍ୟ କରିଛନ୍ତି।

### ନାଗାଲାଣ୍ଡ ଜେଲରୁ ୯ ବନ୍ଦୀ ଚମ୍ପଟ୍

**କୋହିମା,୨୦।୧୧:** ନାଗାଲାଣ୍ଡର ମୋନ୍ ଜିଲା ଜେଲରୁ ୯ ଜଣ ଅନ୍ତେବାସୀ ଖସି ପଳାଇଛନ୍ତି। ସେମାନଙ୍କୁ ଠାବ କରିବା ଲାଗି ଜୋର୍‌ଦାର ତଲାସି ଅଭିଯାନ ଜାରି ରହିଛି। ଫେରାରଙ୍କ ମଧ୍ୟରୁ କେତେଜଣ ବିଚାରାଧୀନ ବନ୍ଦୀ ଓ ହତ୍ୟା ଅପରାଧୀ। ଶନିବାର ଭୋର୍ ସମୟରେ ସେମାନେ କୌଣସି ପ୍ରକାରେ ସେମାନଙ୍କ ସେଲ୍ ଚାବି ପାଇ ଖସିପଳାଇବାକୁ ସମର୍ଥ ହୋଇଥିଲେ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ମୋନ୍ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଗର୍ଲଫ୍ରେଣ୍ଡଙ୍କୁ ହତ୍ୟା
### ଔଷଧ ଦୋକାନରେ ୪ ଦିନ ଥିଲା ମୃତଦେହ

**ରାୟପୁର,୨୦।୧୧(ପି.ଟି.):** ଛତିଶଗଡ଼ର ବିଳାସପୁର ଜିଲାରେ ଜଣେ ଯୁବକ ତାଙ୍କ ଗର୍ଲଫ୍ରେଣ୍ଡଙ୍କୁ ହତ୍ୟା କରି ମୃତଦେହକୁ ନିଜ ମେଡିକାଲ ଷ୍ଟୋର୍‌ରେ ୪ ଦିନ ଲୁଚାଇ ରଖିଥିଲେ। ସେ ମୃତଦେହ ଫିଙ୍ଗିବା ପାଇଁ ସୁଯୋଗ ଅପେକ୍ଷାରେ ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଆଶିଷ ସାହୁଙ୍କର ଏକ ମେଡିକାଲ ଷ୍ଟୋର ରହିଛି। ଟଙ୍କାପଇସା ମାମଲାକୁ ନେଇ ଗର୍ଲଫ୍ରେଣ୍ଡ ପ୍ରିୟଙ୍କାଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଆଶିଷ ପ୍ରିୟଙ୍କାଙ୍କୁ ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ନଭେମ୍ବର ୧୪ରୁ ଆଶିଷଙ୍କ ଦୋକାନ ବନ୍ଦ ରହିଥିଲା। ୧୮ ତାରିଖରେ ସେ ମୃତଦେହକୁ ଏକ ଅଖାରେ ପୂରାଇ କାର୍‌ରେ ଘରକୁ ନେଉଥିବାବେଳେ ପୋଲିସ ଗିରଫ କରିଥିଲା। ପ୍ରିୟଙ୍କାଙ୍କ ଘର ଭିଲାଇରେ ହୋଇଥିବାବେଳେ ସେ ବିଳାସପୁରରେ ଏକ ହଷ୍ଟେଲରେ ରହି ରାଜ୍ୟ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ କୋଚିଂ ନେଉଥିଲେ। ସେ ଆଶିଷଙ୍କ ସଂସ୍ପର୍ଶରେ ଆସିବା ପରେ ଉଭୟ ଏକାଠି ଷ୍ଟକ୍ ମାର୍କେଟରେ ଅର୍ଥ ଲଗାଇଥିଲେ। ଶେୟାର ବଜାରରେ କ୍ଷତି ପରେ ପ୍ରିୟଙ୍କା ଧାର ଦେଇଥିବା ୧୧ ଲକ୍ଷ ଟଙ୍କା ଫେରାଇବାକୁ ଆଶିଷଙ୍କ ଉପରେ ଚାପ ପକାଇଥିଲେ ବୋଲି ବିଳାସପୁରର ବରିଷ୍ଠ ଏସ୍‌ପି ପାରୁଲ ମାଥୁର କହିଛନ୍ତି।

## ହିନ୍ଦୀରେ ଡାକ୍ତରୀ ପଢ଼ା
# ଜ୍ଞାନକୁ ସୀମିତ କରିବ

**ନୂଆଦିଲ୍ଲୀ,୨୦।୧୧(ପି.ଟି.)**

ମଧ୍ୟପ୍ରଦେଶ ସରକାର ଛାତ୍ରୀଛାତ୍ରଙ୍କୁ ହିନ୍ଦୀରେ ଡାକ୍ତରୀ ପଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏପରି କରିବା ଦ୍ୱାରା ପ୍ରାରମ୍ଭରେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ର କିଛି ସୁବିଧା ପାଇପାରନ୍ତି। କିନ୍ତୁ ଏହା ସେମାନଙ୍କ ଅଭିବୃଦ୍ଧିର ପରିସର ଓ ଜ୍ଞାନକୁ ସୀମିତ କରିଦେବ ବୋଲି ଡାକ୍ତରମାନେ ମତବ୍ୟକ୍ତ କରିଛନ୍ତି।

ମଧ୍ୟପ୍ରଦେଶ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଡାକ୍ତରୀ ଶିକ୍ଷା ପ୍ରକଳ୍ପ ଅଧୀନରେ ଏମ୍‌ବିବିଏସ୍ କୋର୍ସ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଗତ ଅକ୍ଟୋବରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ତିନୋଟି ବିଷୟରେ ହିନ୍ଦୀରେ ପାଠ୍ୟପୁସ୍ତକ ଉନ୍ମୋଚନ କରିଥିଲେ। ଏଭଳି ପଦକ୍ଷେପ ନେବାରେ ମଧ୍ୟପ୍ରଦେଶ ହେଉଛି ଦେଶର ପ୍ରଥମ ରାଜ୍ୟ। ପୁସ୍ତକ ଉନ୍ମୋଚନ ଅବସରରେ ଶାହା କହିଥିଲେ, ଦେଶରେ ଅନ୍ୟ ୮ ଆଞ୍ଚଳିକ ଭାଷାରେ ବୈଷୟିକ ଓ ଡାକ୍ତରୀ ଶିକ୍ଷାଦାନ ଆରମ୍ଭ ନିମନ୍ତେ ଉଦ୍ୟମ ଚାଲିଛି। ସାରା ଦେଶର ଛାତ୍ରୀଛାତ୍ର ସେମାନଙ୍କ ଭାଷାଗତ ହୀନମନ୍ୟତାରୁ ବାହାରି ନିଜ ନିଜ ଭାଷାରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବା ଉଚିତ। କିନ୍ତୁ ଶାହାଙ୍କ ଏଭଳି ପରାମର୍ଶକୁ ଅନେକ ବିଶେଷଜ୍ଞ ନାପସନ୍ଦ କରିଛନ୍ତି। ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍‌ଏ)ର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଜେ.ଏ. ଜୟଲାଲ କହିଛନ୍ତି, ଆଞ୍ଚଳିକ ଭାଷାରେ ଡାକ୍ତରୀ ପାଠ ପଢ଼ାଇବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ବଢ଼ିବ ବୋଲି ଶାହା କହିଥାଇପାରନ୍ତି। କିନ୍ତୁ ଏହାଦ୍ୱାରା ସେମାନଙ୍କ ଅଭିବୃଦ୍ଧି ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ଆମେ ମଡର୍ନ ମେଡିସିନ ସମ୍ପର୍କରେ କହୁଛୁ, ଯାହାକି ୟୁନିଭର୍ସାଲ ମେଡିସିନ। ଏହା କେବଳ ଭାରତରେ ନୁହେଁ, ବରଂ ସାରା ବିଶ୍ୱରେ ପ୍ରାକ୍ଟିସ୍ କରାଯାଉଛି। ଏକ ଆଞ୍ଚଳିକ ଭାଷାରେ ତାଲିମ ନେଲେ ବାହାରକୁ ଯାଇ ଅଧ୍ୟୟନ କରିବା ଏବଂ ନିଜ ଜ୍ଞାନ ଓ ଦକ୍ଷତା ବୃଦ୍ଧି କରିବା ବନ୍ଦ ହୋଇଯାଏ। କେବଳ ବହିରେ ଡାକ୍ତରୀ ପଢ଼ାଯାଇପାରିବ ନାହିଁ। ଏଥିପାଇଁ ଅନ୍ତର୍ଜାତୀୟ ଗବେଷଣା ନିବନ୍ଧ, ଜର୍ନାଲ ଓ ଆର୍ଟିକଲଗୁଡ଼ିକୁ ଅଧ୍ୟୟନ କରିବାକୁ ପଡ଼ିଥାଏ। ସେଗୁଡ଼ିକ ଇଂଲିଶ ଭାଷାରେ ଉପଲବ୍ଧ। ହିନ୍ଦୀ ଭାଷାର ପୁସ୍ତକ ଜଣେ ଡାକ୍ତରଙ୍କୁ ଏକ ସ୍ଥାନୀୟ ଅଞ୍ଚଳରେ ସୀମିତ ରଖି ବିଶ୍ୱ ସମୁଦାୟ ସହ ଯୋଡ଼ି ହେବାରେ ଅନ୍ତରାୟ ସାଜିବ ବୋଲି ଡକ୍ଟର ଜୟଲାଲ ମତବ୍ୟକ୍ତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବାୟୋକେମିଷ୍ଟ୍ରି, ଅନାଟୋମି ଏବଂ ମେଡିକାଲ୍ ଫିଜିଓଲୋଜି ପାଠ୍ୟକ୍ରମର ୩ ବହି ହିନ୍ଦୀରେ ପ୍ରକାଶ ପାଇଛି। ମଧ୍ୟପ୍ରଦେଶ ପରେ ଉତ୍ତରାଖଣ୍ଡ ସରକାର ମଧ୍ୟ ଆସନ୍ତା ଶିକ୍ଷାବର୍ଷରୁ ଅନୁରୂପ ପଦକ୍ଷେପ ନେବା ପାଇଁ ଘୋଷଣା କରିଛନ୍ତି। ଉତ୍ତରାଖଣ୍ଡର ଡାକ୍ତରୀ ଶିକ୍ଷା ମନ୍ତ୍ରୀ ଧନସିଂ ରାୱତ୍‌ଙ୍କ ମତରେ ମଧ୍ୟପ୍ରଦେଶର ସରକାରୀ ମେଡିକାଲ କଲେଜଗୁଡ଼ିକରେ ପ୍ରଚଳିତ ଏମ୍‌ବିବିଏସ୍‌ର ହିନ୍ଦୀ ସିଲାବସ୍ ସମ୍ପର୍କରେ ଅନୁଧ୍ୟାନ କରି ନୂଆ ପାଠ୍ୟକ୍ରମ ଉପରେ ଏକ ଚିଠା ପ୍ରସ୍ତୁତ କରାଯିବ। ଏଥିପାଇଁ ଏକ କମିଟି ଗଠନ କରାଯାଇଛି। ସେହିପରି ତାମିଲନାଡୁ ଉଚ୍ଚଶିକ୍ଷା ମନ୍ତ୍ରୀ କେ. ପୋନ୍‌ମୁଡି କହିଛନ୍ତି, ରାଜ୍ୟ ସରକାର ତାମିଲ ଭାଷାରେ ଏମ୍‌ବିବିଏସ୍ ଶିକ୍ଷାଦାନ ପାଇଁ ୩ ଜଣ ପ୍ରଫେସରଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଆଇଏମ୍‌ଏ ଜୁନିୟର ଡକ୍ଟର୍ସ ନେଟ୍‌ୱର୍କ ରାଷ୍ଟ୍ରୀୟ ସମ୍ପାଦକ ତଥା ଏମ୍‌ବିବିଏସ୍ ଡାକ୍ତର କରଣ ଜୁନେଜା କହିଛନ୍ତି, ଆଞ୍ଚଳିକ ଭାଷାରେ ଡାକ୍ତରୀ ଶିକ୍ଷାଦାନ ପରିବର୍ତ୍ତେ ସରକାର ବିଦ୍ୟାଳୟ ଶିକ୍ଷା ଏବଂ ଭିତ୍ତିଭୂମିରେ ବିକାଶକୁ ଗୁରୁତ୍ୱ ଦେବା ଉଚିତ। ଅନ୍ୟପକ୍ଷେ ଦିଲ୍ଲୀ ଏମ୍ସ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ ଅଧ୍ୟକ୍ଷ ଯଶୱନ୍ତ ଜଙ୍ଗ୍‌ରଙ୍କ ମତରେ ବେଳେବେଳେ କେତେଜଣ ଡାକ୍ତର ରୋଗୀଙ୍କୁ ଯାହା କହିବାକୁ ଚାହାଁନ୍ତି, ତାହା ସେମାନେ କହିପାରି ନ ଥାଆନ୍ତି। ସ୍ଥାନୀୟ ଭାଷାରେ ପଢ଼ିଲେ ଏହି ସମସ୍ୟାର ସମାଧାନ ସମ୍ଭବ। କୌଣସି ଭାରତୀୟ ଭାଷାରେ ମେଡିକାଲ ଜର୍ନାଲ ପ୍ରକାଶ ପାଉ ନ ଥିବାରୁ ଆଞ୍ଚଳିକ ଭାଷାରେ ମେଡିକାଲ ଶିକ୍ଷାଦାନର ଉପକାରିତା ଓ ଅପକାରିତାକୁ ସରକାର ଠିକ୍ ଭାବେ ବୁଝି ନୀତି ପ୍ରଣୟନ କରିବା ଉଚିତ ବୋଲି ଯଶୱନ୍ତ କହିଛନ୍ତି।




ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ସାମିଲ କରାଯାଇଥିବା ୩ ହିନ୍ଦୀ ପୁସ୍ତକ।

# ଯମଜଙ୍କ ମା' ହେଲେ ଇଶା



**ମୁମ୍ବାଇ,୨୦।୧୧**

ରିଲାଏନ୍ସ କମ୍ପାନୀ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ଝିଅ ଇଶା ଅମ୍ବାନୀ ଯମଜ ସନ୍ତାନଙ୍କ ମା' ହୋଇଛନ୍ତି। ଇଶା ଶନିବାର ଗୋଟିଏ ଶିଶୁ ପୁତ୍ର ଓ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବାବେଳେ ରବିବାର ଅମ୍ବାନୀ ପରିବାର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୁଅର ନାଁ କ୍ରିଷ୍ଣା ରଖାଯାଇଥିବାବେଳେ ଝିଅର ନାଁ ଆଦିଆ ଦିଆଯାଇଛି। ୨୦୧୮ରେ ଇଶା ଇଣ୍ଡଷ୍ଟ୍ରିଆଲିଷ୍ଟ ଅଜୟ ପରମାଲ ଓ ଶ୍ୱେତା ପରମାଲଙ୍କ ପୁଅ ଆନନ୍ଦ ପରମାଲଙ୍କୁ ବିବାହ କରିଥିଲେ। ମୁମ୍ବାଇରେ ସେମାନଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ବହୁ ଦେଶ ବିଦେଶରୁ ବହୁ ନାମୀଦାମୀ ଲୋକ ଏହ ଉତ୍ସବରେ ଯୋଗ ଦେଇଥିଲେ। ୨୦୨୦ ଡିସେମ୍ବରରେ ମୁକେଶ ଅମ୍ବାନୀଙ୍କ ବଡ଼ପୁଅ ଆକାଶ ଅମ୍ବାନୀ ଏକ ପୁତ୍ର ସନ୍ତାନର ବାପା ହୋଇଥିଲେ। ଚଳିତବର୍ଷ ଅଗଷ୍ଟରେ ମୁକେଶ ଅମ୍ବାନୀ ଇଶାଙ୍କୁ ରିଲାଏନ୍ସ ଗ୍ରୁପ୍‌ର ରିଟେଲ୍ ବିଜ୍‌ନେସ୍ ମୁଖ୍ୟ ଦାୟିତ୍ୱ ଦେଇଥିଲେ। ଆକାଶ ଜିଓ କମ୍ପାନୀ ବୁଝୁଥିବାବେଳେ ସାନ ପୁଅ ଅନନ୍ତ ଅମ୍ବାନୀ ପରିବାରର ନୂଆ ଏନର୍ଜି ବ୍ୟବସାୟ କଥା ବୁଝାଶୁଝା କରିବେ ବୋଲି ମୁକେଶ ଅମ୍ବାନୀ ଗଣମାଧ୍ୟମକୁ କହିଥିଲେ।




ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ ଜାତିସଂଘର ଜଳବାୟୁ ସମ୍ମିଳନୀ କୋପ୍‌୨୭ ଚାଲିଥିବାବେଳେ ଯୁବ କର୍ମୀମାନେ କ୍ଷୟକ୍ଷତି ଭରଣା ପାଇଁ ବିଶ୍ୱନେତାଙ୍କୁ ଆହ୍ୱାନ ଦେଇଛନ୍ତି।

## କୋପ୍‌୨୭ ମୁଖ୍ୟାଂଶ

- ➥ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟରେ ସର୍ବାଧିକ କ୍ଷତିଗ୍ରସ୍ତ ରାଷ୍ଟ୍ରଗୁଡ଼ିକୁ ସହାୟତା ପ୍ରଦାନ ସକାଶେ ପ୍ରାୟ ୨୦୦ ରାଷ୍ଟ୍ର ଏକ ଐତିହାସିକ ଡିଲ୍‌ରେ ସ୍ୱାକ୍ଷର କରିଛନ୍ତି।
- ➥ବିଶ୍ୱତାପନ ଯୋଗୁ କ୍ଷତି ସହୁଥିବା ଦରିଦ୍ର ଦେଶଗୁଡ଼ିକ କ୍ଷତିପୂରଣ ପ୍ରଦାନ ଲାଗି ଧନୀ ରାଷ୍ଟ୍ରଗୁଡ଼ିକ ଉପରେ ୩୦ ବର୍ଷ ହେଲା ଚାପ ପକାଇଆସୁଥିଲେ।
- ➥କିନ୍ତୁ ସମାଲୋଚକମାନଙ୍କ ମତରେ ଜାତିସଂଘର କୋପ୍‌୨୭ ସମ୍ମିଳନୀ ଜଳବାୟୁ ପରିବର୍ତ୍ତନର କାରଣ ପାଲଟୁଥିବା ଉତ୍ସର୍ଜନ ହ୍ରାସ ଦିଗରେ ଅଧିକ ଆଗେଇ ପାରିନାହିଁ।
- ➥ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ପୃଥିବୀ ଏବେ ମଧ୍ୟ 'ଏମର୍ଜେନ୍ସି ରୁମ୍'ରେ ରହିଛି। ଉତ୍ସର୍ଜନ ହ୍ରାସର ଆବଶ୍ୟକତା ପୂରଣ ସକାଶେ ସମ୍ମିଳନୀରେ କୌଣସି କଠୋର ପଦକ୍ଷେପ ନିଆଯାଇନାହିଁ।
- ➥ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ନେଇ ପ୍ରତିଶ୍ରୁତିବଦ୍ଧତା ଉପରେ ସମ୍ମିଳନୀରେ କୌଣସି ବଡ଼ ପଦକ୍ଷେପ ନେଇ ସହମତି ପ୍ରକାଶ ପାଇ ନ ଥିବାରୁ ବ୍ରିଟେନ ନୈରାଶ୍ୟ ବ୍ୟକ୍ତ କରିଛି।
- ➥ଜାତିସଂଘ କହିଛି, ଏହି ସ୍ତର ଭଙ୍ଗହେଲେ ଆହୁରି ଅନେକ ଲକ୍ଷ ଲୋକଙ୍କୁ ଜଳବାୟୁ ପରିବର୍ତ୍ତନ ସାଂଘାତିକ ଭାବେ ପ୍ରଭାବିତ କରିବ। କିନ୍ତୁ ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନର ନୀତି ତାପମାତ୍ରାରେ ପ୍ରାୟ ୨.୭ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ଆଡ଼କୁ ଟାଣିନେଉଛି।

## ଗେ' ନାଇଟ୍ କ୍ଲବ୍‌ରେ ଗୁଳି: ୫ ମୃତ

**କଲରାଡୋ ସ୍ପ୍ରିଙ୍ଗ୍ସ,୨୦।୧୧**



ଆମେରିକାର କଲରାଡୋ ସ୍ପ୍ରିଙ୍ଗ୍ସରେ ଥିବା ଏକ ଗେ' ନାଇଟ୍ କ୍ଲବ୍‌ରେ ଗୁଳିକାଣ୍ଡ ଘଟି ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୮ ଜଣ ଆହତ ହୋଇଛନ୍ତି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରିଛି। ଶନିବାର ମଧ୍ୟରାତ୍ରରେ ଗୁଳିକାଣ୍ଡ ଖବର ପାଇ ପୋଲିସ କ୍ଲବ୍‌ରେ ପହଞ୍ଚି ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା। ଆକ୍ରମଣ ପଛର ଉଦ୍ଦେଶ୍ୟ ସମ୍ପର୍କରେ ସେ କିଛି କହିନାହାନ୍ତି। ଗେ' ଲେସ୍‌ବିଆନ୍ ସମ୍ପ୍ରଦାୟକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା କ୍ଲବ୍ ପକ୍ଷରୁ ଫେସ୍‌ବୁକ୍ ପେଜ୍‌ରେ କୁହାଯାଇଛି। ସେହି ସମୟରେ କ୍ଲବ୍‌ରେ ଥିବା ଗ୍ରାହକମାନେ ବନ୍ଧୁକଧାରୀଙ୍କୁ କାବୁକରି ଘୃଣିତ ଆକ୍ରମଣର ଅନ୍ତ ଘଟାଇଥିଲେ ବୋଲି କ୍ଲବ୍ କହିଛି। ୨୦୧୬ରେ ଫ୍ଲୋରିଡ଼ାର ଓର୍ଲାଣ୍ଡୋରେ ଥିବା ଏକ ଗେ' ନାଇଟ୍ କ୍ଲବ୍‌ରେ ଗୁଳିକାଣ୍ଡ ଘଟି ୪୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଆକ୍ରମଣକାରୀ ନିଜକୁ ଇସ୍‌ଲାମିକ୍ ଷ୍ଟେଟ୍ ନେତାଙ୍କ ସମର୍ଥକ ବୋଲି ଦାବି କରିଥିଲେ। ପୋଲିସ ଗୁଳିରେ ବନ୍ଧୁକଧାରୀ ନିହତ ହୋଇଥିଲେ।

## ରାଷ୍ଟ୍ରପତିଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର

**ନୂଆଦିଲ୍ଲୀ,୨୦।୧୧(ପି.ଟି.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଡାହାଣ ଆଖିରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ରବିବାର ସଫଳତାର ସହ କରାଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଥିପାଇଁ ୬୪ ବର୍ଷୀୟ ମୁର୍ମୁ ଦିଲ୍ଲୀର ଆର୍ମି ରେଫରାଲ ଆଣ୍ଡ୍ ରିସର୍ଚ୍ଚ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ପରେ ସେ ରାଷ୍ଟ୍ରପତି ଭବନକୁ ଫେରିଛନ୍ତି। ଗତ ଅକ୍ଟୋବର ୧୬ରେ ମୁର୍ମୁଙ୍କ ବାମ ଆଖିରେ ଅସ୍ତ୍ରୋପଚାର ହୋଇଥିଲା।

## ୬ ଫୁଟ୍ ବରଫରେ ପୋତିହେଲା ପଶ୍ଚିମ ନ୍ୟୁୟର୍କ

**ନ୍ୟୁୟର୍କ,୨୦।୧୧**



### ସଡ଼କ ଯାତାୟାତ ବନ୍ଦ, ବହୁ ବିମାନ ବାତିଲ

ଆମେରିକାର ପଶ୍ଚିମ ନ୍ୟୁୟର୍କରେ ଶନିବାର ପ୍ରବଳ ତୁଷାରପାତ ଜାରି ରହିବାରୁ କେତେକ ଅଞ୍ଚଳ ୬ଫୁଟ୍ ବରଫ ତଳେ ପୋତିହୋଇଯାଇଛି। ଫଳରେ ଯାନବାହାନ ଚଳାଚଳ ବନ୍ଦ ରହିବା ସହ ବଫାଲୋ ଅଞ୍ଚଳରେ ଅନେକ ବିମାନ ଚଳାଚଳ ବାତିଲ ହୋଇଛି। ତୁଷାରପାତରେ ହୃଦ୍‌ଘାତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା କାଉଣ୍ଟି ଅଧିକାରୀ କହିଛନ୍ତି। ତୁଷାର ଝଡ଼ରୁ ୨୮୦ ଜଣଙ୍କୁ ଉଦ୍ଧାର କରିବା ଆବଶ୍ୟକ ପଡ଼ିଥିଲା ବୋଲି ନ୍ୟୁୟର୍କ ଗଭର୍ନର କାଥି ହୋଚୁଲ୍ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ତୁଷାର ଝଡ଼ ସମୟରେ ଅନେକ ହାଇୱେକୁ ବନ୍ଦ କରିଦିଆଯିବା ସହ ଲୋକମାନଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଥିଲା। ଫଳରେ ଝଡ଼ଜନିତ ଦୁର୍ଘଟଣା ରୋକାଯାଇପାରିଛି ବୋଲି ଗଭର୍ନର କହିଛନ୍ତି। ଜାତୀୟ ପାଣିପାଗ ସେବା ବିଭାଗ ସୂଚନା ଅନୁଯାୟୀ ଅର୍ଚାର୍ଡ ପାର୍କରେ ୭୭ ଇଞ୍ଚ ବହଳର ବରଫ ପଡ଼ିଥିବାବେଳେ ୱାଟରଟାଉନ ନିକଟରେ ଥିବା ନାଟୁରାଲ ବ୍ରିଜ୍ ଅଞ୍ଚଳରେ ୭୨.୩ ଇଞ୍ଚ ବରଫ ପଡ଼ିଛି।

## ପୂର୍ବତନ ନୌସେନା ଅଧିକାରୀଙ୍କୁ ହତ୍ୟା

### ମୃତଦେହକୁ ୬ ଖଣ୍ଡ କଲେ ସ୍ତ୍ରୀ, ପୁଅ

**ବରୁଇପୁର,୨୦।୧୧**

ଦିଲ୍ଲୀର ଶ୍ରଦ୍ଧା ୱାଲ୍‌କର ବୀଭତ୍ସ ହତ୍ୟାକାଣ୍ଡ ଅନୁରୂପ ଅପରାଧ ପଶ୍ଚିମବଙ୍ଗରେ ସାମ୍ନାକୁ ଆସିଛି। ଶ୍ରଦ୍ଧାଙ୍କୁ ତାଙ୍କ ଲିଭ୍-ଇନ ପାର୍ଟନର ହତ୍ୟା କରିବା ପରେ ଶରୀରକୁ ୩୫ ଖଣ୍ଡ କରି ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ। ଦକ୍ଷିଣ ୨୪ ପ୍ରଗଣାର ବାରୁଇପୁର ଥାନା ଅଞ୍ଚଳରେ ଜଣେ ପୂର୍ବତନ ନୌସେନା ଅଧିକାରୀଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ହତ୍ୟା କରିବା ପରେ ମୃତଦେହକୁ ୬ ଖଣ୍ଡ କରି ବିଭିନ୍ନ ସ୍ଥାନରେ ଫିଙ୍ଗିଦେଇଛନ୍ତି। ପୋଲିସ ଶନିବାର ମୃତକଙ୍କ ସ୍ତ୍ରୀ ଓ ପୁଅଙ୍କୁ ଗିରଫ କରିଛି। ନୌସେନା ଅଧିକାରୀ ଉଜ୍ଜ୍ୱଳ ଚକ୍ରବର୍ତ୍ତୀଙ୍କୁ ଗତ ୧୨ ତାରିଖରେ ତାଙ୍କ ପୁଅ ଠେଲିଦେବାରୁ ତାଙ୍କ ମୁଣ୍ଡ ମାଡ଼ ହୋଇଥିଲା। ପଲିଟେକ୍‌ନିକ୍‌ରେ କାର୍ପେଣ୍ଟ୍ରି ପଢୁଥିବା ପୁଅ ତାଙ୍କ ଗଳା ଚିପି ହତ୍ୟା କରିଥିଲେ। ୫୫ ବର୍ଷୀୟ ଚକ୍ରବର୍ତ୍ତୀଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ସ୍ତ୍ରୀ ଓ ପୁଅ ବାଥ୍‌ରୁମ୍‌କୁ ନେଇ ସେଠାରେ କରତ ସାହାଯ୍ୟରେ ୬ ଖଣ୍ଡ କରିଥିଲେ। ପୁଅ ମୃତଦେହ ଖଣ୍ଡଗୁଡ଼ିକୁ ପ୍ଲାଷ୍ଟିକରେ ଗୁଡ଼ାଇ ସାଇକେଲ୍‌ରେ ୬ ଥରରେ ନେଇ ଘରଠାରୁ ୫୦୦ ମିଟର ଦୂରରେ ବିଭିନ୍ନ ସ୍ଥାନରେ ଫିଙ୍ଗିଦେଇଥିଲେ। ଚକ୍ରବର୍ତ୍ତୀଙ୍କ ଦୁଇଟି ଗୋଡ଼ ଅଳିଆ ଗଦାରୁ ଏବଂ ପାକସ୍ଥଳୀ ଏକ ପୋଖରୀରୁ ମିଳିଛି। ଅନ୍ୟ ଖଣ୍ଡଗୁଡ଼ିକୁ ପୋଲିସ ଖୋଜୁଛି। ଗତ ୧୫ ତାରିଖ ଭୋର ସମୟରେ ମାଆ-ପୁଅ ବାରୁଇପୁର ଥାନାରେ ପହଞ୍ଚି ବାପା ନିଖୋଜ ଥିବା ଅଭିଯୋଗ କରିବାରୁ ପୋଲିସର ସନ୍ଦେହ ହୋଇଥିଲା। ଜେରାବେଳେ ପୁଅ ଦୋଷ ମାନିଛନ୍ତି।

# ମାଙ୍ଗାଲୁରୁ ବିସ୍ଫୋରଣରେ ଆଇଏସ୍ ଲିଙ୍କ୍

**ବେଙ୍ଗାଲୁରୁ/ମହୀଶୂର,୨୦।୧୧**

ମାଙ୍ଗାଲୁରୁ ଅଟୋରିକ୍ସା ବିସ୍ଫୋରଣ ଘଟଣାରେ କର୍ଣ୍ଣାଟକ ପୋଲିସ ସନ୍ଦିଗ୍ଧ ଶରିକ୍‌ଙ୍କୁ ଚିହ୍ନଟ କରିଛି। ତାଙ୍କର ଇସ୍‌ଲାମୀୟ ଆତଙ୍କବାଦୀ ସଂଗଠନ ଆଇଏସ୍ ସହ ଲିଙ୍କ୍ ଥିବା ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ କର୍ଣ୍ଣାଟକର ଶିବମୋଗାରେ ସାବରକର ପୋଷ୍ଟରକୁ ନେଇ ସେ ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ କରିଥିଲେ। ବର୍ଷ ଆରମ୍ଭରେ ତୁଙ୍ଗା ନଦୀକୂଳରେ ହୋଇଥିବା ପରୀକ୍ଷାମୂଳକ ବୋମା ବିସ୍ଫୋରଣରେ ମଧ୍ୟ ଶରିକ ଅନ୍ୟତମ ଅଭିଯୁକ୍ତ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି। କର୍ଣ୍ଣାଟକ ପୋଲିସ ତାଙ୍କ ଘର ଉପରେ ଚଢ଼ାଉ କରିଥିବାବେଳେ ବମ୍ବ ସ୍କ୍ୱାଡ୍ ଘଟଣାସ୍ଥଳ ଅନୁଧ୍ୟାନ କରୁଛି।

ଶନିବାର ଅପରାହ୍ନରେ ମାଙ୍ଗାଲୁରୁରେ ଚଳନ୍ତା ଅଟୋରିକ୍ସାରେ ବିସ୍ଫୋରଣ ଘଟି ଡ୍ରାଇଭର ଓ ସନ୍ଦିଗ୍ଧ ଯାତ୍ରୀ ଶରିକ୍ ଗୁରୁତର ଆହତ ହୋଇଥିଲେ। ସେମାନେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅଭିଯୁକ୍ତ ଜଣେ ଅଜଣା ବ୍ୟକ୍ତିଙ୍କ ଆଧାର କାର୍ଡର ଦୁରୁପଯୋଗ କରି ମାଙ୍ଗାଲୁରୁରେ ଘରଭଡ଼ା ନେଇଥିଲେ ବୋଲି ପୋଲିସ କହିଛି। ଅଟୋରିକ୍ସା ବିସ୍ଫୋରଣ ଦୁର୍ଘଟଣା ନ ଥିଲା, ଗୁରୁତର କ୍ଷୟକ୍ଷତି କରାଇବା ଉଦ୍ଦେଶ୍ୟରେ ଏହା ଆତଙ୍କବାଦୀ କାର୍ଯ୍ୟ ଥିଲା ବୋଲି କର୍ଣ୍ଣାଟକ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସ୍ପଷ୍ଟ କରିଛନ୍ତି। କେନ୍ଦ୍ରୀୟ ସୁରକ୍ଷା ବଳ ସହ କର୍ଣ୍ଣାଟକ ପୋଲିସ ଅପରାଧର ଚେର ଖୋଜି ବାହାର କରିବାକୁ ତଦନ୍ତ ଚଳାଇଥିବା ସେ କହିଛନ୍ତି। ସନ୍ଦିଗ୍ଧ ଶରିକ୍ ଆତଙ୍କବାଦ ସହ ସମ୍ପୃକ୍ତ ଏବଂ ସେ ବୋମା ଧରି ତାମିଲନାଡୁର କୋଏମ୍ବାଟୁର ସମେତ ବିଭିନ୍ନ ସ୍ଥାନକୁ ଯାଇଥିଲା ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ କହିଛନ୍ତି। ପ୍ରାଥମିକ ଅନୁଧ୍ୟାନ ଅନୁଯାୟୀ ଅଟୋରେ ହୋଇଥିବା ବିସ୍ଫୋରଣ ଏଲ୍‌ଇଡି ଲିଙ୍କ୍‌ଡ ଇନ୍‌ଷ୍ଟ୍ରୁମେଣ୍ଟ ଯାହାକୁ ଡେଟୋନେଟର, ତାର ଓ ବ୍ୟାଟେରି ସହ ପ୍ରେସରକୁକରରେ ଫିଟ୍ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଜବତ ଟିଫିନ୍ ବୋମା।

### ଚୋରି ଆଧାର କାର୍ଡରେ ଭଡ଼ା ଘର ନେଇଥିଲେ ଅଭିଯୁକ୍ତ ଶରିକ୍



## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...

# ବାସୁଙ୍କ ରକ୍ ସଙ୍ଗୀତକୁ ଅପେକ୍ଷା

DHARITRI YOUTH CONCLAVE 2022 CLIMATE CHANGE: THE POWER OF YOUTH

### ବାସୁ ଦୀକ୍ଷିତ



'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ ତାରିଖରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୁବ ପରିବେଶବିତ୍ ଯୋଗଦେବେ। ଜଳବାୟୁ ପରିବର୍ତ୍ତନ ଉପରେ ହେବାକୁ ଥିବା ଏହି ସମ୍ମିଳନୀରେ ଏଥର ଦର୍ଶକଙ୍କୁ ମତୁଆଲା କରିବେ କର୍ନାଟକର ସଙ୍ଗୀତକାର ବାସୁ ଦୀକ୍ଷିତ। ବାସୁ ଜଣେ ସଙ୍ଗୀତକାର ଓ ଚଳଚ୍ଚିତ୍ର ନିର୍ମାତା। ୨୦୦୨ରେ 'ସ୍ୱାର୍ଥମା' ନାମରେ ଏକ ଇଣ୍ଡିଆନ ଫୋକ୍/ଫ୍ୟୁଜନ୍ ବ୍ୟାଣ୍ଡ କରିଥିଲେ। ସେଥିରେ ବାସୁ ହେଉଛନ୍ତି ମୁଖ୍ୟ ସଙ୍ଗୀତକାର। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନରୁ ସ୍ନାତକୋତ୍ତର ଶେଷ କରିବା ପରେ ବାସୁ କିଛି ପ୍ରଡକ୍ସନ ହାଉସ୍‌ରେ ଚଳଚ୍ଚିତ୍ର ନିର୍ମାତା ଭାବେ କାର୍ଯ୍ୟ କରିଥିଲେ। ପରେ ସଙ୍ଗୀତ କ୍ଷେତ୍ରରେ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଯେତେବେଳେ ତାଙ୍କ ବ୍ୟାଣ୍ଡ ଏକ ମ୍ୟୁଜିକ ଭିଡିଓ କିମ୍ବା ଅନ୍ୟ କୌଣସି ପ୍ରୋଜେକ୍ଟ ଆବଶ୍ୟକ କରେ ସେତେବେଳେ ବାସୁ ନିର୍ମାତା ଭୂମିକା ଗ୍ରହଣ କରନ୍ତି। ବାସୁ ଫିଚର ଫିଲ୍ମ ଓ ଡକ୍ୟୁମେଣ୍ଟାରୀ ପାଇଁ ସଙ୍ଗୀତ ରଚନା କରିଛନ୍ତି। ୨୦୧୨ରେ ଶ୍ରେଷ୍ଠ ପୁରୁଷ ଗାୟକ ଭାବେ ସେ କର୍ନାଟକ ରାଜ୍ୟ ପୁରସ୍କାର ପାଇଥିଲେ। ୨୦୧୭ରେ ସେ ନିଜେ ଏକ ପ୍ରକଳ୍ପ ଆରମ୍ଭ କରିଲେ, ଯାହାର ନାମ ଥିଲା ବାସୁ ଦୀକ୍ଷିତ କଲେକ୍ଟିଭ(ଭିଡିସି)। ଭିଡିସି ଏମିତି ଏକ ପ୍ଲାଟଫର୍ମ, ଯେଉଁଠାରେ ମ୍ୟୁଜିସିଆନ ଓ ଆର୍ଟିଷ୍ଟ ଏକତ୍ର ହୋଇ ସଙ୍ଗୀତ ସୃଷ୍ଟି କରିଥାନ୍ତି। ନିଜକୁ ଜଣେ ସଙ୍ଗୀତଜ୍ଞ ଏବଂ କଳାକାର ଭାବେ ଖୋଜିବା ପାଇଁ ବାସୁଙ୍କର ଏହା ମଧ୍ୟ ଏକ ଯାତ୍ରା। ଭିଡିସି ଉଭୟ କନ୍ନଡ୍ ଏବଂ ହିନ୍ଦୀ ଭାଷାରେ ଫୋକ୍-ରକ୍ ଫ୍ୟୁଜନ କରେ। ବିଶେଷକରି ଆଦିବାସୀ ତଥା ଗାଁର ସଙ୍ଗୀତ ପାଇଁ ସେ ପରିଚିତ। ନିଜକୁ ଏହି ପରିଚୟ ଦେବାରେ ତାଙ୍କୁ ଆତ୍ମସନ୍ତୋଷ ମଧ୍ୟ ମିଳିଥାଏ। ବହୁ ଲେଖକ, କବି ଏବଂ ଗୀତିକାର ମଧ୍ୟ ବାସୁଙ୍କ ସହ ମିଶି କାମ କରନ୍ତି। ବାସୁ ଏବଂ ତାଙ୍କ ମ୍ୟୁଜିକ୍ ବ୍ୟାଣ୍ଡ ସୁମଧୁର ସ୍ୱରରେ ଶ୍ରୋତାଙ୍କ ମନ ଜିଣନ୍ତି। 'ଧରିତ୍ରୀ'ର ଯୁବ ସମ୍ମିଳନୀରେ ଏଥର ବାସୁଙ୍କ ଯୋଗଦାନକୁ ସମସ୍ତଙ୍କ ଅପେକ୍ଷା ରହିଛି।

# ଖଗେଶ୍ୱରଙ୍କ ରିମାଣ୍ଡ ସରିଲା, କୋର୍ଟରେ ହାଜର ଆଜି

### ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ମାମଲା

- କାର୍ ଭିତରୁ ମିଳିଲା ନମ୍ବର ପ୍ଲେଟ୍
- ନୋଟିସ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୨ ଆଇଏଏସ୍ ଅଫିସର
- ପୁଣି ଜେଲରେ ଭେଟ ହେଲେ ଅର୍ଚ୍ଚନା, ଜଗବନ୍ଧୁ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବିଜ୍‌ନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କ ୧୦ ଦିନିଆ ରିମାଣ୍ଡ ଅବଧି ରବିବାର ଶେଷ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗତ ୧୧ ତାରିଖରୁ ଖଗେଶ୍ୱରଙ୍କୁ ମାରାଥନ ଜେରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସୋମବାର ଇଡି ତାଙ୍କୁ କୋର୍ଟରେ ହାଜର କରିବ। ତେବେ ପୁଣି ଥରେ ତାଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟଙ୍କ ନିକଟରେ ଇଡି ଆବେଦନ କରିବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ଠାବ ହୋଇଥିବା ଅର୍ଚ୍ଚନାଙ୍କ ଦାମୀ ଏଣ୍ଡେଭର କାର୍‌କୁ ଇଡି ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟକୁ ନେଇ ଯାଞ୍ଚ କରିଛି। କାର୍ ଭିତରୁ ଗାଡ଼ିର ନମ୍ବର (ଓଡି୦୨ବିପି୨୩୨୪) ପ୍ଲେଟ ମିଳିଛି। ଅର୍ଚ୍ଚନାଙ୍କ ନାଁରେ ଏହି କାର୍ ପଞ୍ଜୀକୃତ ହୋଇଛି। ତେବେ ଉକ୍ତ ଏଣ୍ଡେଭର କାର୍‌କୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଏକ ଘରୋଇ କଲେଜ ସମ୍ମୁଖରେ କିଏ ରଖିଲା ତାକୁ ନେଇ ରହସ୍ୟ ସୃଷ୍ଟି ହୋଇଛି। ଅର୍ଚ୍ଚନାଙ୍କ କେହି ଘନିଷ୍ଠ ସହଯୋଗୀ ଉକ୍ତ କାର୍ ରଖିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। କିଛି ସହଯୋଗୀ ବାହାରେ ରହି ଅର୍ଚ୍ଚନାଙ୍କୁ ସହଯୋଗ କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି।

ଅପରପକ୍ଷରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ଆକାଉଣ୍ଟରେ ୨୦୧୭ରୁ ୨୦୨୨ ମଧ୍ୟରେ ଅଢ଼େଇ କୋଟି ଟଙ୍କା ଜମା ହୋଇଥିବା ଇଡି ଜାଣିବାକୁ ପାଇଛି। ଜମା ହୋଇଥିବା ଟଙ୍କାରେ ଦାମୀ କାର୍ କିଣାଯାଇଥିବା କୁହାଯାଉଛି। ନାଗ-ଚାନ୍ଦ ଦମ୍ପତିଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିବା ୧୨ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ବିଷୟରେ ଇଡି ପ୍ରମାଣ ପାଇଛି। ତେଣୁ ସେହି ବ୍ୟକ୍ତିମାନଙ୍କୁ ନୋଟିସ୍ କରି ଆର୍ଥିକ ନେଣଦେଣ କାରବାର ସଂକ୍ରାନ୍ତରେ ଇଡି ଖୋଳତାଡ଼ କରୁଛି। ନୋଟିସ୍ ତାଲିକାରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା, ଫୋର୍ଡ ଶୋ'ରୁମ୍ ମାଲିକ, ରାଜନେତା ଏବଂ ପରିବାର ସଦସ୍ୟ ଆଦି ଅଛନ୍ତି। ଏହା ଭିତରେ ଫୋର୍ଡ ଶୋ'ରୁମ୍ ମାଲିକଙ୍କ ପୁଅ ଓ ଅର୍ଚ୍ଚନାଙ୍କ ବାପା ସୁରେନ୍ଦ୍ର ନାଗଙ୍କୁ ଇଡି ଜେରା କରିଛି। ଅକ୍ଷୟ ପରିଜା ଇଡି ଅଫିସ ଆସି ନ ଥିଲେ ସୁଦ୍ଧା ତାଙ୍କ ଓକିଲ ପଠାଇଥିଲେ। ସବୁଠୁ ବଡ଼କଥା ହେଲା ୨ ଆଇଏଏସ୍ ଅଧିକାରୀ ମଧ୍ୟ ନୋଟିସ୍ ପାଇଛନ୍ତି। ଉଭୟ ଖୁବ୍‌ଶୀଘ୍ର ଇଡି କାର୍ଯ୍ୟାଳୟରେ ଜେରାର ସମ୍ମୁଖୀନ ହେବେ। ସେମାନେ ଅର୍ଚ୍ଚନାଙ୍କୁ କେତେ ଟଙ୍କା ଏବଂ କ'ଣ ପାଇଁ ଦେଇଛନ୍ତି ତାହାର ତଥ୍ୟ ରଖିବେ। ସେପଟେ ଜେଲ ମାନୁଆଲ ଅନୁଯାୟୀ, ଜଗବନ୍ଧୁ ଓ ଅର୍ଚ୍ଚନା ପ୍ରତି ସପ୍ତାହରେ ରବିବାର ଭେଟିବା ନିଷ୍ପତ୍ତି ଅନୁଯାୟୀ ପୁଣିଥରେ ଝାରପଡ଼ା ଜେଲରେ ଉଭୟ ଭେଟ ହୋଇ କଥାବାର୍ତ୍ତା ହେବା ସହ ପରସ୍ପରକୁ ସାନ୍ତ୍ୱନା ଦେଇଛନ୍ତି।



ଖଗେଶ୍ୱର ପାତ୍ର

# ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଏତଲା

### ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣା

ପୁରୀ ଅଫିସ, ୨୦।୧୧

ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ହେବା ଘଟଣାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରବିବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଭି.ଏସ୍. ଚନ୍ଦ୍ରଶେଖର ରାଓ ଏହି ଏତଲା ଦେଇଛନ୍ତି। ପଶ୍ଚିମବଙ୍ଗର ଆକାଶ ଚୌଧୁରୀ ନାମକ ବ୍ୟକ୍ତି କେଉଁ ପରିସ୍ଥିତିରେ ତାଙ୍କ ଫେସ୍‌ବୁକରେ ମହାପ୍ରଭୁ ଏବଂ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଓ ଭିଡିଓ ଭାଇରାଲ କରିଛନ୍ତି ସେନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଏତଲାରେ ନିବେଦନ କରାଯାଇଛି। ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଗର୍ଭଗୃହ ଏବଂ ରତ୍ନସିଂହାସନରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଥିବା ଫଟୋ ଓ ଭିଡିଓକୁ ଆକାଶ ଚୌଧୁରୀ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶନିବାର ଅପଲୋଡ୍ କରିଥିଲେ। ଏଥିସହ ବଙ୍ଗଳା ଭାଷାରେ ଲେଖିଥିଲେ ଯେ, 'ମୁଁ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆନନ୍ଦିତ। ମୁଁ ମୋ ଜୀବନର ଏହି ମୁହୂର୍ତ୍ତକୁ କେବେବି ଭୁଲିପାରିବି ନାହିଁ। ମୁଁ ଜଗନ୍ନାଥ ଦେବଙ୍କୁ ଦର୍ଶନ କଲି।' ତେବେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ଫଟୋ ଭାଇରାଲ ହେବା ପରେ ଏକାଦଶୀ ସେବକ ସଂଘ ଓ ଶ୍ରୀମନ୍ଦିର ଯୁବ ସେବାୟତ ସଂଘ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳ ଏବଂ ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦେଇଥିଲେ। ଏହାପରେ ଶ୍ରୀମନ୍ଦିର ପ୍ରଶାସନର ଚେତା ପଶିଥିଲା। ଫଳରେ ରବିବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।



# ରାସ୍ତାକୁ ଓହ୍ଲାଇଲେ ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ

- ୨୦୦୪-୧୪ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ସ୍ଥାୟୀ କରାଯାଉ
- ଦଶମ ଏସ୍‌ଏ-୧ ପରୀକ୍ଷା ବର୍ଜନ ଚେତାବନୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଅକ୍ଟୋବର ୧୫ରେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଉଚ୍ଛେଦ ଘୋଷଣା କରିଥିଲେ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ ଚାକିରି ନିୟମିତ ହେବାକୁ ଥିବାବେଳେ ୨୦୦୪ରୁ ୨୦୧୪ ମଧ୍ୟରେ ନିଯୁକ୍ତ ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ କ୍ଷେତ୍ରରେ ସରକାର ଏହାକୁ ଲାଗୁ କରୁନାହାନ୍ତି। ଏହାକୁ ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ତୀବ୍ର ବିରୋଧ କରିବା ସହ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛି। ରବିବାର ୨୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଓ ଶୋଭାଯାତ୍ରା ମାଧ୍ୟମରେ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୦୪ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ କ୍ଷେତ୍ରରେ ଏହି ସାଧାରଣ ପ୍ରଶାସନ ବିଜ୍ଞପ୍ତିକୁ ଯଥାଶୀଘ୍ର ଲାଗୁ କରାଇବା ପୂର୍ବକ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରାଯାଇଛି। ସରକାର ସଂଘର ଦାବିକୁ ବିଚାରକୁ ନ ନେଲେ ଆସନ୍ତା ନଭେମ୍ବର ୨୩ରୁ ହେବାକୁ ଥିବା ମାଟ୍ରିକ୍ ସମେଟିଭ୍ ଆସେସ୍‌ମେଣ୍ଟ-୧ ପରୀକ୍ଷାକୁ ବର୍ଜନ କରିବାକୁ ସଂଘ ଚେତାବନୀ ଦେଇଛି। ସଂଘର ମୁଖ୍ୟ ପରାମର୍ଶଦାତା ପ୍ରଭାତ ମହାନ୍ତି, ସଭାପତି ପୂର୍ଣ୍ଣଚନ୍ଦ୍ର ଆଏଚ୍, ସାଧାରଣ ସମ୍ପାଦକ ଶୁଭ୍ରଜିତ ପ୍ରତିହାରୀ, ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର ସଭାପତି ବିଜୟ ମଲ୍ଲ, ଜିତେନ୍ଦ୍ର କୁମାର ନାୟକ, ଶୁଭ ସୁନ୍ଦର ପଣ୍ଡା, ରାଜେନ୍ଦ୍ର ମଲ୍ଲିକ, ଅମରେଶ ପଣ୍ଡା, ସୌମ୍ୟ ପ୍ରଧାନ, ସୌମ୍ୟ ମଲ୍ଲିକ, ରଜନୀକାନ୍ତ ବେହେରା ପ୍ରମୁଖ ଆନ୍ଦୋଳନ ପରିଚାଳନା କରିଥିଲେ।




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ରବିବାର ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଯୁବକଙ୍କ ଗଳାକାଟି ହତ୍ୟା

ବିଶୋଇ,୨୦।୧୧(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ମହୁଭଣ୍ଡାର ଗ୍ରାମ ଛକ ନିକଟସ୍ଥ ରାଜପଥ ପାର୍ଶ୍ୱ ଏକ ପୋଲ ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ବେକରେ କଟାଦାଗ ଥିବାରୁ କେହି ତାଙ୍କୁ ହତ୍ୟା କରି ପୋଲ ତଳକୁ ଫିଙ୍ଗି ଦେଇଥିବା ପୋଲିସ କହିଛି। ମୃତ ଯୁବକଙ୍କ ପରିଚୟ ଜଣାପଡ଼ିନାହିଁ। ଘଟଣାସ୍ଥଳରୁ ଏକ ଭୁଜାଲି ଜବତ ହୋଇଥିବା ବେଳେ ପୋଲିସ ଛାନଭିନ୍ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ରବିବାର ସକାଳେ ସ୍ଥାନୀୟ ଗ୍ରାମବାସୀ ରାଜପଥ କଡ଼ରେ ଥିବା ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ବୁଦାମୂଳେ ଏକ ମୃତଦେହ ପଡ଼ିଥିବା ଦେଖି ବିଶୋଇ ପୋଲିସକୁ ଖବର ଦେଇଥିଲେ। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ସମେତ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଧାରୁଆ ଅସ୍ତ୍ରରେ ଯୁବକଙ୍କ ତଣ୍ଟିକୁ କଟାଯାଇଥିବା ବେଳେ ମୁଣ୍ଡର ପଛପଟେ ଛେଚା ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୧୭୦/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି।

# ସୁକିନ୍ଦାରୁ ଦର୍ପଣିକୁ ଗଲା ମେଗା ନର୍ସରୀ

### ଏନ୍‌ଜିଟି ମାମଲା

ଯାଜପୁର ଅଫିସ,୨୦।୧୧

ଯାଜପୁର ଜିଲା ସୁକିନ୍ଦା ମେଗା ନର୍ସରୀ ପ୍ରକଳ୍ପ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଛନ୍ଦି ହେବାପରେ ବଡ଼ଚଣା ବ୍ଲକ ଦର୍ପଣି ଫାର୍ମକୁ ସ୍ଥାନାନ୍ତରଣ ହୋଇଛି। ସେଠାରେ ଆବଶ୍ୟକ ଭିତ୍ତିଭୂମି ତିଆରି କରି ପ୍ରାୟତଃ କାମ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପରିବେଶ କ୍ଷତିପୂରଣ ବାବଦକୁ ଏନ୍‌ଜିଟିର ୧ କୋଟିଟଙ୍କାର ଜରିମାନା ଉପରେ ସୁପ୍ରିମକୋର୍ଟ ସ୍ଥଗିତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ ସ୍ଥାନାନ୍ତର ଯୋଗୁ ଖଣି ପ୍ରଭାବିତ ସୁକିନ୍ଦା ଅଞ୍ଚଳର ପ୍ରାୟ ୫୦୦ ଲୋକଙ୍କ ନିଯୁକ୍ତି ଆଶା ମଉଳି ଯାଇଛି।

ଯାଜପୁର ଜିଲା ସୁକିନ୍ଦା ବିହନ ଫାର୍ମ ପାଇଁ ଜଙ୍ଗଲ ଜମିକୁ ବିନା ଅନୁମତିରେ ବ୍ୟବହାର କରାଯାଇଥିବା ଦର୍ଶାଇ ତପନ କୁମାର ବରାଳ ଜଣେ ବ୍ୟକ୍ତି ଏନ୍‌ଜିଟିରେ ଏକ ମାମଲା (୫୯/୨୦୨୧/ଇଜେଡ) ରୁଜୁ କରିଥିଲେ। ଉକ୍ତ ମାମଲା ଉପରେ ୨୩।୬।୨୦୨୨ରେ ଏନ୍‌ଜିଟି ବୃତ୍ତାନ୍ତ ଶୁଣାଣି କରି ୨ ମାସ ମଧ୍ୟରେ ଜରିମାନା ଅର୍ଥ ସହ ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ଯାଜପୁର ଜିଲା ପ୍ରଶାସନ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ସୂଚନାଯୋଗ୍ୟ ଯେ, ଯାଜପୁର ଜିଲା ସୁକିନ୍ଦା ତହସିଲ ଦାମୋଦରପୁର, ବୋତଲଣ୍ଡା ଓ କରଗୋଳା ମୌଜା ଅଞ୍ଚଳରେ ୩୭୭.୮୩ ଏକର ପତରା ଓ ଶାଳ ଜଙ୍ଗଲ କିସମ ଜମିରେ ପିଜୁଳି ବଗିଚା କରିବାକୁ ଓଏମ୍‌ବିଏଡିସି (ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ପାଣ୍ଠିରୁ ୯.୭୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ପିଜୁଳି ବଗିଚା ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୭୬.୬ ଲକ୍ଷ ଟଙ୍କା ମିଳିଥିଲା। ସେଥିରୁ ଯାଜପୁର ଉଦ୍ୟାନ ବିଭାଗ ପକ୍ଷରୁ ୧.୮୩ ଲକ୍ଷ ଟଙ୍କା ଗଭୀର ବୋରୱେଲ ଖନନରେ ଖର୍ଚ୍ଚ ହୋଇଥିଲା। ଏହାସହ କିଛି ପିଜୁଳି ଓ ଅନ୍ୟାନ୍ୟ ଗଛ ଲଗାଯାଇଥିଲା। ୧୯୪୮ରେ ମେଗା ନର୍ସରୀ ପାଇଁ ପ୍ରସ୍ତାବିତ ଏହି ଜମି କୃଷି ବିଭାଗକୁ ମିଳିଥିଲା। ୧୯୯୨ରେ ୩୨୭.୬ ହେକ୍ଟର ଜମି କୃଷି ବିଭାଗଠାରୁ ଉଦ୍ୟାନ କୃଷି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ସେତେବେଳେ ସେଠାରେ କାଜୁ ବଗିଚା ହୋଇଥିଲା। ତେବେ ୧୯୯୯ ବାତ୍ୟାରେ କାଜୁ ବଗିଚା ସହ ଅନ୍ୟାନ୍ୟ ଗଛ ନଷ୍ଟ ହୋଇଯାଇଥିଲା। ଏହାପରେ ସେଠାରେ ଏକ ବିହନ ଫାର୍ମ ଚାଲିଥିଲା। ୬।୪।୨୦୨୧ରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ (ଡିଏମ୍‌ଏଫ୍)ର ଟ୍ରଷ୍ଟବୋର୍ଡ ବୈଠକରେ ଉକ୍ତ ଜମିରେ ୧,୦୩,୪୦୦ ପିଜୁଳି ଚାରା ରୋପଣ କରିବାକୁ ଅନୁମତି ମିଳିଥିଲା। ତଦନୁଯାୟୀ ଉକ୍ତ ଜମିରେ ଥିବା ଛୋଟ ବୁଦା, କାଜୁ, ଖଜୁରି କିଛି ଗଛ ସଫା କରି ପିଜୁଳି ଚାରାରୋପଣ ସହ ୧୭ଟି ବୋରୱେଲ ଖନନ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ୫ ବର୍ଷରେ ପ୍ରାୟ ୨.୫ କୋଟି ଟଙ୍କା ଲାଭ ଲକ୍ଷ୍ୟ ରହିଥିଲା। ଏଥିରେ ଜଙ୍ଗଲ ଜମି ରହିଛି ବୋଲି ସେତେବେଳେ ଜଣା ନ ଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଅନ୍ୟପକ୍ଷରେ ତଦନ୍ତ କମିଟିର ରିପୋର୍ଟରେ ପିଜୁଳି ଚାରାରୋପଣ ପାଇଁ ୫୫୦.୬୩ ଏକର ଜମି ଚିହ୍ନଟ ହୋଇଥିଲା। ସେଥିମଧ୍ୟରୁ ୨୦୭.୭୫ ଏକର ଜମି ହାଲ ରେକର୍ଡରେ ବୋତଲଣ୍ଡା ମୌଜା ଅଧୀନରେ ରହିଥିବାବେଳେ ବାକି ଶାଳ ଜଙ୍ଗଲ ଜମି ରହିଛି। କିନ୍ତୁ ଜଙ୍ଗଲ ପରିବର୍ତ୍ତନ ପାଇଁ କିମ୍ବା ଗଛ କାଟିବାକୁ କୌଣସି ପ୍ରସ୍ତାବ ଦିଆଯାଇ ନଥିଲା। ତେଣୁ ୨।୮।୨୦୨୨ରେ ଯାଜପୁର ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା ଜଙ୍ଗଲ ଜମିରେ ଉକ୍ତ ମେଗା ନର୍ସରୀ ପ୍ରକଳ୍ପ ନ କରି ବଡଚଣା ବ୍ଲକ ଦର୍ପଣି ଫାର୍ମରେ ପ୍ରତିଷ୍ଠା କରିବାକୁ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବରେ ସୁକିନ୍ଦା କିମ୍ବା ଦାନଗଦି ବ୍ଲକ ଅଞ୍ଚଳରେ ମେଗା ନର୍ସରୀ ପ୍ରକଳ୍ପ ପାଇଁ ଉପଯୁକ୍ତ ଜମି ନାହିଁ ବୋଲି ସେ ଦର୍ଶାଇଥିଲେ। ଏହାପରେ ୮।୮।୨୦୨୨ରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ଉକ୍ତ ପ୍ରସ୍ତାବକୁ ମଞ୍ଜୁର କରି ଓଏମ୍‌ବିଏଡିସିର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏ ସଂକ୍ରାନ୍ତରେ ଯାଜପୁର ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ସୁକିନ୍ଦାରେ ଜଙ୍ଗଲ ଜମିରେ ମେଗା ନର୍ସରୀ ପ୍ରକଳ୍ପ ସମ୍ଭବ ନୁହେଁ। ତେଣୁ ଉକ୍ତ ପ୍ରକଳ୍ପକୁ ଦର୍ପଣି ଫାର୍ମକୁ ସ୍ଥାନାନ୍ତରଣ କରାଯାଇଛି। ସେଠାରେ ଗଭୀର ବୋରୱେଲ ଖନନ କରି କାମ ଆରମ୍ଭ ହୋଇ ସାରିଛି।

## ଟ୍ରେନ୍‌ରେ କଟି ଯୁବକ ମୃତ

ରୂପ୍‌ସା,୨୦।୧୧(ଡି.ଏନ୍.ଏ.)

ଖଡ଼ଗପୁର ରେଳ ଡିଭିଜନ୍ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ଷ୍ଟେସନ ନିକଟ ଉତ୍ତରକ୍ୟାବିନ୍‌ଠାରେ ଶନିବାର ରାତିରେ ଟ୍ରେନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରୂପ୍‌ସା ଥାନା ଆଙ୍କୋ ପଞ୍ଚାୟତର ରାଜେନ୍ଦ୍ର ଦଳେଇ। ସେ ରେଳଧାରଣା ପାରି ହୋଇ ରାତିରେ ଘରକୁ ଆସୁଥିବା ସମୟରେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା।






# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେବାଠାରୁ ପୁଣ୍ୟ ନାହିଁ
ମାଗିବାଠାରୁ ହୀନ ନାହିଁ।**

ଦେବାରେ ଆନନ୍ଦ ଥାଏ । ମାଗିବାରେ ହୀନମନ୍ୟତା ପ୍ରକାଶ ପାଏ । ଦାନଶୀଳତା ଏକ ଉତ୍ତମ ଗୁଣ ହୋଇଥିବା ସ୍ଥଳେ ତାଙ୍କ ପ୍ରତି ଈଶ୍ୱରଙ୍କ କୃପାଶିଷ ରହିଥାଏ । ଦାନ କଲେ ଅଶେଷ ପୁଣ୍ୟ ମିଳିଥାଏ । ଯିଏ କିଛି କାମଧନ୍ଦା ନ କରି ଅନ୍ୟ ଆଗରେ ହାତ ପତେଇଥାଏ, ମାଗି ବୁଲୁଥାଏ ସେ ସବୁଠାରୁ ବଳି ଅଧମ ବୋଲାଇଥାଏ । ମାଗିବାଠାରୁ ବଳି ହୀନ କାର୍ଯ୍ୟ ଆଉ କିଛି ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଢଶୁରଙ୍କୁ ଆଡ଼ ଆଡ଼
ମଲାଶୁରଙ୍କୁ ରାଇଜ ଛାଡ଼।**

ଭାଇ ବୋହୂ ଦେଢଶୁରଙ୍କଠାରୁ ଦୂରତା ବଜାୟ ରଖିବା ସହ ଆଡ଼ ଉହାଡରେ ଥାଇ କଥା ହୋଇଥାଏ । ସେହିପରି ମଲାଶୁରଙ୍କ ପ୍ରତି ଅଧିକ ସଙ୍କୋଚ ଭାବ ରହିଥିବା ବେଳେ ବହୁ ଦୂରରେ ଥାଇ ମାନ୍ୟ କରିବା ଓ କଥା ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କିଡ୍‌ନୀ ରୋଗୀଙ୍କୁ ମନ ପସନ୍ଦର ଔଷଧ ଦେବା ସମ୍ଭବ ନୁହେଁ: ମୁଖ୍ୟ ଶାସନ ସଚିବ



ଉନ୍ନତମାନର ଔଷଧ ଯୋଗାଣ ଦାବିକରି ଆନ୍ଦୋଳନ ଚଳାଇଥିବା କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀମାନେ ରବିବାର ରାତିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ଏଜି ଛକ-ରାଜଭବନ ରାସ୍ତାରେ ବସି ରହିଛନ୍ତି।

## ରାସ୍ତାରେ ବସି ରହିଛନ୍ତି କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ୍ ରୋଗୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଉନ୍ନତମାନର ଔଷଧ ଯୋଗାଣ ଦାବିକରି ୭ମାସ ହେବ ଆନ୍ଦୋଳନ ଚଳାଇଛନ୍ତି କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀ । ୧୨ଦିନ ହେବ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣାରେ ବସିବା ପରେ ସେମାନେ ଶନିବାରଠାରୁ ରାସ୍ତାକୁ ଓହ୍ଲାଇଛନ୍ତି। ଏଜି ଛକରୁ ରାଜଭବନ ରାସ୍ତାକୁ ଦୁଇ ପାର୍ଶ୍ୱରୁ ଅବରୋଧ କରି ଦିବାରାତ୍ର ବସି ରହିଥିବାରୁ ଉକ୍ତବାଟ ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏପଟେ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ରବିବାର ଲୋକସେବା ଭବନ ସଭାଗୃହରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀଙ୍କ ନିମନ୍ତେ ଔଷଧ ଯୋଗାଣ ସ୍ଥିତିର ସମୀକ୍ଷା କରି କହିଛନ୍ତି, ଓଡ଼ିଶା ଷ୍ଟେଟ୍ ମେଡିକାଲ କାଉନ୍‌ସିଲ୍ ଲିମିଟେଡ୍ (ଓଏସ୍ଏମ୍‌ସିଏଲ୍) ଦ୍ୱାରା ନିରାମୟ କାଉଣ୍ଟରରେ ବିତରଣ କରାଯାଉଥିବା ଔଷଧ ପ୍ରଭାବଶାଳୀ। ଉକ୍ତ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ଏକ୍ସପର୍ଟ କମିଟି ସୂଚନା ଦେଇଛନ୍ତି। ତେଣୁ କିଡ୍‌ନୀ ରୋଗୀଙ୍କ ମନ ପସନ୍ଦର ଭିନ୍ନ ଭିନ୍ନ ଔଷଧ ଦେବା ସମ୍ଭବ ନୁହେଁ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ରୋଗୀଙ୍କ ପାଇଁ କିଣାଯାଉଥିବା ଔଷଧର ଗୁଣାତ୍ମକ ମାନ, କ୍ରୟ ଓ ଯୋଗାଣ ସମ୍ବନ୍ଧିତ ତଥ୍ୟ ରଖିଥିଲେ। ଏଥିସହ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀମାନେ ଔଷଧର ଗୁଣାତ୍ମକ ମାନକୁ ନେଇ ଉଠାଉଥିବା ଅଭିଯୋଗ ଉପରେ ଆଲୋଚନା କରାଯାଇଥିଲା। କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଅପରେଶନ ଓ ପରବର୍ତ୍ତୀ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ଔଷଧ ସରକାରୀ ମେଡ଼ିକାଲ କଲେଜ ଏବଂ ଡାକ୍ତରଖାନାର ନିରାମୟ କାଉଣ୍ଟର ମାଧ୍ୟମରେ ମାଗଣାରେ ଦିଆଯାଉଛି। ଏହି ସମସ୍ତ ଔଷଧର ଗୁଣାତ୍ମକ ମାନ ଏନ୍ଏବିଏଲ୍ ସ୍ୱୀକୃତ ପରୀକ୍ଷାଗାର ଦ୍ୱାରା ପ୍ରମାଣିତ ହୋଇଥାଏ। ଔଷଧ କିଣାଯିବା ପୂର୍ବରୁ ନିର୍ଭରଯୋଗ୍ୟ ବୈଜ୍ଞାନିକ ପଦ୍ଧତିରେ ଏହାର ଗୁଣାତ୍ମକ ମାନ ଯାଞ୍ଚ କରାଯାଏ। ସବୁଠାରୁ ଅଧିକ ଫଳଦାୟୀ ଓ ପାର୍ଶ୍ୱପ୍ରତିକ୍ରିୟା ନ ଥିବା ଔଷଧକୁ ରାଜ୍ୟ ଔଷଧ ନିଗମ ସ୍ୱଚ୍ଛ ଅନ୍‌ଲାଇନ୍ ପ୍ରକ୍ରିୟାରେ କିଣି ଆବଶ୍ୟକ ପରିମାଣରେ ଯୋଗାଇ ଥାଆନ୍ତି। ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ୍ ମାଧ୍ୟମରେ ୧୨୦ ଜଣ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀଙ୍କ ଅପରେଶନ ପରବର୍ତ୍ତୀ ଚିକିତ୍ସା ଚାଲୁ ରହିଛି। ସେମାନଙ୍କ ମଧ୍ୟରୁ ୭୫% ଅର୍ଥାତ୍ ୯୦ଜଣ ରୋଗୀ ନିରାମୟ ମାଧ୍ୟମରେ ଦିଆଯାଉଥିବା ଔଷଧ ଖାଉଛନ୍ତି। ଏମାନେ କେବେ ଔଷଧର ପାର୍ଶ୍ୱପ୍ରତିକ୍ରିୟା ବିଷୟରେ କୌଣସି ଅଭିଯୋଗ କରିନାହାନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ମଧ୍ୟ ଉନ୍ନତି ହେଉଛି। ତେଣୁ ନିରାମୟ ମାଧ୍ୟମରେ ଯୋଗାଯାଉଥିବା ଔଷଧର ଗୁଣାତ୍ମକ ମାନ ବିଷୟରେ କୌଣସି ବୈଷୟିକ କମିଟି ସନ୍ଦେହ ପ୍ରକଟ କରିନାହାନ୍ତି। ଏପରିକି ଏହି ଔଷଧକୁ ନେଫ୍ରୋଲୋଜି, ରେମାଟୋଲୋଜି ଏବଂ ଡେର୍ମାଟୋଲୋଜି ଆଦି ବିଭାଗରେ ରୋଗୀଙ୍କୁ ଦିଆଯାଉଛି। କୌଣସି ରୋଗୀଙ୍କଠାରେ କିଛି ପାର୍ଶ୍ୱପ୍ରତିକ୍ରିୟା ହୋଇ ନ ଥିବା ବୈଠକରେ ଡାକ୍ତରମାନେ ମତ ଦେଇଥିଲେ। ଆଲୋଚନାରେ ଫାର୍ମାକୋ ଭିଜିଲାନ୍ସ କମିଟି ସଦସ୍ୟ, ବରିଷ୍ଠ ଭେଷଜ ପ୍ରଫେସର, ସ୍ପେଶାଲିଷ୍ଟଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଂଳାପକାର ନନ୍ଦଲାଲ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ବିଶିଷ୍ଟ କାହାଣୀକାର, ଲେଖକ, ସଂଳାପକାର, ଚଳଚ୍ଚିତ୍ର ତଥା ଧାରାବାହିକ ନିର୍ଦ୍ଦେଶକ ନନ୍ଦଲାଲ ମହାପାତ୍ରଙ୍କ ୭୫ବର୍ଷ ବୟସରେ ରବିବାର ଭୁବନେଶ୍ୱରର ଏକ ହସ୍ପିଟାଲରେ ପରଲୋକ ଘଟିଛି। ସେ ହୃଦ୍‌ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ସେ ୧୯୪୭ରେ ଜଗତ୍‌ସିଂହପୁରରେ ଜନ୍ମ ଗ୍ରହଣ କରିଥିଲେ। ଚାକିରି କରୁଥିବାବେଳେ ମଞ୍ଚ ନାଟକ ପ୍ରତି ତାଙ୍କର ଆଗ୍ରହ ଜନ୍ମିଥିଲା। ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିଥିଲେ। ତାଙ୍କ ଲିଖିତ ଚଳଚ୍ଚିତ୍ର ଶୀତ ରାତି, କ୍ଲାନ୍ତ ଅପରାହ୍ନ, ମଝି ପାହାଚ, କିଛି ସ୍ମୃତି କିଛି ଅନୁଭୂତି, ନୀରବ ଝଡ଼, ଅନ୍ଧ ଦିଗନ୍ତ, ନିଶିଥ ସ୍ୱପ୍ନ, ଭିନ୍ନ ସମୟ, କୁହୁଡି, ତ୍ରିସନ୍ଧ୍ୟା, ଅଗ୍ନି ବୀଣା, ଭିଜା ମାଟିର ସ୍ୱର୍ଗ, ଗାଁର ନାଁ ଗାଲୁଆପୁ ଆଦି ବିଶେଷ ଲୋକପ୍ରିୟ ଥିଲା। 'ଗାଁର ନାଁ ଗାଲୁଆପୁର' ତାଙ୍କର ଶେଷ ଚଳଚ୍ଚିତ୍ର ରହିଥିବାବେଳେ ୮ଟି ଚଳଚ୍ଚିତ୍ର ଜାତୀୟ ପୁରସ୍କାର ଲାଭ କରିଥିଲା। 'ଭିଜା ମାଟିର ସ୍ୱର୍ଗ' ବିଭିନ୍ନ ବିଭାଗରେ ସମୁଦାୟ ୬ଟି ରାଜ୍ୟସ୍ତରୀୟ ପୁରସ୍କାର ପାଇଥିଲା। ତେବେ ଚଳଚ୍ଚିତ୍ର 'ବକ୍ସି ଜଗବନ୍ଧୁ' ପାଇଁ ସଂଳାପ ଲେଖିସାରିଥିଲେ ମଧ୍ୟ ତାହାର ନିର୍ମାଣ ଅଧା ରହିଛି। ସେହିଭଳି ବିଭିନ୍ନ ଚ୍ୟାନେଲ ପାଇଁ ଅନେକ ଧାରାବାହିକ ଲେଖିବା ସହିତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଏଥିମଧ୍ୟରେ ସମାନ୍ତରା, ଖୋଳପା, ସୀମାରେଖା, ସମ୍ପର୍କ, ଗୁରୁବାରୀ, ଦୁଃସମୟ ଆଦି ଅନ୍ୟତମ। ଫିଲ୍ମ ନିର୍ମାତା ପଦ୍ମଶ୍ରୀ ସ୍ୱର୍ଗତ ମନମୋହନ ମହାପାତ୍ରଙ୍କ ସେ ମୁଖ୍ୟ ସହଯୋଗୀ ଥିଲେ। ଅନେକ କଳାକାର ତଥା ସହଯୋଗୀ ନିର୍ଦ୍ଦେଶକ ତାଙ୍କ ହାତରେ ସୃଷ୍ଟି ହୋଇଛନ୍ତି। ୨୦୧୮ରେ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୧୯୮୮ରେ 'କିଛି ସ୍ମୃତି କିଛି ଅନୁଭୂତି' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଚିତ୍ରନାଟ୍ୟ ଓ ସଂଳାପ ପୁରସ୍କାର, ୧୯୮୯ରେ 'ତ୍ରିସନ୍ଧ୍ୟା' ପାଇଁ ଶ୍ରେଷ୍ଠ କାହାଣୀ ଲେଖକ ଭାବେ ଏକାଦଶ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ତାଙ୍କ ପରଲୋକରେ ଓଡ଼ିଆ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି।



ନନ୍ଦଲାଲ ମହାପାତ୍ର

# ପୁରୀରେ ହେବ ଟ୍ରାନ୍ସଜେଣ୍ଡର ଶେଲ୍ଟର ହୋମ୍

## ରାଜ୍ୟରେ ପ୍ରଥମ

ପୁରୀ ଅଫିସ, ୨୦।୧୧

ଏବେ ବି ସମାଜରେ ଟ୍ରାନ୍ସଜେଣ୍ଡରମାନେ ଅବହେଳିତ ଓ ତାଡ଼ନାଗ୍ରସ୍ତ। ଫଳରେ ଅଧିକାଂଶ ଟ୍ରାନ୍ସଜେଣ୍ଡର ସମାଜଠାରୁ ନିଜକୁ ଦୂରେଇ ରଖିବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ କେତେବେଳେ ଭିକ୍ଷା ବୃତ୍ତି ତ ଆଉ କେବେ ଅନୈତିକ କାର୍ଯ୍ୟ କରିବାକୁ ବାଧ ହୋଇଥାନ୍ତି। ଏହା ସେମାନଙ୍କୁ ସମ୍ମାନଜନକ ଜୀବନଶୈଳୀ ଦେଇପାରେ ନାହିଁ। ତେଣୁ ଅନେକେ ସମାଜର ପ୍ରତ୍ୟାଖ୍ୟାନ ଓ ତାଡ଼ନା ସହି ନ ପାରି ଆତ୍ମହତ୍ୟା କରିବାକୁ ବାଧ ହୋଇଥାନ୍ତି କିମ୍ବା ସାମାଜିକ କ୍ରୂରତାର ଶିକାର ହୋଇ ମୃତ୍ୟୁବରଣ କରିଥାନ୍ତି। ଦିବଂଗତ ଟ୍ରାନ୍ସଜେଣ୍ଡରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ପ୍ରତିବର୍ଷ ନଭେମ୍ବର ୨୦କୁ ବିଶ୍ୱ ଟ୍ରାନ୍ସଜେଣ୍ଡର ସ୍ମୃତି ଦିବସ ଭାବେ ପାଳନ କରାଯାଇଥାଏ ବୋଲି ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ଏବଂ ସାମାଜିକ ଅନୁଷ୍ଠାନ 'ସାଥୀ'ର ମିଳିତ ଉଦ୍ୟମରେ ନୀଳାଚଳ ଅର୍ବାନ ହାଟ ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାର ବିଶ୍ୱ ଟ୍ରାନ୍ସଜେଣ୍ଡର ସ୍ମୃତି ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ଦିବଂଗତ ଆତ୍ମାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପ୍ରାୟୋଜିତ ସ୍ୱୀକୃତି ଯୋଜନାର ଶୁଭାରମ୍ଭ କରିଥିଲେ। କିନ୍ନରଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଖୁବ୍‌ଶୀଘ୍ର ପୁରୀରେ ରାଜ୍ୟର ପ୍ରଥମ ଟ୍ରାନ୍ସଜେଣ୍ଡର ଶେଲ୍‌ଟର ହୋମ୍ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାର ଟ୍ରାନ୍ସଜେଣ୍ଡରମାନଙ୍କୁ ସ୍ୱୀକୃତି ଯୋଜନା ମାଧ୍ୟମରେ ଜୀବନଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଯୋଗାଇଦେଇ ସମାଜ ମୁଖ୍ୟସ୍ରୋତରେ ସାମିଲ୍ କରାଯିବାକୁ ପ୍ରୟାସ ଆରମ୍ଭ ହେବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୁରୀ କିନ୍ନର ସଂଘର ସଭାପତି ଦେବକୀ କିନ୍ନର, ସମ୍ପାଦିକା ପୂଜା କିନ୍ନର ଏବଂ ଟ୍ରାନ୍ସଜେଣ୍ଡରଙ୍କ ସୁରକ୍ଷା ପାଇଁ କାର୍ଯ୍ୟରତ ସାମାଜିକ କର୍ମୀ ସନ୍ତୋଷ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଦିବଂଗତ ଟ୍ରାନ୍ସଜେଣ୍ଡରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଦି ବେଲ୍ ଆବାହକ ସିଦ୍ଧାର୍ଥ ରାୟ ସଂଯୋଜନା କରିଥିବା ବେଳେ ସାଥୀ ଅନୁଷ୍ଠାନର ସହନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶର୍ମିଷ୍ଠା ଦାସ, ବ୍ଲାକ କୁଇନ୍, ପିଙ୍କୁ, ରଶ୍ମି, ସୁପ୍ରୀତି ନାୟକ, ଟିଙ୍କିନା ପ୍ରଧାନ, ସତ୍ୟନାରାୟଣ ସାହୁ, ଓମ୍ ପ୍ରସାଦ ମହାନ୍ତି ଏବଂ ଅମର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଚ୍ୟୁଟ୍‌ରେ ଫେରିବେ ମହାକାଶଚାରୀ

## ୟୁପିର ବିଏଫ୍ଏଫ୍ଆର୍‌ରେ ଇସ୍ରୋ ପକ୍ଷରୁ ପରୀକ୍ଷା

ଲକ୍ଷ୍ନୌ,୨୦।୧୧

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଗଗନୟାନ ମିଶନକୁ ସଫଳ କରିବା ଦିଗରେ ଆଗେଇ ଚାଲିଛି। ୧୦,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ପେସ୍‌କ୍ରାଫ୍ଟ ମିଶନ ୨୦୨୪ରେ ଶେଷ ହେବା ନେଇ ବୈଜ୍ଞାନିକମାନେ ଆଶାବାଦୀ। ଗଗନୟାନ ମିଶନର ସଫଳ ରୂପାୟନ ଲାଗି କାର୍ଯ୍ୟ କରୁଥିବା ଇସ୍ରୋ ଶନିବାର ମେନ୍ ପାରାଚ୍ୟୁଟ ଏୟାରଡ୍ରପ୍ ଟେଷ୍ଟ (ଆଇଏମ୍ଏଟି) କରିଛି। ଏହି ପାରାଚ୍ୟୁଟ ଜରିଆରେ ମହାକାଶଚାରୀମାନେ ସ୍ପେସ୍‌ରୁ ପୃଥିବୀରେ ଅବତରଣ କରିବେ। ଇସ୍ରୋ ପକ୍ଷରୁ ଉତ୍ତର ପ୍ରଦେଶ ଝାନ୍ସିର ବବିନା ଫିଲ୍ଡ ଫାୟାର୍ ରେଞ୍ଜ (ବିଏଫ୍ଏଫ୍ଆର୍)ରେ ଆଇଏମ୍ଏଟିର ଟେଷ୍ଟ କରାଯାଇଛି। ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର (ଭିଏସ୍ଏସ୍‌ସି) ଏହି ସ୍ୱତନ୍ତ୍ର ଆକାଶଛତାକୁ ତିଆରି କରିଛି। କ୍ରିଉ ମଡେଲ ମାସ୍ (ମହାକାଶକୁ ରକେଟ୍ ପ୍ରେରଣ ପରେ ପୃଥିବୀକୁ ଫେରୁଥିବା ଅଂଶ)ର ଓଜନ ସହିତ ଏହାର ଓଜନ ସମାନ । ଏହି ପାରାଚ୍ୟୁଟ ସାହାଯ୍ୟରେ ମହାକାଶଚାରୀମାନେ ପୃଥିବୀ ପୃଷ୍ଠରୁ ୨.୫ କିଲୋମିଟର ଉପରେ ଆସି ପହଞ୍ଚିବା ପରେ ଏୟାରଫୋର୍ସର ଆଇଏଲ୍- ୭୬ ଏୟାରକ୍ରାଫ୍ଟ ଦ୍ୱାରା ଅଷ୍ଟ୍ରୋନଟ୍‌ମାନେ ପୃଥିବୀ ପୃଷ୍ଠକୁ ଆସିବେ ବୋଲି ଇସ୍ରୋ କହିଛି।

ମୋଟ ୧୦ଟି ପାରାଚ୍ୟୁଟକୁ ମିଶାଇ ଏହି ସ୍ୱତନ୍ତ୍ର ଆକାଶଛତା ତିଆରି କରାଯାଇଛି। ଗଗନୟାନରେ ବ୍ୟବହାର ହେବାକୁ ଥିବା ପାରାଚ୍ୟୁଟର ବେଗ ନିୟନ୍ତ୍ରଣ କ୍ଷମତା ରହିଛି। ୧୦ଟି ଆକାଶଛତା ମଧ୍ୟରୁ ୩ଟି ପାରାଚ୍ୟୁଟ ମହାକାଶଚାରୀଙ୍କୁ ପୃଥିବୀକୁ ଫେରାଇ ଆଣିବାକୁ ସକ୍ଷମ। ଶନିବାର କରାଯାଇଥିବା ଏହି ପରୀକ୍ଷଣରେ ମୁଖ୍ୟ ଆକାଶଛତାରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସଫଳ ପରୀକ୍ଷଣ ପରେ ହିଁ ଭାରତ ନିଜର ପ୍ରଥମ ହ୍ୟୁମାନ ସ୍ପେସ୍ ଫ୍ଲାଇଟ୍ ମିଶନରେ ପାରାଚ୍ୟୁଟକୁ ସାମିଲ କରିବ। ଇସ୍ରୋ ଏବଂ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ (ଡିଆରଡିଓ) ମିଳିତ ଭାବେ ଉକ୍ତ ମିଶନ ଉପରେ କାର୍ଯ୍ୟ କରୁଛନ୍ତି।



ପ୍ରଥମ ପୃଷ୍ଠାରୁ...

## କ୍ଷତିପୂରଣ କରିବେ ...

ଦୋହରାଇଥିଲା। ଏନେଇ କୋପ୍୨୭ର ଚୂଡ଼ାନ୍ତ ବିବୃତିରେ କୁହାଯାଇଛି ଯେ, କୋଇଲା ଶକ୍ତିର ଅନିୟନ୍ତ୍ରିତ ବ୍ୟବହାରକୁ ପର୍ଯ୍ୟାୟକ୍ରମେ ହ୍ରାସ ଏବଂ ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ ଦିଆଯାଉଥିବା ରହାତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ନିଆଯାଉଥିବା ପଦକ୍ଷେପକୁ ତ୍ୱରାନ୍ୱିତ କରାଯିବ। କିନ୍ତୁ ପୃଥିବୀରେ ଉତ୍ତାପ ସୃଷ୍ଟିକାରୀ ଉଷ୍ମତା ହ୍ରାସ ସକାଶେ ଆଖିଦୃଶିଆ ପଦକ୍ଷେପ ଉପରେ କୌଣସି ସହମତି ପ୍ରକାଶ ପାଇନାହିଁ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, କ୍ଷୟକ୍ଷତି ପାଣ୍ଠି ଗଠନ ସହ ଜାତିସଂଘ ଜଳବାୟୁ ସମ୍ମିଳନୀ 'ନ୍ୟାୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ' ନେଇଛି। ତେବେ ବିଶ୍ୱତାପନର ମୁକାବିଲା ପାଇଁ ଅଙ୍ଗାରକାମ୍ଳ ଉତ୍ସର୍ଜନ ହ୍ରାସ କ୍ଷେତ୍ରରେ ସଫଳତା ମିଳିନାହିଁ। ଆମ ପୃଥିବୀ ଏବେ ମଧ୍ୟ 'ଏମର୍ଜେନ୍ସି ରୁମ୍'ରେ ରହିଛି। ଉତ୍ସର୍ଜନକୁ କମ୍ କରିବା ଲାଗି କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ। ଏହା ଉପରେ କୋପ୍୨୭ରେ ସହମତି ପ୍ରକାଶ ପାଇନାହିଁ। ୟୁରୋପିଆନ୍ କମିଶନ ଭାଇସ୍ ପ୍ରେସିଡେଣ୍ଟ ଫ୍ରାନ୍ସ ଟିମରମ୍ୟାନ୍ସ କହିଛନ୍ତି, ୟୁରୋପୀୟ ସଂଘ ନିରାଶ ହୋଇଛି। ହେଲେ ୮୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ର ଏକ ଦୃଢ଼ତାର ଉତ୍ସର୍ଜନ ପ୍ରତିଜ୍ଞାକୁ ସମର୍ଥନ କରିଛନ୍ତି। ପାକିସ୍ତାନର ଜଳବାୟୁ ମନ୍ତ୍ରୀ ଶେରି ରେହମାନ କହିଛନ୍ତି, ବିଶ୍ୱର ବିପଦରେ ଥିବା ଓ କ୍ଷତିଗ୍ରସ୍ତ ଦେଶଗୁଡ଼ିକର ସ୍ୱରକୁ କୋପ୍୨୭ରେ ଶୁଣାଯାଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ଆମେ ୩୦ ବର୍ଷ ଧରି ସଂଘର୍ଷ କରିଛୁ। ଶର୍ମ ଏଲ୍-ଶେଖ୍ ଏହି ଯାତ୍ରା ପ୍ରଥମ ସକାରାତ୍ମକ ମାଇଲଖୁଣ୍ଟ ଅତିକ୍ରମ କରିଛି ବୋଲି ରେହମାନ କହିଛନ୍ତି। ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ନେଇ ପ୍ରତିଶ୍ରୁତିବଦ୍ଧତା ଉପରେ ସମ୍ମିଳନୀରେ କୌଣସି ସହମତି ପ୍ରକାଶ ପାଇ ନ ଥିବାରୁ ବ୍ରିଟେନ ନୈରାଶ୍ୟ ବ୍ୟକ୍ତ କରିଛି। ଗତବର୍ଷ ଗ୍ଲାସ୍‌ଗୋର କୋପ୍୨୬ରେ ଅଧକ୍ଷତା କରିଥିବା ବ୍ରିଟେନର ଆଲୋକ ଶର୍ମାଙ୍କ ମତରେ ଶେଷ ମୁହୂର୍ତ୍ତରେ ଶକ୍ତି ସମ୍ପର୍କିତ ପ୍ରସ୍ତାବ ଦୁର୍ବଳ ହୋଇଯାଇଥିଲା। ଜର୍ମାନୀର ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବାଏରବୋକ୍ କହିଛନ୍ତି, ଉତ୍ସର୍ଜନ ହ୍ରାସ ଏବଂ ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ଫେଜ୍ ଆଉଟ୍ କରିବା ନେଇ ରହିଥିବା ପ୍ରସ୍ତାବ ଆଗରେ ଅନେକ ବୃହତ୍ ଉତ୍ସର୍ଜନକାରୀ ତଥା ତୈଳ ଉତ୍ପାଦନକାରୀ ରାଷ୍ଟ୍ର ପ୍ରତିବନ୍ଧକ ସାଜିଥିଲେ।

## ଓଡ଼ିଆ ଭାଷା ...

ସେହିପରି ହାଇସ୍କୁଲ ସଂଖ୍ୟା ୧୧୩। ଏସବୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ୧ ଲକ୍ଷ ୩୦ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଅନୁରୂପ ଭାବେ ମଙ୍ଗଳ ବିଭାଗ ଅଧୀନରେ ୪୦ରୁ ଉର୍ଦ୍ଧ୍ୱ ସେବାଶ୍ରମ ବିଦ୍ୟାଳୟରେ ୪୦,୦୦୦ ଛାତ୍ରୀଛାତ୍ର ଅଛନ୍ତି। ମୋଟ ଉପରେ ପ୍ରାୟ ୯୫ ହଜାର ଛାତ୍ରୀଛାତ୍ର ଜନଜାତି ସମ୍ପ୍ରଦାୟର। ତେବେ ମାତ୍ର ୫୩ ବହୁଭାଷୀ ଶିକ୍ଷକ ସମଗ୍ର ଜିଲାରେ ନିଯୁକ୍ତି ଦିଆଯାଇଛି, ଯାହ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପଡ଼ିଆ ବ୍ଲକ ପାଇଁ ୪୫ ଏବଂ ଖଇରପୁଟ ବ୍ଲକ ପାଇଁ ୮ ଜଣ ଥିବାବେଳେ ଅନ୍ୟ ବ୍ଲକ କଥା ରାଜ୍ୟ ସରକାର ଭୁଲିଯାଇଛନ୍ତି, ଯାହା ଆଦିବାସୀ ପିଲାଙ୍କୁ ଓଡ଼ିଆ ଭାଷାରୁ ବିମୁଖ କରୁଥିବା ଅଭିଯୋଗ ହେଉଛି। ଏନେଇ ଜିଲା ଶିକ୍ଷାଧିକାରୀ ମାନସ ଜେନାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରିନାହିଁ।

ଏ ସଂକ୍ରାନ୍ତରେ ବହୁଭାଷୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଉଥିବା ଶିକ୍ଷକ ଭୋଳାନାଥ ରାୟ କୁହନ୍ତି, ଆଦିବାସୀ ପିଲା ପଢୁଥିବା ପ୍ରତି ସ୍କୁଲରେ ବହୁଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ। ଫଳରେ ଆଦିବାସୀ ଛାତ୍ରୀଛାତ୍ର ଓଡ଼ିଆ ଲିପି ଏବଂ ଭାଷା ସହିତ ଯୋଡ଼ି ହୋଇପାରିବେ। ଠିକ୍ ଭାବେ ଓଡ଼ିଆ ଶବ୍ଦ ଉଚ୍ଚାରଣ ମଧ୍ୟ କରିପାରିବେ। ଏ ଦିଗରେ ଅଭିଭାବକଙ୍କୁ ମଧ୍ୟ ସଚେତନ କରାଇବା ଜରୁରୀ। ତେବେ ଜିଲାରେ ନିଯୁକ୍ତିପ୍ରାପ୍ତ ମାତ୍ର ୫୩ ବହୁଭାଷୀ ଶିକ୍ଷକଙ୍କ ପକ୍ଷେ ପାଖାପାଖି ୧ ଲକ୍ଷ ବଣ୍ଡା, କୋୟା, ଡିଡାଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ଅସମ୍ଭବ। ଫଳରେ ପିଲାମାନେ ଭାଷାଗତ ସମସ୍ୟାରେ ପଡୁଛନ୍ତି। କେତେକ କ୍ଷେତ୍ରରେ ଅଧାରୁ ପାଠ ଛାଡ଼ି ଦେଉଛନ୍ତି ଅଥବା ଓଡ଼ିଆ ଭାଷା ଛାଡ଼ି ଅନ୍ୟ ଭାଷାରେ ପଢ଼ିବା ପାଇଁ ଆଗ୍ରହୀ ହେଉଛନ୍ତି।

ବହୁଭାଷୀ ଶିକ୍ଷା ସହାୟକ ସଂଘ ସଭାପତି ମୁଡ଼ା ମାଡ଼କାମୀ କହିଛନ୍ତି, ଆଦିବାସୀଙ୍କୁ ବହୁମୁଖୀ ଶିକ୍ଷାଦାନ ପାଇଁ ଓଡ଼ିଆ, ବଣ୍ଡା ଏବଂ କୋୟା ଭାଷାରେ ପୁସ୍ତକ ପ୍ରକାଶିତ ହୋଇଛି। ହେଲେ ଶିକ୍ଷକଙ୍କୁ ଦିଆଯାଉଥିବା ପାରିଶ୍ରମିକ ଅତି ସ୍ୱଳ୍ପ। ଏ କ୍ଷେତ୍ରରେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷାକୁ ନେଇ ସମସ୍ୟାରେ ପଡୁଛନ୍ତି। ଆନ୍ଧ୍ର ଭଳି ଓଡ଼ିଶା ସରକାର ରାଜ୍ୟର ସୀମାନ୍ତ ଜିଲାରେ ଅଧିକ ସଂଖ୍ୟାରେ ବହୁଭାଷୀ ଶିକ୍ଷକ ନିଯୁକ୍ତି ସହ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଲେ ଜିଲାର ଛାତ୍ରୀଛାତ୍ରମାନେ ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ ହୁଅନ୍ତେ।

## ରାଜ୍ୟରେ ୨୨୧ ବହୁଭାଷୀ ଶିକ୍ଷକ

ରାଜ୍ୟରେ ୨୦୦୭-୦୮ରେ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଭିମୁଖୀ କରାଇବା ଉଦ୍ଦେଶ୍ୟରେ ବହୁଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଜନଜାତିବହୁଳ ଅଞ୍ଚଳର ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁକୂଳ ଶିକ୍ଷାଦାନ ଏବଂ ଅନୁସୂଚିତ ଜନଜାତି ପିଲାଙ୍କୁ ନିଜ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ସୃଷ୍ଟି ପାଇଁ କନ୍ଧମାଳ, ମାଲକାନଗିରି, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାରେ ୨୨୧ ବହୁଭାଷୀ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ୨୦୨୦ରୁ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସେମାନେ ମାସିକ ୩,୨୦୦ ଟଙ୍କା ପାରିଶ୍ରମିକ ପାଉଥିବାବେଳେ ଗତ ନଭେମ୍ବର ୪ରେ ରାଜ୍ୟ ସରକାର ସେମାନଙ୍କ ଦରମା ୫,୩୭୯ ଟଙ୍କାକୁ ବୃଦ୍ଧି କରିଛନ୍ତି। ତଥାପି ସ୍ୱଳ୍ପ ଦରମାରେ ସେମାନେ ପରିବାର ଚଳାଇବାରେ ସଂଘର୍ଷ କରୁଛନ୍ତି। ଓଡ଼ିଆ ଭାଷା ସଂରକ୍ଷଣରେ ସମ୍ପୃକ୍ତ ଶିକ୍ଷକମାନେ ଗୁରୁଦାୟିତ୍ୱ ତୁଲାଉଥିବାବେଳେ ଅଧିକ ପାରିଶ୍ରମିକ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଲେ ଶିକ୍ଷାଦାନରେ ସେମାନଙ୍କ ଉତ୍ସାହ ବୃଦ୍ଧି ପାଇପାରନ୍ତା ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଗଜକେଶରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ ସିଦ୍ଧି ସହ ଉଚ୍ଚ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ର, ପରିବହନ ପାଇଁ ଅନୁକୂଳ ନ ହେଲେ ମଧ୍ୟ ବାଣିଜ୍ୟ ଓ ବ୍ୟବସାୟ ପାଇଁ ଶୁଭପ୍ରଦ। ନୂତନ ଯୋଜନା କ୍ଷେତ୍ରରେ ଉଚ୍ଚ ଆଶା ଧରି ଆଗେଇବେ। କୃତ୍ତିକା ନକ୍ଷତ୍ର ଆନୁଷ୍ଠାନିକ କାମରେ ଶିଥିଳତା ଦେଖାଦେବ।

**ବୃଷ** – ମଙ୍ଗଳଙ୍କ କୁପ୍ରଭାବଜନିତ ଉତ୍ତେଜନାପ୍ରବଣ ହୋଇ କୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯାଇପାରେ। କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** – ପାପଗ୍ରହ ଦୃଷ୍ଟ ଗୁରୁ ହେତୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ । କିନ୍ତୁ ନିର୍ମାଣ ଓ ଯାନବାହନ କ୍ରୟ ବିକ୍ରୟଜନିତ ଦୀର୍ଘଦିନର ଆଶା ଫଳବତୀ ହେବ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ସଫଳତା ପାଇବା ମଧ୍ୟ କଷ୍ଟକର ହୋଇପାରେ। ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ।

**କର୍କଟ** – ରାଶିପ୍ରତି ଅନୁକୂଳ ଗ୍ରହସ୍ଥିତି କାରଣରୁ ଆଜି ତାହା ବାସ୍ତବରେ ପରିଣତ ହେବ। ନିଜ ବନ୍ଧୁ କିମ୍ବା ଆତ୍ମୀୟଙ୍କଠାରୁ ଆବଶ୍ୟକ ସାହାଯ୍ୟ ସହଯୋଗ ପାଇବେ। ପ୍ରକାଶନ, ସାମ୍ବାଦିକତା ତଥା ପ୍ରଶାସନିକ ସ୍ଥିତି ଭଲ ରହିବ। ବାଣିଜ୍ୟ ଓ ବ୍ୟବସାୟ ଅଧିକ ନ ହେଲେ ମଧ୍ୟ ବିଶେଷ କିଛି ଖରାପ ହେବନାହିଁ।

**ସିଂହ** – ଦ୍ୱିତୀୟଭାବସ୍ଥ ଚନ୍ଦ୍ର ଆପଣଙ୍କ ନରମ କଥା ଓ ସୁନ୍ଦର ବ୍ୟବହାର ଦ୍ୱାରା ଯାହା ଇଚ୍ଛା କରୁଥିଲେ ତାହା ପାଇଯିବେ। ଅହିତକର ନ ହେଲେ ମଧ୍ୟ କର୍ମକ୍ଷେତ୍ରରେ ସାମାନ୍ୟ ପରିବର୍ତ୍ତନର ସମ୍ଭାବନା ରହିଛି । ନୂତନ ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବା କାରଣରୁ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରିବେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା** – ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ମନ ଅସ୍ଥିର ରହିବ । ଫେରିବା ବାଟରେ ବନ୍ଧୁତ୍ୱ ସୃଷ୍ଟି ହୋଇଯିବ। ଚିତ୍ରା ନକ୍ଷତ୍ରର ସାମାଜିକ କ୍ଷେତ୍ରରେ ଉଚ୍ଚବାଚ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ଯାନବାହନ, ଘର ମରାମତିରେ ବ୍ୟସ୍ତ ରହିପାରନ୍ତି। ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**ତୁଳା** – ବ୍ୟୟାଧିପ ରାଶିସ୍ଥ ଯୋଗୁ ଆମନ୍ତ୍ରିତ ଅତିଥି ଭାବରେ ସୁଯୋଗ ପାଇ ଉଚ୍ଚସ୍ତରରୁ କିମ୍ବା ସଭାସମିତିରୁ ସମ୍ମାନିତ ହେବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି । ପାଖ ପଡ଼ୋଶୀମାନେ ହତାଦର ମନୋଭାବ ପୋଷଣ କରିବେ। ସ୍ୱାତୀ ନକ୍ଷତ୍ର ସକାଶେ ଆଜିର ସମୟଟି କେତେକ ଦୃଷ୍ଟିକୋଣରୁ ଖୁସିରେ କଟିବ।

**ବିଛା** – ପାପଗ୍ରହ କବଳିତ ରାଶି ହେତୁ ଅସୁବିଧା ନ ଥିଲେ ମଧ୍ୟ ମନ ଅନୁଯାୟୀ କୌଣସି କାମ ହୋଇପାରିବନାହିଁ। ତଥାପି ସମସ୍ୟାର ସରଳ ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବା ସାଙ୍ଗକୁ ଆର୍ଥିକ ସ୍ୱଚ୍ଛଳତା ଫେରିଆସିବ । ଗୁରୁବର୍ଗଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ଧନୁ** – ମଙ୍ଗଳ ଷଷ୍ଠ ସ୍ଥାନରେ ଥିବାରୁ ସନ୍ତାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପ କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାର ଭିତରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମକର** – ତୃତୀୟସ୍ଥ ବୃହସ୍ପତି ପ୍ରଭାବରୁ ଗ୍ୟାଷ୍ଟ୍ରିକ୍ କିମ୍ବା ଅଜୀର୍ଣ୍ଣଜନିତ ପେଟଗୋଳମାଳ ପୀଡ଼ା ଅନୁଭବ କରିବେ। ପ୍ରିୟ ବନ୍ଧୁ ସହ ସମ୍ପର୍କ ଛିନ୍ନ ହୋଇପାରେ। ଲୋକସମ୍ପର୍କ ବୃଦ୍ଧି ପାଇବ, କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ସକାଶେ ଟେନସନ ବଢ଼ିଯିବ । ମାଙ୍ଗଳିକ କାମର ପ୍ରସ୍ତୁତି ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ଶୁଭଫଳ ପାଇବେ।

**କୁମ୍ଭ** – ଏକାଦଶଭାବର ଶୁଭଦୃ କାରଣରୁ ସାମଗ୍ରିକ କ୍ଷେତ୍ରରେ ଅଭିଳାଷ ପୂରଣ ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସଭାସମିତିର ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। କାରିଗରି, ସାମ୍ବାଦିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ମୀନ** – ଆଜି ଭଲ ଓ ମନ୍ଦର ମିଶ୍ରିତ ଫଳ ଅନୁଭବରେ ଆସିପାରେ। ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା, ଅନୁରାଗ ଫେରାଇ ଆଣିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ବିଭିନ୍ନ ଦିଗରୁ ଲାଭବାନ ହେବେ। ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

ଆଜି ନଭେମ୍ବର ୨୧ ତାରିଖ, ମାର୍ଗଶିର କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ସୋମବାର, ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ, ବୈଜ୍ଞାନିକ ସି.ଭି.ରମଣଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର ଘ.୧୨/୨୮ ମି. ପରେ ସ୍ୱାତୀ/ତୁଳା, ତ୍ରୟୋଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬/୦୨ ଗତେ, ଘ.୦୭/୨୪ ମଧ୍ୟେ, ଘ.୦୮/୫୮ ଗତେ, ଘ.୧୧/୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭/୨୪ ଗତେ, ଘ.୦୮/୪୭ ମଧ୍ୟେ ରାହୁକାଳ।

**ଏଏପିରେ ଯୋଗଦେଲେ ପୂର୍ବତନ କଂଗ୍ରେସ ଏମ୍‌ପି**

**ନୂଆଦିଲ୍ଲୀ:** ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ନିର୍ବାଚନ ପୂର୍ବରୁ ପୂର୍ବତନ କଂଗ୍ରେସ ଏମ୍‌ପି ତଥା ୩ ଥରର ବିଧାୟକ ମହାବଳ ମିଶ୍ର ରବିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରେ ଯୋଗଦେଇଛନ୍ତି। ପୂର୍ବାଞ୍ଚଳ ସମ୍ପ୍ରଦାୟର ଏହି ପ୍ରଭାବଶାଳୀ ନେତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଉପସ୍ଥିତିରେ ଶାସକ ଦଳରେ ସାମିଲ ହୋଇଛନ୍ତି। ମହାବଳ ହେଉଛନ୍ତି ଦ୍ୱାରକାର ଏଏପି ବିଧାୟକ ବିନୟ ମିଶ୍ରଙ୍କ ପୁଅ। ଡିସେମ୍ବର ୪ରେ ଏମ୍‌ସିଡିର ୨୫୦ ୱାର୍ଡରେ ଭୋଟଗ୍ରହଣ କରାଯାଇ ୭ରେ ଫଳ ପ୍ରକାଶ ପାଇବ।



ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନ ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ପାହାଡ଼ଗଞ୍ଜଠାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆ ପ୍ରଚାର କରୁଛନ୍ତି।

# ବହୁ ଆସନରେ ଭାଜପାର ବିଦ୍ରୋହୀ ପ୍ରାର୍ଥୀ

**ଗୁଜରାଟ ନିର୍ବାଚନ**

ଗାନ୍ଧୀନଗର,୨୦।୧୧(ଆଇଏଏନ୍ଏସ୍)

ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ସୌରାଷ୍ଟ୍ର ଏବଂ ଦକ୍ଷିଣ ଗୁଜରାଟର ୭ ଜଣ ବିଦ୍ରୋହୀଙ୍କୁ ଭାଜପାରୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ନର୍ମଦା ଜିଲା ନାଣ୍ଡୋଡ୍ ନିର୍ବାଚନ ମଣ୍ଡଳୀର ହର୍ଷଦ ବାସବ, କେଶୋଡ ଜିଲା ଜୁନାଗଡ଼ର ଅରବିନ୍ଦ ଲାଦାନି, ସୁରେନ୍ଦ୍ର ନଗରର ଛତ୍ରସିଂ ଗୁଞ୍ଜରସାରିଆ, ଭାଲସାଦ୍‌ର କେତନ ପଟେଲ, ରାଜକୋଟର ଭରତ ଚଭ୍‌ଡା, ଗିର୍ ସୋମନାଥର ଉଦୟ ଶାହ ଏବଂ ଆମ୍ରେଲି ଜିଲାର କରନ ବରାଇୟାଙ୍କୁ ଦଳବିରୋଧୀ କାର୍ଯ୍ୟ ଲାଗି ନିଲମ୍ବନ କରାଯାଇଥିବା ଦଳର ମିଡିଆ କୋର୍ଡିନେଟର ୟଗ୍‌ନେଶ ଡାଭେ କହିଛନ୍ତି। ଏଥର ନିର୍ବାଚନରେ ଭାଜପା ଅଧିକାଂଶ ଆସନରେ ବିଦ୍ରୋହର ସମ୍ମୁଖୀନ ହୋଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ବିଭିନ୍ନ ଆସନରେ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ କର୍ମୀମାନେ ଲଢୁଛନ୍ତି। ଦୀଶା ଆସନରେ ରାଜୁଲବେନ୍ ଦେଶାଇ, ଗାନ୍ଧୀନଗର ଦକ୍ଷିଣରେ ଅଲପେଶ ଠାକୋର, ଥରଡରେ ଶଙ୍କର ଚୌଧରୀ ଏବଂ ହିମତନଗରରେ ଭି.ଡି. ଜାଲା ବିଦ୍ରୋହୀ ପ୍ରାର୍ଥୀ ହୋଇଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ବିଦ୍ରୋହୀଙ୍କୁ ନିଲମ୍ବନ କରାଯାଇପାରେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

# ପ୍ରତିଶ୍ରୁତି ରଖୁ ନାହାନ୍ତି କେନ୍ଦ୍ର ସରକାର: ଖାର୍ଗେ

ନୂଆଦିଲ୍ଲୀ,୨୦।୧୧(ପି.ଟି.)

କେନ୍ଦ୍ର କୃଷି ଆଇନ ବିରୋଧରେ ଆନ୍ଦୋଳନ କରିଥିବା ଚାଷୀମାନଙ୍କ ଏମ୍‌ଏସ୍‌ପି ଦାବି, କ୍ଷତିପୂରଣ ଦେବାକୁ ନରେନ୍ଦ୍ର ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଆନ୍ଦୋଳନରତ ଚାଷୀଙ୍କ ବିରୋଧରେ ଦାଏର ମାମଲାଗୁଡ଼ିକୁ ପ୍ରତ୍ୟାହାର କରିନେବେ ବୋଲି ସରକାର କହିଥିଲେ। ତେବେ ଉକ୍ତ ପ୍ରତିଶ୍ରୁତି ରଖିବାରେ କେନ୍ଦ୍ର ବିଫଳ ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରବିବାର ଅଭିଯୋଗ କରିବା ସହ ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ୩ କୃଷି ଆଇନ ପ୍ରତ୍ୟାହାର ଲାଗି ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ

ପୂରିଛି। ଏଥିପାଇଁ ଚାଷୀମାନେ ଶନିବାର ବର୍ଷପୂର୍ତ୍ତି ପାଳନ କରିଥିବାବେଳେ କଂଗ୍ରେସ ସେମାନଙ୍କୁ ସମର୍ଥନ ଜଣାଇଛି। ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇଥିବା ମୋଦି ସରକାର ଫସଲ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଅମଳ ଖର୍ଚ୍ଚର ଦେଢ଼ଗୁଣ ଦେବା ପ୍ରତିଶ୍ରୁତି ରଖିନାହାନ୍ତି। ଆନ୍ଦୋଳନବେଳେ ପ୍ରାଣ ହରାଇଥିବା ୭୩୩ ଚାଷୀ ପରିବାରକୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ଏପରିକି ଆନ୍ଦୋଳନରତ ଚାଷୀମାନଙ୍କ ଉପରୁ ଏପର୍ଯ୍ୟନ୍ତ ମାମଲା ପ୍ରତ୍ୟାହାର କରାଯାଇ ନାହିଁ ବୋଲି ଖାର୍ଗେ ଟୁଇଟ୍ କରିଛନ୍ତି। ଗତବର୍ଷ ସରକାରଙ୍କ ଏହିସବୁ ପ୍ରତିଶ୍ରୁତିକୁ ନେଇ ଚାଷୀମାନେ 'କିଷାନ ବିଜୟ ଦିବସ' ପାଳନ କରିଥିଲେ। ଆନ୍ଦୋଳନରେ ଶହୀଦ ହୋଇଥିବା ୭୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରର ବୁଲଧନା ଜିଲାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପକେଟ୍ ଭୋଟକୁ କଂଗ୍ରେସର ଭରସା

**ପଦ୍ମପୁର ଉପନିର୍ବାଚନ**

ପଦ୍ମପୁର,୨୦।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ବିଜେଡ଼ି ଓ ଭାଜପା ନିଜର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ କଂଗ୍ରେସ ପଛରେ ପଡିଥିବା ପରିଲକ୍ଷିତ ହେଉଛି। ବର୍ତ୍ତମାନ ସ୍ଥିତିରେ ଏଠାରେ କଂଗ୍ରେସର ସଙ୍ଗଠନ ଦୁର୍ବଳ ହୋଇପଡିଥିବାରୁ ବିଗତ ୩ଟି ବିଧାନସଭା ନିର୍ବାଚନରେ ଦଳକୁ କେବଳ ପକେଟ ଭୋଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ୨୦୦୯ ନିର୍ବାଚନରେ କଂଗ୍ରେସ ୩୨.୪୧% ଭୋଟ୍ ପାଇଥିଲା। ତେବେ ୨୦୧୪ରେ ଦଳ ସତ୍ୟଭୂଷଣ ସାହୁଙ୍କୁ ବଦଳାଇ ନୂଆ ମୁହଁ ଭାବେ ଡାକ୍ତର ପ୍ରକାଶ ନାରାୟଣ ତ୍ରିପାଠୀଙ୍କ ଉପରେ ଭରସା କରି ପ୍ରାର୍ଥୀ କରିଥିଲା। ସେତେବେଳେ ତାଙ୍କୁ କେବଳ ୧୭.୬୧% ଭୋଟ ମିଳିଥିଲା। ସେହିପରି ୨୦୧୯ରେ ଦଳ ପୁଣି ସତ୍ୟଭୂଷଣ ସାହୁଙ୍କୁ ଟିକେଟ କରିଥିଲେ ମଧ୍ୟ ତାଙ୍କୁ ୧୬.୨୫% ଭୋଟ ମିଳିଥିଲା। ଗତ ତିନୋଟି ନିର୍ବାଚନରେ କଂଗ୍ରେସ ଦଳ ଅସଙ୍ଗଠିତ ହୋଇପଡିଛି। ନେତା କେବଳ ଭୋଟ୍ ବେଳେ ଆସୁଛନ୍ତି ପରେ ଆଉ ଦେଖା ଦେଉ ନ ଥିବା ଦଳୀୟ କର୍ମୀ ଅଭିଯୋଗ କରୁଛନ୍ତି। କଂଗ୍ରେସ ପ୍ରାର୍ଥୀ ହେଲେ ଦଳର ଯେଉଁ ପକେଟ ଭୋଟ ୩୦ରୁ ୩୨ହଜାର ରହିଛି ସେହି ଭୋଟ୍ ହିଁ ଭରସା ହୋଇଛି। ଅପରପକ୍ଷେ ଚଳିତ ଉପନିର୍ବାଚନରେ ଦଳୀୟ ସ୍ଥିତି ଦେଖି ଅନେକ ଯୁବନେତା ଦଳ ଛାଡି ଅନ୍ୟ ଦଳରେ ସାମିଲ ହେଉଛନ୍ତି। ଏହି କ୍ରମରେ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଡାକ୍ତର ପ୍ରକାଶ ନାରାୟଣ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚମ୍ପକେଶ୍ୱର ପୁରୋହିତ, ଝାରବନ୍ଧ ଅଞ୍ଚଳର ଯୁବନେତା ଡାକ୍ତର ନରେନ ପ୍ରଧାନ ପ୍ରମୁଖ ଦଳ ଛାଡି ଅନ୍ୟ ଦଳରେ ମିଶିଛନ୍ତି। ଏ ସମ୍ପର୍କରେ ପୂର୍ବତନ ଟାଉନ କଂଗ୍ରେସ ସଭାପତି ସନ୍ତୋଷ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଲେ, ଆମେ ଦୀର୍ଘ ୨୨ବର୍ଷ ହେଲା କ୍ଷମତାରେ ନ ଥିବାରୁ ଦଳର ଆର୍ଥିକ ପରିସ୍ଥିତି ଦୁର୍ବଳ। ସେଥିପାଇଁ ସଙ୍ଗଠନ ସୁଦୃଢ ହୋଇପାରୁନି। ଅପରପକ୍ଷେ ବିଜେଡି ଅର୍ଥ ଲୋଭରେ ପଡି କିଛି କଂଗ୍ରେସ ନେତା ବିକ୍ରି ହୋଇଛନ୍ତି ବୋଲି ଶତପଥୀ କହିଛନ୍ତି।

# କର୍ମୀ ସମ୍ମିଳନୀରେ ରଣନୀତି



କର୍ମୀ ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ପାଇକମାଳ,୨୦।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଅନ୍ୟ ଦୁଇ ପ୍ରମୁଖ ଦଳ ବିଜେଡ଼ି, ଭାଜପା ଭଳି କଂଗ୍ରେସ ପ୍ରଚାର ଜୋର୍ କରି ନ ଥିଲେ ମଧ ରଣନୀତି ଆରମ୍ଭ କରିଦେଇଛି। ଏହି କ୍ରମରେ ରବିବାର ପାଇକମାଳ ବ୍ଲକ ମାଣ୍ଡୋସିଲରେ ଦଳର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ଉପସଭାପତି ଯଜ୍ଞେଶ୍ୱର ବାବୁ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, ଦଳୀୟ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଦଳୀୟ କର୍ମୀଙ୍କୁ ନିର୍ବାଚନ ରଣନୀତି ଉପରେ ଉଦ୍‌ବୋଧନ ଦେଇଥିଲେ। ସମ୍ମିଳନୀରେ ଝାରବନ୍ଧ ବ୍ଲକ କଂଗ୍ରେସ ସଭାପତି ମୁଜାଫର ହୁସେନ, ପାଇକମାଳ ବ୍ଲକ କଂଗ୍ରେସ ସଭାପତି ବିନୋଦ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସୋମବାରଠାରୁ କଂଗ୍ରେସ ପ୍ରଚାର ମଇଦାନକୁ ଓହ୍ଲାଇବ ବୋଲି ସୂଚନା ମିଳିଛି।

# ୪ ବର୍ଷ ହେଲା ପଦ୍ମପୁରବାସୀଙ୍କୁ ଭୁଆଁ ବୁଲାଉଛି କେନ୍ଦ୍ର: ବିଜେଡି

**ତୁରନ୍ତ ରେଳ ଲାଇନ୍ କାର୍ଯ୍ୟ ପାଇଁ ଦାବି**

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଥିବାବେଳେ ଏହି ଅଞ୍ଚଳ ପାଇଁ ରେଳଲାଇନ୍ ଦାବି କରି ବିଜେଡି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ବିଜେଡି ଅଭିଯୋଗ କରିଛି ଯେ, କେନ୍ଦ୍ର ସରକାର ଗତ ୪ ବର୍ଷ ହେଲା ରେଳଲାଇନ୍ କଥା କହି ଭୁଆଁ ବୁଲାଉଛନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର ଜଣାଇବା ସତ୍ତ୍ୱେ ରେଳ ମନ୍ତ୍ରଣାଳୟ ଏ କ୍ଷେତ୍ରରେ ନୀରବ ରହିଛି। ଓଡ଼ିଶା ପ୍ରତି ରେଳ ବିଭାଗର ବୈମାତୃକ ମନୋଭାବକୁ ନେଇ ବିଜେଡି କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦିଛି।

୨୦୧୮ ଡିସେମ୍ବର ୧୫ ତାରିଖରେ ବରଗଡ଼ ଷ୍ଟେଶନରୁ ଭାୟା ପଦ୍ମପୁର ଦେଇ ନୂଆପଡ଼ା ରୋଡ୍ ଷ୍ଟେଶନ ପର୍ଯ୍ୟନ୍ତ ଏକ ନୂତନ ରେଳଲାଇନ ପ୍ରକଳ୍ପକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେ ସମୟରେ ଟୁଇଟ୍ କରି ସୂଚନା ଦେଇଥିଲେ। ଏହି ଘୋଷଣାକୁ



ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର

୪ବର୍ଷ ପୂରିବାକୁ ଯାଉଛି। ରାଜ୍ୟ ସରକାର ବାରମ୍ବାର ଏ ସମ୍ପର୍କରେ ରେଳ ମନ୍ତ୍ରଣାଳୟକୁ ଜଣାଇ ଆସୁଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନାହିଁ। ମନ୍ତ୍ରଣାଳୟ ନିଜ ପ୍ରତିଶ୍ରୁତି ରକ୍ଷା କରି ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ଦାବି କରିଛନ୍ତି। ରବିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ରେଳ ମନ୍ତ୍ରଣାଳୟକୁ ଅନୁରୋଧ କରିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ସର୍ଭେ କାମ ଆରମ୍ଭ ହୋଇନାହିଁ। ୨୦୧୯ ଅକ୍ଟୋବର ୧୦ ତାରିଖରେ ରେଳବାଇ ବୋର୍ଡ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାରଙ୍କୁ ମାଗଣାରେ ଜମି ଏବଂ ବିସ୍ଥାପିତଙ୍କ ଥଇଥାନ ବାବଦ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତାବ ଦେଇଥିଲା। ମୁଖ୍ୟମନ୍ତ୍ରୀ ଏଥିପାଇଁ ମାଗଣାରେ ଜମି ଯୋଗାଇ ଦେବା ସହ ପ୍ରକଳ୍ପ ପାଇଁ ୩ଶହ କୋଟି ଟଙ୍କା ପ୍ରଦାନ କରିବେ ବୋଲି ଜଣାଇଥିଲେ। ଏହାସତ୍ତ୍ୱେ ଏହି ପ୍ରକଳ୍ପ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏହାଛଡା ଗତ ୫ବର୍ଷ ଭିତରେ କେନ୍ଦ୍ର ସରକାର କେନ୍ଦ୍ରୀୟ ପାଣ୍ଠିରୁ ଓଡ଼ିଶାରେ ଗୋଟିଏ ବି ନୂତନ ରେଳ ଲାଇନ୍ ପ୍ରକଳ୍ପ ମଞ୍ଜୁର କରିନାହାନ୍ତି। କେନ୍ଦ୍ର ସରକାର ପଶ୍ଚିମ ଓଡ଼ିଶାବାସୀଙ୍କୁ ଭୁଆଁ ନ ବୁଲାଇ ତୁରନ୍ତ ବରଗଡ଼ ଷ୍ଟେସନରୁ ଭାୟା ପଦ୍ମପୁର ନୂଆପଡା ରୋଡ୍ ଷ୍ଟେଶନ୍ ରେଳଲାଇନ୍ କାର୍ଯ୍ୟକାରୀ କରିବାକୁ ବିଜେଡି ଦାବି କରିଛି।

## ରେଳମନ୍ତ୍ରୀଙ୍କୁ ରାଜ୍ୟ ପରିବହନ ମନ୍ତ୍ରୀଙ୍କ ଚିଠି

ବରଗଡ଼ ଭାୟା ପଦ୍ମପୁର ନୂଆପଡ଼ା ରୋଡ୍ ରେଳଲାଇନ୍ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରବିବାର ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ନୂଆ ରେଳ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଏକ ସ୍ମାରକପତ୍ର ଦେଇଛନ୍ତି। ୨୦୧୮ରୁ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ରେଳ ମନ୍ତ୍ରଣାଳୟକୁ ବାରମ୍ବାର ଜଣାଇବା ସହିତ ପ୍ରକଳ୍ପ ବାବଦ ରେଟ୍ ଅଫ୍ ରିଟର୍ନ (ଆର୍‌ଓଆର୍) ୧୭.୩୧ ପ୍ରତିଶତ ଅର୍ଥରାଶି ଯୋଗାଇ ଦେବାକୁ ରେଳ ମନ୍ତ୍ରଣାଳୟକୁ ୨୦୧୯ ଜାନୁୟାରୀ ୧୧ ତାରିଖରେ ଜଣାଇଥିଲେ। ଏହି ରେଳ ପ୍ରକଳ୍ପ ପଶ୍ଚିମ ଓଡ଼ିଶାରେ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ପଶ୍ଚିମ ଓଡ଼ିଶାକୁ ଉପକୂଳ ଓଡ଼ିଶା ସହିତ କମ୍ ଦୂରତ୍ୱ ମଧ୍ୟରେ ସଂଯୋଗ କରିବ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଥିବାସତ୍ତ୍ୱେ ଏ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଟୁକୁନି ରେଳ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଘର ଘର ବୁଲି ପ୍ରଦୀପଙ୍କ ପ୍ରଚାର

ଝାରବନ୍ଧ,୨୦।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ରବିବାର ସେ ଝାରବନ୍ଧ ବ୍ଲକ ଅନ୍ତର୍ଗତ ଜଗଦଲପୁର, ପୁଟକା, ଖିରିପାଲି, ବିଜରାଭଟା, ଧଉଁରାଭଟା, ବଡ଼କୁଞ୍ଜାରୀ, ସାନକୁଞ୍ଜାରୀ, ଲୁହୋରସିଂ (କଟାପଡ଼ା) ଆଦି ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ଭେଟି ତାଙ୍କ ସପକ୍ଷରେ ମତଦାନ କରିବାକୁ ନିବେଦନ କରିଥିଲେ। ସେହିପରି ଲୁହୋରସିଂରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଜଗଦଲପୁର ମଣ୍ଡଳ ସଭାପତି ହରେକୃଷ୍ଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ଝାରବନ୍ଧ ବ୍ଲକରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପ୍ରଚାର।

# ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ପଦ୍ମପୁରରୁ ବିଦା କରାଯାଉ: ଭାଜପା

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ପାଇଁ ଗଣତନ୍ତ୍ରର ବିଧି ବ୍ୟବସ୍ଥା ଅନୁଯାୟୀ ଦଳୀୟ ପ୍ରଚାର କାର୍ଯ୍ୟ ଚାଲୁଥିବାବେଳେ ଶାସକ ବିଜେଡି ସମସ୍ତ ବିଧିକୁ ଉଲ୍ଲଂଘନ କରୁଛି। ଶାସନ କ୍ଷମତାକୁ ବ୍ୟବହାର କରି ନିର୍ବାଚନ ପ୍ରଚାର କରିବା ସହିତ ଭୋଟରମାନଙ୍କୁ ପ୍ରଭାବିତ କରିବା କାର୍ଯ୍ୟ ଆରମ୍ଭ କରିଦେଇଛି। ଏହାଦ୍ୱାରା ଅବାଧ, ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ ଅନୁଷ୍ଠିତ ହେବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ ଅଣାଯାଇଛି। ଏଥିସହ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ସେଠାରୁ ବିଦା କରାଯାଉ ବୋଲି ଭାଜପା ଦାବି କରିଛି। ଏହି ପ୍ରସଙ୍ଗରେ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରବିବାର ରାଜ୍ୟ





ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବାକୁ ଯାଇଥିବା ଭାଜପା ପ୍ରତିନିଧି ଦଳ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଏନେଇ ଲେଖାଶ୍ରୀ କହିଛନ୍ତି, ୧୯ ତାରିଖରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପଦ୍ମପୁର ସ୍ଥିତ ସରକାରୀ ପବ୍ଲିକ ସ୍କୁଲ ଓ ଜୟଦେବ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲଜିରେ ନିର୍ବାଚନୀ ବୈଠକ କରିଥିଲେ। ନିର୍ବାଚନକୁ ଯେ କୌଣସି ପ୍ରକାରରେ ଜିଣିବା ଲାଗି ସରକାରୀ ଅନୁଦାନ ପ୍ରାପ୍ତ କଲେଜରେ ଶିକ୍ଷକ ଓ ଅଧ୍ୟାପକଙ୍କ ସହ ସେ ବୈଠକ କରିଥିଲେ। ନିର୍ବାଚନରେ କିପରି ଟଙ୍କା ବଣ୍ଟାଯିବ, କିଏ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀ ରହିବେ ସେ ନେଇ ଫିକ୍ସିଂ ହୋଇଛି। କାହାକୁ ଟଙ୍କା ଦେଇ କିଣାଯାଇଛି ତ, କାହାକୁ ବଦଳି ଓ ଧମକଚମକ ଦେଇ ରାଜି କରାଯାଇଛି। ବରଗଡ଼ ଆଞ୍ଚଳିକ ସରକାରୀ କଲେଜର ଇତିହାସ ଅଧ୍ୟାପକ କୃଷ୍ଣମୋହନ ପଣ୍ଡା ଏହି ବୈଠକ ଆୟୋଜନର ଦାୟିତ୍ୱ ନେଇଥିଲେ। ଆଦର୍ଶ ଆଚରଣ ବିଧିର ଉଲଂଘନ କରିବା ସହିତ ସମ୍ବିଧାନ ବିରୋଧୀ କାମ କରିଥିବାରୁ ମନ୍ତ୍ରୀ ରୋହିତଙ୍କୁ ସେ ସ୍ଥାନରୁ ବିଦା କରାଯିବା ସହ ବୈଠକରେ ଉପସ୍ଥିତ ଥିବା କୃଷ୍ଣ ମୋହନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି ବୋଲି ଲେଖାଶ୍ରୀ କହିଛନ୍ତି।

# ବିକାଶଧାରାକୁ କେହି ରୋକିପାରିବେନି

ପଦ୍ମପୁର,୨୦।୧୧(ଡି.ଏନ.ଏ.)

**୨ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀଙ୍କ ପ୍ରଚାର**

ପଦ୍ମପୁର ନିର୍ବାଚନ ମଣ୍ଡଳୀର ପଲସାପାଲିଠାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ସମେତ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ମନ୍ତ୍ରୀ ରୀତା ସାହୁ ଉପସ୍ଥିତ ଥିଲେ। ଏଥିରେ ପଲସାପାଲି ସରପଞ୍ଚ ଭାସ୍କର ଭୁଏ ନିଜ ସମର୍ଥକମାନଙ୍କ ସହିତ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଥିଲେ। ଏହାସହ ଦଳ ତରଫରୁ ଘନାମାଲ, ଦକ୍ଷିଣ ନୂଆଁପାଲି, ସାରଙ୍ଗପୁର, ଅମାମୁଣ୍ଡା ଗାଁରେ ସଭାମାନ ଆୟୋଜନ କରାଯାଇଥିଲା। ସେହିପରି ପଦ୍ମପୁର ନିର୍ବାଚନ ମଣ୍ଡଳୀର ୨ ନମ୍ବର ଜିଲା ପରିଷଦ ଜୋନ୍ ଅଧୀନ ୮ଟି ପଞ୍ଚାୟତରେ ରବିବାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ମାରାଥନ ପ୍ରଚାର କରିଛନ୍ତି। ପଦ୍ମପୁର ନିର୍ବାଚନ



ପଲସାପାଲିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ଓ ଦଳୀୟ ନେତୃବୃନ୍ଦ।

ମଣ୍ଡଳୀର ବିକାଶଧାରାକୁ କେହି ରୋକି ପାରିବେନାହିଁ। ଏଥିପାଇଁ ଜନସାଧାରଣ ଏବଂ ମୋର ସ୍ୱର୍ଗତ ପିତାଙ୍କ ଆଶୀର୍ବାଦ ମୋ ଉପରେ ରହିଛି ବୋଲି ବର୍ଷା କହିଛନ୍ତି। ଏହି ଅବସରରେ ବିଧାୟକ ପ୍ରତାପ ଜେନା, ଦେବେଶ ଆଚାର୍ଯ୍ୟ, ମହେନ୍ଦ୍ର ବଢେଇ, ଶ୍ରୀମୟୀ ମିଶ୍ର, ସଂଗ୍ରାମ ପାଇକରାୟ, ଏନ୍‌ଏସି ଉପାଧକ୍ଷା ଭାରତୀ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସୁଦାମ ପଧାନ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

> ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। **–ଶ୍ରୀଅରବିନ୍ଦ**

# ଚାପରେ ହେଉଛି ଚେପା

ପୃଥିବୀବାସୀ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଇଜିପ୍ଟର ଶର୍ମ-ଏଲ୍-ଶେଖ୍‌ରେ କପ୍-୨୭ ଶେଷ ହୋଇଛି। ସେଥିରେ ଅନେକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ବେଳେ କ୍ଷତିପୂରଣ ପାଣ୍ଠି ଗଠନ ନେଇ ସହମତି ପ୍ରକାଶ ପାଇଛି। ଅଙ୍ଗାରକାମ୍ଳ ଉତ୍ସର୍ଜନ ଜରିଆରେ ବିଶ୍ୱତାପନ ବୃଦ୍ଧି କରୁଥିବା ରାଷ୍ଟ୍ରଗୁଡ଼ିକ କ୍ଷତିଗ୍ରସ୍ତ ଗରିବ ଦେଶଗୁଡ଼ିକୁ ଏହି କ୍ଷତିପୂରଣ ଦେବେ। କିନ୍ତୁ ତାପମାତ୍ରା ହ୍ରାସ ନେଇ ଯେଉଁଭଳି ଫଳପ୍ରଦ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଥିଲା ତାହା ହୋଇପାରି ନାହିଁ। ପୃଥିବୀ ବକ୍ଷରେ ଏହି ସମସ୍ୟାରେ ସନ୍ତୁଳି ଯାଉଥିବା ମଣିଷ ପାଇଁ ଧୀରେ ଧୀରେ ମହାକାଶରେ ଗଦା ହେଉଥିବା ଅଳିଆ ଆବର୍ଜନାର ବିପଦ ଆଗକୁ ଭୀଷଣ ରୂପ ଧାରଣ କରିବାର ସବୁ ସଙ୍କେତ ଦେଲାଣି। ଆମେରିକାର ବଡ଼ କମ୍ପାନୀଗୁଡ଼ିକ ମହାକାଶ ଯାନ ପ୍ରେରଣରେ ପ୍ରତିଦ୍ୱନ୍ଦ୍ୱିତା ସ୍ତରରେ ପହଞ୍ଚିଛନ୍ତି। ଏଭଳି ପରିପ୍ରେକ୍ଷୀରେ ୪ ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ହାଇଦ୍ରାବାଦର ଏକ ଷ୍ଟାର୍ଟଅପ୍ 'ସ୍କାଏରୁଟ୍ ଏରୋସ୍ପେସ' (SKY-ROOT AEROSPACE) ଦ୍ୱାରା ବିକଶିତ ଭାରତର ପ୍ରଥମ ଘରୋଇ ରକେଟ ୧୮ ନଭେମ୍ବର ୨୦୨୨ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ଶ୍ରୀହରିକୋଟା ଉତ୍‌କ୍ଷେପଣ କେନ୍ଦ୍ରରୁ ମହାକାଶକୁ ଛଡ଼ାଯାଇଛି। ଦେଶର ପ୍ରଥମ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ନାମ ଅନୁସାରେ ଉକ୍ତ ରକେଟ୍‌ର ନାମ 'ବିକ୍ରମ ଏସ୍' ରଖାଯାଇଛି। ୨୦୨୦ରେ ଘରୋଇ କମ୍ପାନୀକୁ ମହାକାଶ ଅଭିଯାନ କ୍ଷେତ୍ରରେ ଅନୁମତି ଦିଆଯାଇଥିଲା। ବାସ୍ତବରେ ପ୍ରଶ୍ନ ଉଠିପାରେ ସରକାରୀ ଅର୍ଥ, ଯାହାକି କରଦାତାଙ୍କ ଅର୍ଥ ସମେତ ସିଙ୍ଗାପୁର ଓ ଅନ୍ୟ ସ୍ଥାନରୁ ପୁଞ୍ଜି ଆଣି ଗଢ଼ିଉଠିଥିବା ଏହି ଷ୍ଟାର୍ଟଅପ୍‌ର ମୂଳ ଲକ୍ଷ୍ୟ ବୁଝିହେଉନାହିଁ। ଭାରତର ଇସ୍ରୋ ଭଳି ଆହୁରି ଅନେକ ଦେଶର ମହାକାଶ ଗବେଷଣା ସଂସ୍ଥା କାର୍ଯ୍ୟରତ ଅଛନ୍ତି। ତନ୍ମଧ୍ୟରୁ ଅନେକ ସଂସ୍ଥା ନିଜ ରକେଟ୍ ଭିତ୍ତିଭୂମିକୁ ଭଡ଼ାରେ ଲଗାଇ ଅନ୍ୟ ଦେଶର ଉପଗ୍ରହ (ସାଟେଲାଇଟ୍)କୁ ମହାକାଶ ପଠାଉଛନ୍ତି। ଏଲନ୍ ମସ୍କଙ୍କ 'ସ୍ପେସ୍‌ଏକ୍ସ' ଓ ଜେଫ୍ ବେଜୋସଙ୍କ 'ବ୍ଲୁ ଅରିଜିନ୍' ଭଳି ଘରୋଇ କମ୍ପାନୀ ମଧ୍ୟ ଉପଗ୍ରହ ପଠାଇବାରେ ଆଗୁଆ ଅଛନ୍ତି। ଅବଶ୍ୟ ଭାରତରେ ବହୁ ନେତା ଓ ସେହି ନେତାଙ୍କ ଚେଲାମାନେ ସ୍କାଏରୁଟ୍‌ର ଏହି କାର୍ଯ୍ୟକୁ ପ୍ରବଳ ପ୍ରଶଂସା କରିବାରେ ଲାଗିଛନ୍ତି। ଏଭଳି ଅନ୍ଧ ନାଗରିକ ବୁଝିବାକୁ ନାରାଜ ଯେ ଉପରୋକ୍ତ ଘରୋଇ କମ୍ପାନୀ ଇସ୍ରୋ ସହିତ ବୁଝାମଣା କରି ତାହାର ସବୁ ଭିତ୍ତିଭୂମି ଓ ଜ୍ଞାନକୌଶଳର ସିଧାସଳଖ ବ୍ୟବହାର କରୁଛନ୍ତି। ବିଦେଶରୁ ଅନେକ ନିୟୁତ ଡଲାର ପାଇଥିବା ଏହି କମ୍ପାନୀ ନିଜର ଭିତ୍ତିଭୂମି ସୃଷ୍ଟି କରିନାହିଁ। ଅର୍ଥାତ୍ ଇସ୍ରୋର ସୁବିଧାଗୁଡ଼ିକୁ ବ୍ୟବହାର କରିପାରିଲେ ହୁଏତ ଆହୁରି ଅନେକ ଭାରତୀୟ ଏହିଭଳି ଷ୍ଟାର୍ଟଅପ୍ ସୃଷ୍ଟି କରିପାରନ୍ତେ। କିନ୍ତୁ ସେମାନଙ୍କ ପଛରେ ସେଭଳି ଟାଣୁଆ ସମର୍ଥନ ରହିଥିବା ଅତ୍ୟନ୍ତ ଆବଶ୍ୟକ।

> **ଏହି ଗ୍ରହ ଆଜି ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନଜନିତ ଚାପରେ ପଡ଼ି ଅଧିକ ଚେପା ହେବାରେ ଲାଗିଲାଣି। ଏହି ସନ୍ଧିକ୍ଷଣରେ ମହାକାଶକୁ ଭାରାକ୍ରାନ୍ତ କରାଇଦେଲେ ତାହାର ବିପଦ ପୃଥିବୀ ଉପରେ ପଡ଼ିବା ଥୟ।**

ଦେଖାଯାଏ ପାଶ୍ଚାତ୍ୟ ଯେଉଁ ନୂତନ କାର୍ଯ୍ୟକ୍ରମ କରେ ତାହାକୁ ପ୍ରାଚ୍ୟ ଦେଶଗୁଡ଼ିକ ଅନୁସରଣ କରନ୍ତି। ଏପରି କି ସେମାନେ ଯେଉଁ ଜିନିଷକୁ ଅତ୍ୟଧିକ ବ୍ୟବହାର କରି ଛାଡ଼ି ଦିଅନ୍ତି, ତାହାକୁ ଭାରତ ଭଳି ଦେଶରେ ଆଗ୍ରହର ସହ ଗ୍ରହଣ କରିନିଆଯାଇଥାଏ। ଆମେରିକାର ଆଟମିକ୍ ରିଆକ୍ଟରଗୁଡ଼ିକୁ ଏଠାରେ ପ୍ରଚଳନ କରିବା ଲାଗି ଅତୀତରେ ଅନେକ ପଦକ୍ଷେପ ନିଆଯାଇଛି। ଭାରତରେ ନେତୃତ୍ୱ ଓ ବୈଜ୍ଞାନିକମାନେ ନୂଆ କିଛି ସୃଷ୍ଟି କରିବା ଅପେକ୍ଷା ସହଜରେ କେଉଁଠାରୁ କ'ଣ ମିଳିପାରିବ ସେହି ଦିଗରେ ଧାଇଁ ଥାଆନ୍ତି। ଯଦି ମହାକାଶ ଅଭିଯାନ କଥା ଦେଖିବା ତେବେ ଭାରତ ସରକାରଙ୍କ ପକ୍ଷରୁ ପ୍ରେରଣ ହେଉଥିବା ଉପଗ୍ରହଗୁଡ଼ିକରୁ ସବୁ ପ୍ରକାର ତଥ୍ୟ ମିଳିପାରୁଛି। ତେଣୁ ସରକାର ନିଜସ୍ୱ ରକେଟ୍ ବ୍ୟବହାର କରି ତା'ର ଲକ୍ଷ୍ୟ ହାସଲ କରିପାରଛନ୍ତି। ଏଭଳି ପରିପ୍ରେକ୍ଷୀରେ ଘରୋଇ ସଂସ୍ଥାଗୁଡ଼ିକୁ ମହାକାଶକୁ ରକେଟ ଛାଡ଼ିବାର ଅନୁମତି ଦିଆଗଲେ ତାହା କେଉଁ ବୃହତ୍ ଲକ୍ଷ୍ୟ ପୂରଣ କରିପାରିବ, ସେହି ଦିଗରେ ସରକାରଙ୍କୁ ପ୍ରଶ୍ନ କରାଯାଉ ନାହିଁ। ୟୁଏସ୍ ସ୍ପେଶ୍ ସର୍ଭେଲାନ୍ସ ନେଟ୍‌ୱର୍କ ଜାନୁୟାରୀ ୨୦୨୧ରେ ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଇଥିଲା ଯେ, ପୃଥିବୀ କକ୍ଷପଥ ଉପରେ ୪ ହଜାର ୪୫୦ କାର୍ଯ୍ୟକ୍ଷମ ହେଉଥିବା ଉପଗ୍ରହ ସହ ୨୧,୯୦୧ କୃତ୍ରିମ ବସ୍ତୁ ଘୂରି ବୁଲୁଛି। ଏତିକିରୁ ଅନୁମାନ କରାଯାଇପାରେ ଯେ, ମହାକାଶ କେତେ ଭାରାକ୍ରାନ୍ତ ରହିଛି। ଏଭଳି ସ୍ଥଳେ ପୃଥିବୀର ଅଧିକାଂଶ ରାଷ୍ଟ୍ର ମହାକାଶ ଅଭିଯାନରେ ଘରୋଇ ସଂସ୍ଥାଗୁଡ଼ିକୁ ସାମିଲ କରିଚାଲିଲେ ମହାକାଶ ବର୍ଜ୍ୟ ଆହୁରି ବଢ଼ିଯିବା ସ୍ୱାଭାବିକ।

ସମସ୍ତେ ଜାଣନ୍ତି ପୃଥିବୀ ହେଉଛି ଏକମାତ୍ର ଗ୍ରହ ଯେଉଁଠାରେ ମଣିଷ ଜୀବନ ଧାରଣ କରିପାରୁଛି। ଏହି ଗ୍ରହ ଆଜି ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନଜନିତ ଚାପରେ ପଡ଼ି ଅଧିକ ଚେପା ହେବାରେ ଲାଗିଲାଣି। ଏହି ସନ୍ଧିକ୍ଷଣରେ ମହାକାଶକୁ ଭାରାକ୍ରାନ୍ତ କରାଇଦେଲେ ତାହାର ବିପଦ ପୃଥିବୀ ଉପରେ ପଡ଼ିବା ଥୟ। ତେଣୁ ଭାରତ ବିଶ୍ୱ ପ୍ରଦୂଷଣରେ ସାମିଲ ନ ହେବା ପାଇଁ ଚେଷ୍ଟା କରିବା କଥା। କିନ୍ତୁ ଗୋଟେ ଦେଖେଇ ହେବା ଆଭିମୁଖ୍ୟ ରହୁଥିବାରୁ ଅନ୍ୟକୁ ଅନୁସରଣ କରିବାକୁ ଭଲ ଲାଗୁଛି। ଯଦି ସେହି ଚିନ୍ତାକୁ ଛାଡ଼ି ଦିଆଯାଆନ୍ତା ଓ ଦେଶ ପାଇଁ ଯାହା ମଙ୍ଗଳଦାୟକ, ସେହି ଦିଗରେ ଅଭିନବ ପଦକ୍ଷେପ ନିଆଯାଆନ୍ତା; ତାହା ହେଲେ ପାଶ୍ଚାତ୍ୟ ମଧ୍ୟ ଭାରତକୁ ସେହି ଦିଗରେ ଅନୁକରଣ କରିବାକୁ ଆଗେଇ ଆସନ୍ତା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 1 | 9 | |
| 5 | 6 | | 1 | | | | 7 | |
| | | 8 | | 6 | | | | 4 |
| | | | | | 3 | 5 | 1 | |
| | 5 | 2 | | | | | | |
| | | | 9 | 4 | | 7 | | |
| | | | | | 7 | | 6 | |
| | | | | 9 | | | | |
| 3 | | | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 5 | 1 | 3 | 9 | 8 | 2 | 4 |
| 8 | 2 | 1 | 6 | 4 | 5 | 7 | 3 | 9 |
| 3 | 9 | 4 | 7 | 8 | 2 | 6 | 5 | 1 |
| 4 | 5 | 3 | 8 | 9 | 6 | 1 | 7 | 2 |
| 9 | 6 | 8 | 2 | 1 | 7 | 5 | 4 | 3 |
| 2 | 1 | 7 | 3 | 5 | 4 | 9 | 8 | 6 |
| 5 | 3 | 2 | 9 | 6 | 8 | 4 | 1 | 7 |
| 7 | 8 | 6 | 4 | 2 | 1 | 3 | 9 | 5 |
| 1 | 4 | 9 | 5 | 7 | 3 | 2 | 6 | 8 |

ଗତକାଲିର ଉତ୍ତର

# ଅଭିବୃଦ୍ଧିଶୀଳ ମତ୍ସ୍ୟ ସମ୍ପଦ



ପ୍ରକାଶ ତ୍ରିପାଠୀ

ମତ୍ସ୍ୟ କ୍ଷେତ୍ରକୁ ଏକ ଶକ୍ତିଶାଳୀ ଆୟ ଏବଂ ନିଯୁକ୍ତିପ୍ରଦାନକାରୀ କ୍ଷେତ୍ର ଭାବରେ ମାନ୍ୟତା ଦିଆଯାଇଛି। ବିଶ୍ୱରେ ମାଛ ଖାଉଥିବା ଲୋକଙ୍କ ସଂଖ୍ୟା ୧୦୦ କୋଟିରୁ ଊର୍ଦ୍ଧ୍ୱ ଓ ବାର୍ଷିକ ପ୍ରାୟ ୧୦୦ ନିୟୁତ ଟନ୍ ମାଛ ଖାଦ୍ୟ ଭାବେ ବ୍ୟବହୃତ ହୁଏ। ବିଶ୍ୱରେ ଆବଶ୍ୟକ ପଡୁଥିବା ପ୍ରାଣୀଜ ପ୍ରୋଟିନ୍‌ର ୨୫% କେବଳ ମାଛ ହିଁ ଭରଣା କରିଥାଏ। ମତ୍ସ୍ୟଚାଷ ହେଉଛି ଭାରତର ଏକ ଦ୍ରୁତ ଅଭିବୃଦ୍ଧିଶୀଳ କ୍ଷେତ୍ର, ଯାହା ଦେଶର ୨୮ ନିୟୁତରୁ ଅଧିକ ଲୋକଙ୍କୁ ରୋଜଗାର ଯୋଗାଇବା ବ୍ୟତୀତ ଦେଶକୁ ପୁଷ୍ଟିକର ଖାଦ୍ୟ ଏବଂ ଖାଦ୍ୟ ସୁରକ୍ଷା ପ୍ରଦାନ କରୁଛି। ବିଶ୍ୱ ମତ୍ସ୍ୟ ଉତ୍ପାଦନର ୭.୫୬% ଉତ୍ପାଦନ ହିସାବରେ ଭାରତ ହେଉଛି ଦ୍ୱିତୀୟ ବୃହତ୍ତମ ମତ୍ସ୍ୟ ଉତ୍ପାଦନକାରୀ ରାଷ୍ଟ୍ର। ସେହିପରି ଭାରତର ଅନ୍ୟତମ ଉପକୂଳ ରାଜ୍ୟ ଭାବେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ମଧ୍ୟ ଏକ ଅଗ୍ରଣୀ ରାଜ୍ୟ। ୬.୮୮ ଲକ୍ଷ ହେକ୍ଟର ମଧୁର ଜଳକ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର କ୍ଷାରିଜଳ କ୍ଷେତ୍ର, ୪୮୦ କିଲୋମିଟର ଉପକୂଳ କ୍ଷେତ୍ରର ଜଳ ସମ୍ପଦରୁ ବାର୍ଷିକ ୯.୯୧ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ କରି ଚତୁର୍ଥ ସ୍ଥାନରେ ରହିଛି ଓ ବିଶ୍ୱସ୍ତରରେ ବ୍ୟକ୍ତି ପ୍ରତି ୨୦.୨୦ କିଗ୍ରା ମାଛ ଖାଦ୍ୟ ରୂପେ ଆହରଣ ହେଉଥିବା ବେଳେ ଭାରତରେ ଏହା ୯.୫ କିଗ୍ରା ଓ ଓଡ଼ିଶା ୧୭.୧୫ କିଗ୍ରା ପ୍ରମାଣଦିଏ ଓ ମାଛର ଲୋକପ୍ରିୟତା।

କୋଟି କୋଟି ବିଶ୍ୱବାସୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଉ ଥିବା ଏକ ବିଶାଳ ଉତ୍ସ ସମୁଦ୍ରର ଗୁରୁତ୍ୱକୁ ଉପଲବ୍ଧି କରିବା ନିମନ୍ତେ ବିଶ୍ୱ ମତ୍ସ୍ୟ ଦିବସ ପ୍ରତିବର୍ଷ ନଭେମ୍ବର ୨୧ରେ ପାଳନ କରାଯାଏ। ବିଶ୍ୱ ଅର୍ଥନୀତି, ପୁଷ୍ଟିକର ଖାଦ୍ୟ, ନିଯୁକ୍ତି ଓ ସର୍ବୋପରି ପରିବେଶ ପ୍ରତି ମତ୍ସ୍ୟ ସମ୍ପଦର ଅବଦାନ ଓ ଏହାର ଗୁରୁତ୍ୱ ନିଦର୍ଶନ ପାଇଁ ଏହି ଦିବସର ପାଳନ ଏକ ଯଥାର୍ଥ ପଦକ୍ଷେପ। ବିଶ୍ୱ ମତ୍ସ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ବିଶ୍ୱରେ ଥିବା ପ୍ରାକୃତିକ ଜଳଉତ୍ସ ଯଥା ସମୁଦ୍ର, ମଧୁର ଜଳ ଓ କ୍ଷାରିଜଳରେ ଥିବା ମତ୍ସ୍ୟ ସମ୍ପଦର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା। ବ୍ୟାପକ ମତ୍ସ୍ୟଚାଷ ସତ୍ତ୍ୱେ ବି ପ୍ରାକୃତିକ ଜଳଉତ୍ସରୁ ମାଛ ଧରାଯାଇ ଚାହିଦା ପୂରଣ କରାଯାଉଥିବାରୁ ପ୍ରାକୃତିକ ଜଳଉତ୍ସଗୁଡ଼ିକର ପୋଷଣୀୟ ପରିଚାଳନାର ଆବଶ୍ୟକତା ରହିଛି। ସମୁଦ୍ର, ନଦୀ, ହ୍ରଦ, ନଦୀମୁହାଣ, ଆର୍ଦ୍ର ଭୂମି, କୋରାଲ ରିଫ ଉପରେ ଆଗାମୀ ଦିନରେ ଅଧିକ ଚାପ ରହିବ। ଏହାରି ଉପରେ ହିଁ ନିୟୁତ ନିୟୁତ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକା ନିର୍ଭର କରିଥାଏ। ଏହି ପ୍ରାକୃତିକ ଜଳଉତ୍ସର ନ୍ୟାୟସଙ୍ଗତ ଓ ପୋଷଣୀୟ ପରିଚାଳନା ସହ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକାକୁ ବିଚାର କରିବାକୁ ପଡ଼ିଥାଏ। ପ୍ରାକୃତିକ ଜଳଉତ୍ସର ମତ୍ସ୍ୟ ସମ୍ପଦର ସୁପରିଚାଳନା ତଥା ଏହାର ବଂଶ ବୃଦ୍ଧି ଏବଂ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ପାଇଁ ବର୍ତ୍ତମାନ ବିଶ୍ୱ ମତ୍ସ୍ୟ ନୀତିର ବ୍ୟାପକ ପରିବର୍ତ୍ତନ ଆବଶ୍ୟକ ଓ ଏହାହିଁ ବିଶ୍ୱ ମତ୍ସ୍ୟ ଦିବସର ମୁଖ୍ୟ ଆହ୍ୱାନ।

**ବିଶ୍ୱ ମତ୍ସ୍ୟ ଦିବସ ଉପଲକ୍ଷେ**



ବିଶ୍ୱ ମତ୍ସ୍ୟ ଦିବସ ପାଳନ କେବଳ ମତ୍ସ୍ୟ ଉତ୍ସ, ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ଆଲୋକପାତ କରିବାରେ ସୀମିତ ନୁହେଁ, ମତ୍ସ୍ୟ ବିବିଧତାର ପରିମାଣ ଦ୍ୱାରା ଜଳଉତ୍ସର ମାନ ବି ନିର୍ଦ୍ଧାରଣ କରାଯିବା ଉଚିତ। ଜଳବାୟୁ ପରିବର୍ତ୍ତନ, ଜଳ ପ୍ରଦୂଷଣ ଯୋଗୁ ନଦୀ, ହ୍ରଦ ଓ ସମୁଦ୍ରରେ ମାଛଙ୍କ ଗଣମୃତ୍ୟୁ ଗତ କିଛି ବର୍ଷ ହେବ ସୂଚିତ କରେ ଯେ ମାଛବସତି ଅଞ୍ଚଳଗୁଡିକର ମାନ ଠିକ୍ ନାହିଁ। ଯଦି ଏହାପ୍ରତି ଗୁରୁତ୍ୱ ଦିଆ ନ ଯାଏ, ତେବେ ଭବିଷ୍ୟତରେ ବିଶ୍ୱ ଏକ ଗୁରୁତର ଖାଦ୍ୟସଙ୍କଟ ଦିଗକୁ ମୁହାଁଇବ। ବିଶେଷକରି ଶିଳ୍ପ କ୍ଷେତ୍ର, କୃଷିକ୍ଷେତ୍ର, ଘରୋଇ ତଥା ସହରର ବର୍ଜ୍ୟଜଳ ନିଷ୍କାସନ ତଥା ତୈଳ ଓ ପ୍ଲାଷ୍ଟିକ ଯୋଗୁ ଉପକୂଳ ସମୁଦ୍ରର ଜଳ ବହୁମାତ୍ରାରେ ପ୍ରଦୂଷିତ ହେଉଛି ଓ ମାଛବଂଶ ପ୍ରତି ଏହା ସଙ୍କଟ ସୃଷ୍ଟି କରୁଛି। ମାଛ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ମତ୍ସ୍ୟଜୀବୀଙ୍କ ଜୀବିକା ବି ଏହା ଦ୍ୱାରା ପ୍ରଭାବିତ ହେଉଛି।

ବିଶ୍ୱର ବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ସମୁଦ୍ର ଉପରେ ଚାପ ବଢୁଛି। ମିଳିତ ଜାତିସଂଘ ତଥ୍ୟ ଅନୁଯାୟୀ ସମୁଦ୍ର ଓ ଅନ୍ୟାନ୍ୟ ପ୍ରାକୃତିକ ଜଳଉତ୍ସଗୁଡିକର ଦୁଇ ତୃତୀୟାଂଶରେ ମାତ୍ରାଧିକ ମାଛ ଧାରାଯାଉଛି। ଏକ ତୃତୀୟାଂଶ ଅଞ୍ଚଳରେ ପ୍ରଦୂଷଣ, ବିଶ୍ୱ ତାପାୟନ ଏବଂ ଅସ୍ୱାସ୍ଥ୍ୟକର ମାଛବସତି ଅଞ୍ଚଳ ଯୋଗୁ ମାଛବଂଶ ବୃଦ୍ଧି ଆଶାନୁରୂପ ହୋଇ ପାରୁନାହିଁ। ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଏସବୁ ଉପରେ ଗୁରୁତ୍ୱ ପ୍ରଦାନ ସହ ମତ୍ସ୍ୟ ବିବିଧତା, ମାଛବସତି ଅଞ୍ଚଳର ସୁରକ୍ଷା, ସାମୁଦ୍ରିକ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଯିବା ସହ ପ୍ରାକୃତିକ ଜଳଉତ୍ସଗୁଡିକୁ ଉତ୍ପାଦନକ୍ଷମ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ ଆବଶ୍ୟକ। ପ୍ରାକୃତିକ ଜଳଉତ୍ସରେ ଜୈବ ବିବିଧତାର ସୁରକ୍ଷା ସହ ସମୁଦ୍ରରେ ମାଛବଂଶର ଅଭିବୃଦ୍ଧି ନିମନ୍ତେ ଅଧିକରୁ ଅଧିକ ମାଛଧରା ନିଷିଦ୍ଧାଞ୍ଚଳ ଘୋଷଣାର ଆବଶ୍ୟକତା ରହିଛି। ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସମୟରେ ଓ ମାଛବଂଶ ବୃଦ୍ଧିପାଇଁ ପ୍ରଜନନ ସମୟରେ ମାଛଧରା ଉପରେ କଟକଣା ଲାଗୁ ଲାଗୁ କରାଯାଏ। ଏଥିପାଇଁ କ୍ଷତି ସହୁଥିବା ମତ୍ସ୍ୟଜୀବୀଙ୍କୁ ସରକାର ଜୀବିକା ସହାୟତା ପ୍ରଦାନ କରୁଛନ୍ତି। ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମାଛଧରା ନିଷିଦ୍ଧାଞ୍ଚଳ ତଥା ମତ୍ସ୍ୟ ସମ୍ବନ୍ଧୀୟ ସୂଚନା ଜାଣିବା ପାଇଁ ଓ ସରକାରଙ୍କ ପକ୍ଷରୁ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ପାଇଁ ଏକ ମୋବାଇଲ ଆପ୍ ଏଫ୍‌ଏଫ୍‌ଏମ୍‌ଏ ଓ ଅନ୍ୟ ଏକ ମୋବାଇଲ ଆପ୍ ସିକ୍ୟୁଅର ଫିଶିଂ ପ୍ରସ୍ତୁତ ହୋଇଛି, ଯାହାକି ମତ୍ସ୍ୟଜୀବୀଙ୍କ ପାଇଁ ଅତି ଉପାଦେୟ ସାବ୍ୟସ୍ତ ହୋଇଛି। ଜଳଭଣ୍ଡାରଗୁଡ଼ିକରେ ଉନ୍ନତ ମାଛ ଯାଆଁଳ ଛଡ଼ାଯିବା ସହ ମାଛ ଉତ୍ପାଦନ ବୃଦ୍ଧି ଓ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ପରିବାରମାନଙ୍କର ଆର୍ଥିକ ବିକାଶ ଉପରେ ପଦକ୍ଷେପ ନିଆଯାଉଛି। ସେହିପରି ମହାନଦୀ ସମେତ ଅନ୍ୟାନ୍ୟ ନଦୀରେ ମାଛ ଯାଆଁଳ ବୃଦ୍ଧି ସହ ଏହା ଉପରେ ନିର୍ଭର କରୁଥିବା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବିକାକୁ ସୁନିଶ୍ଚିତ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ମହିଳାମାନଙ୍କ ଆର୍ଥିକ ବିକାଶ ଘଟାଇବା ସହ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ଲକ୍ଷ୍ୟରେ ରାଜ୍ୟରେ ଥିବା ଗ୍ରାମପଞ୍ଚାୟତ ପୋଖରୀଗୁଡିକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଦୀର୍ଘ ମିଆଦୀ ସୂତ୍ରରେ ଲିଜ୍ ଦିଆଯାଇ ମାଛଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଗୁଡିକୁ ପୁନଃକ୍ଷମ କରାଯାଉଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ତଥା ରାଜ୍ୟର ବିଭିନ୍ନ କଲ୍ୟାଣମୂଳକ ଯୋଜନା ମାଧ୍ୟମରେ ନୂତନ ପୋଖରୀ ଖନନ, ଭିତ୍ତିଭୂମିର ବିକାଶ, ଉନ୍ନତ ଜ୍ଞାନ କୌଶଳଯୁକ୍ତ ମାଛଚାଷ ପାଇଁ ପ୍ରୋତ୍ସାହନ ଓ ତାଲିମ ପ୍ରଦାନ, ମାଛଚାଷରେ ବ୍ୟବହୃତ ଉପକରଣ ପ୍ରଦାନ, ସେମାନଙ୍କ ପିଲାମାନଙ୍କ ପାଠପଢ଼ା ପାଇଁ ମେଧାବୃତ୍ତି ପ୍ରଦାନ, ମତ୍ସ୍ୟଜୀବୀ ପରିବାରକୁ ବିମାଭୁକ୍ତ କରାଯାଉଛି। ବାୟୋଫ୍ଲକ, କେଜ କଲ୍ଚର ଭଳି ଉନ୍ନତ ଜ୍ଞାନ କୌଶଳଯୁକ୍ତ ମାଛଚାଷ କାର୍ଯ୍ୟକ୍ରମ ମାଛଚାଷ ପ୍ରତି ଶିକ୍ଷିତ ଯୁବଗୋଷ୍ଠୀଙ୍କ ଆଗ୍ରହ ସୃଷ୍ଟି କରୁଛି। ଜଳ ସମ୍ପଦ, ମତ୍ସ୍ୟ ସମ୍ପଦ, ମତ୍ସ୍ୟ ବିବିଧତା ସୁରକ୍ଷା ସହ ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷ, ସଙ୍ଗଠନ, ଉଦ୍ୟୋଗୀଙ୍କ ବିକାଶକୁ ମଧ୍ୟ ଦୃଷ୍ଟି ଦିଆଯାଇ ପାରିଲେ ବିଶ୍ୱ ମତ୍ସ୍ୟଦିବସ ପାଳନ ଯଥାର୍ଥ ହୋଇପାରିବ।

**ମୋ: ୯୪୩୭୨୩୨୪୬୩**

# ଝିଅ କେବଳ ଝିଅ ନୁହେଁ



ଦ୍ୟୁତୀ ଚନ୍ଦ୍ର ସାହୁ

ଗୋଟେ ପୁଅ, ଆଉ ଗୋଟେ ଝିଅ। ଚାରିଜଣଙ୍କୁ ନେଇ ସୁଖର ସଂସାର ଚାଲୁଥିଲା। ବୟସ ହେବାରୁ ଝିଅକୁ ହାତକୁ ଦି' ହାତ କରିଦେଲେ କିରାଣି ଚାକିରି କରୁଥିବା ହରିବାବୁ।ପୁଅ ଏବେ ପାରଙ୍ଗମ। ଡିଗ୍ରୀ ଶେଷ ବର୍ଷର ଛାତ୍ର। ଏମିତି ସମୟରେ ହୃଦ୍‌ଘାତରେ ଅସମୟରେ ଚାଲିଗଲେ ହରିବାବୁ। ଗୌତମୀଙ୍କ ଜୀବନରେ ଯେମିତି ପୂର୍ଣ୍ଣଚ୍ଛେଦ ପଡ଼ିଗଲା। ଅସହାୟ ହୋଇ ସଂସାର କେମିତି ଚାଲିବ ସେଇ ଚିନ୍ତାରେ ବେଶି ଘାରିହେଲେ ଗୌତମୀ। ଝିଅ ପରଘରର ବୋହୂ ହୋଇ ବି ମା' ଓ ଭାଇଙ୍କ ପ୍ରତି ନିଜର କର୍ତ୍ତବ୍ୟକୁ ତୁଲାଇବା ଆରମ୍ଭ କଲେ। ଦେଖାଶୁଣା କଲେ। ଶେଷରେ ହରିବାବୁଙ୍କ କାର୍ଯ୍ୟାଳୟର ସହକର୍ମୀଙ୍କ ସହଯୋଗରେ ଥଇଥାନ ଯୋଜନାରେ ଆଶା ଉଜ୍ଜୀବିତ ହେଲା। କିନ୍ତୁ ସ୍ୱାମୀ କରୁଥିବା ଅଫିସରେ ପୁଣି ସେଠି ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରିବାକୁ ନିଜକୁ ଉଚିତ ମଣିଲେନି ଗୌତମୀ। ପୁଅ ସୁରେଶକୁ ସେହି ଚାକିରି ମିଳିଗଲେ ଠିକ୍ ହେବ ଭାବି ତା'ର ନାମ ସୁପାରିସ କଲେ ମା' ଓ ଝିଅ। ସୁରେଶ ପାଇଗଲା ସରକାରୀ ଚାକିରି। ତେଣିକି ପୁଣି ଚାଲିଲା ସଂସାର ରଥ। ପୁଅ ଭଲ ପାଇ ବାହା ହେଲା। ତା' ପରେ ଆରମ୍ଭ ହେଲା ଯାତନା। ପୁଅ ବୋହୂ ଘର ଛାଡି ଅନ୍ୟତ୍ର ରହିଲେ। ପୁଅ ନିଜ ମା' ପ୍ରତି ଥିବା କର୍ତ୍ତବ୍ୟକୁ ଭୁଲିଗଲା। ଶେଷରେ ବିବାହିତ ଝିଅ ରଶ୍ମି ନିଜ ସ୍ୱାମୀକୁ ବୁଝାଇ ମା'କୁ ନିଜ ପାଖକୁ ନେଇଗଲା। କିନ୍ତୁ ଗୌତମୀ ସୁଖୀ ନ ଥିଲେ। ଇଚ୍ଛା ଥିଲା ପୁଅ ବୋହୂଙ୍କ ନିକଟରେ ଶେଷ ଜୀବନତକ ଶାନ୍ତିରେ ମରିପାରିବେ। କିନ୍ତୁ ସେତକ ହୋଇ ନ ପାରିବାର ଗ୍ଳାନିରେ ପ୍ରତି ମୁହୂର୍ତ୍ତ ଘାରି ହୋଇ ଜୀବନ ଜିଇଲେ।

ସେମିତି ଆଉ ଏକ ଜ୍ୱଳନ୍ତ ଉଦାହରଣ ହେଲା ଶିବାନୀର। ଘରର ଏକମାତ୍ର ଝିଅ। ଭଲ ପାଠ ପଢୁଥିଲା। ଶିକ୍ଷକ ବାପା ଭିତରେ ଅସୁମାରି ସ୍ୱପ୍ନ ତାଙ୍କ ଝିଅ ନିଶ୍ଚୟ ଭଲ ଚାକିରି ପାଇବ। ଅଧା ରାସ୍ତାରେ ହିଁ ସେ ସ୍ୱପ୍ନ ଜୀବନ ଆକାଶରେ ଝୁଲି ରହିଲା। ବାପାଙ୍କ ଦେହାନ୍ତ ପରେ ମା' ଓ ଝିଅ ଅସହାୟ। ସମ୍ପର୍କୀୟଙ୍କ ନଜର ଆଉ କିଛି। ସମସ୍ତଙ୍କ ପରାମର୍ଶ ଯାହା କିଛି ସ୍ୱାମୀର ଦେହାନ୍ତ ପରେ ମିଳିଛି ତାକୁ ବିକିଭାଙ୍ଗି ଝିଅକୁ ବାହା ଦେଇ ଦିଅ। ସ୍ୱାମୀଙ୍କ ମୃତ୍ୟୁ ପରବର୍ତ୍ତୀ ଥଇଥାନ ଯୋଜନାରେ ଚାକିରି କରି ଆରାମରେ ରୁହ। ମା' ନିଷ୍ପତ୍ତି ନେଇ ପାରୁ ନ ଥିଲେ। ଝିଅ ଶିବାନୀ ଦିନେ ଚମକେଇଲା ଭଳି କହିଲେ – ମା' ! ତୁମେ ଘରୁ ଗୋଡ ପଦାକୁ ବାହାର କରିବନି ଏମିତି ଅବସ୍ଥାରେ। ମୁଁ ଯୁଝିବା ଶିଖିଛି। ମୁଁ ଥଇଥାନ ଯୋଜନାରେ ଚାକିରି କରିବି ଓ ପଢ଼ିବି। ଆଗକୁ ଯାହା ହେବ ଦେଖାଯିବ। ଅନେକ ବୁଝାଇବା ପରେ ମା' ଶିବାନୀ କଥାରେ ସମ୍ମତି ପ୍ରକଟ କଲେ। ଶିବାନୀ ଥଇଥାନ ଯୋଜନାରେ ଚାକିରି କଲେ। ବାହା ବେଳେ ଚୁକ୍ତି ରଖିଲେ ଶିବାନୀ ଯେଉଁଠି ବାହା ହେବି, ସେହି ବ୍ୟକ୍ତି ମୋ ମା' ପ୍ରତି ସମ୍ମାନ ରଖୁଥିବ ଏବଂ ଜୀବନ ତମାମ ତା'ର ଦେଖାଶୁଣା କରିବା ଲାଗି ବାଧକ ନ ଥିବ। ବିଳମ୍ବରେ ହେଉ ପଛେ ମା'ବାପାଙ୍କୁ ହରାଇଥିବା ଏକାକୀ ରହୁଥିବା ଜଣେ ବ୍ୟକ୍ତି ବାହା ହେବାକୁ ରାଜି ହେଲା। ମା'କୁ ନେଇ ଶିବାନୀର ସଂସାର ବେଶ୍ ହସଖୁସିରେ ଭରିଗଲା।



ଆମ ସମାଜର ଏଇ ଦୁଇଟି ଘଟଣା। ସମାଜର ଦୃଷ୍ଟିଭଙ୍ଗୀରେ ତଥାପି ପରିବର୍ତ୍ତନ ଆସିନି। ସବୁଠି ଆଗ ପସନ୍ଦ ପୁଅ। ସେ ଶିକ୍ଷିତ ହେଉ କି ଅଶିକ୍ଷିତ। ଝିଅଟିଏ ଥିଲେ କେଉଁଠି ନା କେଉଁଠି ତାକୁ ଅନେକ ସହିବାକୁ ପଡେ ଘରେ ଥିବା ପୁଅ ନିକଟରେ। ରୁଚି ହେଉ କି ସଂସ୍କାର ସବୁଥିରେ ଝିଅକୁ ବେଶି କୁହାଯାଏ। ଝିଅକୁ ହିଁ କୋଣଠେସା କରାଯାଏ। ଅନେକ କ୍ଷେତ୍ରରେ ନିଜ ପସନ୍ଦକୁ ବଳି ଦେବାକୁ ପଡ଼େ। ବହୁ ଅଭିଭାବକଙ୍କ ମତ ଝିଅଟି ଯେବେ ବି ବାହା ହୋଇ ପର ଘରକୁ ଯିବ ହିଁ ଯିବ। ପାଠଶାଠ ପଢେଇ ହାତକୁ ଦି' ହାତ କରିଦେଲେ କାମ ଶେଷ। ତେଣୁ ତା' ପିଛା ଅଧିକା ଖର୍ଚ୍ଚ ପଇସା ବରବାଦ ବ୍ୟତୀତ ଅନ୍ୟକିଛି ନୁହଁ। ଆମ ସାମାଜିକ ଜୀବନରେ ଲିଙ୍ଗଗତ ବୈଷମ୍ୟ ନେଇ ବହୁ ପରିବର୍ତ୍ତନ ହୋଇଛି। କିନ୍ତୁ ତଥାପି ଆମ ମାନସିକତାରେ ଏବେ ବି ବସାବାନ୍ଧି ରହିଛି ଝିଅ କେବଳ ଝିଅ। ସେ ବଢିବ ଓ ପରଘରକୁ ଯିବ। ପୁଅ ନିଜ ଘରେ ମା'ବାପା ନିକଟରେ ରହିବ। ସରକାରୀ ସ୍ତରରେ ବି ଲିଙ୍ଗଗତ ବୈଷମ୍ୟ ଅନେକ। ଏକମାତ୍ର ବିବାହିତା ଝିଅକୁ ଥଇଥାନ ଯୋଜନାରେ ଚାକିରି ମିଳବନି। ତା'ର ଦୋଷ ହେଲା ସେ ବିବାହ କରି ଅନ୍ୟତ୍ର ରହୁଛି। ସେଇସ୍ଥିତିରେ ବିଧବା ସ୍ତ୍ରୀ ଚାକିରି କରିବାକୁ ବାଧ୍ୟ। କିନ୍ତୁ ଏକଥା ବି ହୋଇପାରେ ଯେଉଁ ଭରଣପୋଷଣର ଦାୟରେ ଥଇଥାନ ଚାକିରି ପାଉଥିବା ପୁଅ ବି ଘର ଛାଡି ଅନ୍ୟତ୍ର ଚାଲିଯିବାର ସମ୍ଭାବନା ଥାଏ ସେଇ କଥାକୁ ସରକାରୀ କାନୁନ କେମିତି ବୁଝିପାରେନା। ଗୋଟେ ପଟେ ପୁଅ ହେଉ କି ଝିଅ ଗୋଟିଏ ଯଥେଷ୍ଟର ସ୍ଲୋଗାନ ଦିଆଯାଉଛି। ଆରପଟେ ଥଇଥାନ ନୀତିରେ ବ୍ୟତିକ୍ରମ। କାହିଁକି ସରକାରୀ ଆଇନ ବୁଝିପାରେନା ଝିଅ କେବଳ ଝିଅ ନୁହେଁ। ସେ ବି ପୁଅ ଭଳି ସବୁ କାମ କରିପାରେ।

ଖୁସିର କଥା ନିକଟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକମାତ୍ର ବିବାହିତ କନ୍ୟାକୁ ଥଇଥାନ ଯୋଜନାରେ ଚାକିରି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ସ୍ପଷ୍ଟ ଭାବେ କହିଛନ୍ତି ବିବାହିତା ହେବା ଏକ ଅଯୋଗ୍ୟତାର ପ୍ରମାଣପତ୍ର ନୁହେଁ। ଲିଙ୍ଗଗତ ବୈଷମ୍ୟକୁ ପ୍ରତିହତ ଲାଗି ମାନ୍ୟବର ନ୍ୟାୟାଳୟଙ୍କ ଏହି ଐତିହାସିକ ରାୟ ଅନେକ ପରିବାରରେ ହସ ଖେଳାଇ ପାରିବ। ଅନେକ ଝିଅଙ୍କ ଭବିଷ୍ୟତରେ ସୁଧାର ଆସିବ। ଏଭଳି ରାୟ ସରକାରୀ ଆଇନର ଆଖି ଖୋଲି ଦେଇଥିବ ନିଶ୍ଚିତ। ଏବେ ଅନ୍ତତଃ ସମସ୍ତଙ୍କୁ ଏକଥା ଗ୍ରହଣ କରିବାର ବେଳ ଆସିଛି – ଝିଅ କେବଳ ଝିଅ ନୁହେଁ !

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା, ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଭାରତରେ ଜନ୍ମିତ ଅନେକ ବ୍ୟକ୍ତି ନିଜ ଦେଶରେ ବଢ଼ି, ପଢ଼ି ବିଦେଶରେ ପ୍ରତିଷ୍ଠିତ ହେବା ପରେ ଜନ୍ମମାଟିକୁ ଅଣଦେଖା କରିବା ଦେଖାଯାଏ। କିନ୍ତୁ ମହାରାଷ୍ଟ୍ରର ଦତ୍ତ ପାଟିଲ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭିନ୍ନ। ସେ ଜଳ ସଙ୍କଟ ଜିଲା ଲାଟୁରର ହଲଗରା ଗାଁରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଉଚ୍ଚଶିକ୍ଷା ଲାଭକରି ଆମେରିକାରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ। କିନ୍ତୁ ପ୍ରତିବର୍ଷ ଥରେ ସେ ଗାଁକୁ ଆସୁଛନ୍ତି ଓ ଜଳସଙ୍କଟ ଦୂର କରିବା ଅଭିଯାନ ବି ଆରମ୍ଭ କରୁଛନ୍ତି। ଦତ୍ତ ତାଙ୍କ ଗାଁ ଓ ଆଖପାଖ ଅଞ୍ଚଳରେ ଜଳ ସଙ୍କଟ ଦୂର କରିବା ଲାଗି ଜଳାଶୟ ଖୋଳି ଭୂତଳ ଜଳସ୍ତର ବୃଦ୍ଧି କରିବା ସହ ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରୁଛନ୍ତି। ଏହା ବ୍ୟତୀତ ସେ ୨୦ କିମି ପରିତ୍ୟକ୍ତ କେନାଲରୁ ମଇଳା ସଫା କରିବା ସହ ୨୦ଟି ରିଚାର୍ଜ ୱେଲ୍ ଓ ୨୬ଟି ଚେକ୍‌ଡ୍ୟାମ୍ ନିର୍ମାଣ କରିଛନ୍ତି। ଏ ବାବଦରେ ଦତ୍ତ ନିଜ ପକେଟରୁ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ଏହା ବ୍ୟତୀତ ସେ ଆମେରିକାରେ ତାଙ୍କ ସହକର୍ମୀଙ୍କୁ ଜଳ ସଙ୍କଟ ସମ୍ପର୍କରେ ଅବଗତ କରି ପାଣ୍ଠି ଯୋଗାଡ଼ କରିବା ସହ ଭାରତରେ ବି ତାଙ୍କ ସାଥୀମାନଙ୍କୁ ଆର୍ଥିକ ସହଯୋଗ କରିବାକୁ ପ୍ରେରିତ କରିଛନ୍ତି। ଏବେ ଅଧିକ ପାଣ୍ଠି ଯୋଗାଡ଼ କରି ସେ ଆହୁରି ଅଧିକ ଗାଁରେ ଜଳସଙ୍କଟ ଦୂର କରିବା ପାଇଁ ଯୋଜନା କରିଛନ୍ତି। ତେବେ ତାଙ୍କ ଉଦ୍ୟମରେ ହଲଗରା ଗାଁରେ ଏବେ ୨୦୦ କୋଟି ଲିଟର ଜଳ ଷ୍ଟୋର କରି ଏକ ଆଦର୍ଶ ଗାଁରେ ପରିଣତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ନଭେମ୍ବର ୧୯୯୭**

- ଭାରତୀୟ ମହାକାଶଚାରୀ ଡ. କଳ୍ପନା ଚାୱଲା ଏବଂ ତାଙ୍କ ୫ ଜଣ ସହଯୋଗୀଙ୍କ ଫ୍ଲୋରିଡାସ୍ଥିତ କେନ୍ନେଡି ମହାକାଶ କେନ୍ଦ୍ରରୁ ସଫଳତାର ସହ ମହାକାଶ ଯାତ୍ରା।
- ରାଜୀବ ଗାନ୍ଧୀ ହତ୍ୟା ଘଟଣାର ତଦନ୍ତ କରି ଜୈନ କମିଶନ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ସଂସଦର ଉଭୟ ଗୃହରେ ଆଗତ।
- ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ କୋରାପୁଟ ଜିଲାର କୁଲାରସିଂହଠାରେ ଥିବା ଆବାସିକ ସେବାଶ୍ରମ ବିଦ୍ୟାଳୟର ୧୦ ଛାତ୍ରଙ୍କ ଶୋଇଥିବା ଅବସ୍ଥାରେ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ସାଇବର ଠକାମି ପ୍ରତି ସାବଧାନତା ଜରୁରୀ

ମହାଶୟ,

ନିକଟରେ ପ୍ରକାଶିତ ତଥା ଆମ ରାଜ୍ୟରେ ବିଶେଷକରି ଭୁବନେଶ୍ୱର, କଟକ ଓ ରାଉରକେଲାର ଜନସାଧାରଣ ଅନ୍‌ଲାଇନ୍ ବ୍ୟବସ୍ଥାର ଅନେକ ସୁବିଧା ସୁଯୋଗ ପାଉଛନ୍ତି। କିନ୍ତୁ କ୍ଷୋଭ ଓ ଚିନ୍ତାର ବିଷୟ ଏହିକି ଯେ, ସାଇବର ଠକମାନେ ଲୋକମାନଙ୍କୁ ବହୁ ପ୍ରଲୋଭନ ଦେଖାଇ ବହୁତ ଟଙ୍କା ଲୁଟି ନେଉଛନ୍ତି। କେତେକ ସାଇବର ଠକ ବ୍ୟାଙ୍କ ଅଧିକାରୀଙ୍କ ମିଥ୍ୟା ପରିଚୟ ଦେଇ ବ୍ୟାଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା ଗାଏବ କରିଦେଉଛନ୍ତି। ବିଶେଷକରି ରଣଦେବା, ଶେୟାର ମାର୍କେଟରେ ବିନିଯୋଗ କରିବା ଏବଂ ଚାକିରିର ଲୋଭ ଦେଖାଇ ଅଧିକରୁ ଅଧିକ ଠକେଇ ହେଉଥିବା ଦେଖିବାକୁ ମିଳୁଛି। ଓଡ଼ିଶାରୁ ୨୦୧୮ରୁ ୨୦୨୨ ମଧ୍ୟରେ ୧୨୨.୪୮କୋଟି ଟଙ୍କା ଠକେଇ ହେଉଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ବିଧାନସଭା ଅଧିବେଶନରେ ତଥ୍ୟ ରଖିଛନ୍ତି। ଓଡ଼ିଆ ମାଟ୍ରିମୋନିରେ ବିବାହ କରିବାକୁ ଆବେଦନ କରି ମଧ୍ୟ ଅନେକ ସାଇବର ଠକେଇର ଶିକାର ହେଉଛନ୍ତି। ଏହି ଠକାମିରୁ ନିବୃତ୍ତ ରହିବା ପାଇଁ ଜନସଚେତନତା ଅତ୍ୟନ୍ତ ଆବଶ୍ୟକ। ଏହି ଠକାମିରୁ ଲୋକମାନଙ୍କୁ ବହୁ କ୍ଷତି ସହିବା ସହ ଗଭୀର ମାନସିକ ଯନ୍ତ୍ରଣାର ଶିକାର ହେବାକୁ ପଡୁଛି। ତେଣୁ ସରକାର ରାଜ୍ୟ ବାହାରର ଦକ୍ଷ ସାଇବର ଏକ୍ସପର୍ଟମାନଙ୍କୁ ଆବଶ୍ୟକ ସ୍ଥଳେ ନିୟୋଜିତ କରି ସାଇବର ଥାନାଗୁଡ଼ିକ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ।

**ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତାହାରି ସୀମନ୍ତ ଗାର
ଦିଶେ ଚକ୍ରବାଳେ
ଚିତା ସମ ଉଁଏ ତାର
ରବିଶଶି ଭାଲେ
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଢେଙ୍କାନାଳରୁ ଭୁବନେଶ୍ୱର ଦୌଡ଼ିଲେ ଦୀପ୍ତି

## ଜୟଦେବ ବିହାର ଛକରୁ କଳିଙ୍ଗ ଷ୍ଟାଡିୟମ୍ ରାସ୍ତା ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ନାମରେ ନାମିତ ହେଉ



ଢେଙ୍କାନାଳ କାଞ୍ଚନ ବଜାର ଦଣ୍ଡାସାହିସ୍ଥିତ କଳ୍ପନା ଦାଶଙ୍କ ଘର ସମ୍ମୁଖରେ ମା' ଶୈଳବାଳା ଦାଶ ପତାକା ଦେଖାଇ ମାରାଥନ୍‌ର ଶୁଭାରମ୍ଭ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୦।୧୧**

ଭୁବନେଶ୍ୱର ଜୟଦେବ ବିହାର ଛକ-କଳିଙ୍ଗ ଷ୍ଟାଡିୟମ୍ ରାସ୍ତାକୁ ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅଭିନବ ଉଦ୍ୟମ କରିଛନ୍ତି ସଫ୍ଟୱେର ଇଞ୍ଜିନିୟର ଦୀପ୍ତି ଦାଶ ଏବଂ ଅନ୍ୟତମ ରନର ସିଦ୍ଧାର୍ଥ ଶଙ୍କର ଦାଶ। ଉଭୟେ ରବିବାର ଭୋର୍ ସାଢ଼େ ୪ଟାରୁ ଢେଙ୍କାନାଳରୁ ମାରାଥନ୍‌ରେ ବାହାରି ଅପରାହ୍ନ ୧ଟା ୨୫ରେ କଳିଙ୍ଗ ଷ୍ଟାଡିୟମ୍‌ରେ ପହଞ୍ଚିଥିଲେ। ୭୬ କିଲୋମିଟରର ଦୀର୍ଘ ପଥ ଅତିକ୍ରାନ୍ତ କରିବା ଲାଗି ସେମାନେ ନେଇଥିଲେ ପାଖାପାଖି ୭ଘଣ୍ଟା ସମୟ। ଦୁଇ ଯୁବ ଅଲଟ୍ରା ମାରାଥନରଙ୍କ ଏଭଳି ଉଦ୍ୟମକୁ ସବୁ ମହଲରେ ଭୂରିଭୂରି ପ୍ରଶଂସା କରାଯାଇଛି। ଏଥିପୂର୍ବରୁ ୨୦୧୯ ଅଗଷ୍ଟ ୧୫ରେ ସିଦ୍ଧାର୍ଥ ଅନୁରୂପ ଦାବିନେଇ ଢେଙ୍କାନାଳରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଦୌଡ଼ିଥିଲେ, ଯାହା ସେହି ସମୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

ମାରାଥନ୍ ପୂର୍ବରୁ ଢେଙ୍କାନାଳ ସହର କାଞ୍ଚନ ବଜାର ଦଣ୍ଡାସାହିସ୍ଥିତ କଳ୍ପନାଙ୍କ ଘର ସମ୍ମୁଖରେ ତାଙ୍କ ମା' ଶୈଳବାଳା ଦାଶଙ୍କ ପାଦଛୁଇଁ ଉଭୟେ ଆଶୀର୍ବାଦ ନେଇଥିଲେ। ଶୈଳବାଳା ଜାତୀୟ ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିବା ସହ ପରିବାର ସଦସ୍ୟମାନେ ଶଙ୍ଖ ବଜାଇ, ଦୀପଜାଳି ଦୀପ୍ତିଙ୍କ ସଫଳତା କାମନା କରିଥିଲେ। ସୂଚନାଯୋଗ୍ୟ, ଢେଙ୍କାନାଳ ମାଟିର ଝିଅ କଳ୍ପନା ପ୍ରଥମ ଓଡ଼ିଆ ମହିଳା ଭାବେ ୨୦୦୮ରେ ସଫଳତାର ସହ ଏଭରେଷ୍ଟ ଶୀର୍ଷରେ ମହାପ୍ରଭୁ ଜଗନ୍ନାଥଙ୍କ ନେତ ଏବଂ ଜାତୀୟ ପତାକା ଉଡ଼ାଇ ରାଜ୍ୟକୁ ଗର୍ବିତ କରିଥିଲେ। ଏହାପରେ ସେ 'କିଲିମାଞ୍ଜାରୋ' ଗିରିଶୃଙ୍ଗ ଆରୋହଣ କରି ଇତିହାସରେ ନିଜର ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିଲେ।

୨୦୧୯ରେ ୫୨ବର୍ଷ ବୟସରେ ସେ ପୁନର୍ବାର ଏଭରେଷ୍ଟ ଅଭିଯାନରେ ଯାଇଥିଲେ। ତେବେ ଶୀର୍ଷରେ ପହଞ୍ଚି ଫେରିବା ବେଳେ ଅକ୍ସିଜେନ ସରିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରି ତଳକୁ ଅଣାଯାଇଥିଲା। ସେଠାକାର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ଦେଶର ଛାତ୍ରୀଛାତ୍ର, ଯୁବପିଢ଼ି ଏବଂ ମହିଳାଙ୍କ ପ୍ରେରଣାର ଉତ୍ସ ପାଲଟିଥିବା କଳ୍ପନାଙ୍କ ଏଭଳି ଦେହାନ୍ତ ସାରା ଦେଶରେ ଶୋକର ଛାୟା ଖେଳାଇ ଦେଇଥିଲା। ଏଭଳି ଜଣେ ସାହସୀ ମହିଳାଙ୍କ ସ୍ମୃତି ଉଜ୍ଜୀବିତ କରିବା ଲାଗି ଭୁବନେଶ୍ୱର ଜୟଦେବ ବିହାର ଛକ-କଳିଙ୍ଗ ଷ୍ଟାଡିୟମ୍ ରାସ୍ତାକୁ ତାଙ୍କ ନାମରେ ନାମିତ କରିବା ଲାଗି ଦୀର୍ଘଦିନରୁ ଦାବି ହେଉଛି।

# ଛେଳି ପେଟରୁ ବାହାରିଲା ୫ କିଲୋ ପଲିଥିନ



ଛେଳିର ଅସ୍ତ୍ରୋପଚାର କରାଯାଉଛି।

**ଭଦ୍ରକ ଅଫିସ, ୨୦।୧୧**

ପଲିଥିନ ବ୍ୟବହାର ଉପରେ ସରକାରଙ୍କ ପକ୍ଷରୁ କଟକଣା ସତ୍ତ୍ୱେ ଏଥିରେ ରୋକ୍ ଲାଗୁନି। ନିୟମକୁ କେହି ବି ମାନିବାକୁ ନାରାଜ। କଟକଣା କେବଳ ନିୟମରେ ହିଁ ରହିଯାଇଛି। ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷିତ ହେବା ସହ ଏହାର ଭୟଙ୍କର ପ୍ରଭାବ ପ୍ରାଣୀମାନଙ୍କ ଉପରେ ପଡୁଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଅସୁରାଳି ପଞ୍ଚାୟତରେ। ରବିବାର ଏହି ପଞ୍ଚାୟତର ଶାନ୍ତିନଗରସ୍ଥିତ ଫାର୍ମରେ ଏକ ଗର୍ଭିଣୀ ଛେଳି ପେଟରୁ ଅସ୍ତ୍ରୋପଚାର ଦ୍ୱାରା ୫ କିଲୋରୁ ଊର୍ଦ୍ଧ୍ୱ ପଲିଥିନ ବାହାରିଛି। ଏଥିସହ ୨ଟି ମୃତ ଛେଳିଛୁଆ ବାହାର କରାଯାଇଛି।

ଗତ ଦୁଇଦିନ ହେଲା ଫାର୍ମରେ ଉକ୍ତ ଗର୍ଭିଣୀ ଛେଳି ପ୍ରସବଜନିତ କଷ୍ଟ ପାଉଥିଲା। ଫାର୍ମ ମାଲିକଙ୍କଠାରୁ ଖବରପାଇ ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା ଓ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ବିଦ୍ୟାଧର ରାଉତ ପହଞ୍ଚି ଏକାସାଙ୍ଗରେ ଦୁଇଟି ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ଦ୍ୱାରା ଛୁଆ ଜନ୍ମ ସମୟରେ ଛେଳି ପେଟରେ ପେଣ୍ଡୁ ଭଳି କିଛି ଜିନିଷ ଅଟକି ଥିବା ଜଣାପଡ଼ିଥିଲା। ଡା. ଜେନା ଏହାକୁ ରୁମିନୋଟୋମି କରି ଛେଳି ପେଟରୁ ୫ କିଲୋରୁ ଊର୍ଦ୍ଧ୍ୱ ପଲିଥିନ ବାହାର କରିଥିଲେ। ତେବେ ଅସ୍ତ୍ରୋପଚାର ପରେ ମା' ଛେଳି ସୁସ୍ଥ ଅଛି। ଏପରି ଏକାସାଙ୍ଗେ ଦୁଇଟି ଅସ୍ତ୍ରୋପଚାର ବହୁତ କଷ୍ଟ ଏବଂ ବିରଳ ଥିଲା ବୋଲି ଡା. ଜେନା କହିଛନ୍ତି। ମୂକ, ନିରୀହ ପ୍ରାଣୀମାନଙ୍କ ସୁରକ୍ଷା ନିମନ୍ତେ ପଲିଥିନ ବ୍ୟାନ୍ କଟକଣାକୁ କଡ଼ାକଡ଼ି ପାଳନ କରିବା ପାଇଁ ଜନସାଧାରଣଙ୍କୁ ସେ ନିବେଦନ କରିଛନ୍ତି।

# ନିଶା ନିବାରଣ କେନ୍ଦ୍ର ନାଁରେ ହରିଲୁଟ୍

## ଆର୍‌ଟିଆଇରେ ଅନିୟମିତତାର ପର୍ଦ୍ଦାଫାଶ

**ଯାଜପୁର ଅଫିସ, ୨୦।୧୧**

ନିଶା ନିବାରଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ଥିବା ଏକ ନିଶା ନିବାରଣ କେନ୍ଦ୍ର ବା ଇଣ୍ଟିଗ୍ରେଟେଡ୍ ରିହାବିଲିଟେଶନ ସେଣ୍ଟର ଫର୍ ଏଡିକ୍ସ (ଆଇଆର୍‌ସିଏ) ନିମନ୍ତେ ଅନୁଦାନ ଯୋଗାଇ ଦିଆଯାଇଛି। ହେଲେ କୌଣସି କେନ୍ଦ୍ର ନଥାଇ ଭୂତ କେନ୍ଦ୍ର ଭାବେ ଦାୟିତ୍ୱ ନେଇଥିବା ସଂସ୍ଥା ଉକ୍ତ ଅର୍ଥକୁ ହରିଲୁଟ କରୁଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ପ୍ରଶାସନର କେତେକ ଅଧିକାରୀ ସମ୍ପୂର୍ଣ୍ଣ ଅବଗତ ଥାଇ ମଧ୍ୟ ଜିଲାପାଳଙ୍କୁ ବର୍ଷ ବର୍ଷ ଧରି ଅନ୍ଧକାରରେ ରଖିଥିବା ଚର୍ଚ୍ଚା ହେଉଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୬/୧୭ ଆର୍ଥିକ ବର୍ଷରୁ ଯାଜପୁର ସଦର ମହକୁମାର ମାନସାପୋଲଠାରେ ଏକ ନିଶା ନିବାରଣ କେନ୍ଦ୍ର ଅଛି ବୋଲି ସରକାରୀ ଭାବେ ଦର୍ଶାଯାଉଛି। ରିପୋର୍ଟରେ ଏହି କେନ୍ଦ୍ରରେ ମୋଟ ୧୫ଟି ଶଯ୍ୟା ରହିଛି। ଡାକ୍ତର ଓ ନର୍ସ ମଧ୍ୟ ଏହି କେନ୍ଦ୍ରରେ ଥିବା ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି ବୋଲି ରିପୋର୍ଟ କହୁଛି। ଏହି ସଂସ୍ଥାର ପରିଚାଳନା ଦାୟିତ୍ୱ ଏକ ସେବା ପ୍ରତିଷ୍ଠାନକୁ ଦିଆଯାଇଛି। ପ୍ରତ୍ୟେକ ବର୍ଷ ଏହି ନିଶା ନିବାରଣ କେନ୍ଦ୍ର ପାଇଁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ଶସକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ୨୨ଲକ୍ଷ ୨୬ ହଜାର ୪୨୦ ଟଙ୍କା ଅନୁଦାନ ମିଳୁଛି। ହେଲେ ମାନସାପୋଲଠାରେ ସେଭଳି କୌଣସି ସଂସ୍ଥା ନାହିଁ ବୋଲି ଜଣାପଡିଛି। ଫଳରେ ଜିଲାର ଅଧିକାଂଶ ଲୋକ ସରକାରଙ୍କ ଏହି ସୁବିଧାରୁ ବଞ୍ଚିତ ହୋଇ କଟକ ନିଶା ନିବାରଣ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ସରକାରୀ କାଗଜପତ୍ରରେ ମାନସାପୋଲଠାରେ ଥିବା ଏହି ସଂସ୍ଥା ଆଜିକୁ ୬ବର୍ଷ ଧରି ଚାଲିଛି ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସରକାରଙ୍କୁ ପତ୍ର ଦ୍ୱାରା ଅବଗତ କରାଉଛନ୍ତି। ସବୁଠାରୁ ବଡ଼କଥା ହେଉଛି, ଉକ୍ତ ସେବା ପ୍ରତିଷ୍ଠାନର କର୍ମକର୍ତ୍ତା ଜଣେ ମଦ ବ୍ୟବସାୟୀ ଥିଲେ ବୋଲି ଜଣାପଡ଼ିଛି। ୨୦୦୭ ଅଗଷ୍ଟ ୧୪ରୁ ଯାଜପୁର ଅବକାରୀ ବିଭାଗ ପକ୍ଷରୁ ତାଙ୍କୁ ଦଶରଥପୁର ବ୍ଲକର ଅହିହାସ(ମଲ୍ଲିକାପୁର)ଠାରେ ଥିବା ବିଦେଶୀ ମଦ ଦୋକାନର ଲାଇସେନ୍ସ ମିଳିଛି। ସେହିଦିନରୁ ସେ ୨୦୨୧ ଏପ୍ରିଲ ପର୍ଯ୍ୟନ୍ତ ଉକ୍ତ ବିଦେଶୀ ମଦ ଦୋକାନକୁ ଚଳାଇ ଆସୁଥିଲେ ବୋଲି ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ମିଳିଛି। କେବଳ ଯାଜପୁର ନୁହେଁ, କେନ୍ଦୁଝର ଜିଲାର ବଡବିଲ୍ ପୌରାଞ୍ଚଳରେ ମଧ୍ୟ ତାଙ୍କର ଏକ ବିଦେଶୀ ମଦ ଦୋକାନ ରହିଥିଲା। ଏଠାରେ ପ୍ରଶ୍ନ ଉଠୁଛି ଯେ, କେନ୍ଦ୍ର ସରକାର ନିଶା ନିବାରଣ କେନ୍ଦ୍ର ପାଇଁ ଉକ୍ତ ସଂସ୍ଥାକୁ ବାର୍ଷିକ ୨୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଯୋଗାଇ ଦେଉଥିବାବେଳେ ସେ ନିଜେ ମଦ ବ୍ୟବସାୟ କିପରି କରୁଥିଲେ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଯାଜପୁର ଜିଲାପାଳ ଏ ଦିଗରେ ଅବିଳମ୍ବେ ଦୃଷ୍ଟି ଦେଲେ ଏହି ଜାଲିଆତିର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆର୍.ଏନ. ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ଦାୟିତ୍ୱରେ ଥିବା ସଂସ୍ଥାର ମାନସାପୋଲଠାରେ ନିଶା ନିବାରଣ କେନ୍ଦ୍ର ରହିଥିଲା। କିନ୍ତୁ ସେଠାରେ ସମସ୍ୟା ହେବାରୁ ଗତ ଦେଢ଼ବର୍ଷ ହେଲା ତାକୁ ଦଶରଥପୁର ବ୍ଲକ ମଙ୍ଗଳପୁରକୁ ସ୍ଥାନାନ୍ତର କରାଯାଇଛି। ଏଥିରେ କୌଣସି ଅନିୟମିତତା କିମ୍ବା ହରିଲୁଟ ହେଉନାହିଁ।

## ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ

**ନବରଙ୍ଗପୁର, ୨୦।୧୧(ବି.ପ୍ର.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଖାଡ଼ବନ୍ଧଗୁଡ଼ା ପଞ୍ଚାୟତ ଉଷୁରୀପଦର ଗାଁରେ ରବିବାର ମହୁମାଛି ଆକ୍ରମଣରେ ଯୁଧେଷ୍ଟି ଅମନାତ୍ୟ(୬୦)ଙ୍କର ମୃତ୍ୟୁ ଘଟିଛି। ଯୁଧେଷ୍ଟି ନିଜ ଜମିରୁ କଟାଧାନ ଅମଳ କରି ଅପରାହ୍ନ ସାଢ଼େ ୪ଟାରେ ସାଇକଲରେ ଘରକୁ ଫେରିଥିଲେ। ଏହି ସମୟରେ ମହୁମାଛି ଆକ୍ରମଣ କରିଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୧୧୮-୨୨-୨୩ ତାରିଖ: ୦୯।୧୧।୨୦୨୨

**କାର୍ଯ୍ୟର ନାମ:** ବ୍ରଜରାଜନଗର ଷ୍ଟେଶନଠାରେ ଷ୍ଟେଶନ ବିଲ୍ଡିଂ ଏବଂ ସର୍କୁଲେଟିଂ ଏରିଆର ଉନ୍ନତୀକରଣ ।

**ଟେଣ୍ଡର ମୂଲ୍ୟ:** ₹ ୩,୫୨,୪୩,୫୮୪.୪୪

**ଅମାନତ ରାଶି:** ₹ ୩,୨୬,୨୦୦.୦୦

**ସମାପ୍ତି ଅବଧି:** ୧୮ ମାସ

**ଟେଣ୍ଡର ଦାଖଲର ଆରମ୍ଭ ତାରିଖ:** ତା୨୧।୧୧।୨୦୨୨ରିଖଠାରୁ

**ଟେଣ୍ଡର ଦାଖଲର ଶେଷ ତାରିଖ:** ତା୦୫।୧୨।୨୦୨୨ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ

ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ । ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍‌କୁ ଗ୍ରହଣ କରାଯିବ ନାହିଁ ।

ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ,
ବିଳାସପୁର

CPR/10/318

South East Central Railway @secrail

**GOVERNMENT OF ODISHA** eerw_kpd@yahoo.com
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
**INVITATION FOR BIDS**

**'E' PROCUREMENT NOTICE NO.RWD/KPD-05/2022-23, DT.19.11.2022**

**No.O-1291:**1. Name of Work: Repair of Road work in the District of Kendrapara for the year 2022-23. 2. Total No. of Work: 01 Numbers of Road Work. 3. Estimated Cost: Rs.67.65 lac approximately. 4. Period of Completion: As Specified in the Annexure. 5. Class of Contractors: As Specified in the Annexure. 6. Cost of Tender Paper: Cost of tender paper is to be remitted ONLINE for Rs.10,000.00 per set. 6. Details Projects: As per Annexure attached.
Further details can be seen from the Govt. website www.tendersorissa.gov.in.
Other details as follows:

| Procurement Officer | Place of Opening | Availability of tender online for bidding | | Last date and time of seeking tender clarification | Date and Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 25.11.2022 At 5.00 P.M. | 08.12.2022 upto 5.00 P.M. | Upto 5.00 P.M. on 07.12.2022 | 09.12.2022 at 11.00 A.M. | The date will be intimated to the technically qualified bidders later on |

Sd./- Rajesh Pradhan
Executive Engineer, Rural Works Division, Kendrapara

OIPR-25064/11/0011/2223

# ଅବପାତରେ ପରିଣତ ହେଲା ଲଘୁଚାପ

## ୨ଦିନ ୧୦ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ରବିବାର ଅବପାତରେ ପରିଣତ ହୋଇଛି। ଏହାର ପ୍ରଭାବରେ ସୋମବାର ଓ ମଙ୍ଗଳବାର ଦକ୍ଷିଣ ଓଡ଼ିଶାର କିଛି ଜିଲାରେ ହାଲୁକା ବର୍ଷା ହୋଇପାରେ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲାରେ ବର୍ଷା ହୋଇପାରେ। ସେହିପରି ମଙ୍ଗଳବାର ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତେବେ ଏହି ଦୁଇଦିନ ଅନ୍ୟସବୁ ଜିଲାରେ ପାଗ ଶୁଖିଲା ରହିବ ଓ ୨୩ ତାରିଖରୁ ରାଜ୍ୟର ପାଗ ଶୁଖିଲା ରହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଏହା ସହିତ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ରାତି ତାପମାତ୍ରା ସ୍ୱାଭାବିକ ଠାରୁ ୨/୩ ଡିଗ୍ରୀ କମ୍ ରହିବ। ଇତିମଧ୍ୟରେ ଶନିବାର ରାତିରେ କନ୍ଧମାଳ ଜିଲାର ଜି. ଉଦୟଗିରି ଓ କୋରାପୁଟର ସେମିଳିଗୁଡ଼ାରେ ରାତିର ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରହିଥିଲା। ସେହିପରି କିରେଇ (ସୁନ୍ଦରଗଡ଼)ରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ୯.୬, ଦାରିଙ୍ଗବାଡ଼ିରେ ୧୦, କୋରାପୁଟରେ ୧୦, କେନ୍ଦୁଝରରେ ୧୦, ଭବାନୀପାଟଣାରେ ୧୦.୬, ଝାରସୁଗୁଡାରେ ୧୦.୮, ଚିପିଲିମାରେ ୧୦.୮, ସୁନ୍ଦରଗଡରେ ୧୨.୫ ଓ ଦେବଗଡରେ ୧୨.୫ ଡିଗ୍ରୀ ରହିଥିଲା। ତେବେ ରାଜ୍ୟରେ ଶୀତର ଲହରି ଆରମ୍ଭ ହୋଇଥିବାବେଳେ ବର୍ଷା ପରେ ଏହା ଆହୁରି ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି।

**କଳିଙ୍ଗ ବୈଶ୍ୟ ମହାସଂଘ, ଓଡ଼ିଶା, ନିର୍ବାଚନ କମିଟି**

Website:www.kvms.in **ବିଜ୍ଞାପନ** Dt.20.11.2022

ଏତଦ୍ୱାରା କଳିଙ୍ଗ ବୈଶ୍ୟ ମହାସଂଘ ଅନ୍ତର୍ଗତ ସମସ୍ତ ନିୟମିତ ସଭ୍ୟ, ମହାସଂଘ ସ୍ୱୀକୃତିପ୍ରାପ୍ତ ସମସ୍ତ ସଂଘ ଓ ଅଞ୍ଚଳମାନଙ୍କୁ ସୂଚିତ କରାଯାଉଅଛି ଯେ, ମହାସଂଘ କାର୍ଯ୍ୟନିର୍ବାହୀ କମିଟିର ନିଷ୍ପତ୍ତି କ୍ରମେ ଆଗାମୀ ତା.୧୧.୧୨.୨୦୨୨ ରିଖ ରବିବାର ଦିନ ମହାସଂଘର ସାଧାରଣ ଅଧିବେଶନ ସହ ମହାସଂଘ କର୍ମକର୍ତ୍ତା (ସଭାପତି, ଉପ-ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ) ନିର୍ବାଚନ ଖେମୁଣ୍ଡି ଅଞ୍ଚଳ ଅନ୍ତର୍ଗତ ଦିଗପହଣ୍ଡି ବଡଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବ । ଏସମ୍ବନ୍ଧରେ ନିର୍ବାଚନ କମିଟି ଦ୍ୱାରା ପୂର୍ବରୁ ପ୍ରେରଣ କରାଯାଇଥିବା କାର୍ଯ୍ୟସୂଚୀ ପ୍ରକାରେ ଗତ ତା.୧୯.୧୧.୨୦୨୨ ରିଖ ସୁଦ୍ଧା ସମାପ୍ତି ହୋଇସାରିଥିବା ସମସ୍ତ କାର୍ଯ୍ୟସୂଚୀକୁ ବଳବତ୍ତର ରଖାଯାଇ ଆସନ୍ତା ତା.୨୧.୧୧.୨୦୨୨ ରିଖଠାରୁ ହେବାକୁ ଥିବା ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟସୂଚୀକୁ ନିମ୍ନ ପ୍ରକାରେ ସଂଶୋଧନ କରାଯାଇ ନିର୍ବାଚନ କାର୍ଯ୍ୟ ପରିଚାଳନା କରାଯିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଉଅଛି ।

**କାର୍ଯ୍ୟସୂଚୀ**

୧.ତା.୨୧.୧୧.୨୦୨୨ (ସୋମବାର) ପରିବର୍ତ୍ତେ **ତା.୨୩.୧୧.୨୦୨୨** ରିଖ (ବୁଧବାର):- ଅପରାହ୍ନ ଘ.୦୫.୦୦ ସମୟରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବ । ୨. ତା.୨୨.୧୧.୨୦୨୨ (ମଙ୍ଗଳବାର) ପରିବର୍ତ୍ତେ **ତା.୨୫.୧୧.୨୦୨୨** ରିଖ (ଶୁକ୍ରବାର) ଦିନ: ବ୍ରହ୍ମପୁର ଜୌରାସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ.୧୦.୦୦ ଠାରୁ ଅପରାହ୍ନ ଘ.୦୩.୦୦ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବ । ୩.ତା.୨୩.୧୧.୨୦୨୨ (ବୁଧବାର) ପରିବର୍ତ୍ତେ **ତା.୨୫.୧୧.୨୦୨୨** ରିଖ (ଶୁକ୍ରବାର): ଅପରାହ୍ନ ଘ.୦୫.୦୦ ସମୟରେ ସମସ୍ତ ପଦବୀ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବ । ୪.ତା.୧୧.୧୨.୨୦୨୨ (ରବିବାର):- ସମୟ: ଘ.୧୨.୦୦ ଠାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ । ଭୋଟ ଗ୍ରହଣ: ଅପରାହ୍ନ ଘ.୧୨.୩୦ ଠାରୁ ଘ.୪.୦୦ (ସ୍ଥାନ: ଦିଗପହଣ୍ଡି ବଡଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପ) । ୫. ତା.୧୧.୧୨.୨୦୨୨ (ରବିବାର):- ଭୋଟ ଗ୍ରହଣ ସମାପ୍ତି ପରେ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭୋଟଗଣତି କାର୍ଯ୍ୟକ୍ରମ ଓ ତତ୍‌ପରେ ନିର୍ବାଚିତ ପ୍ରାର୍ଥୀମାନଙ୍କ ନାମ ଘୋଷଣା ଓ ଶପଥ ପାଠ ।

ସ୍ୱା./-(କେ.ଗୋପାଳ କୃଷ୍ଣ ସେନାପତି)
ଅଧ୍ୟକ୍ଷ, ନିର୍ବାଚନ କମିଟି

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ**
**(ଭୂ-ଅର୍ଜନ ଉପ ବିଭାଗ)**
**ଘୋଷଣା**

**ବିଜ୍ଞପ୍ତି ସଂଖ୍ୟା ୧୧୩୭ ତାରିଖ ୦୪.୧୧.୨୦୨୨ ଜିଲ୍ଲା ସୁନ୍ଦରଗଡ**

**No.VIII-03:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଉଷ୍ରା, ଥାନା-କୁଆଁରମୁଣ୍ଡା, ତହସିଲ-କୁଆଁରମୁଣ୍ଡା (ପାନପୋଷ), ଜିଲ୍ଲା-ସୁନ୍ଦରଗଡ**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୪୯, ତା.୦୨.୦୬.୨୦୨୨ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା-ଉଷ୍ରା, ଥାନା-କୁଆଁରମୁଣ୍ଡା, ତହସିଲ-କୁଆଁରମୁଣ୍ଡା (ପାନପୋଷ), ଜିଲ୍ଲା-ସୁନ୍ଦରଗଡ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.sundargarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-ସୁନ୍ଦରଗଡ଼ — ତହସିଲ-କୁଆଁରମୁଣ୍ଡା (ପାନପୋଷ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଉଷ୍ରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | | | | ୦.୬୮ | ଏଥି ସହିତ ସଂଲଗ୍ନ କରାଗଲା |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ )**

ଜିଲ୍ଲା-ସୁନ୍ଦରଗଡ — ତହସିଲ-କୁଆଁରମୁଣ୍ଡା (ପାନପୋଷ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହଁ । | | | | | | | |

- ଅଧିସୂଚନା ବୈଧ ତାରିଖ ୦୧.୦୬.୨୦୨୩

**ସମ୍ପୂର୍ଣ୍ଣ ଜମି ବିବରଣୀ**
**ତହସିଲ-କୁଆଁରମୁଣ୍ଡା**

ଗ୍ରାମ-ଉଷ୍ରା — ଜିଲ୍ଲା-ସୁନ୍ଦରଗଡ

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୭ | ୧୪୭୬ | ଗୋଡା-୧ | ୦.୪୬ | ୦.୦୩ | ଅମିନ କିଶାନ, ପି:ଗୁନୁ କିଶାନ, ଜା: କିଶାନ, ବା:ନିଜଗାଁ |
| ୨ | ୪୯ | ୧୪୬୭ | ମା.ସା. | ୦.୬୯ | ୦.୧୧ | ଟଗା କିଶାନ, ପି:ଭଦର କିଶାନ, ଜା:କିଶାନ, ବା:ନିଜଗାଁ |
| | | ୧୪୭୮ | ଗୋଡା-୧ | ୦.୫୨ | ୦.୦୮ | |
| | | ୧୪୭୯ | ଘରବାରି | ୦.୧୮ | ୦.୦୧ | |
| ୩ | ୧୭୩ | ୧୧୭୭/ ୨୪୫୧ | ଗୋଡା-୨ | ୦.୪୫ | ୦.୪୫ | ଭଜ ଗୌଡ, ଜଗନ୍ନାଥ ଗୌଡ, ପି:ତୀର୍ଥ ଗୌଡ, ଜା:ଗୌଡା, ବା:ନିଜଗାଁ |
| ମୋଟ | | | | | ୦.୬୮ | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ସୁନ୍ଦରଗଡ଼

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଗାଭାଲି ହର୍ଷଦ ପରାଗ
ଜିଲ୍ଲାପାଳ, ସୁନ୍ଦରଗଡ

OIPR-24160/14/0006/2223

# ଧାନ ଫସଲ ନଷ୍ଟକଲେ ହାତୀପଲ



**ପାଟଣା, ୨୦।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୪ ଟିକିଆ ହାତୀପଲ ଶନିବାର ରାତିରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜରୁ ଆସି ବନବିର ନିକଟରେ ବୈତରଣୀ ନଦୀ ପାର ହୋଇ ପାଟଣା ରେଞ୍ଜକୁ ପ୍ରବେଶ କରିଛନ୍ତି। ବେଗେନା ଖମଣ ଓ ଏରେଣ୍ଡେଇ ଗ୍ରାମରେ ପାଚିଲା ଧାନକୁ ଖାଇବା ସହ ଦଳି ଦେଇଛନ୍ତି। ଏଥିସହ କୋବି, ବିଲାତି ଚାଷ ନଷ୍ଟ କରିଛନ୍ତି। ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ରବିବାର ଏରଣ୍ଡେଇ ନଦୀକୂଳ ଜଙ୍ଗଲରେ ଡେରା ପକାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୀଘ୍ର ହାତୀପଲଙ୍କୁ ଘୋଉଡ଼ାଇବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**DISTRICT PROJECT OFFICE**
**SS, SUNDARGARH**
**Infront of BS High School, Sundargarh**
**Email: dpcsndgssa.opepa@nic.in**
**No.5137/IE//Dated 19.11.2022**

**LIMITED TENDER CALL NOTICE**

Limited tenders in plain paper are invited from the Service Registered Firms located in Odisha having valid GSTIN and Income Tax Clearance Certificate for procurement of resource materials to be installed at Block Resource Centre for the CWSN at different blocks of Sundargarh district .The details terms and conditions, list of materials etc can be available in district website www.sundargarh@nic.in and OPEPA website www.osepa.gov.in .

The tender should reach the office of the undersigned on or before 29.11.2022 by 1.00 P.M. at the latest through speed/regd. post and the tenders shall be opened on the same day at 4.00 P.M. in the presence of bidders or their authorized representatives.

The tenders received in incomplete shape or after the schedule date and time shall be summarily rejected. The undersigned reserves the right to reject any or all tenders without assigning any reason thereof.

Sd./- DEO-cum-DPC
Samagra Shiksha, Boudh

## ସଂକ୍ଷେପରେ

### ଶାରଳା ମନ୍ଦିର ନିକଟରେ ନିର୍ମାଣ ହେବ ମା'ବାସେଲୀଙ୍କ ମନ୍ଦିର

ତିର୍ତ୍ତୋଲ, ୨୦।୧୧ (ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ କୋଲର-ଜଇପୁର ମେଳନ ପଡ଼ିଆରେ ରବିବାର ଶାରଳା ମଣ୍ଡଳ କୈବର୍ତ୍ତ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ମା'ଶାରଳାଙ୍କ ମନ୍ଦିର ନିକଟରେ ମା'ବାଶେଲୀଙ୍କ ଏକ ଆକର୍ଷଣୀୟ ମନ୍ଦିର ନିର୍ମାଣ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା, ସାଧାରଣ ସମ୍ପାଦକ ସୁଧୀର କୁମାର ଖଣ୍ଡା, ଜିଲା କର୍ମକର୍ତ୍ତା ତଥା ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ସାହୁ, କୋଲର ସରପଞ୍ଚ ଉମେଶ କୁମାର ବେହେରା, ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ଜିଲା ସଭାପତି କୈଳାସ ଚନ୍ଦ୍ର ବେହେରା, ଶାରଳା ମଣ୍ଡଳ କୈବର୍ତ୍ତ ମହାସଂଘର ଜିଲା ସଭାପତି ପ୍ରହଲ୍ଲାଦ ବେହେରା, କାର୍ଯ୍ୟକାରୀ ସଭାପତି ଅକ୍ଷୟ ବେହେରା, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଶାସନରେ ୧୩୮ ଜଣଙ୍କ ଚକ୍ଷୁ ଚିକିତ୍ସା



ପଟ୍ଟାମୁଣ୍ଡାଇ ୨୦।୧୧(ସ୍ୱ.ପ୍ର.) ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତର ଶାସନ ଉପ୍ରା ବିଦ୍ୟାଳୟଠାରେ ଷ୍ଟାର୍ଟୱେ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟି ଧରିତ୍ରୀ ସାମଲଙ୍କ ନେତୃତ୍ୱରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୮ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୨୦ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ କଟକ ପଠାଯାଇଥିଲା। ଶିବିରକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଏହି ଚକ୍ଷୁ ଚିକିତ୍ସା ଶିବିର ଚକ୍ଷୁ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ସହ ଅସ୍ତ୍ରୋପଚାର ସୁବିଧା ଯୋଗାଇବାରେ ସହାୟକ ହୋଇଥିବାରୁ ଏହି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ପୂର୍ବତନ ପୌରାଧ୍ୟକ୍ଷ ବୈଜୟନ୍ତୀମାଳା ଲେଙ୍କା, ଜିଲା ପରିଷଦ ସଦସ୍ୟା ରଶ୍ମି ମଲିକ, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ସମିତିସଭ୍ୟା ପ୍ରତିନିଧି ଅଶୋକ ପରିଡା, ନଗର ଯୁବ ବିଜେଡି ସଭାପତି ମନୋଜ ନାୟକ, ଜିଲା ସାମ୍ବାଦିକ ୟୁନିୟନ ଉପସଭାପତି ଅକ୍ଷୟ ସାହୁ, ଶିକ୍ଷାବିତ୍ ନାରାୟଣ ଦାସ, ବିଜୁ ଯୁବ ବାହିନୀ ସମ୍ପାଦକ ଦିଲୀପ ସାହୁ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ପୂର୍ବତନ କାଉନସିଲର ମଳୟ ମଲିକ, ସଂଖ୍ୟାଲଘୁ ସଙ୍ଗଠକ ଏମ. ଡି. ଫିରଦୋଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

### ଅଗ୍ନିବିପନ୍ନ ପରିବାରକୁ ସହାୟତା



ରଘୁନାଥପୁର, ୨୦।୧୧(ଡି.ଏନ୍.ଏ.) ରଘୁନାଥପୁର ତହସିଲ ଅଧୀନ ରେଢୁଆ ମଜୁରାଇ ଗ୍ରାମରେ ଗତ ୪ଦିନ ତଳେ ରଘୁନାଥ ପୃଷ୍ଟିଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳି ଯାଇଥିଲା। ଏଥିରେ ରଘୁନାଥଙ୍କ ଧାନ, ଚାଉଳ, ବିରି ଓ ମୁଗ ଆଦି ସହ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ରବିବାର ସନ୍ଧ୍ୟାରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ସେଠାରେ ପହଞ୍ଚି ବିପନ୍ନ ପରିବାରକୁ ଚୁଡ଼ା, ଚାଉଳ, ଶୀତବସ୍ତ୍ର ଓ ଲୁଗାପଟା ଆଦି ପ୍ରଦାନ କରିଥିଲେ। ଏହାଛଡା ବିଜୁ ପକ୍କାଘର ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଚିରସ୍ରୋତା ହେବ ଖରସ୍ରୋତା

■ ମୂଳ ଖରସ୍ରୋତାର ସ୍ଲୁଇସ୍ ଗେଟ୍ ସ୍ଥଳ ପରିଦର୍ଶନ କଲେ ବିଧାୟକ, ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପ୍ରତିନିଧିଦଳ

ରସୁଲପୁର, ୨୦।୧୧(ଡି.ଏନ.ଏ.)



ବିଧାୟକ ଅଶୋକ ବଳ ଓ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପ୍ରତିନିଧିଦଳ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ରସୁଲପୁର ବ୍ଲକ୍ ଅଧୀନ ୭ ପଞ୍ଚାୟତ ଯଥା ; ଭୋଟକା, ଗନ୍ଧଣ, ବଡ଼କଇଞ୍ଛି, ରସୁଲପୁର, ରାହାମ୍ଭା, ଟିକରପଡ଼ା ଓ ନଠୁଆବରର ଜୀବନରେଖା କୁହାଯାଉଥିବା ମୂଳ ଖରସ୍ରୋତା ପୁଣି ଜିଇଁବା ସମ୍ଭାବନା ଦେଖାଦେଇଛି। ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ମରିଯାଇଥିବା ମୂଳ ଖରସ୍ରୋତାରେ ନଦୀଜଳ ପ୍ରବାହିତ ହେବ ବୋଲି ଜଣାପଡ଼ିଛି। ଏହି ବ୍ଲକର ଟିକରପଡ଼ାଠାରେ ଏକ ସ୍ଲୁଇସ୍ ଗେଟ ନିର୍ମାଣ ନେଇ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପ୍ରତିନିଧି ଦଳ ପକ୍ଷରୁ ମିଳିଥିବା ସବୁଜ ସଂକେତରୁ ଏହା ସ୍ପଷ୍ଟ ହୋଇଛି। କୋରେଇ ବିଧାୟକ ଅଶୋକ କୁମାର ବଳ, ଜଳସମ୍ପଦ ଓ ଡ୍ରେନେଜ ବିଭଗର ଏକ କ୍ଷେତ୍ର ପରିଦର୍ଶନକାରୀ ପ୍ରତିନିଧି ଦଳ ପକ୍ଷରୁ ଏଭଳି ସଂକେତ ମିଳିଛି। ଉକ୍ତ ସୂଚନା ପାଇ ଖରସ୍ରୋତା ପୁନରୁଦ୍ଧାର ସମିତି, ନଦୀ ଅବବାହିକାରେ ଅବସ୍ଥିତ ଜନ ପ୍ରତିନିଧି, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଖୁସି ପ୍ରକଟିତ ହୋଇଛି।

ରବିବାର ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟଯନ୍ତ୍ରୀ (ଯୋଜନା) ସାଗର ମହାନ୍ତି, ମୁଖ୍ୟଯନ୍ତ୍ରୀ (ଡିଜାଇନ) ଲିଙ୍ଗରାଜ ଗୌଡ଼, ମୁଖ୍ୟଯନ୍ତ୍ରୀ (ମହାନଦୀ ବ୍ରାହ୍ମଣୀ ବୈତରଣୀ ସିଷ୍ଟମ) ବିଜୟ କୁମାର ସାମଲ, ମୁଖ୍ୟଯନ୍ତ୍ରୀ (ଡ୍ରେନେଜ) ବେଲେଶ୍ୱର ସାହୁ, ଅଧୀକ୍ଷଣ ଯନ୍ତ୍ରୀ ଦିଲୀପ ନନ୍ଦନ ମହାପାତ୍ର, ଚଣ୍ଡିଖୋଲ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଧନେଶ୍ୱର ସାମଲ, ଜାରକା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ, ସବ୍ୟ ସଚିନ ବିଶ୍ୱାଳ ଓ ଉପଖଣ୍ଡ ଅଧିକାରୀ (ଡ୍ରେନେଜ) ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତସ୍ଥାନରେ ବିଧାୟକ ବଳ, ଖରସ୍ରୋତା ପୁନରୁଦ୍ଧାର ସମିତି ସଭାପତି ବେଣୁଧର ଦୋବାଇ, କୈଳାସ ଚନ୍ଦ୍ର ନାୟକ, ଲକ୍ଷ୍ମଣ ରାଉତ, ସୁଧାଂଶୁ ମିଶ୍ର, ବିଶ୍ୱଜିତ୍ ମହାନ୍ତି, ଗୋପୀନାଥ ପତି, ସରପଞ୍ଚ ଅଶୋକ କୁମାର ମଲିକ, ବିଶ୍ୱମ୍ଭର ଖୁଣ୍ଟିଆ, ଦେବୀ ପ୍ରସନ୍ନ ନାୟକ, ଅନନ୍ତ ପୁହାଣ, ଶ୍ରୀଧର ବିଶ୍ୱାଳ, ପ୍ରକାଶ ସାହୁ, ଯୁବନେତା ପ୍ରକାଶ ନାୟକ, ବିଜୟ ଘଡ଼ାଇ ପ୍ରମୁଖ ଉପସ୍ଥିତ ରହି ସ୍ଲୁଇସ୍ ଗେଟ ନିର୍ମାଣକୁ ନେଇ ରହିଆସୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

୧୩ କି.ମି ନଦୀରେ ରହିଥିବା ୮ ପୋଲର ସୁରକ୍ଷା ସମ୍ପର୍କରେ ବିଭିନ୍ନ ବିଭାଗ ସହ ବିଧାୟକ ଆଲୋଚନା କରିବେ ବୋଲି କହିଥିଲେ। ଜଳସମ୍ପଦ ବିଭାଗ ପକ୍ଷରୁ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ବିଧାୟକଙ୍କ ସହ ଏକ ବୈଠକ ଜରିଆରେ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଅଧିକାରୀମାନେ ମୂଳ ଖରସ୍ରୋତାର ତଳମୁଣ୍ଡ ନଦୀର ବେସିନ ଓ ଉପରମୁଣ୍ଡ ନଦୀ ଶଯ୍ୟା ପରଖିବା ସହ ଏନେଇ ରହିଥିବା ନଦୀ ମାନଚିତ୍ର ଯାଞ୍ଚ କରିଥିଲେ। ପରେ ମୂଳ ଖରସ୍ରୋତାର ତଳମୁଣ୍ଡରେ ଥିବା ସ୍ଲୁଇସ୍ ଗେଟ ସ୍ଥଳ ପରିଦର୍ଶନ କରିଥିଲେ। ୨୦୧୪ରୁ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ଟିକରପଡ଼ାଠାରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରିବାକୁ ଦାବି ହୋଇଆସୁଛି। ଏନେଇ ସମିତି ପକ୍ଷରୁ ହାଇକୋର୍ଟ ବିଚାରପତି, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, କୋରେଇ ଓ ଧର୍ମଶାଳା ବିଧାୟକଙ୍କ ନିକଟରେ ଦାବି ଉପସ୍ଥାନ ହୋଇଛି। ଏହାଛଡ଼ା ସମିତି ପକ୍ଷରୁ ନଦୀ ଅବବାହିକାରେ ଅବସ୍ଥିତ ପଞ୍ଚାୟତରେ ପଦଯାତ୍ରା କରାଯାଇଛି। ଅକ୍ଟୋବରରେ କୋରେଇ ବିଧାୟକ ଜଳ ସମ୍ପଦ ସଚିବ, ଉନ୍ନୟନ କମିଶନରଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ପ୍ରତ୍ୟେକ ମାସ ୩୦ରେ ପଦଯାତ୍ରୀ ବିଭିନ୍ନ ଗ୍ରାମ ପରିକ୍ରମା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରସୁଲପୁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି। ଦାବି ମୁତାବକ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ବାରମ୍ବାର କ୍ଷେତ୍ର ସର୍ଭେକ୍ଷଣ କରାଯାଉଛି।

# ବନ୍ଧୁମିଳନ ନାମରେ ଅସନ୍ତୁଷ୍ଟ ବିଜେଡି କର୍ମୀ ଏକଜୁଟ

ନାଉଗାଁ, ୨୦।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତର କୁରିକିଠାରେ କେତେଜଣ ବିଜେଡି କର୍ମୀଙ୍କୁ ନେଇ ରବିବାର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଓ ନାଉଗାଁର ୧ ଓ ୨ନଂ. ଜୋନର କେତେଜଣ ଅସନ୍ତୁଷ୍ଟ ବିଜେଡି କର୍ମୀ ସାମିଲ ହୋଇଥିଲେ। ତିରୁଣା ପଞ୍ଚାୟତର କର୍ମୀ ଯୁଧିଷ୍ଠିର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଜେଡି ଜିଲା ସଭାପତି ତଥା ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ନାଉଗାଁ ପଞ୍ଚାୟତ ବିଜେଡି ସଭାପତି ବିପିନ ବେହେରା, ଅଲଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ କହିଥିଲେ, ଆମ୍ଭେମାନେ ବିଜେଡିରେ ଦୀର୍ଘ ଦିନ ହେବ କାର୍ଯ୍ୟ କରୁଛୁ। ଗତ ବିଧାନସଭା ନିର୍ବାଚନରେ ଦଳକୁ ସହଯୋଗ କରିବା ସହ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ନିର୍ବାଚିତ କରିଥିଲୁ। କିନ୍ତୁ କର୍ମୀମାନଙ୍କୁ ଦଳରେ ଏବେ ଅଣଦେଖା କରାଯାଉଛି। ଏ ସମ୍ପର୍କରେ ଯୁଧିଷ୍ଠିର କହିଛନ୍ତି, ଦଳର ଅସନ୍ତୁଷ୍ଟ କର୍ମୀଙ୍କୁ ନେଇ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଥିଲା। ଆଗାମୀ ଦିନରେ ବିଜେଡିକୁ କିପରି ସଜଡା ଯିବ ସେନେଇ ଏଠାରେ ଆଲୋଚନା ହୋଇଥିଲା।




ବନ୍ଧୁମିଳନ ଉତ୍ସବରେ ସାମିଲ ହୋଇଥିବା ବିଜେଡି କର୍ମୀ।

# ଗୁରୁଙ୍କ ଆଶୀର୍ବାଦ, ପ୍ରେରଣା ପାଇଁ ପ୍ରଥମ ହେଲି

ବାଲିଆ, ୨୦।୧୧(ସ୍ୱ.ପ୍ର.)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସୁରଭିର ଜୁନିୟର ସଙ୍ଗୀତ ବିଭାଗରେ ଜଗତ୍‌ସିଂହପୁର ଜିଲାର ଚଷାପଡ଼ା ଗ୍ରାମର ଦିବ୍ୟାଙ୍ଗ ଛାତ୍ରୀ ସାଲିନ ସାମଲ ପ୍ରଥମ ହୋଇଛନ୍ତି। ଏନେଇ ରବିବାର ବିରିଡ଼ି ବ୍ଲକ ଅନ୍ତର୍ଗତ ବାଲିଆ ଝୁଲା ଗୋପୀନାଥଙ୍କ ମନ୍ଦିର ପରିସରରେ ସାଲିନଙ୍କ ଗୁରୁ ପ୍ରମୋଦ କୁମାର ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଝୁଲା ଗୋପୀନାଥ ସାଂସ୍କୃତିକ କଳାପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁଙ୍କ ଆଶୀର୍ବାଦ, ପ୍ରେରଣା ପାଇଁ ପ୍ରଥମ ହେଲି ବୋଲି ସାଲିନ କହିଛନ୍ତି। ଆଗାମୀ ଦିନରେ ସଙ୍ଗୀତ ଶିଖିବା ପାଇଁ ଅଧିକ ପରିଶ୍ରମ କରିବି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ୩ ଦଫା ଦାବିରେ ପ୍ରାଥମିକ ଶିକ୍ଷକଙ୍କ ବିକ୍ଷୋଭ



ବିକ୍ଷୋଭ ଶୋଭାଯାତ୍ରାରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ।

ଜଗତ୍‌ସିଂହପୁର ଅଫିସ୍, ୨୦।୧୧

ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଜଗତ୍‌ସିଂହପୁର ବ୍ଲକ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ୩ ପ୍ରମୁଖ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଏହି ସ୍ଥାନରୁ ବ୍ଲକ ଶାଖା ସଭାପତି ରଶ୍ମିରଞ୍ଜନ ରାଉତଙ୍କ ଆହ୍ୱାନରେ ଶୋଭାଯାତ୍ରା ବାହାରି ଜଗତ୍‌ସିଂହପୁର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଦାବିପତ୍ର ଦିଆଯାଇଛି। ମହାସଂଘ ପକ୍ଷରୁ କୁହାଯାଇଛି, ଜଗତ୍‌ସିଂହପୁର ବ୍ଲକ ସମେତ ରାଜର୍ୟର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କ ପ୍ରତି ସରକାର ଅଣଦେଖା କରୁଛନ୍ତି । ସେମାନଙ୍କ ଯୁକ୍ତି ହେଲା ଯେଉଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଚାକିରି ଆରମ୍ଭରୁ ୮ବର୍ଷ କିମ୍ବା ୬ବର୍ଷ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିରେ ନିଯୁକ୍ତି ପାଇଥିଲେ ସେମାନଙ୍କୁ ଅନ୍ୟ ଶିକ୍ଷକମାନଙ୍କ ଭଳି ନ୍ୟାୟ ପ୍ରଦାନ କରାଯାଉ ବିଶେଷକରି ୬ଟି ଆନୁପାତିକ ଇନ୍‌କ୍ରିମେଣ୍ଟ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ସହ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଉ । ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପଞ୍ଚାନନ ପୃଷ୍ଟି, ଉପସଭାପତି ଆଲୋକ ରଞ୍ଜନ ଦାସ, ସହକାରୀ ସମ୍ପାଦକ ହରେକୃଷ୍ଣ ପରିଡ଼ା, କୋଷାଧ୍ୟକ୍ଷ କବିତା ମଞ୍ଜରୀ ପତି, ନାରାୟଣ ପଣ୍ଡା, ଆଇନଗତ ପରାମର୍ଶଦାତା ପ୍ରମୋଦ କୁମାର ସ୍ୱାଇଁ, ଉପଦେଷ୍ଟା ରଞ୍ଜିତ କୁମାର ଭଟ୍ଟାଚାର୍ଯ୍ୟ, ପ୍ରଭାତ ବେହେରା, ଗୋପିନାଥ ପାଢୀ, ନୃସିଂହ ଚରଣ ପଲାଇଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ।

# ଭାଜପାରେ ମିଶିଲେ ସରପଞ୍ଚ ପ୍ରାର୍ଥୀ

ବାଲିଆ, ୨୦।୧୧(ସ୍ୱ.ପ୍ର.)

ବିରିଡି ବ୍ଲକ ପୂରଣରେ ଗତ ପଞ୍ଚାୟତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ପ୍ରଦୀପ୍ତ ଦାଶ ରବିବାର ସହଯୋଗୀଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ଏନେଇ ପୂରଣ ମଣ୍ଡଳ ସଭାପତି ତରୁଣକୁମାର ଦାସଙ୍କ ଅଧ୍ୟକ୍ଷତାରେ ୨୨ମୌଜା ପୂରଣ ମାରିଚେଇ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ରାଜ୍ୟ ଅନୁସୂଚିତ ଜାତି ମହିଳା ମୋର୍ଚ୍ଚା ସଂଯୋଜିକା ସ୍ମିତାରାଣୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ୍ତ, ସତୀଶ କୁମାର ପାଢ଼ୀ, ସଙ୍ଗୀତା ମଲିକ, ବିଭୁପ୍ରସନ୍ନ ପଟ୍ଟନାୟକ, ବିକାଶ ମହାପାତ୍ର, ପ୍ରଭାକର ସେନାପତି, ତାରିଣୀ ଦାଶ, ନିରଞ୍ଜନ ବେହେରା ଓ ଉଦିତ ନାରାୟଣ ଆଚାର୍ଯ୍ୟ ପ୍ରମୁଖଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳ ସାଧାରଣ ସମ୍ପାଦକ ବିଭୁତି ଭୂଷଣ ଭୂୟାଁ ପରିଚାଳନା କରିଥିବାବେଳେ ଅଭିମନ୍ୟୁ ସାହୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିହର ବେହେରା, ବାମଦେବ ମଲିକ, ଶିବପ୍ରସାଦ ଦାସ, ସୁଦର୍ଶନ ବସ୍ତିଆ, ଶରତ ସାହୁ ଓ ଦୀନବନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନକୁ ସ୍ଥଗିତ ପାଇଁ ଉଦ୍ୟମ

ନାଉଗାଁ, ୨୦।୧୧(ସ୍ୱ.ପ୍ର.)

ଅଲ୍ ଓଡିଶା ଅଙ୍ଗନୱାଡି ସଂଘ ପକ୍ଷରୁ ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ଦାବି ନେଇ ୨୧ ନଭେମ୍ବର ୨୦୨୨ରେ ବିଧାନସଭା ସମ୍ମୁଖରେ ଧାରଣା ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତି ଅନୁସାରେ ନାଉଗାଁ ବ୍ଲକର ସଂଘରେ ସାମିଲ ଥିବା କର୍ମୀମାନେ ଯୋଗ ଦେବା ପାଇଁ ସ୍ଥିର କରିଛନ୍ତି। କିନ୍ତୁ ଉକ୍ତ ଧାରଣାକୁ ବନ୍ଦ କରିବା ପାଇଁ ପ୍ରଶାସନିକସ୍ତରରେ ଚାପ ପଡୁଥିବାନେଇ କର୍ମୀମାନେ ମତବ୍ୟକ୍ତ କରିଛନ୍ତି। ରବିବାର କୌଣସି କାରଣ ନ ଥାଇ ହଠାତ୍ ନାଉଗାଁ ସିଡିପିଓ କାର୍ଯ୍ୟାଳୟକୁ ଭଏସ୍ ରେକର୍ଡିଂ ମାଧ୍ୟମରେ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ଏକ ମିଟିଙ୍ଗିରେ ଯୋଗଦେବାକୁ କୁହାଯାଇଥିଲା।

ଛୁଟିଦିନ ଥିବାରୁ ହଠାତ୍ କାହିଁକି ଡକାଯାଇଛି ବୋଲି କହି ବହୁ କର୍ମୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ପ୍ରସଙ୍ଗରେ ସିଡିପିଓ ବାସନ୍ତୀ ମଇନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ଏ ସମ୍ପର୍କରେ କାର୍ଯ୍ୟାଳୟର କିରାଣି ରଞ୍ଜନ ବେହେରା କହିଛନ୍ତି, ସମନ୍ୱିତ ଶିଶୁ ବିକାଶ ଓ ମିଶନ ଶକ୍ତି ପକ୍ଷରୁ ଚିଠି ନଂ.୧୯୦୪୦/୧୯-୧୧-୨୨ଅନୁଯାୟୀ, ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ଓ ଧାରଣକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ ଦର୍ଶାଯାଇଛି ଯେ, ଗତ ୨ ବର୍ଷ ହେବ କରୋନା ମହାମାରୀ ପାଇଁ ଅଙ୍ଗନୱାଡି କେନ୍ଦ୍ରଗୁଡିକ ବନ୍ଦ ରହିଥିଲା। ଏହାଦ୍ୱାରା ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆଦି ପ୍ରଭାବିତ ହୋଇଥିଲା। ଏବେ କେନ୍ଦ୍ର ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିଲେ ପୁନର୍ବାର ସମସ୍ୟା ସୃଷ୍ଟି ହେବ। ସରକାରଙ୍କ ଏହି ଚିଠି ଅନୁସାରେ କର୍ମୀମାନଙ୍କୁ ଧାରଣାରୁ ଓହରି ଆଲୋଚନା ପାଇଁ ଡକାଯାଇଛି ବୋଲି ବେହେରା କହିଛନ୍ତି। ଏ ବିଷୟରେ ନାଉଗାଁ ଶାଖା ଅଙ୍ଗନୱାଡ଼ି ସଂଘର ସମ୍ପାଦିକା ସସ୍ମିତା ବିଶ୍ୱାଳ କହିଛନ୍ତି, ବିନା ନୋଟିସରେ ତରବରିଆ ଭାବେ ଧାରଣାକୁ ବନ୍ଦ ରଖିବା ପାଇଁ ସରକାରଙ୍କ ପକ୍ଷରୁ ଚାପ ପ୍ରୟୋଗ କରାଯାଉଛି ବୋଲି ମତବ୍ୟକ୍ତ କରିଛନ୍ତି।

# ମା' କବିତା ଅତ୍ୟନ୍ତ ହୃଦୟସ୍ପର୍ଶୀ

ରାଜକନିକା, ୨୦।୧୧(ଡି.ଏନ.ଏ.)

ରାଜକନିକା ବ୍ଲକର ଓଳାଭର ମହାବିଦ୍ୟାଳରେ ବ୍ରହ୍ମାନନ୍ଦ ପଣ୍ଡାଙ୍କ ରଚତି କନିକା ଆରୁଣ୍ୟକ ଗଳ୍ପ ଓ କବିତା ପୁସ୍ତକ ଅତିଥିମାନଙ୍କ ଦ୍ୱାର ଉନ୍ମୋଚିତ ହୋଇଯାଇଛି। ଏହି ସଭାରେ ସନାତନ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଳାଭର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର ଓ ମୁଖ୍ୟବକ୍ତା ଭାବେ କାଳିପ୍ରସାଦ ନାୟକ ପୁସ୍ତକକୁ ଉନ୍ମୋଚନ କରିଥିଲେ। ତେବେ ମା' କବିତାଟି ଅତ୍ୟନ୍ତ ହୃଦୟ ସ୍ପର୍ଶୀ ହୋଇଥିଲା ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଗୟାଧର ନାଥ, ସେକ୍ ସଲାମତ ଅଲ୍ଲୀ, ପ୍ରାଧ୍ୟାପକ ହଳଧର ବେହେରା, ସମ୍ମାନିତ ବକ୍ତା ଭାବେ ଲକ୍ଷ୍ମୀଧର ଆଦିସ୍ୟ ନାୟକ, ତ୍ରିଲୋଚନ ମଥାନ, ଶିବରାମ ଦାସ ପ୍ରମୁଖ ଆଲୋଚନାରେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ମନୋଜ ପରିଡା ଅତିଥି ପରିଚୟ ଦେଇଥିବାବେଳେ ଧନ୍ୟବାଦ ଦେଇଥିଲେ ଓଳାଭର ଯୁବକ ସଂଘର ସଭାପତି ପ୍ରଫୁଲ୍ଲ କୁମାର ପୃଷ୍ଟି। କିଶୋର କୁମାର ସାହୁ ସଭାକୁ ସଞ୍ଚାଳନ କରିଥିଲେ।



ଅତିଥିମାନେ ଗଳ୍ପ ଓ କବିତା ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଚଣ୍ଡିଖୋଲକୁ ସବ୍‌ଡିଭିଜନ୍ ମାନ୍ୟତା ଦାବି

ଚଣ୍ଡିଖୋଲ, ୨୦।୧୧(ଡି.ଏନ୍.ଏ.)




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ଦାବି ଉପସ୍ଥାପନ କରୁଛନ୍ତି।

ଯାଜପୁର ଜିଲାର ଚଣ୍ଡିଖୋଲ ହେଉଛି ଏକ ପ୍ରମୁଖ ଛକ। ଏହି ଛକ ଦେଇ ୧୦ଟି ଜିଲାର ଜନସାଧାରଣ ଯାତାୟାତ କରିଥାନ୍ତି। ଏବେ ବରଗଡ଼ ଜିଲାର ପଦ୍ମପୁର ଉପନିର୍ବାଚନଥିବାରୁ ମୁଖ୍ୟମନ୍ତ୍ରୀ 'ପଦ୍ମପୁର ନାଗରିକ କ୍ରିୟାନୁଷ୍ଠାନ କମିଟି'କୁ ଜିଲା ଘୋଷଣା ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୨୦୨୩ ଡିସେମ୍ବର ୩୦ ସୁଦ୍ଧା ଏହା ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହିକ୍ରମରେ ବଡ଼ଚଣା ଭାରତୀୟ ଜନତା ପାର୍ଟି(ଭାଜପା) ତରଫରୁ ଚଣ୍ଡିଖୋଲକୁ ସବ୍‌ଡିଭିଜନ ମାନ୍ୟତା ଦାବି ହୋଇଛି। ଏନେଇ ରବିବାର ପାର୍ଟି ପକ୍ଷରୁ ଚଣ୍ଡିଖୋଲଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ନାଥ ଶାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମାକାନ୍ତ ରାଉତ, ଆଇନଜୀବୀ ଉଦୟନାଥ ସାହୁ, ପୂର୍ବତନ ଯାଜପୁର ଜିଲା ଭାଜପା ଉପସଭାପତି ଜ୍ଞାନ ରଞ୍ଜନ ସାହୁ, ଅନନ୍ତ କିଶୋର ଷେଣ୍ଢ, ପ୍ରଦୀପ କୁମାର ଧଳ, ନିହାର ସାମଲ ଓ ଅଖିଳ ମୋହନ ବଳ ପ୍ରମୁଖ ଯୋଗଦେଇ ଉପରୋକ୍ତ ଦାବି ଉପସ୍ଥାପନ କରିଛନ୍ତି।

ସେମାନଙ୍କ ଦାବି ଅନୁଯାୟୀ, ଦାସ କମିଶନ୍ ଚଣ୍ଡିଖୋଲକୁ ଉତ୍ତର କଟକ ଜିଲା କରିବାକୁ ସୁପାରିସ କରିଥିଲେ। ହେଲେ ୧୯୯୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୩୦ଜିଲା ଘୋଷଣା କରିଥିବାବେଳେ ଚଣ୍ଡିଖୋଲକୁ ଜିଲା ମାନ୍ୟତା ମିଳି ନ ଥିଲା। ସେ ଅବିଭକ୍ତ କଟକ ଜିଲାର କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍ ଓ ଯାଜପୁର ସବ୍‌ଡିଭିଜନକୁ ନେଇ ଉତ୍ତର କଟକ ଜିଲା କରିବାକୁ ପ୍ରସ୍ତାବ ରଖିଥିଲେ, ମାତ୍ର ତାହା ହେଲାନାହିଁ। ୨୦୦୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ଚଣା ନିର୍ବାଚନମଣ୍ଡଳୀର ଚଣ୍ଡିଖୋଲ ନିକଟ ସୁଙ୍ଗୁଡ଼ାସ୍ଥିତ ଜନକଲ୍ୟାଣ ହାଇସ୍କୁଲକୁ ନିର୍ବାଚନୀ ପ୍ରଚାରରେ ଆସିଥିଲେ। ସେତେବେଳେ ସେ ଘୋଷଣା କରିଥିଲେ, କ୍ଷମତାକୁ ଆସିଲେ ଚଣ୍ଡିଖୋଲକୁ ସବ୍‌ଡିଭିଜନ୍‌ର ମାନ୍ୟତା ମିଳିବ। କିନ୍ତୁ ଦୁଃଖର କଥା ଇତି ମଧ୍ୟରେ ୧୮ ବର୍ଷ ବିତି ଯାଇଥିଲେ ମଧ୍ୟ ରାଜ୍ୟ ସରକାର ଚଣ୍ଡିଖୋଲକୁ ସବ୍‌ଡିଭିଜନ୍ ପ୍ରଦାନ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ବଡ଼ଚଣାର ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର ୨୦୦୬ରେ ବିଧାନସଭାରେ ଚଣ୍ଡିଖୋଲକୁ ସବ୍‌ଡିଭିଜନର ମାନ୍ୟତା ନେଇ ପ୍ରଶ୍ନ ଉଠାଇଥିଲେ। ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ଖୁବ୍‌ଶୀଘ୍ର ଚଣ୍ଡିଖୋଲକୁ ସବ୍‌ଡିଭିଜନର ମାନ୍ୟତା ମିଳିବ ବୋଲି ପ୍ରକାଶ କରିଥିଲେ। ଏହା ମଧ୍ୟରେ ନବୀନ ସରକାରଙ୍କ ୨୨ବର୍ଷ ପୁରିଥିଲେ ମଧ୍ୟ ତାହା ଘୋଷଣା ହୋଇପାରିଲା ନାହିଁ। ତେଣୁ ଚଣ୍ଡିଖୋଲକୁ ସବ୍‌ଡିଭିଜନର ମାନ୍ୟତା ପ୍ରଦାନ ସହିତ ଏଡିଜେ କୋର୍ଟ ଖୋଲିବା ଏବଂ ତୁରନ୍ତ ଏନ୍‌ଏସି କରିବାକୁ ବଡ଼ଚଣା ଭାଜପା କର୍ମକର୍ତ୍ତା ଦାବି ଉଠାଇଛନ୍ତି।

# କର୍ମନିଯୁକ୍ତି ସୁଯୋଗ ଅପେକ୍ଷାରେ ଯୁବବର୍ଗ

■ ପ୍ରଶାସନ, ରାଜନେତାଙ୍କ ସମନ୍ୱୟ ଆବଶ୍ୟକ
■ ଭିତ୍ତିଭୂମିର ଉନ୍ନତୀକରଣରେ ଜିଲା ଆର୍ଥିକ ସ୍ଥିତି ସୁଧୁରିବ

**କେନ୍ଦ୍ରାପଡ଼ା ଅଫିସ, ୨୦।୧୧:** ୨୦୧୧ ଜନଗଣନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲାର ଯୁବବର୍ଗଙ୍କ ସଂଖ୍ୟା ୬୭ ପ୍ରତିଶତ। କର୍ମନିଯୁକ୍ତି ଏକ ସମସ୍ୟା ହୋଇଥିବା ବେଳେ ଜିଲାର ଓ ନିଜର ଆର୍ଥିକ ସ୍ଥିତି ବଦଳାଇବା ଯୁବବର୍ଗଙ୍କ ସ୍ୱପ୍ନ ଅଛି। ଲୋକସମ୍ବଳ ବିନିଯୋଗ ପାଇଁ କୃଷିଭିତ୍ତିକ ଶିଳ୍ପ, ବୃହତ୍ ଓ ମଧ୍ୟମ ଶିଳ୍ପ ସହିତ କୃଷି ଭିତ୍ତିଭୂମିର ବ୍ୟାପକ ସଂସ୍କାର ଆବଶ୍ୟକ। ପ୍ରଶାସକ ଓ ରାଜନେତାଙ୍କ ସମନ୍ୱୟରେ ଯୋଜନା କାର୍ଯ୍ୟକାରୀ ହେଲେ ଏହା ସମ୍ଭବ ହୋଇପାରିବ ବୋଲି ଯୁବବର୍ଗଙ୍କଠାରୁ ମତ ମିଳିଛି।

### ପର୍ଯ୍ୟଟକଙ୍କୁ ଆକର୍ଷିତ ପାଇଁ ଛୋଟ ପ୍ରକଳ୍ପ ଆବଶ୍ୟକ



କେନ୍ଦ୍ରାପଡ଼ା ଜିଲାକୁ ତୁଳସୀ କ୍ଷେତ୍ର କୁହାଯାଏ। ଏଠାରେ ବହୁ ଐତିହ୍ୟ ସ୍ଥାନ ସହିତ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଅଛି। ଏହି ସ୍ଥାନକୁ ଦର୍ଶନୀୟ କରି ପର୍ଯ୍ୟଟକଙ୍କୁ ଆକର୍ଷିତ ପାଇଁ ଛୋଟ ପ୍ରକଳ୍ପଗୁଡିଏ ଆବଶ୍ୟକ। ଲୋକଙ୍କ ଆଗମନ ଯୁବବର୍ଗଙ୍କୁ ଆବଶ୍ୟକ ମୁତାବକ ରୋଜଗାର ଦେଇପାରିବ।

– ଧର୍ମେନ୍ଦ୍ର ପ୍ରଧାନ

### ୩ ବର୍ଷ ହେଲା ଦୌଡ଼ିବା ସତ୍ତ୍ୱେ ମିଳୁନି ଋଣ



ଝିଅ ପିଜି ପରେ ଏକ ଖାଦ୍ୟ ପ୍ରୋସେସିଂ ୟୁନିଟ୍ ସ୍ଥାପନ ପାଇଁ ବାରମ୍ବାର ବ୍ୟାଙ୍କ ଓ ଜିଲା ଶିଳ୍ପ କେନ୍ଦ୍ରକୁ ଦୌଡ଼ିଛି। ଋଣ ପାଇଁ ଜମି ବନ୍ଧକ ଦେବାକୁ ପ୍ରସ୍ତୁତ ସତ୍ତ୍ୱେ ୩ ବର୍ଷ ଧରି ମିଳୁନି। ସିଙ୍ଗଲ ୱିଣ୍ଡୋରେ ସରକାରୀ କାର୍ଯ୍ୟ ହେଲେ ଯୁବ ଶିଳ୍ପୋଦ୍ୟୋଗୀଙ୍କୁ କାମ ମିଳିବ।

–ପଦ୍ମନାଭ ତ୍ରିପାଠୀ

### ନିର୍ଦ୍ଦିଷ୍ଟ ଫସଲ ପାଇଁ ପ୍ରୋତ୍ସାହିତ କଲେ ଦାଦନଙ୍କ ସଂଖ୍ୟା କମିବ



କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। ଏଠାରେ କୃଷି ଓ କୃଷକଙ୍କ ପାଇଁ ଯୋଜନା ଏବଂ ଅର୍ଥ ଆସୁଥିଲେ ମଧ୍ୟ ତୃଣମୂଳରେ କାର୍ଯ୍ୟକାରୀ ହେଉନାହିଁ। ଜିଲାକୁ ଏକ ୟୁନିଟ୍ ଭାବେ ଗ୍ରହଣ କରି ରାଜନେତା ଓ ପ୍ରଶାସକ ଏକ ନିର୍ଦ୍ଦିଷ୍ଟ ଫସଲ ପାଇଁ ପ୍ରୋତ୍ସାହିତ କଲେ ଦାଦନଙ୍କ ସଂଖ୍ୟା କମିବ।

– ମନୋଜ କୁମାର ନାୟକ

### ରାସ୍ତା ନ ଥିବାରୁ ଜିଲାରେ ଅର୍ଥନୈତିକ ଉନ୍ନତି ହୋଇପାରୁନି



ବିକାଶଶୀଳ ଜିଲା ପାଇଁ ଦ୍ରୁତ ଯୋଗାଯୋଗକୁ ଗୁରୁତ୍ୱ ଦେବାକୁ ହେବ। ଜାତୀୟ ଉଦ୍ୟାନ ଭିତରକନିକା ସମେତ ଆଗକୁ ଶିଳ୍ପ ପ୍ରତିଷ୍ଠା ହେବ। ଏହାକୁ ଦୃଷ୍ଟିରେ ରଖିଲେ ଯାତ୍ରୀବାହୀ ଟ୍ରେନ ଓ ବିମାନ ବନ୍ଦର ଆବଶ୍ୟକ। ସେହିପରି ପ୍ରତି ଗ୍ରାମକୁ ରାସ୍ତା ନ ଥିବାରୁ ଜିଲାରେ ଅର୍ଥନୈତିକ ଉନ୍ନତି ହୋଇପାରୁନାହିଁ।

– ଲକ୍ଷ୍ମୀପ୍ରିୟା ସ୍ୱାଇଁ

### କର୍ମନିଯୁକ୍ତି ନାହିଁ ଯୁବବର୍ଗ ଜିଲା ବାହାରକୁ ଯାଉଛନ୍ତି



ସରକାରୀ ଚାକିରି ପର୍ଯ୍ୟାପ୍ତ ନୁହେଁ। ଜିଲାରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ। ଆବଶ୍ୟକ କର୍ମନିଯୁକ୍ତି ନ ଥିବାରୁ ଯୁବବର୍ଗ ଜିଲା ବାହାରକୁ ଯାଉଛନ୍ତି। ଆତ୍ମନିର୍ଭର ପାଇଁ କୃଷି, ଲଘୁ ଉଦ୍ୟୋଗ, କ୍ଷୁଦ୍ର ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ର ଆଦି ଭିତ୍ତିଭୂମି ଅଛି। ପ୍ରଶାସକ ଓ ସ୍ଥାନୀୟ ରାଜନେତାଙ୍କ ସହଯୋଗରେ ପ୍ରକଳ୍ପ ପ୍ରସ୍ତୁତ କରି ସହଜରେ କର୍ମନିଯୁକ୍ତି ଦିଆଯାଇପାରିବ।

– ରାଜେଶ କୁମାର ବେହେରା

### ଦକ୍ଷତାଭିତ୍ତିକ ଶିକ୍ଷାନୁଷ୍ଠାନ ହେଲେ ଯୁବବର୍ଗଙ୍କୁ କର୍ମନିଯୁକ୍ତି ମିଳିବ



ପଡୋଶୀ ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଜିଲାରେ ବିଭିନ୍ନ ଶିଳ୍ପ ଅଛି। ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲାର ମହାକାଳପଡା ବ୍ଲକ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ହେଲାଣି। ଏହି ସମୟରେ ଶିଳ୍ପରେ ନିଯୁକ୍ତି ପାଇଁ ଦକ୍ଷତାଭିତ୍ତିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେଲେ ଯୁବବର୍ଗଙ୍କୁ କର୍ମନିଯୁକ୍ତି ମିଳିବ।

– ଚିନ୍ମୟ ବଳ

### ସମୁଦ୍ର ତଟରୁ ୫ କି.ମି. ଦୂରରେ ନଦୀ ସଂଯୋଗୀ କେନାଲ ଆବଶ୍ୟକ



ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ଜଳପଥ ଏହି ଜିଲାରେ ଅଛି। ତେବେ ମଧୁର ଜଳକୁ ଧରି କୃଷି କ୍ଷେତ୍ରରେ ନିୟୋଜିତ ପାଇଁ କୌଣସି ଯୋଜନା ନାହିଁ। ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ୪୮ କି.ମି. ସମୁଦ୍ର ତଟଠାରୁ ୫ କି.ମି. ଦୂରରେ ନଦୀ ସଂଯୋଗୀ କେନାଲ ଆବଶ୍ୟକ।

– ସ୍ୱରାଜ କୁମାର ଦାସ

### ମହୁଚାଷ କରାଗଲେ ୫ ହଜାର ଯୁବକଙ୍କୁ ମିଳିବ କର୍ମନିଯୁକ୍ତି



ଜିଲାରେ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ଏହାର କ୍ଷେତ୍ରଫଳ ୬୭୨ବର୍ଗ କିଲୋମିଟର। ଏଠାରେ କେବଳ ମହୁଚାଷ ହେଲେ ଭିତରକନିକା ମହୁ ବିଶ୍ୱରେ ପରିଚୟ ପାଇବା ସହ ପ୍ରାୟ ୫ ହଜାର ଯୁବକଙ୍କୁ କାମ ମିଳିବ। ଏଥିସହିତ ପର୍ଯ୍ୟଟନ ଶିଳ୍ପର ବ୍ୟାପକତା ଯୁବବର୍ଗଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ମିଳିବ।

–ଲକ୍ଷ୍ମୀଧର ସ୍ୱାଇଁ

### ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଜିଲାର ଅର୍ଥନୀତି ଭୁଶୁଡ଼ିଛି



କୃଷିଭିତ୍ତିକ ଶିଳ୍ପ, ସାମୁଦ୍ରିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଶୀତଳଭଣ୍ଡାର, ଲଘୁ ଉଦ୍ୟୋଗ ଆଦି ପାଇଁ ଭିତ୍ତିଭୂମି ଅଛି। ଲୋକସମ୍ବଳ ବିନିଯୋଗ ପାଇଁ ଇଚ୍ଛାଶକ୍ତି ଆବଶ୍ୟକ। ଜିଲାର ସାମୂହିକ ଆର୍ଥିକ ବିକାଶ ପାଇଁ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ରହୁନାହିଁ। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଜିଲାର ଅର୍ଥନୀତି ଭୁଶୁଡ଼ିଯାଇଛି।

– ମାନସ କୁମାର ଦାସ

**ସଂକ୍ଷେପରେ**

## ରାସ୍ତା ମରାମତି କାର୍ଯ୍ୟ ଶୁଭାରମ୍ଭ



ରଘୁନାଥପୁର,୨୦।୧୧(ଡି.ଏନ୍.ଏ.): ରଘୁନାଥପୁର ପଞ୍ଚାୟତ ୪ ନଂ. ୱାର୍ଡର ଆରାଧନା ସାହି ରାସ୍ତା ଦୀର୍ଘଦିନ ହେବ ମରମତି ହୋଇ ନ ଥିଲା। ଏନେଇ ଉକ୍ତ ୱାର୍ଡର ରବୀନ୍ଦ୍ର ମହାପାତ୍ରଙ୍କ ଘରଠାରୁ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ପାଚେରି ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇଯାଇଥିଲା। ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଥିଲା। ଲୋକମାନେ ବିଭିନ୍ନ ସମୟରେ ଏନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ କୌଣସି ସୁଫଳ ମିଳୁ ନ ଥିଲା। ସରପଞ୍ଚ ସୁଚିତ୍ରା ପଣ୍ଡା ଏବେ ଉକ୍ତ ରାସ୍ତା ମରାମତି ପାଇଁ ପଦକ୍ଷେପ ନେଇଛନ୍ତି। ଏହି ମରାମତି କାର୍ଯ୍ୟ ଶୁଭାରମ୍ଭ ସମୟରେ ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା ଓ ସସ୍ମିତା ସାହୁଙ୍କ ସହ ଏସ୍‌ଏଚ୍‌ଜି ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଜନମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ ୨୦।୧୧(ସ୍ୱ.ପ୍ର.): କେନ୍ଦ୍ରାପଡ଼ାର ଜନମଞ୍ଚ ପକ୍ଷରୁ ବିଶିଷ୍ଟ ସାମ୍ୟବାଦୀ ନେତା କ୍ଷେତ୍ରବାସୀ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅଢ଼ାଯୋଡ଼ିଠାରେ ଅନୁଷ୍ଠିତ ହୋଇଯାଇଛି। ଜନମଞ୍ଚ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଚନ୍ଦନନଗର ସରପଞ୍ଚ ବନୋଜ ସେଠୀ, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ଜିଲା ଦଳିତ ସେଲ ସଭାପତି ସର୍ବେଶ୍ୱର ସେଠୀ, ଗୌରାଙ୍ଗ ବେହେରା, କାଉନସିଲର ମଳୟ ଓଝା,ବୀରେନ୍ଦ୍ର ସାମଲ, ବାବାଜୀ ଦାସ, ବିପ୍ର ଚରଣ ରାଉତ, ବେଲାଳସେନ ପରିଡା, କନକଲତା ନାୟକ, ଶଶୀଭୂଷଣ କୁଣ୍ଡ, ଅନ୍ନପୂର୍ଣ୍ଣା ବେହେରା, ସଂଯୁକ୍ତା ପ୍ରଧାନ



ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ ଦିବଂଗତ ପ୍ରଧାନ ସମଗ୍ର ଉତିକଣ ଅଞ୍ଚଳର ବିକାଶ ସହ ଚାଷୀ ମୁଲିଆ ଓ ଖଟିଖିଆଙ୍କ ଅଧିକାର ପାଇଁ ଜୀବନ ବ୍ୟାପୀ ସଂଗ୍ରାମ କରିଥିବାରୁ ସବୁଦିନ ଅବିସ୍ମରଣୀୟ ହୋଇରହିବେ। ସ୍ୱର୍ଗତ ପ୍ରଧାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭା ଆରମ୍ଭରେ ସ୍ୱର୍ଗତ କ୍ଷେତ୍ରବାସୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ସଞ୍ଜୀବ ବାରିକ ଓ ଶୁଭଶ୍ରୀ ପଣ୍ଡା ପରିଚାଳନା କରିଥିଲେ।

## ଦେଶ ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକାକୁ ନେଇ ଆଲୋଚନା





ନଗର ସମ୍ମିଳନୀରେ ଯୋଗ ଦେଇଥିବା ଏବିଭିପିର ନେତା ଓ କର୍ମୀମାନେ।

### ଏବିଭିପିର ନଗର ସମ୍ମିଳନୀ

ପଟ୍ଟାମୁଣ୍ଡାଇ ୨୦।୧୧(ସ୍ୱ.ପ୍ର.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ବଡପଡ଼ା ନଗର ଶାଖା ପକ୍ଷରୁ ଚଳିତ ଶିକ୍ଷାବର୍ଷ ୨୦୨୨-୨୩ ନିମନ୍ତେ ନଗର ସମ୍ମିଳନୀ ନିକଟସ୍ଥ ଦିହୁଡ଼ିପୁରସ୍ଥିତ ଜଗନ୍ନାଥ କୋଚିଂ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମହାବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏବିଭିପି କେନ୍ଦ୍ରାପଡ଼ା ଜିଲା ସଂଯୋଜକ ଚିନ୍ମୟ କୁମାର ଦାସ ଓ ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ସଙ୍ଗଠନ ସମ୍ପାଦକ ଯୁଧିଷ୍ଠିର ବେହେରା ଯୋଗଦେଇଥିଲେ। ପ୍ରସ୍ତାବକ ପୂର୍ବତନ ନଗର ସମ୍ପାଦକା ଲକ୍ଷ୍ମୀପ୍ରିୟା ରାଉତ ବାର୍ଷିକ ବିବରଣୀ ପାଠ କରିବା ସହିତ ମୁଖ୍ୟଅତିଥି ଦାସ ଏବିଭିପିର ଲକ୍ଷ୍ୟ ଆଦର୍ଶ ଓ ଦେଶର ପୁନଃନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ବିଷୟ ରଖିଥିଲେ। ପୂର୍ବବର୍ଷ କାର୍ଯ୍ୟକାରିଣୀ ଭଙ୍ଗ କରାଯାଇ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା। ନଗର ସଭାପତି ଭାବେ ଅଧ୍ୟାପକ ପ୍ରତାପ ରଞ୍ଜନ ପତି, ଉପସଭାପତି ବଳରାମ ପଲାଇ ଏବଂ ସମ୍ପାଦିକା ଭାବେ ଛାତ୍ରୀ ନେତ୍ରୀ ଶୁଭସ୍ମିତା ନାୟକଙ୍କୁ ମନୋନୀତ କରାଯାଇଛି। ଏଥିରେ ନୂତନ ନଗର ସମ୍ପାଦିକା ଆଗାମୀ କାର୍ଯ୍ୟକ୍ରମ ବିଷୟରେ କହିବା ସହ ଜିଲା ସଙ୍ଗଠନ ସମ୍ପାଦକ ବେହେରା ଏବିଭିପିର କାର୍ଯ୍ୟପଦ୍ଧତି ଓ ଛାତ୍ରୀଛାତ୍ରମାନେ କିପରି ପାଠପଢା ସହ ସମାଜ ଓ ରାଷ୍ଟ୍ର କାମରେ ନିଜକୁ ନିୟୋଜିତ କରିପାରିବେ କହିଥିଲେ।ଏଥିରେ ସହସମ୍ପାଦକ ଭାବେ ପଦ୍ମିନୀ ମଲିକ ଏବଂ ପ୍ରଭାତ ସାହୁ, କ୍ରୀଡା ପ୍ରମୁଖ ସୁଶାନ୍ତ କୁମାର ବାରିକ, ଏସ୍‌ଏଫ୍‌ଡି ପ୍ରମୁଖ ବୈଶାଖୀ ବାରିକ, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ସଂଯୁକ୍ତା ରାଉତ ଓ ଅମିତ୍ ନାୟକ, ସୁଶ୍ରୀ ସ୍ୱାଗତିକା ପ୍ରଧାନ,ପୂର୍ଣ୍ଣିମା ଜେନା ପ୍ରମୁଖଙ୍କୁ ବିଭିନ୍ନ ଦାୟିତ୍ୱ ଦିଆ ଯାଇଥିଲା। ଜୋସ୍ନାରାଣୀ ମଲ୍ଲିକ ଏବଂ ସନ୍ତୋଷୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଲ୍ୟାଣ ମଣ୍ଡପ ହସ୍ତାନ୍ତରକୁ ନେଇ ଶ୍ରଦ୍ଧାଳୁଙ୍କ ଅସନ୍ତୋଷ

କେନ୍ଦ୍ରାପଡା ଅଫିସ, ୨୦।୧୧

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ପୁରାତନ ମାଉସୀ ମା’ ମନ୍ଦିର ସ୍ଥାନରେ ଏକ କଲ୍ୟାଣ ମଣ୍ଡପର ନିର୍ମାଣ ସରିଛି। ଏହି କଲ୍ୟାଣ ମଣ୍ଡପ ଶ୍ରୀଜୀଉଙ୍କ ନିଜସ୍ୱ ସମ୍ପତ୍ତିରେ ନିର୍ମାଣ ସତ୍ତ୍ୱେ ଏହାର ପରିଚାଳନା ଭାର ଟ୍ରଷ୍ଟ ପରିବର୍ତ୍ତେ କେନ୍ଦ୍ରାପଡ଼ା ପୌର ପରିଷଦକୁ ଦିଆଯିବାକୁ ମସୁଧା ଚାଲିଛି। ଏ ପ୍ରକାର ଆଲୋଚନା ରବିବାର ଶ୍ରଦ୍ଧାଳୁ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଲୋଚନା ଅନୁଯାୟୀ, ଶ୍ରୀଜୀଉଙ୍କ ନିଜସ୍ୱ ସମ୍ପତ୍ତିରେ ଏହି ସ୍ଥାନ ଅଛି। ଏହାର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପାଣ୍ଠିରୁ ଟଙ୍କା ପ୍ରଦାନ କରାଯାଇଥିଲା। ଏହାକୁ ପୂର୍ତ୍ତ ବିଭାଗ ନିର୍ମାଣ ଦାୟିତ୍ୱ ନେଇ ସମ୍ପୂର୍ଣ୍ଣ କରିଛି। ଏହି କଲ୍ୟାଣ ମଣ୍ଡପ ଆୟରେ ଶ୍ରୀଜୀଉଙ୍କ ନୀତିକାନ୍ତି ଖର୍ଚ୍ଚରେ ଭରଣା ହେବାକୁ ଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଏହାର ପରିଚାଳନା ଭାର ପୌର ପରିଷଦକୁ ଦେବାକୁ ମସୁଧା କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ତଥା ଶ୍ରୀଜୀଉଙ୍କ ପରିଚାଳନା ଟ୍ରଷ୍ଟ ଅଧ୍ୟକ୍ଷ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଏହା କାହାକୁ ଏ ପର୍ଯ୍ୟନ୍ତ ହସ୍ତାନ୍ତର କରାଯାଇନାହିଁ। ତେବେ ଟ୍ରଷ୍ଟ ବୋର୍ଡ ମିଟିଂରେ ଏ ସମ୍ପର୍କରେ ଆଲୋଚନା ହେବାକୁ ସ୍ଥିର ହୋଇଛି ବୋଲି ସେ କହିଛନ୍ତି।

## ରାଷ୍ଟ୍ରର ବିଭବ କବିତା ମାଧ୍ୟମରେ ଚିରସ୍ରୋତା ହୋଇଛି





କବିତା ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦ୍ରାପଡ଼ା ଅଫିସ, ୨୦।୧୧

ବିଭିନ୍ନ ସମୟରେ ରାଷ୍ଟ୍ରର ଆକାର, ପ୍ରକାର ବଦଳିଛି। ସାଂସ୍କୃତିକ ବିଭବକୁ ନଷ୍ଟ କରାଯାଇଛି। ପରମ୍ପରା, ଆଚାର, ବିଚାର ବଦଳିଛି। ତେବେ ଏହି ରାଷ୍ଟ୍ରର ବିଭବ କବିତା ମାଧ୍ୟମରେ ଚିରସ୍ରୋତା ହୋଇଛି। ରାଷ୍ଟ୍ର ଏକ ରାଜନୈତିକ ଶବ୍ଦ ନୁହେଁ, ବରଂ ଏକ ସୃଜନଶୀଳତାର ମନ୍ତ୍ର। ରାଷ୍ଟ୍ରକୁ ବାଦ ଦେଇ ସୃଜନ ବା ପରିକଳ୍ପନା ସମ୍ଭବ ନୁହେଁ। ବୈଦିକ ଯୁଗରୁ କବିତା ରାଷ୍ଟ୍ର ନିର୍ମାଣରେ ବ୍ରତୀ ହୋଇ ଆସିଛି ବୋଲି କବି ତଥା ସ୍ତମ୍ଭକାର ହରପ୍ରସାଦ ଦାସ ରବିବାର କହିଛନ୍ତି। ସାମାଜିକ ସଙ୍ଗଠନ ଜୟ ରାଷ୍ଟ୍ର ପକ୍ଷରୁ ସହରର ଗୋପଛକସ୍ଥିତ କମଳ ଭବନଠାରେ ରାଷ୍ଟ୍ରବାଦୀ କବିତା ମହୋତ୍ସବ ଆବାହକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ସ୍ତମ୍ଭକାର ଦାସ କହିଥିଲେ, ସମ୍ପ୍ରତି କବିତାରେ ଭାରତୀୟତାର ଅଭାବ ରହିଛି। ଦୀର୍ଘଦିନ ପରେ ରାଷ୍ଟ୍ରବାଦକୁ ଧେୟ କରି ମହୋତ୍ସବ ଆରମ୍ଭ ହୋଇଥିବାରୁ ଉତ୍ତରପିଢ଼ିଙ୍କ ପାଇଁ ଏହା ଆହ୍ୱାନ ହୋଇଛି। ମୁଖ୍ୟବକ୍ତା କବି ଜ୍ଞାନ ହୋତା ବାଲ୍ମିକୀ ରାମାୟଣ ରାଷ୍ଟ୍ରବାଦର ମହାକାବ୍ୟ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୨୨ ଜଣ ରାଷ୍ଟ୍ରବାଦୀ କବି ସ୍ୱଲିଖିତ କବିତା ପାଠ କରିଥିଲେ। ଉଦ୍‌ଘୋଷିକା ଦିପ୍ତୀ ଦାଶ ଓ ଗୀତା ରାୟ କବିତା ସଂଯୋଜନା କରିଥିଲେ। ସାମାଜିକ କର୍ମୀ ଅକ୍ଷୟ କୁମାର ପାଣି, ସୁଶାନ୍ତ ନାୟକ, ରଞ୍ଜନ ବିଶ୍ୱାଳ ମହୋତ୍ସବକୁ ପରିଚାଳନା କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ଶିକ୍ଷାବିତ୍ ଭୂବନମୋହନ ଜେନା, ଡା. ବୀରେନ୍ଦ୍ର କୁମାର ଦାଶ, ଜ୍ୟୋତିରଞ୍ଜନ ନାୟକ, ପ୍ରଦୀପ କୁମାର ନାୟକ ପ୍ରମୁଖ ଅତିଥି କବିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଅଧ୍ୟାପିକାଙ୍କ ବିଶୃଙ୍ଖଳିତ ଆଚରଣ ବିରୋଧରେ ଥାନାରେ ଅଭିଯୋଗ

ରଘୁନାଥପୁର,୨୦।୧୧(ଡି.ଏନ୍.ଏ.)

ରଘୁନାଥପୁର ଥାନା କୁର୍ଣ୍ଣାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜର ଜଣେ କାର୍ଯ୍ୟରତା ଅଧ୍ୟାପିକାଙ୍କ ବିରୋଧରେ ଅଧ୍ୟକ୍ଷ ଦୟାନିଧି ରାଉତରାୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ସମ୍ପୃକ୍ତା ଅଧ୍ୟାପିକା କଲେଜରେ ବିଶୃଙ୍ଖଳିତ ଆଚରଣ କରିବା ସହ ଅଧ୍ୟକ୍ଷ ଓ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଗତ ୧୭ ତାରିଖରେ ଯୁକ୍ତ ୩ ମାର୍କ କାଉଣ୍ଟିଂ ପାଇଁ ସମ୍ପୃକ୍ତା ଅଧ୍ୟାପିକା ଅନ୍ୟ ଏକ କଲେଜକୁ ଯିବା ପାଇଁ ଚାହିଁଥିଲେ। ମାତ୍ର କଲେଜରେ ଷ୍ଟାଫ କମ୍ ଥିବାରୁ ୟୁନିଭରସିଟି କଣ୍ଟ୍ରୋଲର ଏଥିପାଇଁ ଅନୁମତି ଦେଇନାହାନ୍ତି ବୋଲି ଅଧ୍ୟକ୍ଷ ରାଉତରାୟ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଧ୍ୟାପିକା ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ରାଉତରାୟଙ୍କୁ ଗାଳିଗୁଲଜ କରିବା ସହ କଲେଜରେ ହଙ୍ଗାମା କରିଥିଲେ। ଏପରିକି କିରାଣିଙ୍କୁ ଘୋଷାଡି ମାଡ଼ ମାରିଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରାଜକିଶୋର ବେହେରା କହିଛନ୍ତି। ପୂର୍ବରୁ ସମ୍ପୃକ୍ତା ଅଧ୍ୟାପିକାଙ୍କ ଏଭଳି ଆଚରଣ ଯୋଗୁ ମ୍ୟାନେଜମେଣ୍ଟ ପକ୍ଷରୁ ତାଙ୍କୁ ୭ ବର୍ଷ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।

## ମତାନ୍ତର ରହୁ ମନାନ୍ତର ନ ହେଉ





ସମାବେଶରେ ଯୋଗଦେଇଥିବା ଶ୍ରମିକ ନେତାମାନେ।

### ୪ ଶ୍ରମିକ ୟୁନିୟନର ମିଳିତ ସମାବେଶ

ପାରାଦୀପ,୨୦।୧୧(ସ୍ୱ.ପ୍ର.)

ପାରାଦୀପ ବଡ଼ପଡିଆ ଜୟଦେବ ସଦନ ସମ୍ମୁଖରେ ରବିବାର ସନ୍ଧ୍ୟାରେ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହ ଅବସରରେ ୪ ୟୁନିୟନ (ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିୟନ, ପେଟ୍ରୋଲିୟମ ପ୍ରଡକ୍ଟ ହ୍ୟାଣ୍ଡଲିଂ ଏମ୍ପ୍ଲୋଇଜ ୟୁନିୟନ, ଇଫ୍‌କୋ ଶ୍ରମିକ କର୍ମଚାରୀ ୟୁନିୟନ, ଏସାରଷ୍ଟିଲ ଇଣ୍ଡିଆ ୱାର୍କର୍ସ ୟୁନିୟନ)ର ମିଳିତ ସମାବେଶରେ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏସବୁ ୟୁନିୟନର ପ୍ରତିଷ୍ଠାତା ଘନଶ୍ୟାମ ଜେନା ଏଥିରେ ଯୋଗ ଦେଇ କହିଥିଲେ, ସମସ୍ତେ ସଙ୍ଗଠିତ ହୋଇ ରୁହନ୍ତୁ। ଯେଉଁଠି କାମ କରୁଛନ୍ତି ସେଠି ନିଷ୍ଠା ରଖନ୍ତୁ। କାରଖାନା ଉନ୍ନତି ହେଲେ ଶ୍ରମିକ ତାର ପ୍ରାପ୍ୟ ନିଶ୍ଚୟ ପାଇବ। ନିଜ ଭିତରେ ବିଭିନ୍ନ ଘଟଣାକୁ ନେଇ ମତାନ୍ତର ରହୁ, କିନ୍ତୁ ମନାନ୍ତର ନ ହେଉ ବୋଲି ସେ କହିଥିଲେ। ସମାବେଶରେ ସମ୍ପାଦକ ସନାତନ ବେହେରା ସଭାପତିତ୍ୱ କରିଥିଲେ। ତନ୍ମୟ ଜେନା, ରବିନାରାୟଣ ଦାସ, ଅଭିମନ୍ୟୁ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ନିଜର ମନ୍ତବ୍ୟ ଦେଇଥିଲେ। ସମାବେଶରେ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଯୋଗ ଦେଇଥିଲେ।

## ବାଲ୍ୟ ବିବାହ ବଢ଼ାଉଛି ଚିନ୍ତା

**ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ**

ଜଗତ୍‌ସିଂହପୁର ଅଫିସ, ୨୦।୧୧

ଜଗତ୍‌ସିଂହପୁର ଭଳି ଶିକ୍ଷିତ ଜିଲାରେ ମଧ୍ୟ ଏବେ ବି ବାଲ୍ୟ ବିବାହ ଚିନ୍ତାର କାରଣ ପାଲଟିଛି। ତେଣୁ ଏହା ବନ୍ଦ ପାଇଁ ବ୍ୟାପକ ସଚେତନତା ସୃଷ୍ଟି ହେବା ଦରକାର। ସ୍ଥାନୀୟ କୋର୍ଟ ଛକସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଭବନ ପରିସରରେ ବାଲ୍ୟ ବିବାହ ବନ୍ଦ ସମ୍ପର୍କିତ ସଚେତନତା ଶିବିରରେ ଏଭଳି କୁହାଯାଇଛି। ଏଥିରେ ଜିଲାର ବିଭିନ୍ନ ମଠ, ମନ୍ଦିରର ଟ୍ରଷ୍ଟି ଓ ପୂଜକମାନେ ଯୋଗ ଦେଇଥିଲେ। ଶିବିରରେ କୁହାଯାଇଥିଲା, ଅତୀତରେ ମଠ, ମନ୍ଦିର ଆଦିରେ ବିବାହ କରିବାକୁ ହେଲେ ଟ୍ରଷ୍ଟି ଓ ପୂଜକମାନେ ଆଧାରକାର୍ଡ ଦେଖି ଏହି କାର୍ଯ୍ୟ ପାଇଁ ଅନୁମତି ଦେଉଥିଲେ। କିନ୍ତୁ ଏବେ ବିବାହ ପୂର୍ବରୁ ଜନ୍ମଗତ ପ୍ରମାଣପତ୍ର ସହିତ ଶିକ୍ଷାଗତ୍ ଯୋଗ୍ୟତାକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଝିଅ ଓ ପୁଅଙ୍କ ବୟସ ଯଥାକ୍ରମେ ୧୮ ଓ ୨୧ ବର୍ଷରୁ କମ୍ ହୋଇଥିବ ସେମାନେ ବିବାହ କରିବା ଆଇନ ସମ୍ମତ ନୁହେଁ। ତେଣୁ ଏଭଳି କେହି ମଠ, ମନ୍ଦିର ଆଦିରେ ବିବାହ କରିବାକୁ ଆସିଲେ ତୁରନ୍ତ ସ୍ଥାନୀୟ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) କିମ୍ବା ଥାନାକୁ ଜଣାଇବା ଜରୁରୀ। ଏଥିପ୍ରତି ମନ୍ଦିର ଟ୍ରଷ୍ଟି ଓ ପୂଜକମାନେ ଧ୍ୟାନ ଦେବାକୁ ଶିବିରରେ ପରାମର୍ଶ ଦିଆଯାଇଥିଲା। ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଡିଏସ୍‌ପି ଭରତ ବେହେରା, ଜିଲା ଚାଇଲ୍ଡ ଲାଇନ୍ ଡାଇରେକ୍ଟର ପୂର୍ଣ୍ଣଚନ୍ଦ୍ର ମଲ୍ଲ, ଜିଲା ସଂଯୋଜକ ନରେଶ ଚନ୍ଦ୍ର ଗୋଛାୟତ, ସୁରକ୍ଷା ଅଧିକାରୀ ଅଂଶୁପା ସାହୁ, ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଉଦୟନାଥ ସ୍ୱାଇଁ ଓ ଆକ୍ସନଏଡ୍ ଜିଲା ସଂଯୋଜକ ତପନ କୁମାର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।





ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

**ବଜାର ପୁଞ୍ଜିରେ ୪୨,୧୭୩ କୋଟି ଯୋଗ**

**ନୂଆଦିଲ୍ଲୀ:** ଚଳିତ ମାସର ୩ ସପ୍ତାହ ମଧ୍ୟରେ ଶେୟାର ବଜାରର ନିବେଶ ଫଳାଫଳ ଅନୁଯାୟୀ ବଜାର ପୁଞ୍ଜିର ଏକ ଲିଷ୍ଟ ଜାରି କରାଯାଇଛି। ଏପରିକି ଦେଶର ଶ୍ରେଷ୍ଠ ୧୦ ନିବେଶକ କମ୍ପାନୀଙ୍କ ମଧ୍ୟରୁ ୮ଟି କମ୍ପାନୀ ଗତ ସପ୍ତାହରେ ୪୨,୧୭୩.୪୨ କୋଟି ଟଙ୍କା ବଜାର ପୁଞ୍ଜିରେ ଯୋଗ କରି ପାରିଛନ୍ତି। ବିଶେଷକରି ଆଇସିଆଇସିଆଇ ବ୍ୟାଙ୍କ, ଇନ୍‌ଫୋସିସ୍ ଏବଂ ଟିସିଏସ୍ ଭଳି ନିବେଶକ କମ୍ପାନୀ ସର୍ବାଧିକ ଲାଭକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛନ୍ତି। ସେହିପରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ହିନ୍ଦୁସ୍ତାନ ୟୁନିଲିଭିର ଲିମିଟେଡ୍ ଉକ୍ତ ସୂଚୀରୁ ବାଦ ପଡିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ ଏବଂ ଷ୍ଟେଟ ବ୍ୟାଙ୍କ ଭଳି ୮ ନିବେଶକ କମ୍ପାନୀ ସେମାନଙ୍କ ମୂଲ୍ୟରେ ଲାଭ ହାସଲ କରିଛନ୍ତି।

# 'ଆସନ୍ତା ବର୍ଷରେ ଅର୍ଥନୀତି ୬-୭%କୁ ବୃଦ୍ଧି ପାଇବ'

**ନୂଆଦିଲ୍ଲୀ,୨୦।୧୧**

ସାରା ବିଶ୍ୱ ବର୍ତ୍ତମାନ ପରିସ୍ଥିତିରେ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏପରିକି ବିଶ୍ୱ ବିମୁଦ୍ରୀକରଣ ଆଡକୁ ଗତି କରୁଥିବା ବେଳେ ଭାରତରେ ତା'ର (ବିମୁଦ୍ରୀକରଣ) କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଭାରତର ପୂର୍ବତନ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଆକଳନ କରିଛନ୍ତି। ସେହିଭଳି ଆସନ୍ତା ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୬-୭% ମଧ୍ୟରେ ବୃଦ୍ଧି ପାଇବ ବୋଲି ସେ ଆଶା କରିଛନ୍ତି। ବିଶେଷ କରି ଭାରତରେ ବିମୁଦ୍ରୀକରଣର କୌଣସି ଆଶା ନାହିଁ, ଯଦିଓ ବିଶ୍ୱର ଅବସ୍ଥା (ଆର୍ଥିକ ମାନ୍ଦାବସ୍ଥା) ଦ୍ୱାରା ଦେଶର ଅଭିବୃଦ୍ଧି ନକାରାତ୍ମକ ଭାବେ ପ୍ରଭାବିତ ହୋଇପାରେ, ତଥାପି ଭାରତର ଅର୍ଥନୀତି ୨୦୨୩-୨୪ ଆର୍ଥିକ ବର୍ଷରେ ୬-୭% କୁ ଅଭିବୃଦ୍ଧି କରାଇବାରେ ସଫଳ ହେବୁ ବୋଲି କୁମାର ମତପ୍ରକାଶ କରିଛନ୍ତି। ସେହିପରି ଆମେରିକା, ୟୁରୋପ, ଜାପାନ ଏବଂ ଚାଇନା ଭଳି ଅଭିବୃଦ୍ଧିସମ୍ପନ୍ନ ଦେଶ ସାଙ୍ଗକୁ ବିଶ୍ୱର ଅନ୍ୟ ଦେଶଗୁଡିକରେ ମଧ୍ୟ ଅର୍ଥନୀତି ଅସନ୍ତୁଳିତ ହେବ ବୋଲି ଆଶଙ୍କା କରାଯାଉଛି।

ଚଳିତ ବର୍ଷ ଅକ୍ଟୋବର ୬ରେ ବିଶ୍ୱବ୍ୟାଙ୍କ ୨୦୨୨-୨୩ବର୍ଷର ଭାରତୀୟ ଅର୍ଥନୀତି ପାଇଁ ଅଭିବୃଦ୍ଧି ୬.୫%କୁ ଆକଳନ କରିଥିଲା। ଯାହାକି ୨୦୨୨ଜୁନ୍ ପୂର୍ବାନୁମାନରୁ ଏକ ପ୍ରତିଶତ ପଏଣ୍ଟ ହ୍ରାସ ପାଇଛି। ତେବେ ବିଶ୍ୱ ଅର୍ଥନୀତିକୁ ନେଇ ଆଇଏମ୍‌ଏଫ୍ ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଆରା କହିଛନ୍ତି, ବିଶ୍ୱରେ ଅର୍ଥନୀତି ଆପେକ୍ଷିକ ଭବିଷ୍ୟତବାଣୀ ଜଗତରୁ ଏକ ଅନିଶ୍ଚିତତା


ରାଜୀବ କୁମାର

ଆଡକୁ ଗତି କରୁଛି ଏବଂ ଖୁଚୁରା ମୁଦ୍ରାସ୍ଫୀତି ଅଧିକ ସମୟ ପାଇଁ ୬ରୁ ୭% ମଧ୍ୟରେ ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ତେବେ ଦେଶର ଅର୍ଥନୀତି ସ୍ଥିତିକୁ ନେଇ ପୂର୍ବତନ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ଅକ୍ଟୋବରରେ ରପ୍ତାନିର ନକାରାତ୍ମକ ଅଭିବୃଦ୍ଧି ସହ ଏହା ସ୍ପଷ୍ଟ ଯେ ଉଭୟ ସାମଗ୍ରୀ ଏବଂ ସେବା ରପ୍ତାନିକୁ କିପରି ବିସ୍ତାର କରାଯିବ ସେ ନେଇ ଦେଶ ଏକ୍ଷେତ୍ରରେ ମଧ୍ୟ ପ୍ରକୃତ ନୀତି ଉପରେ ଧ୍ୟାନ ଦେବା ଆବଶ୍ୟକ। ବର୍ତ୍ତମାନ ଆମକୁ ରାଜ୍ୟରେ ନିର୍ଦ୍ଦିଷ୍ଟ ରପ୍ତାନି ପ୍ରୋତ୍ସାହନ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ। କାରଣ ସମଗ୍ର ଦେଶ ପାଇଁ ଗୋଟିଏ ରପ୍ତାନି ପ୍ରୋତ୍ସାହନ ନୀତି ରହିବ। ଏପରିକି ଦେଶରେ ପ୍ରାୟ ୨ ବର୍ଷର ବ୍ୟବଧାନ ପରେ ଭାରତର ରପ୍ତାନି ନକାରାତ୍ମକ ସ୍ଥିତିରେ ରହିଥିଲା। ତେଣୁ ଅକ୍ଟୋବରରେ ୧୬.୬୫% ହ୍ରାସ ପାଇ ୨୯.୭୮ ବିଲିୟନ୍ ଡଲାରରେ ପହଞ୍ଚିଛି ଏବଂ ବିଶ୍ୱ ବଜାରରେ ଚାହିଦା ହ୍ରାସ ହେତୁ ବାଣିଜ୍ୟ ନିଅଣ୍ଟ ୨୬.୯୧ବିଲିୟନ୍ ଡଲାରରେ ପହଞ୍ଚିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## କେଏଫ୍‌ସିର ପପ୍‌କର୍ଣ୍ଣ ମ୍ୟାଗି ବାଉଲ୍

**ନୂଆଦିଲ୍ଲୀ,୨୦।୧୧:** ଅନ୍ତଃରାଷ୍ଟ୍ରୀୟ ଫାଷ୍ଟଫୁଡ ବ୍ରାଣ୍ଡ କେଏଫସି ପ୍ରଥମ ଥର ପାଇଁ ନେସ୍‌ଲେ ସହଭାଗିତାରେ ଏକ ସ୍ୱତନ୍ତ୍ର ଡିସ୍ 'ପପ୍‌କର୍ଣ୍ଣ ମ୍ୟାଗି ବାଉଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ବିଶେଷକରି କେଏଫ୍‌ସି ଇଣ୍ଡିଆ ମ୍ୟାଗିରୁ ପ୍ରସ୍ତୁତ କେଏଫ୍‌ସି ପପ୍‌କର୍ଣ୍ଣ ବାଉଲ୍‌ର ସ୍ୱାଦ ଗ୍ରାହକଙ୍କୁ ଯୋଗାଇ ଦେବାକୁ ଯାଉଛି। ଏପରିକି ଏହି ୨ ଆଇକନିକ୍ ବ୍ରାଣ୍ଡ ଏକ ଉପଯୁକ୍ତ ବାଉଲ୍‌ରେ କେଏଫ୍‌ସିର ସିଗ୍ନେଚର ଚିକେନ୍ ପପ୍‌କର୍ଣ୍ଣ ଓ ମ୍ୟାଗି ନୁଡଲ୍ସର ଡିସ୍ ପ୍ରଦାନ କରିବେ। ଏ ସମ୍ପର୍କରେ କେଏଫ୍‌ସି ଇଣ୍ଡିଆର ଜିଏମ୍ ମୋକ୍ଷ ଚୋପ୍ରା କହିଛନ୍ତି, ଉଭୟ ମ୍ୟାଗି ଓ କେଏଫ୍‌ସି ଆଇକନିକ୍ ବ୍ରାଣ୍ଡ ହୋଇଥିବା ବେଳେ ଉପଭୋକ୍ତାମାନେ ମଧ୍ୟ ଏହାକୁ ବେଶ ପସନ୍ଦ ଓ ବାସ୍ତବରେ ଉପଭୋଗ ମଧ୍ୟ କରିଥାନ୍ତି। ଉଭୟ କମ୍ପାନୀର ସହଭାଗିତାରୁ ଏକ ସ୍ୱାଦିଷ୍ଟ ରେସିପି ମଧ୍ୟ ମିଳିପାରିଛି।

## 'ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ନେତୃତ୍ୱ ସମ୍ମାନ'




**ଭୁବନେଶ୍ୱର,୨୦।୧୧**

ରାଜ୍ୟର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା ତଥା ରୁଚି ଫୁଡ୍‌ଲାଇନ୍‌ର ସହଯୋଗୀ ସଂସ୍ଥା (କମ୍ପାନୀ) ବିଶ୍ୱେଶ୍ୱର ଫୁଡ୍ସର ନିର୍ଦ୍ଦେଶିକା ରଶ୍ମି ସାହୁଙ୍କୁ ନିକଟରେ ଏକ ଆନ୍ତର୍ଜାତିକ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ସ୍ପେନର ରାଜଧାନୀ ମାଦ୍ରିଦ୍‌ଠାରେ ଆୟୋଜିତ 'ଆନ୍ତର୍ଜାତିକ ମହିଳା ଔଦ୍ୟୋଗିକ ଚ୍ୟାଲେଞ୍ଜ' (ଆଇଡବ୍ଲ୍ୟୁଇସି)ର ୧୫ତମ ବିଶ୍ୱ ସମ୍ମିଳନୀରେ ଓଡ଼ିଶାର ଏକମାତ୍ର ମହିଳା ଉଦ୍ୟୋଗୀ ଭାବେ ରଶ୍ମିଙ୍କୁ 'ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ନେତୃତ୍ୱ ସମ୍ମାନ' ପ୍ରଦାନ କରାଯାଇଛି। ଏପରିକି ଦେଶବିଦେଶରୁ ଅନେକ ପ୍ରତିଷ୍ଠିତ ମହିଳା ଉଦ୍ୟୋଗୀ, ମହିଳା ରାଷ୍ଟ୍ରଦୂତ ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେଇଥିଲା ବେଳେ ସମଗ୍ର ଭାରତରୁ ୩ଜଣ ମହିଳା ଉଦ୍ୟୋଗୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିଭଳି ଆଇଡବ୍ଲ୍ୟୁଇସିର ଅଧ୍ୟକ୍ଷା ଇବୁକୁନ ଆୱାସିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ସ୍ପାନିସ୍ ଚାମ୍ବର ଅଫ୍ କମର୍ସର ନିର୍ଦ୍ଦେଶିକା ମାରିଆ ତୋସ୍କା, ବ୍ଲୁମବର୍ଗର ବ୍ୟୁରୋଚିଫ୍ ରୋଡ୍ରିଗୋ ଓରିହୁଏଲା, ମାଦ୍ରିଦ୍ ମେଟ୍ରୋପଲିଟାନ୍ ବ୍ୟାଙ୍କର ନିର୍ଦ୍ଦେଶିକା ମାର୍ ସାନ୍‌ତାନା ଓ ବାର୍ସିଲୋନା ଚାମ୍ବର ଅଫ କମର୍ସର ଉପାଧ୍ୟକ୍ଷା ରୋଜେର ସ୍କାଲାବାର୍ଡ଼ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ରଶ୍ମିଙ୍କୁ ପୁରସ୍କୃତ କରିଥିଲେ। ସେହିପରି ବିଗତ ୨୦ବର୍ଷ ମଧ୍ୟରେ ରଶ୍ମି ୧୫ରୁ ଊର୍ଦ୍ଧ୍ୱ ଦେଶରେ ଆୟୋଜିତ ଆନ୍ତର୍ଜାତିକ ସମ୍ମିଳନୀ ଓ ଫୁଡ୍ ଫେଷ୍ଟିଭାଲ୍‌ରେ ଅଂଶଗ୍ରହଣ କରି ଉଚ୍ଚ ପ୍ରଶଂସିତ ମଧ୍ୟ ହୋଇଛନ୍ତି।

## 'ମହିନ୍ଦ୍ରାର ନୂଆ ଜି ୭୫ ସ୍ମାର୍ଟ ମୋଟର୍ ଗ୍ରେଡର୍'



**ଭୁବନେଶ୍ୱର,୨୦।୧୧**

ମହିନ୍ଦ୍ରା ଗ୍ରୁପ୍‌ର ସହଯୋଗୀ ସଂସ୍ଥା ମହିନ୍ଦ୍ରା କନ୍‌ଷ୍ଟ୍ରକ୍ସନ ଇକ୍ୟୁପ୍‌ମେଣ୍ଟ (ଏମ୍‌ସିଇ) ଡିଭିଜନର ନୂତନ ଉତ୍ପାଦ 'ଜି ୭୫ ସ୍ମାର୍ଟ ମୋଟର୍ ଗ୍ରେଡର୍'ର ଉନ୍ମୋଚନ କରାଯାଇଛି। ଏପରିକି କମ୍ପାନୀର 'ନ୍ୟୁ ମହିନ୍ଦ୍ରା ରୋଡ୍‌ମାଷ୍ଟର୍ ଜି ୭୫ ସ୍ମାର୍ଟ 'ପ୍ରଫିଟ୍ କା ପାର୍ଟନର୍'ର ଶୁଭାରମ୍ଭ ସହ ସଡକ ନିର୍ମାଣ ଉପକରଣ ଶୃଙ୍ଖଳାର ସମ୍ପ୍ରସାରଣ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ମହିନ୍ଦ୍ରାର ଅଥୋରାଇଜ୍‌ଡ ଡିଲର୍ ଟିଆର୍‌ଏସ୍ ଇଞ୍ଜିନିୟରିଂ ପକ୍ଷରୁ ସ୍ଥାନୀୟ ଡିଏମ୍ କନ୍‌ଭେନଶନ ଆଇଗିଣିଆଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷ କରି କମ୍ପାନୀର ଉତ୍ପାଦ ଓଡ଼ିଶା ବଜାର ପ୍ରବେଶ ସାଙ୍ଗକୁ ଉକ୍ତ ଉତ୍ପାଦର ଅନାବରଣ ମଧ୍ୟ କରାଯାଇଥିଲା। ଏହି ଅବସରରେ କମ୍ପାନୀର ହେଡ୍ ଅଫ୍ କଷ୍ଟମର୍ କେୟାର ରାଜେନ୍ଦ୍ର ଆଷ୍ଟେକର, ବ୍ରାଣ୍ଡ ହେଡ୍ ରବି ଶର୍ମା, ଜୋନାଲ ସେଲ୍‌ସ ହେଡ୍ ଏସ୍. ରାଜୁ, ହେଡ୍ ଅଫ୍ ଜୋନାଲ କଷ୍ଟମର କେୟାର ସନ୍ଦିପ୍ ଘୋଷ, ଟିଆର୍‌ଏସ୍ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ଦେବଦତ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମହିନ୍ଦ୍ରାର ହେଡ୍ ଅଫ୍ କଷ୍ଟମର୍ କେୟାର ରାଜେନ୍ଦ୍ର ଆଷ୍ଟେକର କହିଛନ୍ତି, ଆମେ ଆମର ଗ୍ରାହକଙ୍କୁ ଡିସରପଟିଭ୍ ପ୍ରଡ଼କ୍ଟ ଓ ସେବା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ସେହିପରି ଏହି ଅବସରରେ ମହିନ୍ଦ୍ରା ଓ ଟିଆର୍‌ଏସ୍ ଇଞ୍ଜିନିୟରିଂ ସହ ଜଡିତ ଗ୍ରାହକମାନେ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଟିଆର୍‌ଏସ୍ ଇଞ୍ଜିନିୟରିଂର ଏମ୍‌ଡି ଦେବଦତ୍ତ ରାୟ ସେଠାରେ ଉପସ୍ଥିତ ଥିବା ସମସ୍ତ ଅତିଥି ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଅସ୍ଥିଶଲ୍ୟ ଚିକିତ୍ସା ସମ୍ପର୍କିତ ଜାତୀୟ କର୍ମଶାଳା



**କଟକ,୨୦।୧୧:** ଓଡ଼ିଶା ଅସ୍ଥିଶଲ୍ୟ ଚିକିତ୍ସକ ସଂଘ ଏବଂ ଓସ୍କାରର ମିଳିତ ଆନୁକୂଲ୍ୟରେ 'ବୟସଗତ ଆଣ୍ଠୁଜନିତ ସମସ୍ୟାର ଅସ୍ଥିଶଲ୍ୟ ଚିକିତ୍ସା' ଶୀର୍ଷକ ବିଷୟ ବସ୍ତୁ ଉପରେ ଏକଦିବସୀୟ ଜାତୀୟ କର୍ମଶାଳା ଶନିବାର ସ୍ଥାନୀୟ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲଠାରେ ଆୟୋଜିତ ହୋଇଯାଇଛି। ଏହି ଦିନିକିଆ ଜାତୀୟ କର୍ମଶାଳାରେ ରାଜ୍ୟ ତଥା ଦେଶର ବହୁ ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ଡାକ୍ତର ଯୋଗଦେଇ ଅତ୍ୟନ୍ତ ଜଟିଳ ଓ ବ୍ୟୟ ବହୁଳ ଖଣ୍ଡା ପ୍ରତିରୋପଣ ବିନା ଜଣେ ବୟସ୍କ ବ୍ୟକ୍ତି ଶଲ୍ୟ ଚିକିତ୍ସା ଦ୍ୱାରା କିଭଳି ଆଣ୍ଠୁଜନିତ ସମସ୍ୟାରୁ ମୁକ୍ତି ପାଇପାରିବେ ସେ ବିଷୟରେ ବିସ୍ତୃତ ମତ ବିନିମୟ କରିଥିଲେ।

ଏହିପରିପ୍ରେକ୍ଷୀରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନକରି ଉପସ୍ଥିତ ବିଶେଷଜ୍ଞ ଡାକ୍ତର ଓ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଏଭଳି ଏକ କାର୍ଯ୍ୟକ୍ରମ ଦ୍ୱାରା ଚିକିତ୍ସା କ୍ଷେତ୍ରରେ ଯୁବ ଡାକ୍ତରଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ଆହରଣର ସୁଯୋଗ ମିଳିବ ବୋଲି ସେ ମତପ୍ରକାଶ କରିଥିଲେ। ଉକ୍ତ କର୍ମଶାଳାର ସଂଯୋଜକ ପ୍ରଫେସର ଡା. ଚିତ୍ତ ପ୍ରକାଶ ଦାସ ପ୍ରାରମ୍ଭିକ ସୂଚନା ଓ ପ୍ରଫେସର ଡାକ୍ତର ଶକ୍ତିପ୍ରସାଦ ଦାସ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ପଦ୍ମିନୀ କେୟାରର ସିଇଓ ଡାକ୍ତର ଜ୍ୟୋତିପ୍ରକାଶ ପରିଜା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡା. କ୍ରିଷ୍ଣାପ୍ରଦା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦ୍ୟୁତ୍ କୁମାର ଷଡ଼ଙ୍ଗୀ, କୌସ୍ତୁଭ ମୁଖାର୍ଜୀ, ସଞ୍ଜୀବ କୁମାର ପ୍ରହରାଜ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ଡ୍ରିମ୍‌ସ ଓ ପଦ୍ମିନୀ କେୟାରର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏସ୍‌ପ୍ଲାନେଡ୍ ମଲ୍‌ରେ ହିଲିଅସ୍ ଆଉଟ୍‌ଲେଟ୍

**ଭୁବନେଶ୍ୱର,୨୦।୧୧**

ଟାଟା ଗ୍ରୁପ୍‌ର ଲାଇଫ୍ ଷ୍ଟାଇଲ୍ କମ୍ପାନୀ 'ହିଲିଅସ୍'ର ଆଉ ଏକ ପ୍ରିମିୟମ ଆଉଟ୍‌ଲେଟ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ନେକ୍ସସ ଏସ୍‌ପ୍ଲାନେଡ୍ ମଲ୍‌ରେ ହିଲିଅସ୍‌ର ନୂତନ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଟାଇଟନ୍‌ର ସମ୍ପ୍ରସାରଣ ଅନ୍ତର୍ଗତ ଟାଟା ଗ୍ରୁପ୍‌ର ଲାଇଫ୍ ଷ୍ଟାଇଲ୍ କମ୍ପାନୀ ହିଲିଅସ୍ ଟାଇମ୍‌ଲେସ୍ ପରମ୍ପରା,ଅସଲି ଉତ୍ପାଦ ଏବଂ ଗୁଣବତ୍ତାର ପ୍ରତିଶ୍ରୁତି ପ୍ରଦାନ କରୁଛି। ଏହାର ଶ୍ରେଷ୍ଠ ପ୍ରିମିୟମ ଘଣ୍ଟା ବ୍ରାଣ୍ଡରେ ଶିଳ୍ପ କାରିଗରି, ନିଆରା ଡିଜାଇନ୍ ଏବଂ ନବସୃଜନର ଛାପ ମଧ୍ୟ ରହିଛି। ସେହିଭଳି ସୌଖୀନ ବ୍ୟକ୍ତିବିଶେଷଙ୍କ ପାଇଁ ଅତିରିକ୍ତ ଉଦ୍ୟମ ଲଗାଇ ଗ୍ରାହକଙ୍କୁ ସେମାନଙ୍କ ପସନ୍ଦ ମୁତାବକ ଉତ୍ପାଦ ଯୋଗାଉଛି। ଏପରିକି ଗ୍ରାହକ ହିଲିଅସ୍‌ର ଅଥେଣ୍ଟିକ୍ ବ୍ରାଣ୍ଡେଡ୍ ହାତ ଘଡ଼ିକୁ ଅନ୍‌ଲାଇନ କିମ୍ବା ଏହାର ଅଫ୍‌ଲାଇନ୍ ଷ୍ଟୋରରୁ ପାଇପାରିବେ। ସେହିପରି ପ୍ରିମିୟମ ଏବଂ ଫ୍ୟାଶନ ହାତଘଡ଼ି ପାଇଁ ହିଲିଅସ୍ ନିଶ୍ଚିତ ଭାବେ ପସନ୍ଦ ସ୍ଥଳ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଭାରତୀୟ ଗ୍ରାହକଙ୍କ ପରବର୍ତ୍ତୀ ପସନ୍ଦକୁ ଦୃଷ୍ଟିରେ ରଖି କମ୍ପାନୀ କାଜୁଆଲଠାରୁ ଆରମ୍ଭ କରି ସୌଖୀନ ଘଣ୍ଟା ଯୋଗାଉଛି।

**ଫୁର୍‌ସତ**

# ସ୍ପେସ୍ ଷ୍ଟେଶନ୍ ବାହାରେ ମହାକାଶଚାରୀଙ୍କ ୭ ଘଣ୍ଟା

**ମସ୍କୋ:** ପୃଥିବୀ ଚାରିପଟେ ପରିକ୍ରମା କରୁଥିବା ସ୍ପେସ୍ ଷ୍ଟେଶନ୍‌ର ବହିଃପାର୍ଶ୍ୱ ସ୍ଥିତିର ତଦାରଖ ପାଇଁ ମହାକାଶଚାରୀ ଅନେକ ସମୟରେ ସ୍ପେସ୍ ଷ୍ଟେଶନରୁ ବାହାରକୁ ଆସିଥାନ୍ତି। ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତି ପାଇଁ ମହାକାଶଚାରୀମାନେ ଅଧିକ ସମୟ ସ୍ପେସ୍ ଷ୍ଟେଶନ୍ ବାହାରେ ରହିବା ବିପଦଜ୍ଜନକ ହୋଇଥାଏ। ୨ ଜଣ ରୁଷୀୟ ମହାକାଶଚାରୀ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍) ବାହାରେ ୭ ଘଣ୍ଟା କାଳ ସ୍ପେସ୍‌ୱାକ୍ କରୁଥିବା ଦେଖିବାକୁ ମିଳିଛି। ସ୍ପେସ୍ ଷ୍ଟେଶନ୍‌ର ହାର୍ଡୱେର୍ ଟ୍ରାନ୍ସଫର ଏବଂ ଇଲେକ୍ଟ୍ରୋନିକ୍ସ କନେକ୍ସନ ପାଇଁ ଦୁଇ ମହାକାଶଚାରୀ ଆଇଏସଏସ୍‌ରୁ ବାହାରେ ସ୍ପେସ୍‌ୱାକ୍ କରିଥିବା ଜଣାପଡ଼ିଛି। ଆଇଏସ୍‌ଏସ୍ ବର୍ତ୍ତମାନ ପୃଥିବୀର ନିମ୍ନ ଅକ୍ଷାଂଶରେ ପରିକ୍ରମା କରୁଛି। ନାସା, ରୋସ୍କୋସ୍ମୋସ୍, ଜାକ୍ସା, କାନାଡା ଏବଂ ୟୁରୋପୀୟ ମହାକାଶ ଗବେଷଣା ସଂସ୍ଥା ମିଳିତ ଭାବେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ ଗଠନ କରାଯାଇଛି।

ରୁଷୀୟ ମହାକାଶଚାରୀ ସର୍ଗେ ପ୍ରୋକୋପିଇଭ ଏବଂ ଡମିତ୍ରି ପେଟେଲିନ ଦୀର୍ଘ ୭ ଘଣ୍ଟା ପର୍ଯ୍ୟନ୍ତ ଆଇଏସ୍‌ଏସ୍ ବାହାରେ ରହିଥିଲେ।




ମହାକାଶରେ ଦୁହେଁ ୨୬୦ ମାଇଲ ଅତିକ୍ରମ କରିଥିବାବେଳେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଆଇଏସ୍‌ଏସ୍‌ର ନାଉକା ମଲ୍ଟିପରପୋଜ୍ ଲାବରେଟରୀ ମଡ୍ୟୁଲରେ ରସ୍‌ଭେଟ ମଡ୍ୟୁଲ ଇନ୍‌ଷ୍ଟାଲେଶନ କରାଯାଇଛି। ପ୍ରୋକୋପିଇଭ୍‌ଙ୍କ ଏହାକୁ ମିଶାଇ ତୃତୀୟଥର ସ୍ପେସ୍‌ୱାକ୍ କରିଥିବାବେଳେ ପେଟେଲିନ୍ ଏ କ୍ଷେତ୍ରରେ ପ୍ରଥମ ଅଭିଜ୍ଞତା ହାସଲ କରିଛନ୍ତି। ଚଳିତବର୍ଷ ମହାକାଶଚାରୀଙ୍କର ଏହା ଦଶମ ସ୍ପେସ୍‌ୱାକ୍ ହୋଇଥିବା ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ପକ୍ଷରୁ କୁହାଯାଇଛି। ରୁଷିଆର ମହାକାଶଚାରୀ ଆନାଟୋଲି ୟାକୋଭଲେଭିଚ ସୋଲୋଭିଇଭ ସର୍ବାଧିକ ୮୨ ଘଣ୍ଟା ୨୨ ମିନିଟ୍ ସ୍ପେସ୍‌ୱାକ୍ କରିଛନ୍ତି। ୱାର୍ଲ୍ଡ ରେକର୍ଡ ହାସଲ କରିଥିବା ୟାକୋଭଲଭିଚଙ୍କ ରେକର୍ଡକୁ ବର୍ତ୍ତମାନ ସୁଦ୍ଧା କେହି ଭାଙ୍ଗିପାରି ନାହାନ୍ତି।

## ଗୁରୁଙ୍କ ରୋମାଣ୍ଟିକ୍ ଆଲ୍‌ବମ୍‌ରେ ଶେହେନାଜ

**ମୁମ୍ବାଇ:** ଅଭିନେତ୍ରୀ ଶେହନାଜ ଗିଲ୍‌ଙ୍କ କ୍ରେଜ ଦର୍ଶକଙ୍କ ମଧ୍ୟରେ ବଢ଼ିବାରେ ଲାଗିଛି। ସେ ଆଗକୁ ଅନେକ ବଲିଉଡ୍ ଫିଲ୍ମରେ ନଜର ଆସିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ପଞ୍ଜାବୀ କଣ୍ଠଶିଳ୍ପୀ ଗୁରୁ ରନ୍ଧାୱାଙ୍କ ସହ ଶେହନାଜଙ୍କ ନାଁ ଏବେ ଯୋଡି ହୋଇଛି। ଦୁହେଁ ଏକ ରୋମାଣ୍ଟିକ ଗୀତରେ ଏକାଠି କାମ କରୁଥିବା ଖବର ପ୍ରକାଶ ପାଇଛି। ଶୁଟିଂ ବେଳର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିଗ୍ ବସ୍ ସିଜନ୍-୧୩ରେ ନିଜ ଚୁଲବୁଲି ଅନ୍ଦାଜ ଓ ଖୋଲା ମନ ପାଇଁ ଶେହନାଜ ଗିଲ ଦର୍ଶକଙ୍କ ପ୍ରିୟ ହୋଇପାରିଥିଲେ। ବିଗ ବସ୍‌ଙ୍କ ଘରେ ରହିବା ପରେ ଶୋ'ର ହୋଷ୍ଟ ସଲମାନ ମଧ୍ୟ ଶେହନାଜଙ୍କୁ ଖୁବ୍ ପସନ୍ଦ କରୁଥିବା ଦେଖିବାକୁ ମିଳିଛି। ଶେହେନାଜ ବର୍ତ୍ତମାନ ସୁଦ୍ଧା ବହୁ ପଞ୍ଜାବୀ ଫିଲ୍ମରେ ଅଭିନୟ କିରିଥିବାବେଳେ ଆଗକୁ ହିନ୍ଦୀ ଫିଲ୍ମରେ ସେ ଦେଖାଯିବେ।



**ରାଶନ କାର୍ଡରେ କୁତ୍ତା ସାଙ୍ଗିଆ**

# କୁକୁର ପରି ଭୁକିଲେ ଯୁବକ



**କୋଲାକାତା:** ଆଧାର କାର୍ଡ, ରାଶନ କାର୍ଡ ଓ ଭୋଟ ପରିଚୟ ପତ୍ରରେ ବେଳେବେଳେ ସାମାନ୍ୟ ତ୍ରୁଟି ରହିଯାଇଥାଏ। ଏହାର ସଂଶୋଧନ କରିବା ପ୍ରକ୍ରିୟା ମଧ୍ୟ ସହଜ ହୋଇଥାଏ। ପଶ୍ଚିମବଙ୍ଗ ବଙ୍କୁରାର ଶ୍ରୀକାନ୍ତ କୁମାର ଦତ୍ତାଙ୍କ କ୍ଷେତ୍ରରେ ଏହି ଘଟଣା ଦେଖିବକୁ ମିଳିଛି। ଶ୍ରୀକାନ୍ତଙ୍କ ରାଶନ କାର୍ଡରେ ତାଙ୍କ ସାଙ୍ଗିଆ ଦତ୍ତା ବଦଳରେ କୁତ୍ତା ଲେଖାଯାଇଛି। ଏହି ଅଭିଯୋଗ ନେଇ ଶ୍ରୀକାନ୍ତ ସ୍ଥାନୀୟ ବିଡିଓଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିବାର ଦେଖିବାକୁ ମିଳିଛି। ଶ୍ରୀକାନ୍ତ କୁକୁର ଭଳି ଭୁକିବା ସହ ବିଡିଓଙ୍କ ଗାଡ଼ିକୁ ଜଗି ବସିଥିଲେ। ଯେତେବେଳେ ଅଫିସରଙ୍କ ଗାଡ଼ି ବାହାରିଲା ସେ ତୁରନ୍ତ କିଛି କାଗଜ ବିଡ଼ା ବିଡିଓଙ୍କ କାର୍ ଝରକା ପଟେ ଦେଇଥିଲେ। ଶ୍ରୀକାନ୍ତଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିଡିଓଙ୍କ ଗାଡ଼ିକୁ ଅଟକାଇ ଶ୍ରୀକାନ୍ତ କିଛି କହି ନ ଥିଲେ ବରଂ ତାଙ୍କ ମୁହଁକୁ ଚାହିଁ କେବଳ ଭୁକିଥିଲେ। ଶ୍ରୀକାନ୍ତଙ୍କ ଏ ପ୍ରକାର ବ୍ୟବହାର ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ପ୍ରକାଶିତ ଖବର ଅନୁସାରେ ରାଶନ କାର୍ଡରେ ଶ୍ରୀକାନ୍ତଙ୍କ ସାଙ୍ଗିଆ ଦତ୍ତା ବଦଳରେ କୁତ୍ତା ଲେଖାଯାଇଥିଲା। ତେବେ ଏ ପ୍ରକାର ତ୍ରୁଟି ପ୍ରଥମ ନୁହେଁ। ତିନିଥର ଶ୍ରୀକାନ୍ତ ଏହାକୁ ସଂଶୋଧନ କରିଥିଲେ ବି ସମାନ ବ୍ୟତିକ୍ରମ ଦେଖାଯାଇଥିଲା। ପୂର୍ବରୁ ଏ ସଂକ୍ରାନ୍ତରେ ଶ୍ରୀକାନ୍ତ ଉଚ୍ଚାଧିକାରୀଙ୍କୁ ଭେଟିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ସେ କହିଛନ୍ତି। ଆଗାମୀ ଦିନରେ ଶ୍ରୀକାନ୍ତଙ୍କ ରାଶନ କାର୍ଡରେ ସାଙ୍ଗିଆ ସଂଶୋଧନ ନ କରାଗଲେ ସେ ପୁଣି ପ୍ରତିବାଦ କରିବେ ବୋଲି କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅନିକେତ


@ ଚନ୍ଦନ


@ ଦୀପକ


@ ଦିବ୍ୟଜ୍ୟୋତି


@ ରାଜଲକ୍ଷ୍ମୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ବାଚନ ଆସିଲେ ଶିଳ୍ପ କଥା ମନେପଡ଼େ

ମହାକାଳପଡ଼ା,୨୦।୧୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଏକ ଶିଳ୍ପବିହୀନ ଜିଲା ଭାବେ ପରିଚିତ। ଏବେ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡିଛନ୍ତି। ଶିଳ୍ପ କାରଖାନା ପ୍ରତିଷ୍ଠା ହେଲେ ଜିଲାର ଅର୍ଥନୈତିକ, ସାମାଜିକ ଅଭିବୃଦ୍ଧି ଘଟିବ। ଜିଲାର ମହାକାଳପଡ଼ା ବ୍ଲକର ବତୀଘର ପଞ୍ଚାୟତର ନିପାଣିଆ, ବଡ଼ଟୁବି, ଖରିନାସୀ ପଞ୍ଚାୟତର ୮ଶହ ଓ ୧୨ ଶହ ଏକର ଅଞ୍ଚଳ, ରାମନଗର ପଞ୍ଚାୟତର ବନବିହାରୀପୁର (ବେଛପର) ଗାଁର ୧୨୦ ଏକର ସରକାରୀ ଗୋଚର ଓ ପତିତ ଜମି ଚିହ୍ନଟ ପାଇଁ ପ୍ରଶାସନ ସ୍ତରରେ ପ୍ରାଥମିକ ସର୍ଭେ ଆରମ୍ଭ ହୋଇଛି। ଏଥିପାଇଁ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ନୋଟିସ୍ ଜାରି କରାଯାଇଛି। ଏହି ନୋଟିସ୍‌ରେ ଉଲ୍ଲେଖ ରହିଛି ଉକ୍ତ ଜମି ସମ୍ପର୍କରେ ଯାହାର ଅଭିଯୋଗ ରହିଛି ମାସେ ମଧ୍ୟରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ରହି ସେମାନଙ୍କ ମତାମତ ସାବ୍ୟସ୍ତ କରିବେ। ଏହି ଅଞ୍ଚଳରେ ଶିଳ୍ପ କାରଖାନା ପ୍ରତିଷ୍ଠାକୁ ବିଭିନ୍ନ ମହଲରରେ ସ୍ୱାଗତ କରାଯାଇଥିଲା। ହେଲେ ଜଳ, ଜମି, ଜଙ୍ଗଲ, ପରିବେଶ, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ଭୂତଳ ଜଳକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏଥିସହ କମ୍ପାନୀର କର୍ପୋରେଟ ସାମାଜିକ ପାଣ୍ଠିରୁ ଏହି ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ବିନିଯୋଗ କରାଯାଉ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ୨୦୦୯ ସାଧାରଣ ନିର୍ବାଚନ ସମୟରେ ବରୁଣେଇ ମୁହାଣ ନିକଟରେ ବନ୍ଦର ନିର୍ମାଣ ପାଇଁ କୁହାଯାଇଥିଲା। ୨୦୧୪ ସାଧାରଣ ନିର୍ବାଚନ ସମୟରେ ବ୍ଲକର ଅଳାଇଲୋଠାରେ ଥର୍ମାଲ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ହେବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ସେହିପରି ୨୦୧୯ ସାଧାରଣ ନିର୍ବାଚନ ସମୟରେ ଆଖଡ଼ାସାହିଠାରେ ନଦୀଭିତ୍ତିକ ବନ୍ଦର ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହି ୩ଟି ସ୍ଥାନରେ ସାଧାରଣ ନିର୍ବାଚନ ସମୟରେ ପ୍ରଶାସନ ପକ୍ଷରୁ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ କୁହାଯାଇଥିଲେ ମଧ୍ୟ ଅଦ୍ୟାବଧି ସରକାରଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ସାଧାରଣରେ ଆଲୋଚ୍ୟ ବିଷୟ ପାଲଟିଛି।

**ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଧୂଆଁବାଣ**

**୨୦୦୯ରେ ବରୁଣେଇ ମୁହାଣରେ ବନ୍ଦର, ୨୦୧୪ ଅଳାଇଲରେ ଥର୍ମାଲ ପାୱାର ପ୍ଲାଣ୍ଟ, ୨୦୧୯ ଆଖଡ଼ାସାହିଠାରେ ନଦୀଭିତ୍ତିକ ବନ୍ଦର ନିର୍ମାଣ**

### ଶିଳ୍ପ ପାଇଁ ଜମି ଦେଉଥିବା ଲୋକଙ୍କୁ ନିଯୁକ୍ତି ମିଳୁ



ଶିଳ୍ପକୁ ଆମେ ସ୍ୱାଗତ କରୁଛୁ। ଯେଉଁମାନଙ୍କର ଚାଷ ଜମି ଯିବ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ସହ ନିଯୁକ୍ତି ଦେବା, ଜମି ହରାଇଥିବା ଲୋକଙ୍କୁ କ୍ଷତିପୂରଣ ପ୍ରମାଣପତ୍ର ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି।

**– ସମୀର ମିସ୍ତ୍ରି, ବୁଦ୍ଧିଜୀବୀ, ଖରିନାସୀ**

### ଶିଳ୍ପ ଭିତ୍ତିଭୂମି ଖଣି ଅଞ୍ଚଳରେ ହେବା ଆବଶ୍ୟକ



ରାଜ୍ୟ ସରକାରଙ୍କ ସାଧାରଣ ଲୋକଙ୍କ ପାଇଁ ପ୍ରତିଶ୍ରୁତି ଧୂଆଁବାଣ ସଦୃଶ। ଏହି ଅଞ୍ଚଳ ଟି କୋଷ୍ଟାଲ ରେଗୁଲେଟୋରିଜୋନ୍‌ର ୨୫କି.ମି. ପରିସର ଥିବାରୁ ଗ୍ରୀନ ଟ୍ରିବ୍ୟୁନାଲ ଅନୁମତି ମିଳିବା ବାଧକ ସାଜିବ। ଏହା ଆନ୍ତର୍ଜାତିକ କୋର୍ଟରେ ବାରଣ ରହିଛି। ତେବେ ଶିଳ୍ପ ଭିତ୍ତିଭୂମି ଖଣି ଅଞ୍ଚଳରେ ହେବା ଆବଶ୍ୟକ। କାରଣ ସ୍ୟାଲୋ ଲ୍ୟାଣ୍ଡ ବା ଅନୁପଯୁକ୍ତ ଜମି ବା ମୂଲ୍ୟ କମ୍ ଥିବା ଜମି ଉପକୂଳ ଅଞ୍ଚଳରେ ନାହିଁ। ପରିବହନ, ବିଦ୍ୟୁତ୍ ସମସ୍ୟା ରହିଛି ବୋଲି ମତ ପ୍ରକାଶ କରିଛନ୍ତି।

**– ଜ୍ଞାନଦେବ ବେଉରା, ରାଜ୍ୟ କଂଗ୍ରେସ ମୁଖପାତ୍ର**

### ଶିଳ୍ପୋଦ୍ୟୋଗୀଙ୍କ ଅପେକ୍ଷା ଲୋକଙ୍କୁ ଗୁରୁତ୍ୱ ଦିଅ



ଶିଳ୍ପକୁ ସ୍ୱାଗତ। ସମୁଦ୍ର ଅଞ୍ଚଳ ନିକଟରେ ଭୂତଳ ଜଳ, ଜଙ୍ଗଲ, ଜମି, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉ। କର୍ପୋରେଟ ସାମାଜିକ ପାଣ୍ଠିରୁ ଏକ ହଜାର କୋଟି ଟଙ୍କା ଉନ୍ନୟନମୂଳକ ଯୋଜନାରେ ବିନିଯୋଗ କରାଯାଉ। ଇଡ୍‌କୋ ଡିପିଆର୍ (ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରାଯାଇ ଭିତ୍ତିଭୂମିକୁ ଗୁରୁତ୍ୱ ଦେବା ଦରକାର। ଶିଳ୍ପୋଦ୍ୟୋଗୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉ। ଆଇଆଇଟି ବିଶେଷଜ୍ଞ ଖଡଗପୁରଙ୍କ ପରାମର୍ଶ ଅନୁସାରେ, କାର୍ଯ୍ୟ ଆରମ୍ଭ ହେଉ।

**– ଭୁବନ ମୋହନ ଜେନା, ଶିକ୍ଷାବିତ୍, ଭାଜପା ନେତା**

# ଲୋକସେବା ଭବନରେ ପ୍ରଦର୍ଶିତ ହେଲା 'ଦମନ'



ଚଳଚ୍ଚିତ୍ରର କଳାକାର ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର 'ଦମନ' ରବିବାର ଲୋକସେବା ଭବନର କନଭେନଶନ ସେଣ୍ଟରଠାରେ ପ୍ରଦର୍ଶିତ ହୋଇଛି। ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ସହଯୋଗରେ ଏହାର ପ୍ରଦର୍ଶନ କରାଯାଇଥିଲା। ମାଲେରିଆ ନିରାକରଣ ଉପରେ ନିର୍ମିତ ଏହି ଫିଲ୍ମ କଷ୍ଟକର ସ୍ଥିତିରେ କାର୍ଯ୍ୟ କରୁଥିବା ଡାକ୍ତର ଓ ଅଧିକାରୀଙ୍କ ପାଇଁ ପ୍ରେରଣା ଯୋଗାଇବ। ଦୁର୍ଗମ ଅଞ୍ଚଳର ଏକ ବାସ୍ତବ ଘଟଣାକୁ ଚଳଚ୍ଚିତ୍ର ମାଧ୍ୟମରେ ସାମ୍ନାକୁ ଆଣିବାର ପ୍ରୟାସ ସ୍ୱାଗତଯୋଗ୍ୟ। ଏହାକୁ ପ୍ରତି ଜିଲାରେ ପ୍ରଦର୍ଶିତ କରିବା ପାଇଁ ରବିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।
ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ଏଭଳି ବାସ୍ତବଧର୍ମୀ ଚଳଚ୍ଚିତ୍ର ପ୍ରଚାର ପ୍ରାସର କରିବାର ଆବଶ୍ୟକତା ରହିଛି। ଲୋକପ୍ରିୟତା ଦୃଷ୍ଟିରୁ ଏହାକୁ ପୁନଃ ପ୍ରଦର୍ଶିତ କରାଯିବ ବୋଲି ସେ କହିଛନ୍ତି। ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ସତ୍ୟବ୍ରତ (ଜୁନା) ତ୍ରିପାଠୀ କହିଛନ୍ତି, ୮୬ବର୍ଷର ଓଡ଼ିଆ ସିନେମାର ଇତିହାସରେ ଏଭଳି ସିନେମା ନିର୍ମାଣ ଏକ ଅଭିନବ ପଦକ୍ଷେପ। ଆଗାମୀ ଦିନରେ ଏହା ସମସ୍ତ ପ୍ରଯୋଜକ, ନିର୍ଦ୍ଦେଶକ, କଳାକାରଙ୍କୁ ଉତ୍ସାହିତ କରିବ। ଏହି ଅବସରରେ ଚଳଚ୍ଚିତ୍ର ଅଭିନେତା ବାବୁଶାନ୍ ମହାନ୍ତି, ନିର୍ଦ୍ଦେଶକ ବିଶାଲ ମୌର୍ଯ୍ୟ, ଦେବୀପ୍ରସାଦ ଲେଙ୍କା ଓ ପ୍ରଯୋଜକ ଦୀପେନ୍ଦ୍ର ସାମଲଙ୍କୁ ମୁଖ୍ୟ ଶାସନ ସଚିବ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଚଳଚ୍ଚିତ୍ର ଦେଖିଥିଲେ।

**ପ୍ରତି ଜିଲାରେ ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ପରାମର୍ଶ**


**OFFICE OF THE PROJECT DIRECTOR**
**STATE URBAN DEVELOPMENT AGENCY**
Plot No. 172, Vivekananda Marg,
Kalpana Square, Bhubaneswar, PIN - 751014
(http://www.sudaodisha.org)

**NOTICE FOR CANCELLATION OF RFP**

Notice No. 0008 Dt.19.11.2022

No. CAD-2795: RFP No. 001, Dtd.04.08.2022 invited for "selection of agencies for conducting Geotechnical investigation and Drone Survey for quantity estimation of Legacy Waste Dumpsite in Package I (Cuttack Municipal Corporation, Berhampur Municipal Corporation and Puri Municipality) and Package II (Sambalpur Municipal Corporation, Bhadrak Municipality and Balasore Municipality)" is hereby cancelled due to administrative ground.

Sd./- Project Director
OIPR-13036/11/0015/2223 State Urban Development Agency

**TENDER CALL NOTICE**
**OFFICE OF THE SUPERINTENDENT**
**GOVT. AYURVEDIC PHARMACY, BOLANGIR**
AT.- SAGARPARA (Near I & PR Office, Dist. Bolangir, Pin.- 767001)
Email- gapblgr028@gmail.com Phone No. 06652-232036
No. 582/GAP, BLGR. Dated 19.11.2022

**TENDER FOR SUPPLY OF RAW MATERIALS AND CONTINGENT ARTICLES TO GOVERNMENT AYURVEDIC PHARMACY, BALANGIR, ODISHA**

**No.E-654:-** Sealed tenders are invited from reputed Manufacturers/ Firms/Authorized dealers including wholesale Co-operative organizations and Government/ Semi Govt. Agencies for supply of raw materials and contingent articles to Government Ayurvedic Pharmacy, Balangir, Odisha for preparation of Ayurvedic medicines for the financial year **2022-23**.

| | | |
|---|---|---|
| 1. | Cost of Tender Book per set | **Rs.1,050.00** (One Thousand and Fifty rupees only including GST) |
| 2. | Availability of tender book | At office of **Superintendent, Government Ayurvedic Pharmacy, Balangir, Odisha** only in shape of D.D. in favour of the **Superintendent, Government Ayurvedic Pharmacy, Balangir, Odisha/log on to www.ayushodisha.nic.in** |
| 3. | Mode of payment of cost of Tender Book | In shape of Demand Draft in favour of **Superintendent, Government Ayurvedic Pharmacy (G.A.P.), Balangir, Odisha** payable at G.A.P., Bolangir |
| 4. | Date of commencement of sale of Tender Book | **Dt: 23.11.2022 at 11.00A.M. to 13.12.2022, up-to 5.00 P.M.** |
| 5. | Last date & time for submission of tender | **Dt.13.12.2022 at 5.00 P.M.** |
| 6. | Mode of submission of tender | To be received through a sealed Tender box kept in the office chamber of the **Superintendent, Government Ayurvedic Pharmacy, Balangir, Odisha** |
| 7. | Mode of submission of sealed samples | To be received by the **Superintendent, Government Ayurvedic Pharmacy, Balangir, Odisha** and in his absence **Dr. Bishnu Prasad Choudhury, A.M.O. Govt. Ay. Pharmacy, Bolangir** will receive the samples from 10.30 A.M to 5 P.M. |
| 8. | Date, time & place for opening of tenders | Technical bids will be opened on **14.12.2022 at 11.30 A.M.** At office chamber of **Superintendent, Government Ayurvedic Pharmacy, Balangir, Odisha.** The date, time & place of opening of the Financial Bids of the technically qualified bidders will be intimated later on. |

The tender inviting authority reserves the right to reject any or all the tenders without assigning any reason thereof. For details, please log on to **www.ayushodisha.nic.in**

Sd./- Superintendent,
Government Ayurvedic Pharmacy
OIPR-10195/11/0003/2223 Balangir, Odisha

**GOVERNMENT OF ODISHA**
**DEPARTMENT OF AGRICULTURE & FARMERS' EMPOWERMENT**
**AUCTION SALE NOTICE**

No. L-89: Sealed tender in plain papers/pad are invited by for auction to one Ambassador vehicle bearing Registration No. OR-02-AE-5678 in the upset price Rs.15,000/-. The vehicle is available for inspection in the Secretariat premises of Krushi Bhawan, Gopabandhu Marg, Bhubaneswar in any working days between 11.00 A.M. to 4.00 P.M. before the last date of tender. The tender/ bid should reach the undersigned by 03.12.2022 upto 3.00 P.M. at the latest and tenders received shall be opened before the Additional Secretary to Government, Department of Agriculture and Farmers' Empowerment, in charge of O.E.-II Section at 4.00 P.M. on 05.12.2022 in the presence of tenderers or their authorized representative.
The detailed terms & conditions is available in the Department Notice No. 24118 Dt.17.11.2022, which is available in the Department website **http://agri.odisha.gov.in**.

Sd./- Under Secretary to Government
OIPR-01425/11/0012/2223

**GOVT. OF ODISHA** No. A-739
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
Harabhangi Irrigation Division, Adava, Gajapati
(email id: eeharabhangi@gmail.com)
**e-Procurement Notice No. SE-HID-ADV-03/2022-23**

| | | | |
|---|---|---|---|
| 1. | Type of Works | : | Construction of New Irrigation Structure |
| 2. | Total Number of Packages | : | 1 (One) No. |
| 3. | Estimated Cost | : | Rs.84.14 lakhs |
| 4. | Bid Identification No. | : | SE-HID-ADV-03(1)/2022-23 |
| 5. | Period of Completion | : | 6 (Six) Months |
| 6. | Availability & Submission of Bids online | : | From 11.00 A.M. of 21.11.2022 to 5.00 P.M. of 05.12.2022 |
| 7. | Date of Opening of Technical Bids | : | 06.12.2022 at 11.30 A.M. in the O/o. the Superintending Engineer, Harabhangi Irrigation Division, Adava. |
| 8. | Procurement Officer | : | Superintending Engineer, Harabhangi Irrigation Division, Adava |
| 9. | Further details can be seen from Govt. website **www.tendersorissa.gov.in** and any addendum/corrigendum/cancellation will be published in the said website. | | |

Sd./- Superintending Engineer
Harabhangi Irrigation Division, Adava
OIPR-32474/11/0002/2223


# ଗୋ'ଚାଲାଣ ଧରିଲା ଏସ୍‌ଟିଏଫ୍

ଭୁବନେଶ୍ୱର,(ବ୍ୟୁରୋ)/ ପାଣିକୋଇଲି(ଡି.ଏନ୍.ଏ.)୨୦।୧୧:

ରାଜ୍ୟରେ ଦିନକୁଦିନ ବେଆଇନ ଗୋ ଚାଲାଣ ବଢ଼ିବାରେ ଲାଗିଛି। ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ବେଳେ ଏକ ଗୋରୁ ବୋଝେଇ ଟ୍ରକକୁ ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁରୁ ହାଟ ନିକଟରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଓ ପାଣିକୋଇଲି ପୋଲିସ ମିଳିତ ଭାବେ ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି। ଚଢ଼ାଉ ସମୟରେ ଉକ୍ତ ଟ୍ରକରୁ ୧୫୫ଟି ଗୋରୁ ଉଦ୍ଧାର କରାଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟଙ୍କଠାରୁ ନଗଦ ସାଢେ ୩୪ ହଜାର ଟଙ୍କା ଜବତ କରାଯାଇଛି । ସେମାନେ ହେଲେ ଭଦ୍ରକ ଜିଲାର କମର ସିୟାଜୁଦିନ ଖାନ୍ ଓ ମହମ୍ମଦ କରିମ। ଆହତ ଗୋରୁଙ୍କୁ ଯାଜପୁର ରୋଡ଼ରେ ଥିବା ଗୋଶାଳାକୁ ନିଆଯାଇ ଚିକିତ୍ସା କରାଯାଉଛି। ୩୭ଟି ଗୋରୁଙ୍କୁ ବ୍ୟାସନଗର ଗୋଶାଳାରେ ଛଡ଼ାଯାଇଥିଲା ବେଳେ ଅବଶିଷ୍ଟ ଗୋରୁଙ୍କୁ ଅନ୍ୟ ଏକ ଗୋଶାଳାରେ ଛଡ଼ାଯିବାର ଯୋଜନା କରାଯାଇଛି। ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ, ପାଣିକୋଇଲି ଥାନା ଅଧିକାରୀ ଚିନ୍ମୟୀ ବେହେରା ଓ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ସାହାପୁର ହାଟରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ନେଇ ପାଣିକୋଇଲି ଥାନାରେ ମାମଲା ନଂ. ୨୭୬/୨୨ ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ନିକଟରେ ଏକ ବେଆଇନ ଗୋରୁ ବୋଝେଇ ଟ୍ରକ ଓଲଟି ୧୫ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା।


ଉଦ୍ଧାର କରାଯାଇଥିବା ଗୋରୁ।

- ପଶ୍ଚିମବଙ୍ଗ ଚୋରାଚାଲାଣ ହେଉଥିଲା
- ୧୫୫ ଗୋରୁ, ସାଢେ ୩୪ ହଜାର ଟଙ୍କା ଜବତ
- ୨ ଅଭିଯୁକ୍ତ ଗିରଫ


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA**
(E-mail id: cceabp@gmail.com/loabpbbsr@gmail.com)
No. A-740 **E-Procurement Notice No. CCEABP-07 of 2022-23**

| E-procurement Officer | Name of the Work | Bid Id No. | Tender Cost in Lakhs (Approx.) | Bid Security (Online) | Cost of Bid Document (Online) | Class of Contractor | Period of Completion | Availability of Tender Online for Bidding | | Date of Opening of Technical Bid (Cover - 1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer, A, B Project, Salapada | Cement Concrete Lining of Salandi Left Main Canal (SLMC) from RD 21764m to RD 25025m including construction of additional structures and service road. | ABP-ACD-01/7 of 2022-23 | 2973.00 | Bid Security Declaration | 10,000/- | Spl. & Super Class | 12 Calendar Months | 22.11.22 11.30 A.M. | 15.12.222 5.00 P.M. | 16.12.22 11.30 A.M. |

Further details can be seen from the Govt. website **www.tendersorissa.gov.in/www.dowrodisha.gov.in**. Addendum/corrigendum/cancellation if any required will be published in Govt. website only.
OIPR-32068/11/0012/2223 Sd./- Chief Construction Engineer, Anandapur Barrage Project, Salapada

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................



ଅବିନାଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫିଫା ବିଶ୍ୱକପ ଉଦ୍‌ଘାଟନୀ ଝଲକ

କାତାରର ଅଲ୍ ବାୟଟ ଷ୍ଟାଡିୟମରେ ରବିବାର ଫିଫା ବିଶ୍ୱକପର ୨୨ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କେ ପପ୍ ବ୍ୟାଣ୍ଡ ବିଟିଏସ୍‌ର ସଦସ୍ୟ କିମ୍ ଜଙ୍ଗକୁକ୍ ଉଦ୍‌ଘାଟନୀ ସମାରୋହରେ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲେ।



ଅଲ୍‌ବାୟଟ ଷ୍ଟାଡିୟମରେ ଆତସବାଜି କାର୍ଯ୍ୟକ୍ରମ।



ଅନ୍ୟତମ ଆକର୍ଷଣ ଆମେରିକାର କିମ୍ବଦନ୍ତୀ ଅଭିନେତା ମୋର୍ଗାନ ଫ୍ରିମ୍ୟାନ (ବାମ)।



କିମ୍ ଜଙ୍ଗକୁକ୍

## ମନ ମୋହିଲେ ଜଙ୍ଗକୁକ

**ଦୋହା, ୨୦।୧୧:** କାତାର ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ମହା ସମାରୋହ ମଧ୍ୟରେ ଆୟୋଜିତ ହୋଇଛି। ଆୟୋଜକ କାତାର ଓ ଇକ୍ୱେଡର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଅଲ ବାୟଟ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେ ପପ୍ ବ୍ୟାଣ୍ଡ ବିଟିଏସ୍‌ର ସଦସ୍ୟ କିମ୍ ଜଙ୍ଗକୁକ୍ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିବା ସହିତ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ୪ଟି ଭାଗରେ ଉଦ୍‌ଘାଟନୀ ସମାରୋହକୁ ବିଭକ୍ତ କରାଯାଇଥିଲା। ଓପନିଂ ସେରିମନି, ଚାଣ୍ଟ ଅଫ୍ ନେସନ୍ସ, ୱାର୍ଲ୍ଡ କପ୍ ମେଡଲୀ ଓ ଜଙ୍ଗକୁକଙ୍କ ପ୍ରଦର୍ଶନକୁ ନେଇ ୪ ଭାଗରେ ବିଭକ୍ତ ହୋଇଥିଲା ଉଦ୍‌ଘାଟନୀ ସମାରୋହ। ଓପନିଂ ସେରିମନିରେ ଓସ୍କାର ବିଜେତା ଅଭିନେତା ମୋର୍ଗାନ୍ ଫ୍ରି ମ୍ୟାନ ଏକତା ଉପରେ ଏକକ ଅଭିନୟ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଅଭିନେତା ଘନିମ୍ ଅଲ ମୁଫ୍‌ତାହା ଓ ଡାନାଙ୍କ ସମେତ କିଛି କାତାରୀ ମହିଳା ଏବଂ ଓଟ ଚାଳକଙ୍କୁ ଏହି ଆକ୍ଟର ସାମିଲ କରାଯାଇଥିଲା।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୂର୍ବ ସଂସ୍କରଣ ଗୁଡ଼ିକର ମାସ୍କଟ।

ଚାଣ୍ଟ ଅଫ୍ ନେସନ୍ସ: ମୋର୍ଗାନ ଫ୍ରି ମ୍ୟାନ୍ ପ୍ରଚ୍ଛଦପଟ୍ଟରେ ସୂତ୍ରଧର ରହିଥିବା ବେଳେ ୩୨ ଅଂଶଗ୍ରହଣକାରୀ ଦେଶର ଜାତୀୟ ପତାକାକୁ ଏଲ୍‌ଇଡି ଲାଇଟ ମାଧ୍ୟମରେ ଦେଖା ଯାଇଥିଲା। ବିଭିନ୍ନ ରାଷ୍ଟ୍ରରଏକତା ଉପରେ ଫ୍ରି ମ୍ୟାନ୍ ଅଭିନୟ କରିଥିଲେ। ଏହାପରେ ଖଣ୍ଡାଯୁଦ୍ଧ ସମ୍ବଳିତ ନୃତ୍ୟ ପରିବେଷଣ କରିଥିଲେ ସ୍ଥାନୀୟ କଳାକାର ଗ୍ରୁପ୍। 'ପ୍ଲିଜ୍ ଡୋଣ୍ଟ ଟେକ୍ ମି ହୋମ୍' ଓ 'ଓଲେ ଓଲେ ଓଲେ'ରେ ମଧ୍ୟ ନୃତ୍ୟ ପରିବେଷଣ କରାଯାଇଥିଲା।

ୱାର୍ଲ୍ଡ କପ୍ ମେଡଲୀ : ଏହି ପର୍ଯ୍ୟାୟରେ ଚଳିତ ବିଶ୍ୱକପର ମାସ୍କଟ ଦର୍ଶକଙ୍କୁ ଆମୋଦିତ କରିଥିଲା। ଏହା ସହିତ ପୂର୍ବ ସଂସ୍କରଣର ବିଶ୍ୱକପ ଗୁଡିକର ମାସ୍କଟ ଗୁଡିକ ମଧ୍ୟ ଷ୍ଟେଜରେ ପ୍ରଦର୍ଶନ କରିଥିଲେ।

ଜଙ୍ଗକୁକ୍: କେ ପପ୍ ଷ୍ଟାର ତଥା ବିଟିଏସ୍‌ର ଅନ୍ୟତମ ସଦସ୍ୟ କିମ୍ ଜଙ୍ଗକୁକ୍ ରବିବାର ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଥିଲେ। ୨୫ ବର୍ଷୀୟ ଜଙ୍ଗକୁକ୍ ବିଶ୍ୱକପର ଅଫିସିଆଲ୍ ସଙ୍ଗ 'ଡ୍ରିମର୍ସ' ଗାଇଥିଲେ। କାତାରୀ ଗାୟକ ଫହାଦ ଅଲ କୁବେଶୀ ମଧ୍ୟ ଜଙ୍ଗକୁକଙ୍କ ସହିତ ପ୍ରଦର୍ଶନ କରିଥିଲେ।

ଉଦ୍‌ଘାଟନୀ ସମାରୋହ ୩୫ ମିନିଟ ଧରି ଚାଲିବା ସହିତ ୮.୪୫ରେ ଶେଷ ହୋଇଥିଲା ଆରବ ଦୁନିଆର ଏକତ୍ରୀକରଣ ସନ୍ଦେଶ ପ୍ରଦାନ ଉଦ୍ଦେଶ୍ୟରେ ସାଉଦି ଆରବର ଯୁବରାଜ, ଇଜିପ୍ଟ ଓ ଆଲଜେରିଆ ରାଷ୍ଟ୍ରପତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଦେଶରେ ଅଶାନ୍ତି କାରଣରୁ ଇକ୍ୱେଡର ରାଷ୍ଟ୍ରପତି ଆସିନଥିବା ବେଳେ ଜାତିସଂଘ ମହାସଚିବ ମଧ୍ୟ ଉପସ୍ଥିତ ରହିଥିଲେ।

## ଫ୍ୟାନ୍ ଫେଷ୍ଟିଭାଲରେ ୪୦ ହଜାର ଦର୍ଶକ

**ଦୋହା, ୨୦।୧୧:** କାତାର ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ମହା ସମାରୋହ ମଧ୍ୟରେ ଅଲ ବାୟଟ ଷ୍ଟାଡିୟମରେ ଆୟୋଜିତ ହୋଇଛି। ସମାନ ସମୟରେ ଫିଫା ପକ୍ଷରୁ ଏକ ଫ୍ୟାନ ଫେଷ୍ଟ ମଧ୍ୟ ଆୟୋଜନ କରାଯାଇଛି। ରବିବାର ଅଲ ବିଦ୍ଧା ପାର୍କରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ ୪୦ ହଜାରରୁ ଅଧିକ ଦର୍ଶକ ଯୋଗ ଦେଇଛନ୍ତି। ବଡ ସ୍କ୍ରିନରେ ଲାଇଭ୍ ମ୍ୟାଚ୍ ଦେଖିବାର ସୁଯୋଗ ମିଳୁଥିବା ବେଳେ ଲାଇଭ ମ୍ୟୁଜିକ ସହିତ ଖାଦ୍ୟ ଓ ପାନୀୟର ବନ୍ଦୋବସ୍ତ ରହିଛି। ଷ୍ଟାଡିୟମରେ ଆଲକୋହଲ ପରିବେଷଣ ଉପରେ କଟକଣା ରହିଥିଲେ ହେଁ ଫ୍ୟାନ ଫେଷ୍ଟିଭାଲରେ ସବୁ ସୁବିଧା ପ୍ରଦାନ କରାଯିବ। ଏହି ଇଭେଣ୍ଟକୁ ଫିଫା ୨୦୨୨ର ହୃଦୟ ବୋଲି କହିଛନ୍ତି ଫିଫା ସଭାପତି ଜିଆନ୍ନି ଇନଫାଣ୍ଟିନୋ। ସମସ୍ତ ମ୍ୟାଚ ଦିନର ସନ୍ଧ୍ୟାରେ ଫ୍ୟାନ ଫେଷ୍ଟିଭାଲ ଆୟୋଜିତ ହେବ।







### ନ୍ୟାଶନାଲ ଫାଇନାନ୍ସ

ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ **ନ୍ୟାଶନାଲ ଫାଇନାନ୍ସ** ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ । ସମସ୍ତ ଋଣ **2%** ସୁଧ, **40%** ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)

**ଏଜେଣ୍ଟ ଆମନ୍ତ୍ରିତ – 9807641532**


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday

**0674-2580101, 2549949**



REAL ESTATE

**SALE**

କ ଟ କ - ଭୁ ବ ନେ ଶ୍ୱ ର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

6000sqft. converted plot sale at Khandagiri backside of Amri Hospital, sqft.-3000/-, 9776866520. D-74156

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 9658891108, 8114994259. D-1916

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3BHK House for rent at IRC Village near Ekamra Kanan Park, Bhubaneswar. 7381035667. D-73896

A building consists of 6 rooms (3 toilets, 3 kitchens, store rooms) with 24x7 water supply (Motor facility) on prime location of Badadanda Sahi, Old Town (Side of Baiya Kora Khai Shop), Bhubaneswar for rent. Specially for Hostel, Guest House, Coaching Centre, Patholab, Office, Godown etc. Contact: 9090077774, 9777336666. D-73729




Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

Newly open SPA positively health benefits expert therapist, Jagamara. 7849011931. D-73664

### ନବମ ଜନ୍ମଦିନ ଶୁଭେଚ୍ଛା



*ଆଜି ଶ୍ରୀ ଶିବାଶିଷ ନନ୍ଦ (ଗୁଡୁନ୍)( ଓଁମ୍)ର* ଶୁଭ ଜନ୍ମଦିନ ଉପଲକ୍ଷେ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ତାକୁ ଦୀର୍ଘାୟୁ କରନ୍ତୁ ଓ ତା'ର ଚଲାପଥ କୁସୁମିତ ହେଉ।

***ଶୁଭେଚ୍ଛା ସହ:*** ମାମା: (ଅର୍ଚ୍ଚିତା ମିଶ୍ର), ମାଉସୀ: ଅନିତା ମିଶ୍ର, ଅଜା ଓ ଆଈ ତଥା ମିଶ୍ର ପରିବାର ।

ସାରଦାଶ୍ରୀ, ୯୦୪-ଶାସ୍ତ୍ରୀନଗର, ଭୁବନେଶ୍ୱର
9861375760
ଧ-୨୦୫୦

### କୃତିତ୍ୱ



ସତ୍ୟ ସାର୍ଥକ ପ୍ରଧାନ (ଲିକୁ) ପୋଟଳ ପ୍ରାଥମିକ ବିଦ୍ୟାଳୟ, ପିପିଲି, ପୁରୀ, ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ତୋର ସଫଳତା ନିମନ୍ତେ ବିଦ୍ୟାଳୟର ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଉଛୁ। ବାପା- କାଳନ୍ଦୀ ଚରଣ ପ୍ରଧାନ ଓ ବୋଉ- ମିଳି ପ୍ରଧାନ। ଧ-୭୬୬୫୧

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LEGAL NOTICE

ମାନ୍ୟବର ରାଜସ୍ୱ ଅଧିକାରୀ, କଟକ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର।
କେସ୍ ନଂ..-OSS No.- 294/2015
୧. ମନୋରମା ସିଂହ ....ବାଦୀ
ବନାମ
୨. ଗୌରି ସାହୁ ଏବଂ ଧର୍ମୁ ସାହୁ, ପି: ନନ୍ଦ ସାହୁ, ଲକ୍ଷ୍ମଣ ସାହୁ, ପି: ଗୋପି ସାହୁ, ଜା: ତେଲି, ଧଡ଼ି ବେହେରା, ଗଙ୍ଗା ବେହେରା, ପି: ମହନି ବେହେରା, ଜା: ଗୋପାଳ, ଭିକାରୀ ସାହୁ, ପି: ବୀର ସାହୁ, ଚାନ୍ଦ ସାହୁ, ସ୍ୱା: ଦିଜବର ସାହୁ, ହୃଦାନନ୍ଦ ସାହୁ, ପି: ଦିଗାମ୍ବର ସାହୁ, ଗଣେଶ୍ୱର ସାହୁ, ପି: ଅପର୍ତ୍ତି ସାହୁ, ଅରକ୍ଷିତ ସାହୁ, ପରକ୍ଷିତ ସାହୁ, ଯୋଗୀ ସାହୁ, ପି: କିଣେଇ ସାହୁ, ନିଳେଇ ସାହୁ, ଦିନେଇ ସାହୁ, ପି: ଆନନ୍ଦ ସାହୁ, ଜଗୁ ସାହୁ, ଫଗୁ ସାହୁ, ରଘୁ ସାହୁ, ପି: ଭ୍ରମର ସାହୁ, ଭାଗୁ ସାହୁ, ପି: କୁମର ସାହୁ, କୈଳାସ ସାହୁ, ପୀତବାସ ସାହୁ, କପିଳ ସାହୁ, ପି: ଈଶ୍ୱର ସାହୁ, ଲକ୍ଷ୍ମୀଧର ସାହୁ, ସୁରେନ୍ଦ୍ର କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, ପି: ଜଗୁ ସାହୁ, ଜା: ଗୁଡ଼ିଆ, ଅଲେଖ ସାହୁ, ପି: ହାଡୁ ସାହୁ, ଜା: ତେଲି ବା: ନିଜଗାଁ ......ପ୍ରତିବାଦୀ

ନୋଟିସ୍ ଅର୍ଡର-୫ ରୁଲ୍-୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସଂବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ଲିଖିତ କେସ୍ ନଂ.- OSS No.-294/2015 ଶୁଣାଣି ମାନ୍ୟବର ରାଜସ୍ୱ ଅଧିକାରୀ, କଟକ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର, କାର୍ଯ୍ୟାଳୟରେ ଆସନ୍ତା ତା ୦୮।୧୨।୨୦୨୨ରିଖ ଦିବା ଘ୧୧.୩୦ ମିନିଟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା: ଗାଡ଼କଣ, ତହସିଲ- ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

| | ଖାତା ନଂ | ପ୍ଲଟ ନଂ. | ରକବା | ସ୍ୱତ୍ୱ |
|---|---|---|---|---|
| ସାବକ | ୪୬୩ | ୨୭୬୯ | ଏ୦.୧୨୫ଡି.ରୁ ଏ୦.୦୪୫.୯୧ଡି | ସ୍ଥିତିବାନ |
| ହାଲ୍ | ୧୫୨୪ | ୪୮୨୪ | ଏ-୦.୧୨୫ଡି.ରୁ ଏ୦.୦୪୫.୯୧ଡି., | ସ୍ଥିତିବାନ |

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ମାନ୍ୟବର ରାଜସ୍ୱ ଅଧିକାରୀ, କଟକ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର ଆଦେଶ ଅନୁଯାୟୀ।
ଧ-୭୧୫୪୭

# ସ୍ୱାସ୍ଥ୍ୟୋପକାରୀ କଲରା



କଲରାର ସ୍ୱାଦ ପିତା, ହେଲେ ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଜଣେ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ଏଥିରେ ପଲିପେପ୍‌ଟାଇଡ୍ ଏବଂ କେରାଟିନ୍ ନାମକ ତତ୍ତ୍ୱ ରହିଛି, ଯାହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। କଲରାରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି, ଯାହା ଆମ ଶରୀରକୁ କେତେକ ରୋଗରୁ ରକ୍ଷା କରିଥାଏ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ୍ ଓ ଆଣ୍ଟି-ଇମ୍ଫ୍ଲାମେଟୋରୀ ଗୁଣ ପାଇଁ ବାହାର ଜୀବାଣୁକୁ ଏହା ଶରୀର ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥାଏ। ପ୍ରତିଦିନ କଲରା ଖାଇବା ଆଖି ପାଇଁ ମହୌଷଧି ସଦୃଶ କାମ କରେ। ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖି ରକ୍ତ ସଞ୍ଚାଳନକୁ ଶରୀରରେ ଠିକ୍ ଭାବେ କରାଇଥାଏ କଲରା। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଓଜନକୁ ସନ୍ତୁଳିତ ରଖିଥାଏ।

# ଆନେମିଆ ରୋଗୀ ଓ ଗୁଡ଼



ଗୁଡ଼ରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଶୀତଦିନେ ଗୁଡ଼ ଖାଇଲେ ତାହା ଶରୀରକୁ ଉଷ୍ମ ରଖିଥାଏ। ଆପଣ ଥଣ୍ଡା, କାଶ, କଫଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ପ୍ରତିଦିନ କିଛି ପରିମାଣରେ ଗୁଡ଼ ଖାଇଲେ ତାହା ଏଥିରୁ କେତେକାଂଶରେ ଉପଶମ ଦେଇଥାଏ। ଗୁଡ଼ ଶରୀରରେ ଏକ ଗୁରୁତ୍ୱପୂର୍ଣ୍ଣ କାମ କରିଥାଏ। କେତେକ କାରଣରୁ ଆମ ଶରୀରରେ ଆଇରନ୍ ମାତ୍ରା କମିଯାଏ। ଯଦି ଆପଣ ନିୟମିତ ଗୁଡ଼ ଖାଉଛନ୍ତି ତେବେ ଏହାର ପରିମାଣ ଅନେକାଂଶରେ ପୂରଣ ହୋଇଥାଏ। ଆନେମିଆ ରୋଗୀଙ୍କ ପାଇଁ ଗୁଡ଼ ବେଶ୍ ଲାଭପ୍ରଦ। ଗୁଡ଼ରେ ଆଣ୍ଟି-ଆଲର୍ଜି ତତ୍ତ୍ୱ ରହିଛି। ଆଜ୍‌ମା ରୋଗୀ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଯଦି ଜଣେ ବ୍ୟକ୍ତି ନିୟମିତ ଗୁଡ଼ ଖାଆନ୍ତି ତେବେ ତାଙ୍କ ଶରୀରରେ ମେଟାବୋଲିମ୍ ପରିମାଣ ସନ୍ତୁଳିତ ରହିଥାଏ। ଏହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ମାଇଗ୍ରେନ୍ ରୋଗୀଙ୍କ ପାଇଁ ଗୁଡ଼ ବେଶ୍ ଉପକାରୀ। ଏହା ମଧ୍ୟ ଭୋକଜନିତ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ।

# ଗ୍ରହାଣୁ ସଂଘର୍ଷରୁ ପୃଥିବୀକୁ ସୁରକ୍ଷା



ଇଂ. ମାୟାଧର ସ୍ୱାଇଁ

"ଆଜକୁ ୬୫ ନିୟୁତ ବର୍ଷ ପୂର୍ବେ ୧୦-୧୫ କିମି ଚଉଡ଼ାର ଏକ ଗ୍ରହାଣୁ ପୃଥିବୀ ସହିତ ଧକ୍କା ହେବା ପରେ ପୃଥିବୀରୁ ଡାଏନୋସର ବଂଶ ଲୋପ ପାଇଗଲା ବୋଲି ଜଣାପଡ଼ିଛି। ଏହା ପରେ ଛୋଟ ଛୋଟ ଅନେକ ଗ୍ରହାଣୁ ସଂଘର୍ଷରୁ ପୃଥିବୀରେ ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇଛି। ଦକ୍ଷିଣ ଆଫ୍ରିକାର ୧୬୦ କିମି ବ୍ୟାସ ବିଶିଷ୍ଟ ଭ୍ରେଡେଫୋର୍ଟ ଗର୍ତ୍ତ ହେଉଛି ବୃହତ୍ତମ। ଭାରତର ମହାରାଷ୍ଟ୍ରର ଲୋନାର ହ୍ରଦ ହେଉଛି ଏହାର ଅନ୍ୟ ଏକ ଉଦାହରଣ। ଏହାର ହାରାହାରି ବ୍ୟାସ ୧୨୦୦ ମିଟର ହୋଇଥିବା ବେଳେ ଗଭୀରତା ହେଉଛି ୧୩୭ ମିଟର।"





ସୌରଜଗତରେ ମଙ୍ଗଳ ଓ ବୃହସ୍ପତି ଗ୍ରହ କକ୍ଷ ମଝିରେ ଅନେକ କ୍ଷୁଦ୍ର ପିଣ୍ଡ ସୂର୍ଯ୍ୟଙ୍କୁ ପରିକ୍ରମା କରୁଛନ୍ତି। ପ୍ରତ୍ୟେକ ପିଣ୍ଡକୁ 'ଗ୍ରହାଣୁ' ବୋଲି କୁହାଯାଏ ଏବଂ ଏହି ଅଞ୍ଚଳକୁ ଗ୍ରହାଣୁ ବଳୟ କୁହାଯାଏ। ଇଟାଲୀର ଜ୍ୟୋତିର୍ବିଦ୍ ଗିଉସେପେ ପିଆଜି ୧୮୦୧ ମସିହା ଜାନୁୟାରୀ ୧ ତାରିଖରେ ପ୍ରଥମ ଗ୍ରହାଣୁ 'ସେରେସ୍'କୁ ଆବିଷ୍କାର କରିଥିଲେ। ଏହା ମଧ୍ୟ ହେଉଛି ବୃହତ୍ତମ ଗ୍ରହାଣୁ ଏବଂ ଏହାକୁ 'ବାମନ ଗ୍ରହ' ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ବଳୟରେ ଏକ ଲକ୍ଷରୁ ଅଧିକ ଗ୍ରହାଣୁ ଆବିଷ୍କୃତ ହେଲାଣି। ଏମାନଙ୍କ ମଧ୍ୟରୁ ୨୯,୦୦୦ରୁ ଅଧିକ ଗ୍ରହାଣୁ କକ୍ଷ ହେଉଛି ପୃଥିବୀର ନିକଟବର୍ତ୍ତୀ ଏବଂ ଏଥିରୁ କେତେକ ମଝିରେ ମଝିରେ ପୃଥିବୀ କକ୍ଷକୁ ଅତିକ୍ରମ କରିଥାଆନ୍ତି। ଏଗୁଡ଼ିକ ଭୂସମୀପବର୍ତ୍ତୀ ଗ୍ରହାଣୁ କୁହାଯାଏ। ଯଦି କୌଣସି ଗ୍ରହାଣୁ ପୃଥିବୀ ସହ ସଂଘର୍ଷ ହୁଏ, ତା'ହେଲେ ପୃଥିବୀର ଅମାପ କ୍ଷତି ହେବ। କ୍ଷୟକ୍ଷତି ଗ୍ରହାଣୁ ଆକାର ଓ ବେଗ ଉପରେ ନିର୍ଭର କରିବ। ଆଜକୁ ୬୫ ନିୟୁତ ବର୍ଷ ପୂର୍ବେ ୧୦-୧୫ କିମି ଚଉଡ଼ାର ଏକ ଗ୍ରହାଣୁ ପୃଥିବୀ ସହିତ ଧକ୍କା ହେବା ପରେ ପୃଥିବୀରୁ ଡାଏନୋସର ବଂଶ ଲୋପ ପାଇଗଲା ବୋଲି ଜଣାପଡ଼ିଛି। ଏହା ପରେ ଛୋଟ ଛୋଟ ଅନେକ ଗ୍ରହାଣୁ ସଂଘର୍ଷରୁ ପୃଥିବୀରେ ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇଛି। ଦକ୍ଷିଣ ଆଫ୍ରିକାର ୧୬୦ କିମି ବ୍ୟାସ ବିଶିଷ୍ଟ ଭ୍ରେଡେଫୋର୍ଟ ଗର୍ତ୍ତ ହେଉଛି ବୃହତ୍ତମ। ଭାରତର ମହାରାଷ୍ଟ୍ରର ଲୋନାର ହ୍ରଦ ହେଉଛି ଏହାର ଅନ୍ୟ ଏକ ଉଦାହରଣ। ଏହାର ହାରାହାରି ବ୍ୟାସ ୧୨୦୦ ମିଟର ହୋଇଥିବା ବେଳେ ଗଭୀରତା ହେଉଛି ୧୩୭ ମିଟର। ୧୯୦୮ ମସିହା ଜୁନ୍ ୩୦ରେ ରୁଷିଆର ତୁଙ୍ଗୁସ୍କା ଅଞ୍ଚଳରେ ଗ୍ରହାଣୁ ସଂଘାତ ହୋଇ ପ୍ରାୟ ୨୦୦୦ ବର୍ଗ କିମି ଅଞ୍ଚଳ ହୋଇଥିଲା। ଏହା ଏକ ଜନବିରଳ ଅଞ୍ଚଳ ହୋଇଥିବାରୁ ଏଥିରେ ମାତ୍ର ତିନି ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାର ଧ୍ୱଂସକାରୀ କ୍ଷମତା ବାର ମେଗାଟନ୍ ଥିଲା ଏବଂ ଏହା ଯଦି କୌଣସି ସହରାଞ୍ଚଳରେ ପଡ଼ିଥାଆନ୍ତା, ତାହାହେଲେ ଅନେକ ଲୋକ ମୃତ୍ୟୁବରଣ କରିଥାଆନ୍ତେ। ଜାପାନର ହିରୋସୀମା ଏବଂ ନାଗାସାକିଠାରେ ପଡ଼ିଥିବା ପରମାଣୁ ବୋମାର ଶକ୍ତି ସହ ଏହା ପ୍ରାୟ ସମାନ ଥିଲା।

ପୃଥିବୀ ସହିତ ସମ୍ଭାବ୍ୟ ଗ୍ରହାଣୁର ସଂଘର୍ଷ ଏଡ଼ାଇବା ପାଇଁ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି। ଏହାର ଏକ ଉପାୟ ହେଉଛି ପୃଥିବୀ ଆଡ଼କୁ ଆସୁଥିବା ଗ୍ରହାଣୁର ଗତିପଥକୁ ବଦଳାଇ ଦେବା। ଏହାଫଳରେ ଏହା ପୃଥିବୀ ଆଡ଼କୁ ଆସିପାରିବ ନାହିଁ। ଏଥିପାଇଁ ଗ୍ରହାଣୁର ଗତିପଥକୁ ହିସାବ କରିବାକୁ ପଡ଼ିବ ଏବଂ ପୃଥିବୀ ନିକଟରେ ପହଞ୍ଚିବା ପୂର୍ବରୁ ପୃଥିବୀରୁ ଏକ ମହାକାଶଯାନ ପଠାଇ ତାହା ସହିତ ସଂଘର୍ଷ କରି ତାହାର କକ୍ଷକୁ ବଦଳାଇ ଦେବାକୁ ପଡ଼ିବ। ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଏଥିପାଇଁ ପ୍ରସ୍ତୁତି କରୁଛି ଏବଂ ପରୀକ୍ଷା ପାଇଁ ଗୋଟିଏ ଗ୍ରହାଣୁ ସହିତ ମହାକାଶଯାନର ସଂଘର୍ଷ କରାଇ ଏହାର ଗତିପଥକୁ ବଦଳାଇ ଦେବାରେ ପ୍ରଥମ ଚେଷ୍ଟାରେ ସଫଳ ହୋଇଛି।

'ନାସା'ର ଏହି କାର୍ଯ୍ୟକ୍ରମର ନାମ ହେଉଛି 'ଡାର୍ଟ ଅଭିଯାନ'। 'ଡାର୍ଟ' ହେଉଛି ଡବଲ ଆଷ୍ଟରଏଡ୍ ରିଡିରେକସନ ଟେଷ୍ଟ (Double Asteroid Redirection Test)ର ସଂକ୍ଷିପ୍ତ ନାମ। ଡାର୍ଟ ଯାନର ଓଜନ ହେଉଛି ୬୧୦ କିଗ୍ରା। ଏହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ଯଥାକ୍ରମେ ୧.୮ ମିଟର, ୧.୯ ମିଟର ଓ ୨.୬ ମିଟର। ନାସା ଏହାକୁ କାଲିଫର୍ନିଆର ଭାଣ୍ଡେନବର୍ଗ ମହାକାଶ ଘାଟିରୁ ୨୦୨୧ ମସିହା ନଭେମ୍ବର ୨୪ ତାରିଖରେ ଫାଲକନ୍ ରକେଟ୍ ସାହାଯ୍ୟରେ ମହାକାଶକୁ ଉତକ୍ଷେପଣ କରିଥିଲା।

ମହାକାଶଯାନର ଲକ୍ଷ୍ୟ ଥିଲା ଡିମୋରଫୋସ୍ ଗ୍ରହାଣୁ। ବାସ୍ତବରେ ଏହାକୁ ଗୋଟିଏ ଉପଗ୍ରହାଣୁ କୁହାଯାଇପାରେ। କାରଣ ଏହା ଅନ୍ୟ ଏକ ଗ୍ରହାଣୁ ଡିଡିମୋସ୍ ଚାରିପଟେ ପରିକ୍ରମଣ କରୁଛି। ଡିମୋରୋଫୋସ୍‌ର ବ୍ୟାସ ହେଉଛି ୧୭୦ ମିଟର ଏବଂ ଏହାକୁ ୨୦୦୩ ମସିହାରେ ଆବିଷ୍କାର କରାଯାଇଥିଲା। ଡିଡିମୋସର ବ୍ୟାସ ହେଉଛି ୭୮୦ ମିଟର ଏବଂ ଏହାକୁ ୧୯୯୬ରେ ଆବିଷ୍କାର କରାଯାଇଥିଲା। ଏହି ଦୁଇଟି ପୃଥିବୀଠାରୁ ପ୍ରାୟ ଏଗାର ନିୟୁତ କିମି ଦୂରରେ ଅଛି। ଡିଡିମୋସ୍ ସୂର୍ଯ୍ୟ ଚାରିପଟେ ଥରେ ପରିକ୍ରମା କରିବାକୁ ୭୭୦ ଦିନ ନେଇଥାଏ ଏବଂ ଡିମୋରୋଫୋସ୍‌ର ପରିକ୍ରମଣ ସମୟ ହେଉଛି ୧୧ ଘଣ୍ଟା ୫୫ ମିନିଟ୍, ଅର୍ଥାତ୍ ଏହା ଏହି ସମୟ ଭିତରେ ଡିଡିମୋସ୍ ଚାରିପଟେ ଥରେ ଘୂରି ଆସିଥାଏ।

ଡାର୍ଟ ମହାକାଶଯାନ ୨୦୨୨ ସେପ୍ଟେମ୍ବର ୨୬ ତାରିଖରେ ଘଣ୍ଟା ପ୍ରତି ୨୨,୫୦୦ କିମି ବେଗରେ ଗତି କରି ଡିମୋରୋଫୋସ୍ ସହିତ ସଂଘାତ କରିଥିଲା। ଡାର୍ଟଯାନ ସହିତ ଇଟାଲୀ ମହାକାଶ ସଂସ୍ଥା ଦ୍ୱାରା ନିର୍ମିତ ଗୋଟିଏ କ୍ଷୁଦ୍ର କୃତ୍ରିମ ଉପଗ୍ରହ (କ୍ୟୁବସାଟ୍) ଯାଇଥିଲା। ଏହାର ନାମ ହେଉଛି ଲିସିଆକ୍ୟୁବ୍। ଏହାର ଓଜନ ୧୪ କିଗ୍ରା। ଏଥିରେ ଦୁଇଟି କ୍ୟାମେରା ଖଞ୍ଜା ଯାଇଥିଲା। ଡିମୋରୋଫୋସ୍ ସହିତ ମୂଳଯାନର ସଂଘର୍ଷର ୧୫ଦିନ ପୂର୍ବରୁ ଏହା ସେଥିରୁ ବାହାରି ଯାଇଥିଲା। ସଂଘର୍ଷ ସମୟରେ ଚିତ୍ରଟିକୁ ପୃଥିବୀକୁ ପଠାଇଛି।

ଡିମୋରୋଫୋସ୍ ସହିତ ଡାର୍ଟ ଯାନର ସଂଘର୍ଷ ଯୋଗୁ ଏହାର କକ୍ଷ ପଥ ଛୋଟ ହୋଇ ପରିକ୍ରମଣ ସମୟ ୧୦ ମିନିଟ୍ ହ୍ରାସ ପାଇବ ବୋଲି ଗଣନା କରାଯାଇଛି। ୟୁରୋପୀୟ ମହାକାଶ ସଂସ୍ଥା ୨୦୨୪ ମସିହାରେ ଏହି ଗ୍ରହାଣୁ ନିକଟକୁ 'ହେରା' ନାମକ ଏକ ମହାକାଶ ଯାନ ପଠାଇ ସଂଘାତ ଗର୍ତ୍ତ ଓ ନୂତନ କକ୍ଷ ପଥର ଗଣନା କରିବା ପାଇଁ ଯୋଜନା କରିଛି।

ବାସ୍ତବରେ ଡିମୋରୋଫୋସ୍ ଓ ଡିଡିମୋସ୍ ଗ୍ରହାଣୁ ଦୁଇଟିରୁ ପୃଥିବୀ ପ୍ରତି କୌଣସି ବିପଦ ନାହିଁ। ମାତ୍ର ନାସା ପରୀକ୍ଷାମୂଳକ ଭାବେ ଏହି ଗ୍ରହାଣୁ ଦୁଇଟିକୁ ଲକ୍ଷ୍ୟସ୍ଥଳ ଭାବେ ନେଇଛି ଏବଂ ପ୍ରଥମ ଚେଷ୍ଟାରେ ସଫଳ ହୋଇଛି। ଏହି ଅଭିଜ୍ଞତାରୁ ଭବିଷ୍ୟତରେ ପ୍ରକୃତରେ ଯଦି କୌଣସି ଗ୍ରହାଣୁ ପୃଥିବୀ ସହିତ ସଂଘର୍ଷ କରିବାକୁ ଆସୁଥାଏ, ତାହାହେଲେ ନାସା ମହାକାଶଯାନ ପଠାଇ ତାହାର ଗତିପଥ ବଦଳାଇ ଦେବ।

-୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ଜାଣନ୍ତି କି



ଆମେ ଖାଦ୍ୟ ଖାଇବା ପରେ କେତେକ ଜିନିଷ ପ୍ରତି ନଜର ଦେବା ନିହାତି ଜରୁରୀ। ଖାଇବା ପରେ ପରେ ଆଦୌ ଫଳମୂଳ ଖାଆନ୍ତୁ ନାହିଁ। ଚା', କଫି, କୋଲଡ୍ରିଙ୍କ୍ସ, ଆଲ୍‌କୋହଲ୍‌ଠାରୁ ମଧ୍ୟ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସିଡିଟି ମାତ୍ରା ବଢ଼ାଇ ଦେଇଥାଏ। ଖାଇବା ପରେ ଗାଧୋଇବା ଅଭ୍ୟାସ ଥିଲେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଖାଇବା ପରେ ଗାଧୋଇଲେ ଶରୀରରେ ରକ୍ତର ପ୍ରବାହ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୁଏ, ଯାହା ଶରୀର ପାଇଁ କ୍ଷତିକାରକ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଏହା ରକ୍ତରେ ସୁଗାର୍ ଲେଭଲ୍‌କୁ ସନ୍ତୁଳିତ ରଖିବ ଏବଂ ମସ୍ତିଷ୍କକୁ ଆରାମ ମିଳିବ। ଖାଇବାର ଠିକ୍ ପୂର୍ବରୁ କିମ୍ବା ପରେ ପାଣି ପିଅନ୍ତୁ ନାହିଁ। କାରଣ ଏହା ହଜମ କ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ। ଏହାଦ୍ୱାରା ପାଚନକ୍ରିୟା ଠିକ୍ ଭାବରେ କାମ କରିଥାଏ। ଖାଇବା ସାରି କିଛି ଲୋକ ସାଙ୍ଗେ ସାଙ୍ଗେ ଶୋଇପଡ଼ନ୍ତି। ହେଲେ, ସେମାନେ ବୁଝିବା ଦରକାର କି, ଖାଇବା ପରେ ଶୋଇବା ଓଜନ ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି।

## ପାଠପଢ଼ା ପ୍ରତି ଅଧିକ ଆଗ୍ରହ ଲାଗି...

ପାଠ ପଢ଼ି ଭବିଷ୍ୟତରେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଛାତ୍ରୀଛାତ୍ର ଚେଷ୍ଟା କରିଥାଆନ୍ତି। ହେଲେ କେତେକେ ଏ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଯୋଜନା ମୁତାବକ ପାଠ ନ ପଢ଼ିଲେ ସେଥିରୁ କିଛି ମୂଲ୍ୟ ମିଳି ନ ଥାଏ। ଏଥିଲାଗି କେତେକ ପିଲା ଅବସାଦଗ୍ରସ୍ତ ହେବାର ନଜୀର ରହିଛି। ତେବେ ପାଠପଢ଼ାକୁ ସକ୍ରିୟ କରିବା ଲାଗି ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ପିଲା ନିଜ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ କରନ୍ତି ତେବେ ତାହାର ସୁପ୍ରଭାବ ପାଠପଢ଼ା ଉପରେ ପଡ଼ିଥାଏ। 'ପାଠପଢ଼ା ଏବଂ ବ୍ୟାୟାମ' ଶୀର୍ଷକ ବିଷୟକୁ ନେଇ ନିକଟରେ ୟୁନିଭର୍ସିଟି ଅଫ୍ ୱାଶିଂଟନ୍ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ପାଠପଢ଼ାରେ ଅସୁବିଧାର ସମ୍ମୁଖୀନ ହେଉଥିବା କେତେକ ପିଲାଙ୍କୁ ଏହାର ପରିସରଭୁକ୍ତ କରି ସେମାନଙ୍କୁ ନିୟମିତ ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ କିଛି ସପ୍ତାହ ପରେ ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ପିଲା ପାଠପଢ଼ା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଥିବାର ଦେଖିବାକୁ ମିଳିଥିଲା। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପିଲାମାନେ ନିୟମିତ ବ୍ୟାୟାମ କରିବା ଦ୍ୱାରା ସେମାନଙ୍କର ମାନସିକତା ସକାରାତ୍ମକ ରହିଥାଏ ଏବଂ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ।



# ଓଜନ ବୃଦ୍ଧି ପାଇଁ ବ୍ୟାକ୍ଟେରିଆ ଦାୟୀ

ବର୍ତ୍ତମାନ ମେଦବହୁଳତା ବା ଓବେସିଟି ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେବେ ଏପରି ସ୍ୱାସ୍ଥ୍ୟଜନିତ ସମସ୍ୟା



ଲାଗି ବ୍ୟାକ୍ଟେରିଆ ଦାୟୀ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ମେଦବହୁଳତା ପଛରେ ଆଉ କି କି କାରଣ ରହିଛି ତାହା ଜାଣିବା ପାଇଁ ୟୁନିଭର୍ସିଟି ଅଫ ସିଓଲ ପକ୍ଷରୁ ଏକ ଗବେଷଣା କରାଯାଇଥିଲା। ଶରୀର ଭିତରେ ଥିବା କେତେକ ବ୍ୟାକ୍ଟେରିଆଙ୍କୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଏଭଳି କେତେକ ବ୍ୟାକ୍ଟେରିଆ ଠାବ କରିଥିଲେ ଯେଉଁମାନେ ମେଦବହୁଳତା ପରି ସମସ୍ୟା ସୃଷ୍ଟି କରିବାରେ ଅନେକାଂଶରେ ସାହାଯ୍ୟ କରିଥାଆନ୍ତି। ଉକ୍ତ ବ୍ୟାକ୍ଟେରିଆଟି ହେଲା ଫ୍ଲୋରା। ତେବେ ଏହି ବ୍ୟାକ୍ଟେରିଆର ଆଉ କ'ଣ ଖରାପ ଗୁଣ ରହିଛି ତାହାକୁ ତର୍ଜମା କରାଯାଉଛି।

## ସ୍ୱାସ୍ଥ୍ୟ ସୂଚନା

- ବେଳେବେଳେ ଅଧିକ ପଢ଼ାପଢ଼ି ଯୋଗୁ ଆମ ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ପାଠ ପଢ଼ିବା ସମୟରେ କିଛି ସମୟ ମସ୍ତିଷ୍କକୁ ଆରାମ ଦେବା ଦରକାର।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କଲାବେଳେ ରୋଗର କାରଣ ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଭୁଲନ୍ତୁ ନାହିଁ।
- ରାତିରେ ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।
- ବୟସ ବଢ଼ିବା ସହ ଧୀରେ ଧୀରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ଯଦି ଅଧିକ ସମୟରେ କମ୍ପ୍ୟୁଟର, ଲାପଟପ ସାମ୍ନାରେ ବସି କାମ କରୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଦୃଷ୍ଟି ଶକ୍ତି ପ୍ରଭାବିତ ହୋଇ ନ ଥାଏ।
- ଯଦି ଆପଣ ଚକ୍ଷୁ ସମସ୍ୟା ଲାଗି ଚଷମା ପିନ୍ଧୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ଯଦି ଅନ୍ୟ କିଛି ଦୃଷ୍ଟି ଶକ୍ତିଜନିତ ସମସ୍ୟା ରହିଛି ତେବେ ଡାକ୍ତରଙ୍କୁ ଜଣାଇବାକୁ ଭୁଲନ୍ତୁ ନାହିଁ।



# ମଧୁମେହର ଆୟୁର୍ବେଦୀୟ ଉପଚାର



ଡା. ଆଶିଷ ବାନାର୍ଜୀ

ମଧୁମେହ ବା ଡାଇବେଟିସ୍! ଏହା ଏକ ଭୟଙ୍କର ରୋଗର ନାମ, ଯିଏ କି ନୀରବ ଘାତକ ସଦୃଶ ଅନ୍ୟାନ୍ୟ ରୋଗ ଯଥା ଉଚ୍ଚ ରକ୍ତଚାପ, ଚକ୍ଷୁ, କିଡ୍‌ନୀ, ଲିଭର, ହାର୍ଟଜନିତ ସମସ୍ୟାକୁ ଆମନ୍ତ୍ରଣ କରିଥାଏ। ବର୍ତ୍ତମାନ ଆମ ଦେଶକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି ସମ୍ବୋଧନ କରାଯାଉଛି। ଏହି ରୋଗ ଆବାଳ ବୃଦ୍ଧବନିତା ସମସ୍ତଙ୍କୁ ଗ୍ରାସ କରିବାରେ ଲାଗିଛି। ପୂର୍ବରୁ ସହରର ଚାକଚକ୍ୟ ପରିବେଶରେ ବାସ କରୁଥିବା ସ୍ୱଚ୍ଛଳ ପରିବାର ଏହାଦ୍ୱାରା ଆକ୍ରାନ୍ତ ହେଉଥିବା ବେଳେ ଏବେ ପରିଶ୍ରମୀ, ସ୍ୱଳ୍ପ ଆୟବ୍ୟକ୍ତି, ଗରିବ ଏପରି କି ଖାଇବାକୁ ପାଉ ନ ଥିବା ବ୍ୟକ୍ତିଙ୍କଠାରେ ଏହି ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଲାଣି। ଏହି ରୋଗ ଦ୍ୱାରା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି।

ଆୟୁର୍ବେଦୀୟ ଶାସ୍ତ୍ରରେ ମାଧବ ନିଦାନରେ ବର୍ଣ୍ଣିତ ପ୍ରମେହ କୋଡିଏ ପ୍ରକାର କଫଜ, ଦଶ ପ୍ରମେହ ଔଷଧ ଚିକିତ୍ସା ଦ୍ୱାରା ସାଧ୍ୟ ଅଟେ। ସେଥିମଧ୍ୟରୁ ଉଦକମେହ (ଡାଇବେଟିସ୍ ଇନ୍‌ସିପିଡସ୍), ଯେଉଁଥିରେ କିଡ୍‌ନୀକୁ ଅଧିକ କ୍ରିୟାଶୀଳ କରୁଥିବା ଜଳ, ଚା ଓ ଆକସ୍ମିକ ମାନସିକ ଆଘାତ କାରଣରୁ ମୂତ୍ରକ ଦ୍ରବ୍ୟ ସେବନ ଦ୍ୱାରା କିଛି ସମୟ ପାଇଁ ଅସ୍ଥାୟୀ ରୂପରେ ହୋଇଥାଏ। ମାତ୍ର ସ୍ଥାୟୀ ରୂପରେ ଜୀର୍ଣ୍ଣ ବୃକକ୍ ଶୋଥ, ପୀୟୂଷ ଗ୍ରନ୍ଥି ବିକୃତି ଓ ଧମନୀର ଆଭ୍ୟନ୍ତର ରକ୍ତ ଭାର ବୃଦ୍ଧି ହେବା ଦେଖାଯାଏ। ଅନ୍ୟଟି ହେଲା ଇକ୍ଷୁମେହ ବା 'ଡାଇବେଟିସ୍ ମେଲିଟସ୍'। ଏଥିରେ ମୂତ୍ରର ବର୍ଣ୍ଣ ଆଖୁରସ ସଦୃଶ, ଯାହା ପ୍ରଚୁର ମାତ୍ରାରେ ନିର୍ଗମନ ହେବା ସହ ସେଥିରୁ ଶର୍କରା ମିଳେ। ମଧୁମେହରେ ରକ୍ତ ଶର୍କରା ମାତ୍ରା ଅଧିକ ଥାଏ। ଶର୍କରାଜନିତ ଦ୍ରବ୍ୟ ଅଧିକ ସେବନ ଦ୍ୱାରା ଏହା ଦେଖାଯାଇଥାଏ। ଶର୍କରାଯୁକ୍ତ ମେହରେ ରୋଗୀ ଭୋଜନରେ ମିଠାଜାତୀୟ ଦ୍ରବ୍ୟ ସେବନ ଦ୍ୱାରା ଓ ଧାତୁ କ୍ଷୟ ଅଧିକ ହେଲେ ତାହା ବାତକ ମଧୁମେହରେ ପରିଣତ ହୋଇ ଅସାଧ୍ୟରେ ରୂପାନ୍ତରିତ ହୋଇଥାଏ।

ଏଥିପାଇଁ ପ୍ରାକୃତିକ ଔଷଧର ବ୍ୟବହାର ବିଭିନ୍ନ ବୃକ୍ଷଲତା ଇତ୍ୟାଦି ବନୌଷଧି ଉପରେ ଉନ୍ନତ ମାନର ଗବେଷଣା କରି ଦୁରାରୋଗ୍ୟ ବ୍ୟାଧି ପାଇଁ ନୂତନ ଔଷଧର ଆବିଷ୍କାର କରିବା ଉଚିତ। ରୋଗ ଉତ୍ପତ୍ତିର କାରଣ ଖୋଜି ବାହାର କରିବା ଏବଂ ଅନ୍ତଃସ୍ରାବୀ ଗ୍ରନ୍ଥି ଓ ଅନ୍ୟାନ୍ୟ ଅଙ୍ଗର କାର୍ଯ୍ୟ କରୁଥିବା କୋଷକୁ ବଳଶାଳୀ କରିବା ଜରୁରୀ। ଯଦି ଏହି କୋଷଗୁଡ଼ିକ ରାସାୟନିକ ଅପମିଶ୍ରିତ ଖାଦ୍ୟ ପଦାର୍ଥ ଓ ଔଷଧ ଦ୍ୱାରା କାର୍ଯ୍ୟରେ ଅକ୍ଷମ ହୋଇପଡୁଥାଏ ତେବେ ତାହାର ପ୍ରଚଳନ ବନ୍ଦ କରି ଜନସାଧାରଣମାନଙ୍କୁ ସଚେତନ କରିବା ଉଚିତ।

ଜୀବଜଗତ ବଞ୍ଚିବା ତଥା ସୁସ୍ଥ ନୀରୋଗ ରହିବା ପାଇଁ ଉନ୍ନତମାନର ଖାଦ୍ୟ ଓ ରୋଗ ନିରୋଧକ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ପ୍ରାକୃତିକ ଔଷଧ ବ୍ୟବସ୍ଥା କରାଯିବା ଦରକାର। ଜଣେ ବ୍ୟକ୍ତି ସୁସ୍ଥ ରହିବା ପାଇଁ ସ୍ୱସ୍ଥବୃତ୍ତ ନିୟମ ପାଳନ, ଯୋଗ, ଧ୍ୟାନ, ପ୍ରାତଃଭ୍ରମଣ (ମର୍ନିଂ ୱାକ୍), ଦୈନିକ ଶାରୀରିକ ପରିଶ୍ରମ, ପ୍ରାଣାୟାମ କରିବା ସହ ସୁଷମ ଖାଦ୍ୟ ଖାଇବା ଦରକାର। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତରେ କେତେ ଶର୍କରା ପରିମାଣ ରହିଛି ତାହା ପରୀକ୍ଷା କରାଇ ଉପଯୁକ୍ତ ଚିକିତ୍ସା କରାନ୍ତୁ। ତା'ସହ ଖାଦ୍ୟପେୟ ଏବଂ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସଚେତନ ରୁହନ୍ତୁ। ତେବେ ବିଶ୍ୱରେ ସୁସ୍ଥ ତଥା ନୀରୋଗ ସମାଜ ଗଠନ ହୋଇପାରିବ।

-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫



# ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ

## ସୂର୍ଯ୍ୟକୁମାରଙ୍କ ଶତକ



ମାଉଣ୍ଟ ମଙ୍ଗାନୁଇ,୨୦।୧୧(ପି.ଟି)

ସୂର୍ଯ୍ୟକୁମାର ଯାଦବଙ୍କ ଅପରାଜିତ ଶତକ ଓ ବୋଲରଙ୍କ ଘାତକ ବୋଲିଂ ବଳରେ ଦ୍ୱିତୀୟ ଟି୨୦ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୬୫ ରନରେ ପରାସ୍ତ କରିଛି ଭାରତ। ଭାରତ ପ୍ରଥମେ ବ୍ୟାଟିଂ କରି ସୂର୍ଯ୍ୟକୁମାରଙ୍କ ଅପରାଜିତ ୧୧୧ ରନ ବଳରେ ୬ ଉଇକେଟରେ ୧୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଭାରତୀୟ ବୋଲରଙ୍କ ଘାତକ ବୋଲିଂ ଫଳରେ ୧୮.୫ ଓଭରରେ ୧୨୬ ରନରେ ଅଲଆଉଟ ହୋଇଥିଲା। ବିରାଟ କୋହଲିଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ସାମିଲ କରାଯାଇଥିବା ବେଳେ ଇଶାନ କିଶନ ଓ ରିଷଭ ପନ୍ତ ଇନିଂସ ଓପନ କରିଥିଲେ। ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଇଶାନ କିଶନ ୩୧ ବଲରୁ ୩୬ ରନ୍ କରିଥିବା ବେଳେ ପନ୍ତ(୬) ବିଫଳ ହୋଇଥିଲେ। ଦୁଇ ଓପନର ପ୍ରଥମ ଉଇକେଟରେ ୩୬ ରନ୍ ଯୋଡିଥିଲେ। କୋହଲିଙ୍କ ସ୍ଥାନରେ ବ୍ୟାଟିଂ କରିଥିବା ସୂର୍ଯ୍ୟକୁମାର ନ୍ୟୁଜିଲାଣ୍ଡ ବୋଲରଙ୍କୁ ପଡିଆର ଚାରିଆଡକୁ ମାରିବା ସହିତ ନିଜ ଟି୨୦ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିଲେ। ୩୨ ବର୍ଷୀୟ ସୂର୍ଯ୍ୟକୁମାର ୫୧ ବଲ ଖେଳି ୧୧ ଚୌକା ଓ ୭ ଛକା ମାରିଥିଲେ। ୨୧୭.୬୪ର ଷ୍ଟ୍ରାଇକ୍‌ରେଟ୍ ସହିତ ସେ ରନ୍ ସଂଗ୍ରହ କରିଥିବା ବେଳେ ଅନ୍ତିମ ୧୮ ବଲରୁ ସେ ୬୪ ରନ ସଂଗ୍ରହ କରିଥିଲେ। ମିଷ୍ଟର ୩୬୦ ଡିଗ୍ରୀ ପଡିଆର ଚାରିକୋଣକୁ ଶଟ୍ ମାରିଥିବା ବେଳେ ନ୍ୟୁଜିଲାଣ୍ଡ ବୋଲର ଉପାୟଶୂନ୍ୟ ମନେହୋଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସୌଦୀ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ତିମ ଓଭରର ତୃତୀୟ, ଚତୁର୍ଥ ଓ ପଞ୍ଚମ ବଲରେ ସେ ହାର୍ଦ୍ଦିକ୍ ପାଣ୍ଡ୍ୟା, ଦୀପକ ହୁଡା ଓ ୱାଶିଂଟନ୍ ସୁନ୍ଦରଙ୍କୁ ଆଉଟ୍ କରିଥିଲେ। ୧୯୨ ରନ୍ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡକୁ ଆରମ୍ଭରୁ ଚାପରେ ରଖିଥିଲେ ଭାରତୀୟ ବୋଲର। ଓପନର ଡେଭନ କନ୍‌ୱେ(୨୫) ଓ କେନ୍ ୱିଲିୟମ୍‌ସନ (୬୧)ଙ୍କ ମଧ୍ୟରେ ୫୬ ରନର ଭାଗୀଦାରି ହୋଇଥିଲେ ହେଁ ବିପର୍ଯ୍ୟୟରୁ ଉଦ୍ଧାର କରିବା ପାଇଁ ଏହା ଯଥେଷ୍ଟ ନ ଥିଲା। ଭାରତ ପକ୍ଷରୁ ଦୀପକ ହୁଡା ୪, ୟୁଜବେନ୍ଦ୍ର ଚହଲ ଓ ମହମ୍ମଦ ସିରାଜ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୮.୫ ଓଭରରେ ଘରୋଇ ଦଳ ୧୨୬ ରନରେ ଅଲଆଉଟ ହୋଇଥିଲା। ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଜିତିବା ସହିତ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ଶତକ ହାସଲକାରୀ ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୯୧/୬(ସୂର୍ଯ୍ୟକୁମାର ଯାଦବ-୧୧୧*, ଇଶାନ କିଶନ-୩୬, ଶ୍ରେୟସ୍ ଆୟର-୧୩, ଟିମ୍ ସୌଦୀ- ୩/୩୪, ଲୋକି ଫର୍ଗୁସନ୍-୨/୪୯, ଇଶ୍ ସୋଧୀ-୧/୩୫)। ନ୍ୟୁଜିଲାଣ୍ଡ ୧୮.୫ ଓଭରରେ ୧୨୬/୧୦ ( କେନ୍ ୱିଲିୟମସନ୍-୬୨, ଡେଭନ୍ କନୱେ-୨୫, ଗ୍ଲେନ୍ ଫିଲିପ୍ସ-୧୨, ଦୀପକ ହୁଡା-୪/୧୦, ମହମ୍ମଦ ସିରାଜ-୨/୨୪, ୟୁଜବେନ୍ଦ୍ର ଚହଲ-୨/୨୬)।

## କରିମ ବେଞ୍ଜେମା ବିଶ୍ୱକପ୍‌ରୁ ବାହାର

**ଦୋହା, ୨୦।୧୧ (ଏପି):** ଇଞ୍ଜୁରି ଯୋଗୁ କରିମ ବେଞ୍ଜେମାଙ୍କ ଫୁଟବଲ୍ ବିଶ୍ୱକପ୍ ଜିତିବା ଆଶା ଧୂଳିସାତ୍ ହୋଇଛି। ମାସକ ତଳେ ସେ ବାଲନ ଡି'ଅର ପାଇଥିଲେ। ଶନିବାର ଟ୍ରେନିଂ ବେଳେ ତାଙ୍କ ବାମ ଜଙ୍ଘ ମାଂସପେଶୀ ଟାଣି ହୋଇଯାଇଛି। ଏହି ଷ୍ଟାର ଷ୍ଟ୍ରାଇକରଙ୍କ ଇଞ୍ଜୁରି ଖବର ଗତଥରର ଚାମ୍ପିୟନ ଫ୍ରାନ୍ସ ବିଶ୍ୱକପ୍ ଆଶାକୁ ଶକ୍ତ ଧକ୍କା ଦେଇଛି। ବେଞ୍ଜେମା କାତାରରେ ଏପରିକି ଗୋଟିଏ ହେଲେ ମ୍ୟାଚ ନ ଖେଳି ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଫ୍ରେଞ୍ଚ ଫୁଟ୍‌ବଲ ମହାସଂଘ (ଏଫ୍‌ଏଫ୍‌ଏଫ୍)ର ସୂଚନା ଅନୁସାରେ ଲେସ୍ ବ୍ଲିଅସଙ୍କ ସହ ପ୍ରଥମ ସମ୍ପୂର୍ଣ୍ଣ ଟ୍ରେନିଂ ସେସନ ଅଂଶଗ୍ରହଣ ପରେ ଏହି ଷ୍ଟାର ଷ୍ଟ୍ରାଇକର ତାଙ୍କ ବାମ ଜଙ୍ଘରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ଥାନୀୟ ଏକ ହସ୍ପିଟାଲରେ ସ୍କାନିଂ କରାଯିବାରେ ସେ ଆଘାତପ୍ରାପ୍ତ ଥିବା ଜଣାପଡ଼ିଥିଲା।

### ଫିଫା ବିଶ୍ୱକପ

**(ଆଜିର ମ୍ୟାଚ)**

**ଇଂଲଣ୍ଡ ବନାମ ଇରାନ**
ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ,
ସମୟ: ସନ୍ଧ୍ୟା ୬.୩୦

**ସେନେଗାଲ ବନାମ ନେଦରଲାଣ୍ଡ୍ସ**
ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ,
ସମୟ: ରାତି ୯.୩୦

**ଆମେରିକା ବନାମ ୱେଲ୍ସ**
ସ୍ଥାନ: ଅଲ ରାୟାନ୍ ଷ୍ଟାଡିୟମ,
ସମୟ: ରାତି ୧୨.୩୦

# ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ଉଦ୍‌ଯାପିତ




କୃତୀ ପ୍ରତିଯୋଗୀଙ୍କୁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୦।୧୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ୨ ଦିନିଆ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ସିରିଜ ରାଉଣ୍ଡ-୨(ଜୋନ-୪) ରବିବାର ଶେଷ ହୋଇଛି। ଦ୍ୱିତୀୟ ଦିବସରେ ମୋଟ ୧୪ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଶ୍ରାବଣୀ ନନ୍ଦ, ସ୍କୁଲ ଏବଂ ଗଣଶିକ୍ଷା ବିଭାଗର କମିଶନର ଏବଂ ସଚିବ ଅଶ୍ୱଥି ଏସ୍. ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସନ୍ତରଣ ଇଭେଣ୍ଟର ଶ୍ରେଷ୍ଠ ୬ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ଆଦି ୫ଟି ରାଜ୍ୟର ୬୪ ମହିଳା ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ), ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଏବଂ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନ୍ତିମ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ୧୮ ବର୍ଷରୁ କମ୍ ୪୦୦ ମିଟର ବାଳିକା ବର୍ଗରେ ଓଡ଼ିଶାର ଭଦ୍ରା ଶତପଥୀ, ୨୦୦ ମିଟର ଫ୍ଲାଏ ଗର୍ଲ୍ସରେ ଅଲିଭା ସାମଲ, ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ବାଳିକାରେ ଆକାଂକ୍ଷା ନାୟକ, ୫୦ କିକ୍-୫୦ ପୁଲ୍ ବ୍ୟାକ୍ ବାଳିକା ଇଭେଣ୍ଟରେ ଭଦ୍ରା ଶତପଥୀ, ୧୫ ବର୍ଷରୁ କମ୍ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ପ୍ରମୁଖ ପ୍ରଥମସ୍ଥାନ ଅଧିକାର କରିଛନ୍ତି।

# କେଟି ଗ୍ଲୋବାଲରେ ହାଇପରଫର୍ମାନ୍ସ ଟେନିସ କୋଚିଂ




ହାଇପରଫର୍ମାନ୍ସ ଟେନିସ ଟ୍ରେନିଂ କ୍ୟାମ୍ପ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୦।୧୧ (କ୍ରୀଡ଼ା ପ୍ରତିନିଧି)**

ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ(ଏମ୍‌ଓଏସ୍‌ଏଫ୍) ଓ ଇନ୍‌ଜେନ୍ୟୁଟି ଆଣ୍ଡ ଇନୋଭେଶନ୍ ଗ୍ଲୋବାଲ୍ ସ୍ପୋର୍ଟ୍ସ ଏକାଡେମୀ (ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ) ସହଯୋଗରେ କେଟି ଗ୍ଲୋବାଲ୍ ସ୍କୁଲ୍ ପରିସରରେ ୭ ଦିନିଆ ହାଇପରଫର୍ମାନ୍ସ ଟେନିସ ଟ୍ରେନିଂ କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଥାଇଲାଣ୍ଡ ଇମ୍ପାକ୍ଟ ଟେନିସ୍ ଏକାଡେମୀ ନିର୍ଦ୍ଦେଶକ ଷ୍ଟିଫେନ୍ ଶୋନ୍ ୟେ କୁନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ୟାମ୍ପ ପରିଚାଳିତ ହେବ ବୋଲି ରବିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଷ୍ଟିଫେନ୍ କୁନ୍ ଖେଳ ଦୁନିଆର ଜଣେ ପ୍ରତିଷ୍ଠିତ କୋଚ୍‌ଭାବେ ବିଶେଷ ପରିଚିତ। ସେ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନ୍, ତାଇୱାନର ଲୁ ୟେନ-ହସୁନ୍ ଏବଂ ଚୁନ୍ ହସିନ୍ ସେଙ୍ଗ, କୋରିଆର ହେୟନ ଚୁଙ୍ଗ୍, ଜର୍ଜିଆର ନିକୋଲୋଜ ବାସିଲାଶଭିଲିଙ୍କ ଭଳି ବିଶ୍ୱର ୧୦୦ ର୍‍ୟାଙ୍କ୍ ମଧ୍ୟରେ ଥିବା ତାରକା ଖେଳାଳିଙ୍କ ସହ କାମ କରିଛନ୍ତି। ଭାରତର ୟୁକି ଭାମ୍ବ୍ରି (ବିଶ୍ୱର ପୂର୍ବତନ ଜୁନିୟର ନମ୍ବର-୧), ପ୍ରଞ୍ଜଳା ୟାଡଲାପଲୀ, ରିୟା ଭାଟିଆ, ଦେବ ଜାଭିଆ, ୟୁଭାନ୍ ନନ୍ଦଲ, ଶ୍ରୁତି ଅହଲାୱତ ଆଦି ଅନେକ ଭାରତୀୟ ଖେଳାଳିଙ୍କୁ ମଧ୍ୟ କୋଚିଂ ଦେଇଛନ୍ତି। ଏହା ବ୍ୟତୀତ ୫୦ରୁ ଊର୍ଦ୍ଧ୍ୱ ଆଇଟିଏଫ୍ ଟପ୍-୧୦୦ ଜୁନିୟର ଖେଳାଳି ଏବଂ ୧୨ ଟପ୍ ୧୦୦ ଏଟିପି ଓ ଡବ୍ଲ୍ୟୁଟିଏ ପେସାଦାର ଖେଳାଳିଙ୍କୁ ସେ ପ୍ରଶିକ୍ଷଣ ଦେଇଛନ୍ତି। ପ୍ରଶିକ୍ଷଣ ଶିବିରରେ ମୁଖ୍ୟତଃ ପଡ଼ିଆ ମଧ୍ୟରେ ୪ଟି ବଡ଼ ଦିଗ ବୈଷୟିକ ତ୍ରୁଟିର ସଂଶୋଧନ, କାର୍ଯ୍ୟକ୍ଷମ ଟ୍ରେନିଂ, ଉନ୍ନତ ଫୁଟ୍‌ୱର୍କ ଏବଂ ଆଡ୍‌ଭାନ୍ସଡ୍ ଟେନିସ ସ୍ପେଶିଫିକ୍ ଡ୍ରିଲ୍ସ ଉପରେ ଫୋକସ ରହିବ। କ୍ୟାମ୍ପ ପାଇଁ ମୋଟ ୧୬ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏହି ୧୬ ଜଣଙ୍କ ମଧ୍ୟରୁ ୬ ଜଣଙ୍କର ଓଡ଼ିଶା ମାଇନିଂ କର୍ପୋରେଶନ ପ୍ରାୟୋଜକ ରହିଛି। ଖବରଦାତା ସମ୍ମିଳନୀରେ କେଟି ଗ୍ଲୋବାଲ ସ୍କୁଲ ଚେୟାରମ୍ୟାନ ସୋମଦତ୍ତ ବେହୁରା, ନିର୍ଦ୍ଦେଶକ ପୂର୍ଣ୍ଣାଶିଷ ରଥ, ମେଣ୍ଟର ଏବଂ ପରାମର୍ଶଦାତା ଅରୁଣ କୁମାର ଦାସ, ଏମ୍‌ଓଏସ୍‌ଏଫ୍ ଟ୍ରଷ୍ଟି ସନ୍ତୋଷ କୁମାର ମଲିକ ଏବଂ ସିଇଓ ତଥା ପୂର୍ବତନ ଏଟିପି ପ୍ରଫେଶନାଲ ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ କୋରାପୁଟ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଶ୍ୱେତା ଶେରାୱତ ଭାରତ ଅଧିନାୟିକା

## ୧୯ ବର୍ଷରୁ କମ୍ ମହିଳା କ୍ରିକେଟ

**ନୂଆଦିଲ୍ଲୀ, ୨୦।୧୧(ପି.ଟି.):** ନଭେମ୍ବର ୨୭ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ହେବାକୁଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜ ପାଇଁ ଶ୍ୱେତା ଶେରାୱତ ଅଧିନାୟିକା ମନୋନୀତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାରେ ଜାନୁୟାରୀ ୧୪ରୁ ୨୯ ପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଖେଳାଯିବ। ଭାରତର ପ୍ରସ୍ତୁତି ପାଇଁ ଏହି ମ୍ୟାଚର ଆୟୋଜନ କରାଯାଇଛି। ସମସ୍ତ ମ୍ୟାଚ ମୁମ୍ବାଇରେ ଖେଳାଯିବ। ଭାରତ ସିରିଜ ପୂର୍ବରୁ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ନଭେମ୍ବର ୨୨ ଓ ୨୪ରେ ଦୁଇଟି ଟି୨୦ ମ୍ୟାଚ ଖେଳିବେ।

**ଭାରତୀୟ ୧୯ ବର୍ଷରୁ କମ୍ ମହିଳା ଦଳ:** ଶ୍ୱେତା ଶେରାୱତ (ଅଧିନାୟିକା), ଶିଖା ଶାଲଟ୍, ତ୍ରିଶା ଜି', ସୌମ୍ୟା ତିୱାରୀ (ଉପଅଧିନାୟିକା), ସୋନିଆ ମେହେଦିୟା, ହର୍ଲି ଗାଲା, ହ୍ରିଶିତା ବସୁ (ଉଇକେଟକିପର), ନନ୍ଦିନୀ କାଶ୍ୟପ (ଉଇକେଟକିପର), ସୋନମ ଯାଦବ, ମନତ କାଶ୍ୟପ, ଅର୍ଚ୍ଚନା ଦେବୀ, ପାର୍ଶବୀ ଚୋପ୍ରା, ତିତାସ ସାଧୁ,ଫଲକ ନାଜ୍, ଶବନମ ଏମ୍‌ଡି।

# କୋରାପୁଟ ଚାମ୍ପିୟନ

## ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ

**ଭୁବନେଶ୍ୱର,୨୦।୧୧ (କ୍ରୀଡ଼ା ପ୍ରତିନିଧି)**

ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡିଆରେ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ସଂଘ (କାଭି) ଏବଂ ଦୟାଭାବ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କୋରାପୁଟ ଚାମ୍ପିୟନ ହୋଇଛି। ଫାଇନାଲରେ କୋରାପୁଟ ପ୍ରତିପକ୍ଷ ମୟୂରଭଞ୍ଜକୁ ୧୦୧ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ଦଳ ୨୦ ଓଭରରେ ୩ ଉଇକେଟ ହରାଇ ୨୯୫ ରନ୍ କରିଥଲା। ସୁଖରାମ ମାଝି ୧୨୫, ଧନପତି ଗୌଡ଼ ୭୭ ଓ ଅର୍ଜୁନ ଭତରା ୩୬ ରନ କରିଥିଲେ। ଜବାବରେ ମୟୂରଭଞ୍ଜ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିବାକୁ ସକ୍ଷମ ହୋଇଥିଲା। ସୁଖରାମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହା ବ୍ୟତୀତ ବି-୧ ବର୍ଗରେ ଦେବରାଜ ବେହେରା, ବି-୨ରେ ଅଞ୍ଜନ ସିଂ, ବି-୩ରେ ଧନପତି ଗୌଡ଼ଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେହିପରି ବିଭିନ୍ନ ବର୍ଗରେ ହିକିମ ମୁର୍ମୁ, ଚନ୍ଦନ କାଲସା ଏବଂ ସୁଖରାମ ମାଝି ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଏବଂ ଶିଶୁ ଓ ମହିଳା ଉନ୍ନୟନ ସୋସାଇଟିର ଅଧକ୍ଷା ମେଜର କଳ୍ପନା ଦାସ, ଭୁବନେଶ୍ୱର ଆଥେଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଡା, ଭୁବନେଶ୍ୱର ଟାଉନ୍ କ୍ଲବର ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, ନିହାର କାନ୍ତ ପଟ୍ଟନାୟକ, ରାଧାନାଥ ମହାପାତ୍ର, ରଜନୀ କାନ୍ତ ମିଶ୍ର, ଚିଦାତ୍ମିକା ଖଟୁଆ ଏବଂ କାଭି ଓଡ଼ିଶାର ସମ୍ପାଦକ ସନ୍ନ୍ୟାସୀ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କୃତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ କାଭି ଓଡ଼ିଶାର ସଭାପତି ମହମ୍ମଦ ଜାଫର ଇକବାଲ ସଂଯୋଜନା କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୧ ନଭେମ୍ବର, ୨୦୨୨



**ଭିନ୍ନକ୍ଷମ ମହିଳା ଉଦ୍ଧାର**

ଜି.ଉଦୟଗିରି, (ଡି.ଏନ୍.ଏ.): ଜି.ଉଦୟଗିରି ଥାନା କଳିଙ୍ଗା ପଞ୍ଚାୟତର କୁର୍ମିଙ୍ଗିଆ ଗ୍ରାମରେ ଜଣେ ମାନସିକ ଭିନ୍ନକ୍ଷମ ମହିଳା ଶନିବାର ବୁଲୁଥିଲେ। ମହିଳାଙ୍କ ପରିଚୟ ପାଇଁ ଗ୍ରାମବାସୀ ଚେଷ୍ଟା କରି ବିଫଳ ହେବାପରେ ରାତ୍ର ହେଉଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ମହିଳାଙ୍କୁ ଥାନାକୁ ଆଣି ପରିଚୟ ଜାଣିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ମହିଳା ତାଙ୍କ ପରିଚୟ ଦେଇପାରିନଥିଲେ। ମହିଳା ଜଣକ ମାନସିକ ଭିନ୍ନକ୍ଷମ ପରି ଜଣାପଡୁଥିଲେ। ଫଳରେ ତାଙ୍କୁ ଆଣି ସ୍ଥାନୀୟ ସୁଭଦ୍ରା ମହତାବ ସେବା ସଦନରେ ରଖାଯାଇଛି ବୋଲି ପୋଲିସ କହିଛି।

## ଆଜି କ'ଣ କେଉଁଠି

ଆସିକା

- ସମବାୟ ସଭାପତିଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ- କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ସମୟ- ପୂର୍ବାହ୍ନ ୧୧ଟା ୧୫

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ଦିଗପହଣ୍ଡି,୨୦।୧୧(ଡି.ଏନ.ଏ):** ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ଅନ୍ତର୍ଗତ ଶଙ୍କରଖାଲି ଗ୍ରାମରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର କାଳିଆ ଗୌଡ଼ (୨୭)। କାଳିଆଙ୍କ ଘରର ସିଡି ରାସ୍ତାକୁ ଲାଗି ଏକ ଲୁହା ଟିଣ ଚଦର ପଡିଥିବା ବେଳେ ସର୍ଭିସ ତାର କଟି ସେଥିରେ ବିଦ୍ୟୁତ୍ ପ୍ରବାହିତ ହେଉଥିଲା। କାଳିଆ ଏହା ଜାଣିନପାରି ସେହି ଟିଣ ସଂସ୍ପର୍ଶରେ ଆସି ଯାଇଥିଲେ। ପରିବାର ଲୋକେ କାଳିଆଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଦ୍ୟନାଥପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

## ଦୁର୍ଘଟଣାରେ ଜଣେ ମୃତ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୦।୧୧:** ଫିରିଙ୍ଗିଆ ଥାନା ବନ୍ଧଗଡଠାରେ ଏକ ବାଇକ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବାଲିଖେତ ଗ୍ରାମର ସୁଶୀଳା ଷଣ୍ଢ( ୭୫) । ସୂଚନା ଅନୁସାରେ, ଭତ୍ତା ଟଙ୍କା ଆଣିବା ପାଇଁ ସୁଶୀଳା ବନ୍ଧଗଡଠାରେ ଥିବା ଜନସେବା କେନ୍ଦ୍ରକୁ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଫିରିଙ୍ଗିଆ ମେଡିକାଲରେ ଭର୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷେ ଏହି ଘଟଣାରେ ବାଇକରେ ଥିବା ଦୁଇ ଗୁରୁତରଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଗଞ୍ଜାମ ସହର ଦେଇ ସିଟିବସ ଚଳାଚଳ ପାଇଁ ଦାବିପତ୍ର

**ଗଞ୍ଜାମ,୨୦।୧୧(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ପକ୍ଷରୁ ଦୀର୍ଘମାସ ହେବ ମୋ ବସ ଯୋଜନା କାର୍ଯ୍ୟକାରୀ ହୋଇଛି। କିନ୍ତୁ ଗଞ୍ଜାମ ସହରବାସୀ ଏହି ସେବାରୁ ବଞ୍ଚିତ ଥିବା ଜଣାପଡିଛି। ଗଞ୍ଜାମ ସହର ଦେଇ ପାଲୁରୁ ଜଙ୍କ୍ସନ ଦେଇ ରମ୍ଭା ପର୍ଯ୍ୟନ୍ତ ସିଟି ବସ ଚଳାଚଳ ପାଇଁ ଶୁକ୍ରବାର ସହରବାସୀଙ୍କ ପକ୍ଷରୁ ଏକ ଦାବୀ ପତ୍ର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଶୀଘ୍ର ଜିଲା ଉଚ୍ଚ ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଇଓ ମିଶ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିଜେଡି ଏନ୍ଏସି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ଏନ୍ଏସି ଉପାଧକ୍ଷ ନୀଳାଞ୍ଚଳ ବାରିକି, ଶଙ୍କର ସାହୁ, ଟୋନି ପଣ୍ଡା, ବିଜୟ କୁମାର ସାହୁ, ପପୁ ପଣ୍ଡା, ପ୍ରଦୀପ ପଣ୍ଡା, କୃଷ୍ଣ ଚନ୍ଦ୍ର ଦାସ, ବିଜେଡି ଯୁବନେତା ବିଭୂତି ପଲାଇ, କାର୍ତ୍ତିକ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଗୋପାଳପୁର,୨୦।୧୧(ଡି.ଏନ.ଏ.):** ସ୍ତ୍ରୀଙ୍କୁ ଯୌତୁକ ନିର୍ଯ୍ୟାତନା ଦେଇ ହତ୍ୟା କରିବା ଅଭିଯୋଗରେ ରବିବାର ଗୋଳନ୍ଥରା ଥାନା ପୋଲିସ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଦାସପୁର ଗ୍ରାମର ଅସନ୍ତ ବେହେରା। ଏହି ଥାନା ଅନ୍ତର୍ଗତ ଦାସପୁର ଗ୍ରାମର ଅର୍ଜୁନ ବେହେରାଙ୍କ ଝିଅକୁ ସେହି ଗ୍ରାମର ଅସନ୍ତ ବେହେରା ଗତ ୧୦ ବର୍ଷ ତଳେ ବିବାହ କରିଥିଲା। କିଛି ମାସ ପରେ ସ୍ୱାମୀ ଅସନ୍ତ ଓ ସ୍ତ୍ରୀ ଭାରତୀଙ୍କ ମଧ୍ୟରେ କୌଣସି କଥାକୁ ନେଇ କଳହ ଲାଗି ରହୁଥିଲା। ଗତ ମାସ ୩୧ ତାରିଖରେ ଭାରତୀ ବିଷ ପିଇ ଗୁରୁତର ହୋଇପଡିଥିଲେ। ପରିବାର ଲୋକ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଶନିବାର ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିଲା। ଭାରତୀଙ୍କ ବାପା ଅର୍ଜୁନ ମୋର ଝିଅକୁ ଅଧିକ ଯୌତୁକ ଆଣିବାକୁ କହି ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ସହ ଜୋର ଜବରଦସ୍ତ ବିଷ ଦିଆଯାଇ ହତ୍ୟା କରିଥିବା ନେଇ ରବିବାର ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ. ୪୨୩/୨୨ରେ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମେଡିକାଲରେ ପୋଲିସ ପହଞ୍ଚି ଭାରତୀଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସ୍ୱାମୀ ଅସନ୍ତଙ୍କୁ ପଚରାଉଚରା ପରେ ଗିରଫ କରିଥିବା ନେଇ ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ଡିସେମ୍ବର ୧୬ରୁ ଗଞ୍ଜାମରେ ଧାନକିଣା

**ଛତ୍ରପୁର,୨୦।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଖରିଫ ଧାନସଂଗ୍ରହ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରି ଆସନ୍ତା ଡିସେମ୍ବର ୧୬ରୁ ୨୬ ତାରିଖ ମଧ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ , ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ଧାନ ବିକ୍ରୟ ନିମନ୍ତେ ଆସୁଥିବା ଚାଷୀମାନେ ଯେପରି କୌଣସି ଅସୁବିଧାରେ ସମ୍ମୁଖୀନ ନ ହେବେ ସେ ନେଇ ବ୍ୟବସ୍ଥା କରିବାକୁ ମତ ରଖିଥିଲେ। ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ ଧାନକିଣା ସଂଖ୍ୟା ବୃଦ୍ଧି କରିବାକୁ ମତ ରଖିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ବୈଠକରେ ଆଲୋଚ୍ୟ ବିଷୟ ଓ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ସରକାରୀ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଧାନ ସଂଗ୍ରହ କେନ୍ଦ୍ରଗୁଡିକ ଚାଷୀଙ୍କ ସୁବିଧା ହେଲାଭଳି ନିକଟରେ ହେବ । ଚାଷୀଙ୍କ ପ୍ରାପ୍ୟ ଧାନ ସଂଗ୍ରହ ହେବାପରେ ଅନଲାଇନ ମାଧ୍ୟମରେ ସେମାନଙ୍କ ଜମା ଖାତାକୁ ୨୪ ଘଣ୍ଟାରୁ ୪୮ ଘଣ୍ଟା ମଧ୍ୟରେ ପ୍ରଦାନ ହେବ । ଚଳିତ ୨୦୨୨-୨୩ ବର୍ଷ ଖରିଫ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୦୬୦ ଟଙ୍କା ରଖାଯାଇଛି । ୩୭୦ଟି ପ୍ୟାକ୍ସ ଦ୍ୱାରା ୧,୧୨,୬୮ କୃଷକଙ୍କ ଧାନ ସଂଗ୍ରହ କରାଯିବ। ୯୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୧୯୬୬୬ କୃଷକଙ୍କ ଧାନ ସଂଗ୍ରହ ହେବ । ସେହିଭଳି ଗୋଟିଏ ପାଣି ପଞ୍ଚାୟତ ଦ୍ୱାରା ୧୦୭ ଜଣ କୃଷକଙ୍କ ଧାନ ସଂଗ୍ରହ କରାଯିବ । ବିଗତ ବର୍ଷ ଭଳି ଚଳିତ ଖରିଫ ଧାନ ୩୬୬ ମିଲର ଅଂଶ ଗ୍ରହଣ କରିବା ନେଇ ଆକଳନ କରାଯାଇଛି। ଚଳିତବର୍ଷ ଯଥେଷ୍ଟ ସମୟ ପୂର୍ବରୁ ଭୁବନେଶ୍ୱର ସେଣ୍ଟ୍ରାଲ ସର୍ଭର ଦ୍ୱାରା ପଞ୍ଜିକରଣ ହୋଇଥିବା ସମ୍ପୃକ୍ତ ଚାଷିଙ୍କୁ ସେମାନଙ୍କ ମୋବାଇଲକୁ ଟୋକେନ ପ୍ରଦାନ ହେବ ଏବଂ ସେହି ଟୋକେନ ଗୁଡିକର ସମୟ ଧାର୍ଯ୍ୟ ୩୦ ଦିନ ପର୍ଯ୍ୟନ୍ତ ରହିବ। ଜୁମ ଆଭାଷିରେ ହୋଇଥିବା ଏହି ବୈଠକରେ ଜିଲାର ମନ୍ତ୍ରୀ, ଏମ୍ପି , ବିଧାୟକ, ବିଧାୟିକା, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କୀର୍ତ୍ତି ଭାସନ, ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ସମସ୍ତ ଉପଜିଲାପାଳ,ସମସ୍ତ ସମ୍ପୃକ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ଧନ୍ୟବାଦ ଜଣାଇଥିଲେ।

# ପାଣି ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



**ଧରାକୋଟ,୨୦।୧୧(ଡି.ଏନ୍.ଏ.)**

ଧରାକୋଟ ବ୍ଲକ ସ୍ଥିତ ଶ୍ରଦ୍ଧାପୁର ପଞ୍ଚାୟତ ଅନ୍ତର୍ଗତ ହୀରାଖଣ୍ଡି ଗ୍ରାମରେ ୧୨୦ ଚାଷୀ ପରିବାର ରହୁଛନ୍ତି। ସମସ୍ତେ ଚାଷୀ ସାଧାରଣତ ବର୍ଷ ତମାମ ପନିପରିବା ଚାଷ ଉପରେ ନିର୍ଭର କରି ସେମାନଙ୍କର ପରିବାରର ଚଳାଇଥାନ୍ତି। ଖରା ଦିନରେ କେନାଲ ବନ୍ଧରେ ପାଣି ଶୁଖିଗଲେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୋଇ ପରିବାର ଚଳେଇବା କଷ୍ଟ ହେଉଥିଲା। ଏ ନେଇ ଗଞ୍ଜାମ ଜିଲାପାଳଙ୍କୁ ହୀରାଖଣ୍ଡି ଗ୍ରାମର ଚାଷୀମାନେ ଏକ ଅଭିଯୋଗ ପତ୍ର ଦେଇଥିବା ସତ୍ତ୍ୱେ କୌଣସି କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏଣୁ ଫସଲ ହାନି ହେବା ସତ୍ତ୍ୱେ କୃଷି କ୍ଷେତ୍ରରେ ବିକାଶ ହେଇ ପାରୁନଥିଲା। ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ସାମାଜିକ କର୍ମୀ ଇଂ ପ୍ରଦୀପ କୁମାର ପତ୍ରିଙ୍କ ଅନୁରୋଧ କ୍ରମେ ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପସଭାନେତ୍ରୀ ତଥା ଗତ ଲୋକସଭା ପାର୍ଥିନି ଶ୍ରୀମତୀ ଅନିତା ଶୁଭଦର୍ଶନୀଙ୍କୁ ଅନୁରୋଧ କରିଥିଲେ। ତେବେ ତୁରନ୍ତ ଜଳସେଚନର ସୁବିଧା କରିବା ପାଇଁ ରବିବାର ହୀରାଖଣ୍ଡି ଗ୍ରାମରେ ଏକ ଗ୍ରାମ ସଭା କରି ଇଂ ପ୍ରଦୀପ କୁମାର ପତ୍ରିଙ୍କ ନେତୃତ୍ୱରେ ଅନିତା ଶୁଭଦର୍ଶନୀଙ୍କୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଉଦ୍ଦେଶ୍ୟରେ ସମସ୍ତ ଗ୍ରାମବାସୀ ଏକ ସ୍ମାରକପତ୍ର ଦେଇଥିଲେ। ଏହି ଅବସରରେ ହୀରାଖଣ୍ଡି ଗ୍ରାମର ଯୁବ ଭାଜପା ନେତା ରମେଶ ପ୍ରଧାନ, ଗ୍ରାମର ମୁରବି ରାମକୃଷ୍ଣ ପ୍ରଧାନ, ବିଜୟ କୁମାର ପ୍ରଧାନ, ଜୟରାମ ପ୍ରଧାନ, ଏବଂ ଶତାଧିକ ଗ୍ରାମ ବାସି ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା




ପ୍ରତିଯୋଗିତାର ଏକ ଦୃଶ୍ୟ।

**ପାରଳାଖେମୁଣ୍ଡି, ୨୦।୧୧ (ଡି.ଏନ୍.ଏ.)**

ପାରଳାଖେମୁଣ୍ଡିର ଅଗ୍ରଣୀ ଆଧୁନିକ ନୃତ୍ୟ ଅନୁଷ୍ଠାନ ମିରାକଲ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ସ୍ଥାନୀୟ ଟାଉନ ହଲ ପରିସରରେ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ନୃତ୍ୟ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ପୌରଧକ୍ଷା ନିର୍ମଳା ସେଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର, ଯୁବ ମଞ୍ଚ ଅଭିନେତା ଆଦର୍ଶ ଦାସ ଉପସ୍ଥିତ ଥିଲେ। ବିଶେଷ କରି ଆଧୁନିକ ନୃତ୍ୟରେ କନିଷ୍ଠ ବିଭାଗ, ଯୁବ ବିଭାଗ, ବରିଷ୍ଠ ବିଭାଗ, ମହିଳା ବିଭାଗରେ ଏକକ, ଦ୍ୱୈତ୍ୟ ଓ ଦଳଗତ ଭାବେ ପ୍ରାୟ ୧୨୦ କଳାକାର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଗଜପତି, ଗଞ୍ଜାମ, ରାୟଗଡ଼ା, ନବରଙ୍ଗପୁର, କେଉଁଝର, ଭବାନୀପାଟଣା ଆଦି ଜିଲାରୁ ଦଳଗତ ଭାଗ ନେଇଥିବା ବେଳେ ଅନେକ ସ୍ଥାନୀୟ କଳାକର ଏକକ ପ୍ରତିଯୋଗୀତାରେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନୃତ୍ୟ ନିର୍ଦ୍ଦେଶକ ଶୁଭେନ୍ଦୁ ମୋହନ ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ସଂଯୋଜନା କରିଥିଲେ। ପ୍ରତିଯୋଗୀତାରେ ବିଜୟୀମାନେ ଆଗମୀ ରବିବାର ୨୭ ତାରିଖରେ ହେବାକୁ ଥିବା ମିରାକଲ ନାଇଟ ୨୦୨୨ରେ ପୁରସ୍କୃତ ହେବା ସହ ନିଜର ପ୍ରତିଭା ପ୍ରଦର୍ଶନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ: ୨ କୋର୍ଟଚାଲାଣ

**ଗୋପାଳପୁର,୨୦।୧୧(ଡି.ଏନ.ଏ.)**

ଗୋଳନ୍ଥରା ଥାନା ଅନ୍ତର୍ଗତ ରାମେୟା ପାଟଣାରେ ଶନିବାର ରାତିରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆହତ ହୋଇଥିବା ଯୁବକ ଜଣକ ହେଲେ ରାମେୟାପାଟଣାର ବି. ଦେବରାଜ। ଦେବରାଜଙ୍କ ଏତଲା ଅନୁଯାୟୀ ରାମେୟାପାଟଣା ଗ୍ରାମର ୟୁ. କାରଲେୟା କିଛି ଦିନ ହେଲା ଗାଁରେ ଆତଙ୍କ ସୃଷ୍ଟି କରିଆସୁଛନ୍ତି। ଏହାକୁ କେନ୍ଦ୍ରକରି ଶନିବାର ଗାଁରେ ଏକ ସଭା କରାଯାଇଥିଲା। ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ନିଷ୍ପତ୍ତିକୁ ପ୍ରତତ୍ୟାଖାନ କରିବା ସହ ଏକ ଖଣ୍ଡା ଆଣି ଆତଙ୍କ ସୃଷ୍ଟି କରିବା ସହ ଉପସ୍ଥିତ ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଉପସ୍ଥିତ ଥିବା ଦେବରାଜ ପ୍ରତିବାଦ କରିବାରୁ କାରଲେୟା ଧରିଥିବା ଖଣ୍ଡାରେ ତାଙ୍କୁ ଆକ୍ରମଣ କରିଥିଲା। କିଛି ସମୟ ପରେ ଦେବରାଜ ସଭାରୁ ମେଡିକାଲ ଯିବାପାଇଁ ଆସୁଥିବା ବେଳେ ପୁଣି କାରଲେୟା, ଆର. ରାଜେୟା ଓ ରାମେୟା ମିଳିତ ଭାବେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ପୋଲିସ ନଂ. ୪୨୪/୨୨ରେ ଏକ ମାମଲା ରୁଜୁ କରିବା ସହ ରବିବାର ୟୁ.କାରଲେୟା ଓ ଆର. ରାଜେୟାକୁ କୋର୍ଟ ଚାଲାଣ କରିଥିବା ବେଳେ କାରଲେୟାଙ୍କ ସ୍ତ୍ରୀ ଭି. ପୂର୍ଣ୍ଣିଆମ୍ମା ଦେବରାଜ ମାଡ ମାରିବା ସହ ଘରେ ପଶି ମୋ ଝିଅର ୨ ତୁଳା ସୁନା ଚେନ ନେଇଯାଇଥିବା ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୪୨୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି।

# ବ୍ଲକସ୍ତରୀୟ ଋଣମେଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଜଗନ୍ନାଥପ୍ରସାଦ,୨୦।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଜଗନ୍ନାଥପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ଋଣ ଓ ଭତ୍ତା ପ୍ରଦାନ ମେଳା ଆୟୋଜନ ହୋଇଥିଲା। ଏହି ମେଳାରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ ସଭାପତିତ୍ୱ କରିଥିବା ବେଳେ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ବିଡିଓ ଅନୁପ ପଣ୍ଡା, ସିଡିପିଓ ଦର୍ଶନୀ ନାୟକ, ତହସିଲଦାର ମନୋଜ କୁମାର ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷ ରଞ୍ଜିତ ପାତ୍ର, କନ୍ଧମାଳ ଏମ୍ପି ପ୍ରତିନିଧି ବିପ୍ର ଚରଣ ବାରିକ ମଞ୍ଚାସୀନ ରହି ସରକାରଙ୍କ ଜନମଙ୍ଗଳ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଶୂଳପାଣି ଶତପଥୀ, ଉପଖଣ୍ଡୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ବିକ୍ରମ ଆଳତିଆ, ବସନ୍ତ କୁମାର ପ୍ରଧାନ, ଦିବାକର ନାୟକ, ଗଣ୍ଡାଧର ସରପଞ୍ଚ ବିଜୟ ନାୟକ, ଜିରାବାଡି ସରପଞ୍ଚ ସରୋଜ କୁମାର ନାୟକଙ୍କ ସମେତ ବ୍ଲକର ବହୁ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ। ଗ୍ରାମାଞ୍ଚଳ ମହିଳାମାନଙ୍କୁ ଆର୍ଥିକ ସ୍ତରରେ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ମହିଳା ଗ୍ରୁପଗୁଡିକୁ ଋଣ ପ୍ରଦାନ କରାଯାଉଥିବା ବେଳେ ବୃଦ୍ଧ ବୟସରେ କାହା ଉପରେ ନିର୍ଭରଶୀଳ ନ ହୋଇ ନିଜର ଖର୍ଚ୍ଚ ତୁଲାଇବା ପାଇଁ ମାସିକ ପାଞ୍ଚଶହ ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବାଚସ୍ପତି କହିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୪୪୨ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମୋଟ ୧୧ କୋଟି ୫୦ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିବା ବେଳେ ୬୨୨ ଜଣଙ୍କୁ ବିଧବା, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା ବାଚସ୍ପତି ଆରୁଖଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ କର୍ମଚାରୀଙ୍କ ସମେତ ବ୍ଲକରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ଅଙ୍ଗନୱାଡି କର୍ମୀମାନେ ସହଯୋଗ କରିଥିଲେ।

# ସମିତିସଭ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଦାରିଙ୍ଗବାଡ଼ି,୨୦।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ିସ୍ଥିତ ଜାଗୃତି ସଭାଗୃହଠାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ପଞ୍ଚାୟତିରାଜ ବିଭାଗ ଓ ଜିଲା ଡିଆର୍‌ଡିଏର ମିଳିତ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ସମିତିସଭ୍ୟମାନଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଥିଲା। ଏହା ୩ ଦିନ ଧରି ଦୁଇଟି ପଞ୍ଚାୟତ ସମିତି ତଥା ଦାରିଙ୍ଗବାଡ଼ି ଓ ରାଇକିଆରୁ ୩୩ ଜଣ ସମିତି ସଭ୍ୟ ଆବାସିକ ତାଲିମରେ ଯୋଗଦେଇ ପ୍ରଶିକ୍ଷଣରେ ଭାଗ ନେଇଛନ୍ତି। ଉକ୍ତ ତାଲିମରେ ତାଲିମଦାତା ଭାବେ ନିରଞ୍ଜନ ବେହେରା ଏବଂ ଦେବେନ୍ଦ୍ର କୁମାର ପଣ୍ଡା, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ସ୍ୱୀକୃତିପ୍ରାପ୍ତ ତାଲିମଦାତା ୩ ଦିନ ଏହି ତାଲିମକୁ ପରିଚାଳନ କରିଥିବା ଜଣାପଡ଼ିଛି। ଜାଗୃତି ଅନୁଷ୍ଠାନର ସମ୍ପାଦକ ତଥା କାର୍ଯ୍ୟକ୍ରମ ପରିଚାଳକ କୈଳାସ ଚନ୍ଦ୍ର ଦଣ୍ଡପାଟ ପଞ୍ଚାୟତକୁ ଏକ ସଶକ୍ତ ପଞ୍ଚାୟତ ଓ ସଶକ୍ତ ଓଡ଼ିଶା ଗଠନ କରିବାରେ ସମିତି ସଭ୍ୟଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇ ବକ୍ତବ୍ୟ ରଖିଥିଲେ। ତାଲିମରେ ମୁଖ୍ୟ ବିଷୟ ବସ୍ତୁଗୁଡ଼ିକ ହେଲା ପଞ୍ଚାୟତିରାଜ ବ୍ୟବସ୍ଥା, ସଶକ୍ତ ଗ୍ରାମସଭା ଓ ପଲ୍ଲିସଭା, ମୋ ସରକାର ୫-ଟି , ଗ୍ରାମ ପଞ୍ଚାୟତର ଆର୍ଥିକ ବ୍ୟବସ୍ଥା, ସ୍ଥାୟୀ କମିଟି, ଅର୍ଥ ଆୟୋଗ ଅନୁଦାନ, ଗ୍ରାମପଞ୍ଚାୟତ ବିକାଶ ଯୋଜନା ସହ ସରକାରଙ୍କ ୧୧ଟି ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଆସି ବିଭିନ୍ନ ବିଭାଗର ଯୋଜନା, କାର୍ଯ୍ୟକ୍ରମ, ପଞ୍ଚାୟତ ସମିତିରେ ସମିତି ସଭ୍ୟଙ୍କ ସମନ୍ୱୟରେ କିପରି କାର୍ଯ୍ୟକ୍ରମ ପ୍ରସାର ହୋଇପାରିବ, ପ୍ରଶିକ୍ଷଣ ଶିବିରରେ ଶିକ୍ଷା ଦିଆଯାଇଥିବା ଜାଗୃତି ସମ୍ପାଦକ ଦଣ୍ଡପାଟ କହିଛନ୍ତି। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଭାରତୀୟ ପ୍ରଶାସନିକ ସେବାର ଶିକ୍ଷାନବିସମାନେ ସୁଶ୍ରୀ ସନ୍ତୋଷ ଚୌଧୁରୀ, ବିନୟକାନ୍ତ, ଅଙ୍କିତ ଅଗ୍ରୱାଲ, ସୁଶ୍ରୀ ପ୍ରତିମା ଓ ଶ୍ରୀମତୀ ପୂଜା ସିଂହ, ତାଲିମାର୍ଥୀମାନଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଶେଷ ଦିନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, କନ୍ଧମାଳର ଜିଲା କାର୍ଯ୍ୟକ୍ରମ ପରିଚାଳକ, ମନୋରଞ୍ଜନ ସାହୁ ଓ ମିଶନ ଶକ୍ତି କାର୍ଯ୍ୟକ୍ରମର ଜିଲା ସଂଯୋଜକ, ସୁନୀଲ କୁମାର ମଲ୍ଲିକ, ତାଲିମାର୍ଥୀମାନଙ୍କୁ ସ୍ୱାସ୍ଥ୍ୟ ଓ ମିଶନ ଶକ୍ତି ଅନ୍ତର୍ଗତ ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ।

# ବିଦ୍ୟୁତ୍ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ

**ଭଞ୍ଜନଗର,୨୦।୧୧(ଡି.ଏନ୍.ଏ)**

ବିଭିନ୍ନ ସମୟରେ ବିଦ୍ୟୁତ୍ ଆଘାତରେ ଲୋକେ ମୃତାହତ ହେଉଛନ୍ତି । ବନ୍ୟପ୍ରାଣୀ ମଧ୍ୟ ବିପଦରେ ପଡୁଛନ୍ତି । କେତେକ ସ୍ଥାନରେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଦୁର୍ଘଟଣା ଘଟୁଥିବା ବେଳେ ଆଉ କେତେକ ସ୍ଥାନରେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ଏହି ସମସ୍ୟା ଦେଖାଦେଉଛି । ତେଣୁ ଟାଟା ପାୱାର ପକ୍ଷରୁ ଶନିବାର ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କାର୍ଯ୍ୟାଳୟରୁ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରଚାର କରିବା ପାଇଁ ବିଦ୍ୟୁତ୍ ସୁରକ୍ଷା ସଚେତନତା ରଥ ବାହାରିଥିଲା। ରଥଟି ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରାଇବ। ଡିଏଫ୍‌ଓ ସୁଦର୍ଶନ ବେହେରା ରଥର ଶୁଭାରମ୍ଭ କରିଥିଲେ। ଏହି ସମୟରେ ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଂଘ ପୂର୍ବତନ ରାଜ୍ୟ ସଭାପତି ଅଶୋକ ହୋତା, ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ନୃସିଂହ ନାରାୟଣ ପଣ୍ଡା, ନିର୍ବାହୀଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ହୃଦୟ ବଲ୍ଲଭ ପ୍ରଧାନ, ସହକାରୀ ଯନ୍ତ୍ରୀ ନିରଞ୍ଜନ ବେହେରା, ମନୋଜ ସାହୁ, ଶଙ୍କର ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ସମବାୟ ସପ୍ତାହ ସମାରୋହ




ମଞ୍ଚାସୀନ ଅତିଥି।

**ଫୁଲବାଣୀ ଅଫିସ, ୨୦।୧୧**

କନ୍ଧମାଳ ଜିଲା ସମବାୟ ସଂଘ ପକ୍ଷରୁ ରବିବାର ସହକାରୀ ନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟରେ ନିଖିଳ ଭାରତ ସମବାୟ ସପ୍ତାହ ସମାରୋହ ପାଳନ ହୋଇଯାଇଛି। ସମବାୟ ଏପରି ଏକ ସଂସ୍ଥା ଯାହା ନିରବଚ୍ଛିନ୍ନ ଭାବେ ଚାଷୀଙ୍କ ପାଇଁ କାମ କରି ଆସୁଛି । ଚାଷୀଙ୍କ ଉନ୍ନତି ପାଇଁ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ କରାଯାଉଛି । ଏବେ ସରକାର ୧ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଚାଷୀଙ୍କୁ ଋଣ ଦେବାର ବ୍ୟବସ୍ଥା କରିଛନ୍ତି । ହେଲେ ଜିଲାରେ ଏ ପର୍ଯ୍ୟନ୍ତ ଜଣେ ହେଲେ ଚାଷୀ ଏହି ସୁବିଧା ନେଇନାହାନ୍ତି । ସମସ୍ତ ଚାଷୀ ପ୍ୟାକ୍ସ, ଲ୍ୟାମ୍ପସ ଏବଂ ଗ୍ରାମରେ ଥିବା ସମବାୟ କାର୍ଯ୍ୟାଳୟରେ ପହଞ୍ଚି ଏହା ଉପରେ ଅବଗତ ହେବା ଆବଶ୍ୟକ । ଯେଉଁ ଚାଷୀମାନେ ଲୋନ ନେଇ ଆଦୌ ସୁଝୁ ନାହାନ୍ତି ସେମାନେ ଏ ସବୁ ସୁବିଧା ପାଇବାରୁ ବଞ୍ଚିତ ରହିବେ । ଏବେ ସମୟ ଆସିଛି ନୂତନ ଚାଷୀଙ୍କୁ ସମବାୟରେ ଅନ୍ତର୍ଭୁକ୍ତ କରିବା ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ସମବାୟ ସଂଘ ସଭାପତି ସୁପ୍ରଭା ନାୟକ, ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, ଡିଆରସିଏସ ଯୁଗଳ କିଶୋର ଦାସ, ଏଆରସିଏସ ପାଣୁ ଚରଣ ସାହୁ, ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମୁଖ୍ୟ ନିର୍ବାହୀ ନିରଞ୍ଜନ ପଟ୍ଟନାୟକ, ନରେଶ ପ୍ରଧାନ, ଜିଲା ସମବାୟ ସଂଘ ଉପ ସଭାପତି କିଶୋର ଚନ୍ଦ୍ର ନାୟକ, ସଂପାଦିକା ଜ୍ୟୋତିର୍ମୟୀ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗଙ୍ଗାଧର କହଁର ଧନ୍ୟବାଦ ଦେଇଥିଲେ ।

## ଯିଶୁଖ୍ରୀଷ୍ଟଙ୍କ ରାଜତ୍ୱ ଉତ୍ସବ ଉଦଯାପିତ

**ସୋରଡା,୨୦।୧୧(ଡି.ଏନ୍.ଏ.)**

ଖ୍ରୀଷ୍ଟ ଧର୍ମାବଲମ୍ବିଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ରାଜତ୍ୱ ଉତ୍ସବ ରବିବାର ଉଦ୍‌ଯାପନ ହୋଇଛି। ୧୧ ତାରିଖରୁ ନବାହ ଉପାସନା ଓ ଦିବ୍ୟଯଜ୍ଞ ପ୍ରତିଦିନ ଅପରାହ୍ନ ୫ ଟାରେ ଅନୁଷ୍ଠିତ ହୋଇଥିଲା। ଶନିବାର ଚର୍ଚ୍ଚ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏନ୍ଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା ଯୋଗଦେଇଥିଲେ। ରବିବାର ସନ୍ଧ୍ୟାରେ ପାରମ୍ପରିକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ଗୋଚ୍ଛା, ସମପଲ୍ଲୀ, ଗଉଡଗୋଠ, ମେରିକୋଟ, ଗଜଲବାଡିରୁ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ସୁସଜିତ ରଥରେ ଯୀଶୁଖ୍ରୀଷ୍ଟଙ୍କୁ ପୁଷ୍ପ, ଆଲୋକ ମାଳରେ ସଜାଯାଇଥିଲା। ସମସ୍ତ ଶ୍ରଦ୍ଧାଳୁ ହାତରେ କ୍ୟାଣ୍ଡେଲ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସୁନୀଲ ବେହେରା, ଜିତୁ ସିଂ, ବାପୁଲ ପାଣ୍ଡେ, ଅନୁପ ପରିଚ୍ଛା, ସୁଶାନ୍ତ ମାଇକେଲ ପ୍ରମୁଖ ପରିଚାଳନା କରିଥିଲେ।

# କୁଇ ସମାଜ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସ

**ଫୁଲବାଣୀ ଅଫିସ, ୨୦।୧୧**

କନ୍ଧମାଳ ଜିଲା କୁଇ ସମାଜ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି । ବହୁ ଦିନରୁ ଲାଗି ରହିଥିବା ଜମି ଜମା ସଂକ୍ରାନ୍ତ ବିବାଦର ତୁରନ୍ତ ସମାଧାନ, ଆଦିବାସୀଙ୍କୁ ସେମାନଙ୍କ ଜମି ପ୍ରଦାନ, ଜିଲାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ସମ୍ବିଧାନ ନିୟମ ଅନୁସାରେ ପେସା ଆଇନ ଲାଗୁ କରିବାକୁ କୁଇ ସମାଜ କର୍ମକର୍ତ୍ତା ଦାବି କରିଥିଲେ । ସେହିପରି ଜିଲାରେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ବାଳିକା ବିଦ୍ୟାଳୟରେ କେବଳ ମହିଳା ଶିକ୍ଷକ ଏବଂ କର୍ମଚାରୀଙ୍କୁ ନିଯୁକ୍ତିକୁ ଗୁରୁତ୍ୱାରୋପ କରାଯାଇଥିଲା ।

ଫୁଲବାଣୀ କଲେଜ ପାଖ କୁଇ ସମାଜ କାର୍ଯ୍ୟାଳୟରୁ ଏକ ବିଶାଳ ରାଲି ବାହାରି ସହର ପରିକ୍ରମା କରିଥିଲା । ଆଦିବାସୀମାନେ ପାରମ୍ପରିକ ନୃତ୍ୟବାଦ୍ୟର ତାଳେ ତାଳେ ନାଚିନାଚି ଆସି କରୋନେଶନ ପଡିଆରେ ପହଞ୍ଚିଥିଲେ । ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ କୁଇ ସମାଜର



କୁଇ ସମାଜ କର୍ମକର୍ତ୍ତାମାନେ ରାଲିରେ ଯାଉଛନ୍ତି ।

କର୍ମକର୍ତ୍ତା କହିଥିଲେ ଯେ, ସରକାର କିଛି ଦାବି ମାନଛନ୍ତି। ସେହି ଅନୁସାରେ ପ୍ରଶାସନକୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ସେମାନେ କରୁନାହାନ୍ତି। ଜିଲାରେ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ବହୁ ଚାକିରୀ ହାତେଇଛନ୍ତି। ଏହାର ତଦନ୍ତ କରିବା, ଅନୁସୂଚିତ ଜନଜାତି ଅଞ୍ଚଳରେ ପେସା ଆଇନ କଡାକଡି ପାଳନ କରିବା ଏବଂ ଖଜୁରିପଡା ବ୍ଲକରେ ଆଇଆରବି ବାଟାଲିଅନ ପ୍ରତିଷ୍ଠା ନ କରିବାକୁ କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭୋଟ ବର୍ଜନ କରାଯିବ ବୋଲି ମଧ୍ୟ କୁଇ ସମାଜର ଜିଲାସ୍ତରୀୟ କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ । ଦାବି ସମ୍ପର୍କରେ ଏକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକଙ୍କ ସମେତ ବହୁ ଆଦିବାସୀ ନେତା ଏଥିରେ ସାମିଲ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୧ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ୧୯୬୮ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

**ସିଂହପୁର,୨୦।୧୧(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସୟଦପୁରସ୍ଥିତ ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟର ୧୯୬୮ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ 'ସାଙ୍ଗ ପାଇଁ ଦିନଟିଏ' ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପରିଣତ ବୟସରେ ଏକାଠି ହୋଇଥିବା ସାଙ୍ଗମାନେ ପରସ୍ପରକୁ ଦେଖି ବେଶ ଭାବବିହ୍ୱଳ ହୋଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମଚରଣ ଧଳ ଓ ମଧୁସୁଦନ ଧଳ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଗୁରୁଙ୍କୁ ପୂଜିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏଭଳି ନିଆରା ପରମ୍ପରା ଆଗାମିପିଢିଙ୍କ ପାଇଁ ବିଶେଷ ବାର୍ତ୍ତା ପ୍ରଦାନ କରିବା ସହିତ ସମାଜରେ ଗୁରୁ ଶିଷ୍ୟର ପରମ୍ପରା ମହାନ ବୋଲି ଦର୍ଶାଇଥିଲା। ତେବେ ସେହି ସମୟରେ ବିଦ୍ୟାଳୟରେ ଥିବା ମହାନତା ଓ ଶୃଙ୍ଖଳା ଏବେ ଦେଖିବାକୁ ମିଳୁନାହିଁ। ଏହାକୁ ନେଇ ଦୁଇ ଅବସରପ୍ରାପ୍ତ ଶିକ୍ଷକ କ୍ଷୋଭ ପ୍ରକାଶ କରିଥିଲେ। ପରେ ଛାତ୍ରୀଛାତ୍ର ନିଜ ଜୀବନର ଅଭୁଲା କାହାଣୀ ବଖାଣିଥିଲେ। କାର୍ଯ୍ୟକ୍ରମରେ ୧୯୬୮ ବ୍ୟାଚ୍‌ର ରବୀନ୍ଦ୍ର କୁମାର ଧଳ, ଉଦୟନାଥ ନାୟକ, ରାଘବ ସାହୁ, ବିଦ୍ୟାଧର ସାହୁ, ହରେକୃଷ୍ଣ ପଣ୍ଡା, ହାଡ଼ିବନ୍ଧୁ ସାମଲ, ନୃସିଂହ ମିଶ୍ର, ବିନୋଦ ବିହାରୀ ଲେଙ୍କା, ରଙ୍ଗାଧର ମିଶ୍ର, ଏସକେ ସଲାଉଦ୍ଦିନ, ମଧୁସୁଦନ ସାମଲ, ସନାତନ ସାହୁ, ସୁକୁମାରୀ ଧଳ, ମୁରଲୀଧର ବାରିକ, ନାରଣ ଜେନା, ବିଦୁ୍ଲତା ଦାସ, ବିନୋଦ ବିହାରୀ ନାୟକ, ବିଷ୍ଣୁଚରଣ ଜେନା, ଶ୍ରୀଧର ସାହୁ ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ପାଣିକୋଇଲି,୨୦।୧୧(ଡି.ଏନ.ଏ.):** କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ଗ୍ରାମର ବରିଷ୍ଠ ଖବରଦାତା ଆଶୁତୋଷ ମହାନ୍ତିଙ୍କ ମାତା ସ୍ମୃତିରେଖାଙ୍କ ରବିବାର ସକାଳେ ୮୪ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଏକଧାରାରେ ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ଏବଂ ଧର୍ମ ପରାୟଣ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ସେ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ପରଲୋକ ଖବର ପାଇ କୋରେଇ ବିଧାୟକ ଅଶୋକ ବଳ, ପୂର୍ବତନ ବ୍ଲକ ଅଧକ୍ଷ ଭିକାରୀ ବରାଳ, ଭାଜାପା ନେତା ବିଶ୍ୱଜିତ ନାୟକ, ଆଲେକଜାଣ୍ଡାର ଦାସ, ଜିଲା ପରିଷଦ ଉମାକାନ୍ତ ମାଝି, କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳେଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ବିଦ୍ୟାଧର ମହାନ୍ତି, ଧରଣୀଧର ଘଡେଇଙ୍କ ସମେତ କୋରେଇର ଖବରଦାତାମାନେ ସ୍ୱର୍ଗତା ମହାନ୍ତିଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ଶୋଭାଯାତ୍ରାରେ ତାଙ୍କୁ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା।

# ୧୨ ଘଣ୍ଟା ଅଞ୍ଚଳ ଦୁଲୁକିବ

## ଛତିଆର ପ୍ରସିଦ୍ଧ ଭାଲୁପୋଡ଼ା ଯାତ୍ରା ଆଜି

**ଚଣ୍ଡିଖୋଲ,୨୦।୧୧(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆରେ ସୋମବାର ହେବ ଚଳିତବର୍ଷର ପ୍ରସିଦ୍ଧ ଭାଲୁପୋଡ଼ା ଯାତ୍ରା। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ବାଜା, ନୃତ୍ୟ ଓ ବାଣ ଆଦି ଆସିଛି। ଏହିଯାତ୍ରା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ରାତ୍ରି ୧୦ଟା ୧୨ ଘଣ୍ଟା ଚାଲିବ। ଏହି ସମୟ ମଧ୍ୟରେ ସମଗ୍ର ଅଞ୍ଚଳ ବାଜା, ବାଣ ଓ ରୋଷଣିରେ ଦୁଲୁକି ଉଠିବ। ଏହି ପ୍ରସିଦ୍ଧ ଯାତ୍ରାଟି କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥାଏ। ଚଳିତ ବର୍ଷ ୧୩ ମେଢ଼ ପୂଜାପାଉଥିବାବେଳେ ରବିବାର ରାତ୍ରିରେ ବିସର୍ଜନ ହୋଇଛନ୍ତି। ସୋମବାର ସମସ୍ତେ ଭସାଣି ଉତ୍ସବରେ ସାମିଲ ହେବେ। ଅପରାହ୍ନ ୪ଟାରୁ୫ଟା ମଧ୍ୟରେ ପାଟଣା ବାଲିଯାତ୍ରା ପଡ଼ିଆରେ ମେଢ଼ଗୁଡ଼ିକ ପହଞ୍ଚିବା ପରେ ଭୋଗ ଲାଗି ହେବ। ଏହାପରେ ପୁଣି ମେଢ଼ଗୁଡ଼ିକ ଭସାଣିରେ ଉତ୍ସବରେ ସାମିଲ ହେବେ। ଚଳିତ ଥର ବ୍ରହ୍ମପୁର, ଆନ୍ଧ୍ରପ୍ରଦେଶ ଓ ହରିୟାଣାର ଅଘୋରୀ ନୃତ୍ୟ ଉତ୍ସବକୁ ଆସିଛି। ଏଥି ସହିତ ଆଦିବାସୀ ନୃତ୍ୟ ଓ କେରଳି ବାଜା ଆସୁଥିବା



କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା ଚାଲିଛି।

ପୂଜାକମିଟି ତରଫରୁ ସୂଚନା ମିଳିଛି। ହରପାର୍ବତୀ, ହନୁମାନ ଓ ରାଧାକୃଷ୍ଣ ଏଥର ବିଭିନ୍ନ ମଣ୍ଡପରେ ମୂର୍ତ୍ତିମାନ ଶୋଭା ପାଇଥିଲେ। ୧୮ଦିନ ଧରି ପୂଜା ପରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଗୌରୀ ଶଙ୍କର ପୂଜାକମିଟି, ଦେବୀସାହି, ଉପରବଜାର, ଇନ୍ଦ୍ରବଜାର, ନନାଚୁଙ୍ଗୀ, ଗୁଡ଼ିଆସାହି ଓ ଏକଡ଼ାଲିଆ ପୂଜାକମିଟି ଭସାଣି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଲାଗିପଡ଼ିଛନ୍ତି। ସୋଲରସ୍ଥିତ କୋଚିଲାଖାଇ ପୂଜାକମିଟି ତରଫରୁ ରାବଣପୋଡ଼ି, ଆତସବାଜୀ ଓ ମେଲୋଡି କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ବୈରୀ ଥାନା ପକ୍ଷରୁ ଥାନାଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ ଓ ଛତିଆ ଫାଣ୍ଡି ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହେବେ। ସୂଚନାଯୋଗ୍ୟ, ୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ଯାତ୍ରା ଚାଲିଥିଲା ବେଳେ ଭାଲୁ ବେଶରେ ଜଣେ ନାଚ କରୁଥିବା ସମୟରେ ନିଆଁ ଲାଗି ତାଙ୍କ ଶରୀର ପୋଡ଼ି ହୋଇଯାଇଥିଲା। ତେଣୁ ପ୍ରତିବର୍ଷ ଏହି ସ୍ମୃତିଚାରଣ ପାଇଁ ଏକ ଭାଲୁର ପ୍ରତିମୂର୍ତ୍ତି ତିଆରି କରାଯାଇ ପୋଡ଼ା ଯାଇଥାଏ। ସେଥିପାଇଁ ଏହି ଯାତ୍ରାର ନାମ ଭାଲୁପୋଡ଼ା ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ବାଲାଜୀ ପାଠାଗାରର ବାର୍ଷିକୋତ୍ସବ



ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବରୀ,୨୦।୧୧(ଡି.ଏନ.ଏ.)**

ସାହିତ୍ୟ ହେଉଛି ସମ୍ପର୍କର ସେତୁ। ବଜାରରେ କଇଞ୍ଚି ମୂଲ୍ୟ ଅଧିକ, ଛୁଞ୍ଚିର ମୂଲ୍ୟ କମ୍। ମାତ୍ର କଇଞ୍ଚିର ଧର୍ମ କାଟିବା, ଛୁଞ୍ଚିର ଧର୍ମ ଯୋଡ଼ିବା। ସେହି ମୂଲ୍ୟବୋଧ ଭିତରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଯୁବପିଢ଼ି ଓ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କୁ ଏଥିରେ ଯୋଡ଼ି ବାଲାଜୀ ପାଠାଗାର ବରୀ ବ୍ଲକ୍ ଅଞ୍ଚଳରେ ସାହିତ୍ୟକୁ ଆଗକୁ ନେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ। ରବିବାର ବାଲାଜୀ ପାଠାଗାରର ୪୭ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରୀ ବିଧାୟିକା ସୁନନ୍ଦା ଦାସ ଏକଥା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମଣ୍ଟୁ ବଳିଆରସିଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ବିଧାୟିକାଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଶ୍ରୀହରି ଧଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଦାମୋଦର ବେହେରା, ପାଠାଗାର ସମ୍ପାଦକ ବିଭୂତିଭୂଷଣ ରାୟଙ୍କ ସମେତ ପାଠାଗାରର କର୍ମକର୍ତ୍ତା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ, ପ୍ରାଧ୍ୟାପକ ଅଜୟ ଓଝା, ପ୍ରଶାସନିକ ଅଧିକାରୀ ରାଧାକାନ୍ତ ରଥ, କବୟିତ୍ରୀ ଅନିତା ରାୟ ପ୍ରମୁଖ ଯୋଗଦେଇ ସାହିତ୍ୟ ହେଉଛି ଜୀବନ, ସାହିତ୍ୟ ବିନା ସମାଜ ବଞ୍ଚିପାରିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅଞ୍ଚଳର ୨୭ କୃତୀ ପ୍ରତିଯୋଗୀଙ୍କୁ ବିଧାୟିକା ପୁରସ୍କାର ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଚଳିତ ବର୍ଷ ଅଙ୍ଗାଲୋ ପଞ୍ଚାୟତରେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ୩ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶେଷରେ ମଣ୍ଟୁ ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ



ମାତୃ ସମ୍ମିଳନୀରେ ଯୋଗ ଦେଇଥିବା ମହିଳାମାନେ।

**କାଳିଆପାଣି,୨୦।୧୧(ଡି.ଏନ.ଏ.)**

ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଟାଟା ଷ୍ଟିଲ୍ ମାଇନିଂ ଖଣି କଲୋନୀ ପରିସରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଶିଶୁ ବାଟିକାର ୯୨ଜଣ ମହିଳା ଅଭିଭାବକଙ୍କୁ ନେଇ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟା ମନ୍ଦିର ଗୁରୁମା ମାନସୀ ରାଉତରାୟ ପରିଚାଳନା କରିଥିଲେ। ବିଦ୍ୟା ମନ୍ଦିର ସମ୍ପାଦକ ଅରବିନ୍ଦ ଷଣ୍ଢ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ଭାଗ ବାଳିକା ଶିକ୍ଷା ବିଭାଗ ପକ୍ଷରୁ ପ୍ରଣତୀ ସାହୁ ମୁଖ୍ୟବକ୍ତା, ସମ୍ଭାଗ ବିଭାଗ ସହ ପ୍ରମୁଖ ସୁଦର୍ଶନ ବସନ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ବିକାଶର ମୁଖ୍ୟ ସହଯୋଗୀ ମାତୃମାନେ ହୋଇଥାନ୍ତି। ତେଣୁ ସେମାନେ ସଜାଗ ହେବା ସହ ଯତ୍ନବାନ ହେବା ଦରକାର ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଜାରକା ରୋଟାରି, ଧର୍ମଶାଳା ପ୍ରେସକ୍ଲବ୍‌ର ସଫେଇ କାର୍ଯ୍ୟକ୍ରମ

**ଧର୍ମଶାଳା,୨୦।୧୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜରକା ନିକଟସ୍ଥ ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରକୁ ରବିବାର ରୋଟାରି କ୍ଲବ୍ ଜାରକା ଓ ପ୍ରେସ୍‌କ୍ଲବ ଧର୍ମଶାଳା ପକ୍ଷରୁ ସଫେଇ କରାଯାଇଛି। ଏହି ଶୈବପୀଠକୁ ଦୂରଦୁରାନ୍ତରୁ ବହୁ ଶ୍ରଦ୍ଧାଳୁ ଆସୁଥିବାରୁ ଉଭୟ କ୍ଲବର ସଦସ୍ୟମାନେ ଝାଡୁ, କୋଦାଳ ଓ ଫାଉଡା ଧରି ମନ୍ଦିର ପରିସର ଏବଂ ପାହାଚ ସଫା କରିଥିଲେ। ବରିଷ୍ଠ ରୋଟାରିଆନ ଡା. ବିଜୟ କୁମାର ଶତପଥୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବାବେଳେ ରୋଟାରି କ୍ଲବ୍ ସଭାପତି ପ୍ରମୋଦ ସାମଲ, ସମ୍ପାଦକ ସୁକାନ୍ତ ସ୍ୱାଇଁ, ଅଜାମ୍ବର ସାହୁ, ଜୟନ୍ତ ସାହୁ, ବିନୋଦ ପରିଡ଼ା, ହରିହର ପଣ୍ଡା, ପ୍ରଦୀପ୍ତ ବରାଳ, ପ୍ରଶାନ୍ତ ପୃଷ୍ଟି, ଇଂ. ବିପିନ ଷଡ଼ଙ୍ଗୀ, ଜାରକା ଇନରହୁଇଲ କ୍ଲବ୍ ସଦସ୍ୟ ମାଧୁରୀ ଶତପଥୀ, କଳ୍ପନା ଖୁଣ୍ଟିଆ, ସରୋଜିନୀ ପଣ୍ଡା, କାଦମ୍ବିନୀ ମିଶ୍ର ଓ ପ୍ରେସ୍‌କ୍ଲବ ସଭାପତି ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସମ୍ପାଦକ ଅବିନେଶ୍ୱର ଶତପତୀ, ମାନସ ରଞ୍ଜନ ଜେନା, ଅଖିଳ କୁମାର ସ୍ୱାଇଁ, ଗିରିଧାରୀ ବେହେରା, ପ୍ରଶାନ୍ତ ଗନ୍ତାୟତ, ରଶ୍ମୀରଞ୍ଜନ ରାୟ, ବିବେକାନନ୍ଦ ରାୟ, ସୁବ୍ରତ କୁମାର ଜେନା, ବିନୋଦ ସାହୁ ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

# ଭାଜପାର ବନ୍ଧୁମିଳନ, ଶକ୍ତି ପ୍ରଦର୍ଶନ

**କାଳିଆପାଣି,୨୦।୧୧(ଡି.ଏନ.ଏ.)**

ସୁକିନ୍ଦା ଭାଜପା ପକ୍ଷରୁ ଏକ ବନ୍ଧୁମିଳନ ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରାଯାଇଛି। ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତର ବେଣାଗାଡ଼ିଆ ଖେଳପଡ଼ିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁକିନ୍ଦା ଭାଜପାର ବରିଷ୍ଠ ନେତା ଡ. ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଣିରେ ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅବହେଳା ପଦର୍ଶନ, ସ୍ୱାସ୍ଥ୍ୟ, ଶିକ୍ଷା, ଅଞ୍ଚଳର ଉନ୍ନତୀମୂଳକ କାର୍ଯ୍ୟରେ ବୈମାତୃକିକ ମନୋଭାବକୁ ନେଇ ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ। ଆଗାମୀ ଦିନରେ ଭାଜପା ଲୋକଙ୍କ ହିତ ପାଇଁ ଅନ୍ୟାୟ ବିରୋଧରେ ଲଢ଼େଇ କରିବ ଓ ଆଜିଠାରୁ ଏହାର ଶୁଭାରମ୍ଭ ହେଲା ବୋଲି ସେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସୁକିନ୍ଦା ବ୍ଲକ ଭାଜପାର ଆବାହକ ଅମଳେନ୍ଦୁ ବେହୁରା ସମ୍ମମାନିତ ଅତିଥି ଭାବେ ଯୋଗଦେଇ ଅନ୍ୟାୟ ବିରୋଧରେ ମୁହଁ ଖୋଲିବାର ସମୟ ଆସିଥିବା ପ୍ରକାଶ କରିଥିଲେ। ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ମହାନ୍ତ ସଭାପତିତ୍ୱ କରିଥିଲେ। ଜିଲା ଭଜାପା ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ(ବାବୁନି) ଯୋଗଦେଇ ସ୍ଥାନୀୟ ଶାସକ ଦଳ ନେତାଙ୍କୁ କଟୁ ସମାଲୋଚନା କରିଥିଲେ। ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ରଙ୍ଗମାଟିଆଠାରୁ ନେତାଙ୍କୁ ଏକ ବାଇକ୍ ରାଲିରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ, ଦୀପକ ପାତ୍ର, କୁନାଲ ମହାନ୍ତ, ସତ୍ୟାନନ୍ଦ ଦେହୁରୀ, ଦଶରଥ ମହାନ୍ତ, ଦେବେନ ମହାନ୍ତ, ଗୁରୁଚରଣ ମହାନ୍ତ, ରାଇସିଙ୍ଗ ସର୍ଦ୍ଦାର, ଶଙ୍କର ସିଦ୍ଧୁ, ନରେନ୍ଦ୍ର ମହାନ୍ତ ଓ ଲମ୍ବୋଦର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବିଜେଡି ଗଡ଼ରେ ଦୀର୍ଘ ଦିନ ପରେ ବିରୋଧୀ ଦଳ ପାଦ ଥାପିଥିବାରୁ ସଭାରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସମାବେଶ ଅଧିକ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଖଣି ଅଞ୍ଚଳରେ ବିଜେଡି ଅସନ୍ତୁଷ୍ଟଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ନିଜ ସପକ୍ଷରେ ତାଙ୍କୁ ଆଣିବାକୁ ଭାଜପାର ଏକ ଟିମ୍ ଏଠାରେ ଡେରା ପକାଥିବା ଶୁଣିବାକୁ ମିଳୁଛି। ତେବେ ଭାଜପା ଏଥିରେ କେତେ ସକ୍ଷମ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ପ୍ରଶାନ୍ତଙ୍କୁ ସହାୟତା



କେନ୍ଦ୍ରାପଡା କେଡ୍ରିଟ୍ କୋଅପରେଟିଭ ବ୍ୟାଙ୍କ୍ ବାଲିଚନ୍ଦ୍ରପୁର ଶାଖା ତରଫରୁ ପ୍ରଶାନ୍ତଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ଚଣ୍ଡିଖୋଲ,୨୦।୧୧(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ସାଉଡ଼ିଆ ପଞ୍ଚାୟତ ବାଲିକୁଦା ଗ୍ରାମର ରବୀନ୍ଦ୍ର ଓଝାଙ୍କ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ପୁଅ ପ୍ରଶାନ୍ତ ଓଝା(୨୬)ଙ୍କୁ କେନ୍ଦ୍ରାପଡା କେଡ୍ରିଟ୍ କୋଅପରେଟିଭ ବ୍ୟାଙ୍କ ବାଲିଚନ୍ଦ୍ରପୁର ଶାଖା ତରଫରୁ ସହାୟତା ପ୍ରଦାନ କରାଯାଇଛି। ବ୍ୟାଙ୍କ୍ ସଭାପତି ପ୍ରମୋଦ କୁମାର ସାହୁ ତାଙ୍କ ଘରେ ପହଞ୍ଚି ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ବ୍ୟାଙ୍କ ତରଫରୁ 'ଜ୍ଞାନ ପଟ୍ଟନାୟକ ଗୁଜୁରାଣ ସହାୟତା' ଯୋଜନାରେ ତାଙ୍କୁ ପ୍ରତ୍ୟେକ ମାସରେ ପରିବାର ପ୍ରତିପୋଷଣ ପାଇଁ ୧ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି ସାହୁ ଘୋଷଣା କରିଛନ୍ତି। ପ୍ରଶାନ୍ତ ୩ବର୍ଷ ତଳେ କଲିକତାକୁ ଏକ ଇଣ୍ଟରଭ୍ୟୁ ଦେବାକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଦୀର୍ଘ ଦିନ କଟକ ବଡ଼ ମେଡିକାଲରେ ରହିବା ପରେ ବି ସୁସ୍ଥ ହୋଇ ପାରି ନ ଥିଲେ। ୩ଥର ବେସରକାରୀ ଚିକିତ୍ସାଳୟରେ ଅସ୍ତ୍ରୋପଚାର ହୋଇଥିଲେ ମଧ୍ୟ ସେ ଠିଆ ହୋଇ ପାରୁନାହାନ୍ତି। ପୁନର୍ବାର ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେବା ପରେ ସେ ଭାଙ୍ଗି ପଡ଼ିଛନ୍ତି। ଜମି ବିକି ଆବଶ୍ୟକ ଚିକିତ୍ସା କରିଥିଲାବେଳେ ଏବେ ଆର୍ଥିକ ଅନଟନ ମଧ୍ୟରେ କିପରି ପୁଅକୁ ଚିକିତ୍ସା କରିବେ ବୋଲି ପ୍ରଶାନ୍ତଙ୍କ ବାପା ରବୀନ୍ଦ୍ର ପ୍ରକାଶ କରିଛନ୍ତି। ତେବେ ଏହି ସହାୟତା ସହ ପ୍ରତିମାସରେ ହଜାରେ ଟଙ୍କା ଦେଲେ ଆମେ ଖାଇପିଇ ବଞ୍ଚିବୁ ବୋଲି ସେ କହିଛନ୍ତି। ପରିବାରର ଏଭଳି ଦୁଃଖ ସମୟରେ ବ୍ୟାଙ୍କ ତରଫରୁ ସାହାଯ୍ୟକୁ ସେ ଭୁଲି ପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ସହାୟତା ରାଶି ପ୍ରଦାନ ସମୟରେ ବାଲିଚନ୍ଦ୍ରପୁର ଶାଖା ପରିଚାଳକ ପ୍ରଫୁଲ୍ଲ କୁମାର ସାହୁ, ସାଉଡ଼ିଆ ସମବାୟ ସମିତି ସଭାପତି ତୁଷାର କାନ୍ତ ଜେନା, ପ୍ରଦୀପ୍ତ କୁମାର ସାହୁ, ଚିନ୍ମୟ ଜେନା, ଲକ୍ଷ୍ମଣ ସାହୁ, ପ୍ରଭାକର ସାହୁ, ଜୟନ୍ତ ବେହେରା ଓ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ଆରୋଗ୍ୟ ନିମନ୍ତେ ସହାୟତା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।

## ମଣିଷ ପଣିଆର ମାଇଲ୍ ଖୁଣ୍ଟ ଥିଲେ ମାଧବାନନ୍ଦ

**ସିଂହପୁର,୨୦।୧୧(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁରସ୍ଥିତ ମଲିଆ ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ମାଧାବାନନ୍ଦ ଗୁରୁ(୯୫)ଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଛି। ଗୁରୁଙ୍କ ପ୍ରଥମ ଶ୍ରଦ୍ଧବାର୍ଷିକ ଅବସରରେ ସ୍ମୃତି କମିଟି ପକ୍ଷରୁ ପ୍ରାଧ୍ୟାପକ ଡ. ଚର୍ତୁଭୂଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଞ୍ଝାରପୁର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମାଧବାନନ୍ଦ ଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ନିଜ ଜୀବନ କାଳ ମଧ୍ୟରେ ଅନୁଶାସନକୁ ପ୍ରାଧାନ୍ୟ ଦେବା ସହିତ ସମାଜରେ ଗରିବ, ଅବହେଳିତ, ନିସହାୟ ଲୋକଙ୍କ ପାଇଁ ସାହାରା ପାଲଟିଥିବା ମାଧବାବନନ୍ଦ ନିଜର ସେବା ତ୍ୟାଗ ଓ ପରୋପକାର ପଣ ପାଇଁ ସାଧାରଣ ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପାଇପାରିଥିଲେ। ଏପରି କି ମାଧବାନନ୍ଦ ମଣିଷ ପଣିଆର ମାଇଲଖୁଣ୍ଟ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମାଧବାନନ୍ଦଙ୍କ ସ୍ମୃତିରେ ତାଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କରାଯିବା ସହିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପୁତ୍ର ସଚ୍ଚିଦାନନ୍ଦ ଗୁରୁ, ବିଜୟାନନ୍ଦ ଗୁରୁ, ବିବେକାନନ୍ଦ ଗୁରୁ, ପ୍ରଣୋବାନନ୍ଦ ଗୁରୁ, କନ୍ୟା କୁମୁଦୁନୀ ଗୁରୁଙ୍କ ନେତୃତ୍ୱରେ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ନିରଞ୍ଜନ ଦାସ, ନାରାୟଣ ଦାସ, ଉମା ସାମଲ, ସୁବାସ ସ୍ୱାଇଁ, ସର୍ବେଶ୍ୱର ଧଳ, ରଙ୍ଗାଧର କାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

# ନୋଟିସ୍ ପରେ ବି ଚାଲିଛି ୨ ମହଲା କାମ




**କଳିଙ୍ଗନଗର,୨୦।୧୧ (ଡି.ଏନ.ଏ.)**

ଯାଜପୁର ଜିଲା ଦାନଗଦି ଅଞ୍ଚଳରେ ସରକାରୀ ଜମିରେ ପ୍ରଥମ ମହଲା ବେଆଇନ ଭାବେ ନିର୍ମାଣକୁ ଉଚ୍ଛେଦ ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ପରେ ଅବରୋଧକାରୀ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦ୍ୱିତୀୟ ମହଲାର ନିର୍ମାଣ କାମ କରୁଛନ୍ତି। ତହସିଲ ପକ୍ଷରୁ ହୋଇଥିବା ୧୫ ହଜାର ଟଙ୍କା ଜରିମାନା ଦେଇ କେତେଜଣ ଅସାଧୁ କର୍ମଚାରୀଙ୍କ ସହ ଭିତିରି ବୁଝାମଣା ସାରିଥିବାରୁ ପୁଣି ନିର୍ମାଣ କାମ ଆରମ୍ଭ କରାଯାଇଥିବା ଆଲୋଚନା ହେଉଛି। ଦାନଗଦି ତହସିଲ ଓ ଦାନଗଦି ଆର୍‌ଆଇ ସର୍କଲ ଅନ୍ତର୍ଗତ ତ୍ରିଜଙ୍ଗା ମୌଜା ଖାତା ନଂ. ୪୯୯, ପ୍ଲଟ ନଂ. ୩୨୮ରେ ୫୦ ଡେସିମିଲ ଜମିରେ ଏହି ବେଆଇନ ନିର୍ମାଣ ଜାରି ରହିଛି। ଏପରି କି ସିଙ୍ଗାଡ଼ିଆ ବଜାର ଏହି ବେଆଇନ ନିର୍ମାଣ କରୁଥିବା ବ୍ୟବସାୟୀ ଜଣକ ଉଦ୍ୟାନ କୃଷି ବିଭାଗ ସରକାରୀ ଜମି ଉପରେ ଛାତ ପାଇଁ ସିଡି କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ୫ଟି ଦୋକାନ ଗୃହ ନିର୍ମାଣ ସାରି ଭଡାରେ ଦିଆଯାଇଛି। ଏହାକୁ ଲଗାଇ ପଛ ପାଖରେ ୨ ହଜାର ବର୍ଗ ଫୁଟର ଭଡ଼ାରେ ଲଗାଯିବା ପରି ଗୃହ ନିର୍ମାଣ ସରିଛି। ଏବେ ଉକ୍ତ ଘରର ଛାତ ଉପରେ ସମାନ ଆୟତନର ବାସଗୃହ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି।

ସୂଚନା ଯୋଗ୍ୟ, ବିଞ୍ଝାରପୁର ଅଞ୍ଚଳର ଜଣେ ବ୍ୟକ୍ତି ଗୃହ ବ୍ୟବସାୟ ଉଦ୍ଦେଶ୍ୟରେ ନିର୍ମାଣ କରୁଥିଲେ। ୧୨ ଗୁଣ୍ଠରୁ ଅଧିକ ଜମି ଉପରେ ପାଖାପାଖି ୫ ହଜାର ବର୍ଗ ଫୁଟର ଘରକୁ ତହସିଲ ପକ୍ଷରୁ ବେଆଇନ ଘୋଷଣା କରାଯାଇ ନୋଟିସ ଲଗାଯାଇଥିଲା। ନିର୍ମାଣ ଉଚ୍ଛେଦ ପାଇଁ ୨୫ଦିନ ପୂର୍ବରୁ ନୋଟିସ୍ ମଧ ଦିଆଯାଇଥିଲା। ଭୁଲ ପାଇଁ ଅବରୋଧକାରୀଙ୍କୁ ୧୫ ହଜାର ଟଙ୍କାର ଜରିମାନା କରାଯାଇଥିଲା। ଜମି ସରକାରୀ ହୋଇଥିବାରୁ ତୁରନ୍ତ ଘର ଭଙ୍ଗା ଯାଇ ଜବରଦଖଲ ହଟାଇବାକୁ ତହସିଲ ପ୍ରସ୍ତୁତ ହେଉଥିବା ତହସିଲଦାର ସୂଚନା ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଉଚ୍ଛେଦ ପ୍ରକ୍ରିୟା ଶୀତଳଭଣ୍ଡାରକୁ ଚାଲି ଯାଇଥିଲା। ଏହି ସୁଯୋଗରେ ଅବରୋଧକାରୀ ଉପର ଘର ନିର୍ମାଣ କାମ କରୁଛନ୍ତି। ଅନ୍ୟପକ୍ଷରେ ଉଚ୍ଛେଦ ନୋଟିସ ଜାରି ପରେ କି ପ୍ରକାର ବୁଝାମଣା ହୋଇଛି ଏବଂ ସମ୍ପୃକ୍ତ ବ୍ୟବସାୟୀ କାହା ପ୍ରରୋଚନାରେ ନିର୍ମାଣକୁ ତ୍ୱରାନ୍ୱିତ କରିଛନ୍ତି ତାହା ଅନୁସନ୍ଧାନ ସାପେକ୍ଷ ହୋଇପଡିଛି। ଏ ସଂକ୍ରାନ୍ତରେ ଦାନଗଦି ତହସିଲଦାର ନମ୍ରତା ମୋଦିଙ୍କୁ ପଚାରିବାରେ ରବିବାର ସନ୍ଧ୍ୟାରେ ଗୃହ କରିଥିବା ବ୍ୟକ୍ତିଙ୍କ ମୋବାଇଲକୁ ଫୋନ କରିଥିଲି। ହେଲେ ଫୋନ ଉଠାଇ ନ ଥିଲେ।

## ସଂକ୍ଷେପରେ

### ପାଣିକୋଇଲିରେ ଭାରତ ଭ୍ରମଣରେ ସାମିଲ ସାଧୁସନ୍ଥ

**ପାଣିକୋଇଲି,୨୦।୧୧(ଡି.ଏନ.ଏ.):** ଅହିଂସା ଓ ସତ୍ୟର ପ୍ରଚାର ପାଇଁ କିଛି ସାଧୁ ସନ୍ଥ ଚାଲି ଚାଲି ଭାରତ ଭ୍ରମଣ କରୁଛନ୍ତି। ଶନିବାର ସନ୍ଧ୍ୟାରେ ସେମାନେ ପାଣିକୋଇଲି ଛକଠାରେ ପହଞ୍ଚିଥିବାବେଳେ ସ୍ୱାଗତ କରାଯାଇଛି। ପାଣିକୋଇଲିର ବିଶିଷ୍ଟ ଶିଳ୍ପପତି ପର୍ଶୁରାମ ଦାସ ଓ ବାବୁଲା ଦାଶ ସାଧୁ ସନ୍ଥଙ୍କୁ ପୁଷ୍ପମାଲ୍ୟ ଓ ଚନ୍ଦନ ସହିତ ଶଙ୍ଖ ଧ୍ୱନିରେ ଘରକୁ ପାଛୋଟି ନେଇଥିଲେ। ସନ୍ଥଙ୍କ ମଧ୍ୟରେ ମୁଖ୍ୟଥିଲେ ଦିନେଶ ମୁନି। ସେ ରାଜସ୍ଥାନରେ ଜନ୍ମଗ୍ରହଣ କରିଥିବା ବେଳେ ୧୧ ବର୍ଷ ବୟସରୁ ଗୃହ ତ୍ୟାଗ କରି ଗୁରୁ ଆଚାର୍ଯ୍ୟ ମହାଶ୍ରବଣଙ୍କ ପାଖରୁ ଦିକ୍ଷା ନେଇ ଅହିଂସା ଓ ସତ୍ୟର ପ୍ରଚାର ପ୍ରସାର ପାଇଁ ଭାରତ ଭ୍ରମଣରେ ବାହାରିଛନ୍ତି। ସେ ଆଜି ପର୍ଯ୍ୟନ୍ତ ୫୦ ହଜାର କିଲୋମିଟର ଅତିକ୍ରମ କରିସାରିଲେଣି। ସନ୍ଥଙ୍କ ସହିତ ୧୫ରୁ ୨୦ ଶିଷ୍ୟ ରହିଛନ୍ତି। ସନ୍ଧ୍ୟାରେ ସନ୍ଥଙ୍କ ପ୍ରବଚନ ଦେଖିବାକୁ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରବଚନରେ ସନ୍ଥ ଦେଶର ସତ ମାର୍ଗ, ନ୍ୟାୟ, ସତଚରିତ୍ର ଓ ଅହିଂସା ଉପରେ ବାର୍ତ୍ତା ଦେଇଥିଲେ।

### ଜହ୍ନାରେ ବିଶ୍ୱ ଶକ୍ତି ସ୍ୱରୂପିଣୀ ଦିବସ

**କୋରାଇ,୨୦।୧୧(ସ୍ୱ.ପ୍ର.):** ସତ୍ୟସାଇ ସଂଗଠନ ତରଫରୁ ଜହ୍ନା ବଳଦେବ ଜୀଉ ମନ୍ଦିର ପରିସରରେ ଶକ୍ତି ସ୍ୱରୂପିଣୀ ଦିବସ ପାଳିତ ହୋଇଯାଇଛି। ଯାଜପୁରରୋଡ୍ ସତ୍ୟସାଇ ସେବା ସଂଗଠନ ତରଫରୁ ଏହି ଅବସରରେ ସଂସ୍କୃତି ସମ୍ପନ୍ନ ଜହ୍ନା ଗାଁକୁ ଚିହ୍ନଟ କରାଯାଇ ସେଠାରେ ପୂଜାର୍ଚ୍ଚନା ଓ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାଙ୍କ ଗୁଣଗାନ ସହିତ ବିଦ୍ୟାଳୟରେ ପଢୁଥିବା ବାଳିକାମାନେ ଦେଶ ଗଠନର ଭବିଷ୍ୟତ ବୋଲି ମତପ୍ରକାଶ ପାଇଥିଲା। କୋରେଇ ବ୍ଲକ୍ ଅଧକ୍ଷା ଜୟନ୍ତୀ ଦଳେଇ, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ମୃତ୍ୟୁଞ୍ଜୟ ପାଢ଼ୀ, ସଦାନନ୍ଦ ବେହେରା, ରାଜୀବଲୋଚନ ରାଉତ, ଅତନୁ କୁମାର ବିଶ୍ୱାଳଙ୍କ ସମେତ ବଳଦେବ ଜୀଉ ଟ୍ରଷ୍ଟବୋର୍ଡର କାର୍ଯ୍ୟକର୍ତ୍ତା, ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚିନ୍ତାମଣି ପାଢ଼ୀ ଧନ୍ୟବାଦ ଦେଇଥିଲେ।

### ରାମବାଗ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

**ଯାଜପୁର ଟାଉନ,୨୦।୧୧(ଡି.ଏନ.ଏ.):** ଯାଜପୁର ତଳିହା ପଞ୍ଚାୟତ ଅଧୀନ ରାମବାଗ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ବାଳିକା ଓ ଯୁକ୍ତ ୩ର ଦୁଇ ଅଧାପକ ନିର୍ମଳ ସାହୁ(ରାଜନୀତି ବିଜ୍ଞାନ) ଏବଂ ଅଧାପିକା ନିକିତା ଦାସ (ଶିକ୍ଷା) ସହଯୋଗ କରିଥିଲେ। ରବି ପୁହାଣଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସରୋଜ କୁମାର ଦାସ ଯୋଗଦାନ କରିଥିଲେ। ଗଦାଧର ମିଶ୍ର ବିବରଣୀ ଉପସ୍ଥାପନା କରିଥିବା ବେଳେ ଜ୍ୟେଷ୍ଠାରାଣୀ, ଜୟସ୍ମିତା ସାହୁ, ସରୋଜ କୁମାର ଦାଶ, ରବୀନ୍ଦ୍ର କୁମାର ପାଣି, ଜ୍ୟୋତି ରଞ୍ଜନ ପୁହାଣ, ସନ୍ତୋଷ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଛାତ୍ରୀମାନଙ୍କୁ ଉତ୍ସାହିତ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଚିରସ୍ରୋତା ହେବ ଖରସ୍ରୋତା

- ମୂଳ ଖରସ୍ରୋତାର ସ୍ଲୁଇସ୍ ଗେଟ୍ ସ୍ଥଳ ପରିଦର୍ଶନ କଲେ ବିଧାୟକ, ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପ୍ରତିନିଧିଦଳ

**ରସୁଲପୁର,୨୦।୧୧(ଡି.ଏନ.ଏ.)**



ବିଧାୟକ ଅଶୋକ ବଳ ଓ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପ୍ରତିନିଧିଦଳ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ରସୁଲପୁର ବ୍ଲକ୍ ଅଧୀନ ୭ ପଞ୍ଚାୟତ ଯଥା ; ଭୋଟକା, ଗନ୍ଧଣ, ବଡ଼କଇଞ୍ଚ, ରସୁଲପୁର, ରାହାମ୍ବା, ଟିକରପଡ଼ା ଓ ନଠୁଆବରର ଜୀବନରେଖା କୁହାଯାଉଥିବା ମୂଳ ଖରସ୍ରୋତା ପୁଣି ଜିଇଁବା ସମ୍ଭାବନା ଦେଖାଦେଇଛି। ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ମରିଯାଇଥିବା ମୂଳ ଖରସ୍ରୋତାରେ ନଦୀଜଳ ପ୍ରବାହିତ ହେବ ବୋଲି ଜଣାପଡ଼ିଛି। ଏହି ବ୍ଲକର ଟିକରପଡ଼ାଠାରେ ଏକ ସ୍ଲୁଇସ୍ ଗେଟ ନିର୍ମାଣ ନେଇ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପ୍ରତିନିଧି ଦଳ ପକ୍ଷରୁ ମିଳିଥିବା ସବୁଜ ସଂକେତରୁ ଏହା ସ୍ପଷ୍ଟ ହୋଇଛି। କୋରେଇ ବିଧାୟକ ଅଶୋକ କୁମାର ବଳ, ଜଳସମ୍ପଦ ଓ ଡ୍ରେନେଜ ବିଭଗର ଏକ କ୍ଷେତ୍ର ପରିଦର୍ଶନକାରୀ ପ୍ରତିନିଧି ଦଳ ପକ୍ଷରୁ ଏଭଳି ସଂକେତ ମିଳିଛି। ଉକ୍ତ ସୂଚନା ପାଇ ଖରସ୍ରୋତା ପୁନରୁଦ୍ଧାର ସମିତି, ନଦୀ ଅବବାହିକାରେ ଅବସ୍ଥିତ ଜନ ପ୍ରତିନିଧି, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଖୁସି ପ୍ରକଟିତ ହୋଇଛି।

ରବିବାର ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟଯନ୍ତ୍ରୀ (ଯୋଜନା) ସାଗର ମହାନ୍ତି, ମୁଖ୍ୟଯନ୍ତ୍ରୀ (ଡିଜାଇନ) ଲିଙ୍ଗରାଜ ଗୌଡ଼, ମୁଖ୍ୟଯନ୍ତ୍ରୀ (ମହାନଦୀ ବ୍ରାହ୍ମଣୀ ବୈତରଣୀ ସିଷ୍ଟମ) ବିଜୟ କୁମାର ସାମଲ, ମୁଖ୍ୟଯନ୍ତ୍ରୀ (ଡ୍ରେନେଜ୍) ବେଲେଶ୍ୱର ସାହୁ, ଅଧୀକ୍ଷଣ ଯନ୍ତ୍ରୀ ଦିଲୀପ ନନ୍ଦନ ମହାପାତ୍ର, ଚଣ୍ଡିଖୋଲ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଧନେଶ୍ୱର ସାମଲ, ଜାରକା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ, ସବ୍ୟ ସଚିନ ବିଶ୍ୱାଳ ଓ ଉପଖଣ୍ଡ ଅଧିକାରୀ (ଡ୍ରେନେଜ) ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତସ୍ଥାନରେ ବିଧାୟକ ବଳ, ଖରସ୍ରୋତା ପୁନରୁଦ୍ଧାର ସମିତି ସଭାପତି ବେଣୁଧର ଦୋବାଇ, କୈଳାସ ଚନ୍ଦ୍ର ନାୟକ, ଲକ୍ଷ୍ମଣ ରାଉତ, ସୁଧାଂଶୁ ମିଶ୍ର, ବିଶ୍ୱଜିତ୍ ମହାନ୍ତି, ଗୋପୀନାଥ ପତି, ସରପଞ୍ଚ ଅଶୋକ କୁମାର ମଲିକ, ବିଶ୍ୱମ୍ଭର ଖୁଣ୍ଟିଆ, ଦେବୀ ପ୍ରସନ୍ନ ନାୟକ, ଅନନ୍ତ ପୁହାଣ, ଶ୍ରୀଧର ବିଶ୍ୱାଳ, ପ୍ରକାଶ ସାହୁ, ଯୁବନେତା ପ୍ରକାଶ ନାୟକ, ବିଜୟ ଘଡ଼ାଇ ପ୍ରମୁଖ ଉପସ୍ଥିତ ରହି ସ୍ଲୁଇସ୍ ଗେଟ ନିର୍ମାଣକୁ ନେଇ ରହିଆସୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

୧୩ କି.ମି ନଦୀରେ ରହିଥିବା ୮ ପୋଲର ସୁରକ୍ଷା ସମ୍ପର୍କରେ ବିଭିନ୍ନ ବିଭାଗ ସହ ବିଧାୟକ ଆଲୋଚନା କରିବେ ବୋଲି କହିଥିଲେ। ଜଳସମ୍ପଦ ବିଭାଗ ପକ୍ଷରୁ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ବିଧାୟକଙ୍କ ସହ ଏକ ବୈଠକ ଜରିଆରେ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଅଧିକାରୀମାନେ ମୂଳ ଖରସ୍ରୋତାର ତଳମୁଣ୍ଡ ନଦୀର ବେସିନ ଓ ଉପରମୁଣ୍ଡ ନଦୀ ଶଯ୍ୟା ପରଖିବା ସହ ଏନେଇ ରହିଥିବା ନଦୀ ମାନଚିତ୍ର ଯାଞ୍ଚ କରିଥିଲେ। ପରେ ମୂଳ ଖରସ୍ରୋତାର ତଳମୁଣ୍ଡରେ ଥିବା ସ୍ଲୁଇସ୍ ଗେଟ ସ୍ଥଳ ପରିଦର୍ଶନ କରିଥିଲେ। ୨୦୧୪ରୁ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ଟିକରପଡ଼ାଠାରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରିବାକୁ ଦାବି ହୋଇଆସୁଛି। ଏନେଇ ସମିତି ପକ୍ଷରୁ ହାଇକୋର୍ଟ ବିଚାରପତି, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, କୋରେଇ ଓ ଧର୍ମଶାଳା ବିଧାୟକଙ୍କ ନିକଟରେ ଦାବି ଉପସ୍ଥାପନ ହୋଇଛି। ଏହାଛଡ଼ା ସମିତି ପକ୍ଷରୁ ନଦୀ ଅବବାହିକାରେ ଅବସ୍ଥିତ ପଞ୍ଚାୟତରେ ପଦଯାତ୍ରା କରାଯାଇଛି। ଅକ୍ଟୋବରରେ କୋରେଇ ବିଧାୟକ ଜଳ ସମ୍ପଦ ସଚିବ, ଉନ୍ନୟନ କମିଶନରଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ପ୍ରତ୍ୟେକ ମାସ ୩୦ରେ ପଦଯାତ୍ରୀ ବିଭିନ୍ନ ଗ୍ରାମ ପରିକ୍ରମା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରସୁଲପୁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି। ଦାବି ମୁତାବକ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ବାରମ୍ବାର କ୍ଷେତ୍ର ସର୍ବେକ୍ଷଣ କରାଯାଉଛି।

## ଜାତୀୟ ଖଣି ଉଦ୍ଧାର ପ୍ରତିଯୋଗିତାରେ ଇମ୍ପା ପୁରସ୍କୃତ

**କାଳିଆପାଣି,୨୦।୧୧(ଡି.ଏନ.ଏ.)**

କେନ୍ଦ୍ର ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରାଜସ୍ଥାନର ରାଜପୁରା ଦରିବା କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ୫୧ତମ ଜାତୀୟ ଖଣି ଉଦ୍ଧାର ପ୍ରତିଯୋଗିତାରେ ଇମ୍ପାର ମହାଗିରି ଭୂତଳ ଖଣି ସାମଗ୍ରିକ ପ୍ରତିଯୋଗିତା ଥିଓରୀ ପରୀକ୍ଷା, ବୈଧାନିକ ପରୀକ୍ଷା, ଉଦ୍ଧାର ଏବଂ ସୁସ୍ଥତା ଆଦି ପରୀକ୍ଷାରେ ପୁରସ୍କୃତ ହୋଇଛି। ଏହି ପ୍ରତିଯୋଗିତାରେ ଦେଶର ୧୮ଟି ଖଣିର ୨୨ଟି ଦଳ ଅଂଶଗ୍ରହଣ କରିଥିଲେ। ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ଓଡ଼ିଶାରୁ ଇମ୍ପାର ମହାଗିରି ଭୂତଳ ଖଣି ଏକମାତ୍ର ପ୍ରତିଯୋଗୀ ଭାବେ ଯୋଗ ଦେଇଥିଲା। ଖଣିରେ ଦୁର୍ଘଟଣା ଘଟିଲେ କିପରି ଉଦ୍ଧାର କରାଯିବ ସେ ସମ୍ବନ୍ଧରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହାର ଉଦ୍‌ଘାଟନୀ ଉତ୍ସବରେ ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଭାତ କୁମାର, ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ କ୍ରିଷ୍ଣେନ୍ଦୁ ମଣ୍ଡଳ ଅତିଥି ଭାବେ ଯୋଗ ଦେଇଥିଲେ। ଇମ୍ପା ତରଫରୁ ସୁରକ୍ଷା ବିଭାଗ ମୁଖ୍ୟ କମଳଲୋଚନ ମିଶ୍ରଙ୍କ ଉଦ୍ଧାରକାରୀ ଦଳ ଭାଗ ନେଇଥିଲେ।

## ଗଦାଧରଙ୍କ ଚିକିତ୍ସାରେ ଅର୍ଥ ବାଧକ

**ଝୁମ୍ପୁରୀ, ୨୦।୧୧ (ଡି.ଏନ୍.ଏ.)**

- ମିଳୁନି ଦିବ୍ୟାଙ୍ଗ ଭତ୍ତା
- ଭଙ୍ଗା ଚାଳଘରେ ପରିବାର

କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାରେ ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ଅନେକ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଫଳରେ ସେମାନେ ଚିକିତ୍ସା ସୁବିଧା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ୍ ଅନ୍ତର୍ଗତ ବିରିପଟା ପଞ୍ଚାୟତ ବରେଇ ଗ୍ରାମର ଗଦାଧର ଦାସ(୬୪)ଙ୍କ କ୍ଷେତ୍ରରେ। ସ୍ତ୍ରୀ ଓ ପୁଅ ଝିଅଙ୍କୁ ନେଇ ଗଦାଧରଙ୍କ ପରିବାର। ପରିବାରର ଏକମାତ୍ର ରୋଜଗାରକ୍ଷମ ଗଦାଧର ଭୁବନେଶ୍ୱରର ଏକ ଘରୋଇ ସିକ୍ୟୁରିଟି ସଂସ୍ଥାରେ ସିକ୍ୟୁରିଟି ଗାର୍ଡଭାବେ କାର୍ଯ୍ୟ କରୁଥିଲେ। ତେବେ ହଠାତ୍ ତାଙ୍କର ହୃଦ୍‌ଘାତ ହୋଇଥିଲା। ତେଣୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ଅପରେସନ୍ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ଗଦାଧରଙ୍କ ନିକଟରେ ଅର୍ଥ ଅଭାବରୁ ଅପରେସନ୍ ସମ୍ଭବ ହୋଇ ପାରୁନାହିଁ। ଫଳରେ ସେ ଏବେ ନିଜ ଭାଗ୍ୟକୁ ଆଦରି ରୋଗ ଶଯ୍ୟାରେ ମୁମୂର୍ଷୁ ଅବସ୍ଥାରେ ଘରେ ପଡ଼ିରହିଛନ୍ତି। ମାସିକ ଔଷଧ ଖାଇବାକୁ ମଧ୍ୟ ତାଙ୍କ ପାଖରେ ଟଙ୍କା ନାହିଁ। ଗଦାଧରଙ୍କ ପରିବାର ଏଭଳି ଦୁଃଖରେ ରହିଥିଲେ ମଧ୍ୟ ତାଙ୍କୁ ପ୍ରଶାସନ ତରଫରୁ କୌଣସି ସହାୟତା ଯୋଗାଇ ଦିଆଯାଇନାହିଁ। ଏହି ଗରିବ ପରିବାର ଭଙ୍ଗା ଚାଳ ଘରେ ଦିନ କାଟୁଛନ୍ତି। ବାରମ୍ବାର ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ତାହା ତାଙ୍କୁ ମିଳି ପାରୁନାହିଁ। ତେଣୁ ଗଦାଧରଙ୍କ ପରିବାର ପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ତାଙ୍କ ସ୍ତ୍ରୀ ନିବେଦନ କରିଛନ୍ତି।



ଗଦାଧର ଦାସ

# ଧର୍ମଶାଳା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ




ପ୍ରେସ୍ କ୍ଲବ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

**ଧର୍ମଶାଳା,୨୦।୧୧(ଡି.ଏନ.ଏ.)**

ଯାଜପୁର ଜିଲାର ଅଗ୍ରଣୀ ସାମ୍ବାଦିକ ସଙ୍ଗଠନ ଧର୍ମଶାଳା ପ୍ରେସ୍‌କ୍ଲବ୍‌ର ସାଧାରଣ ପରିଷଦ ବୈଠକ ଜାରକାସ୍ଥିତ ପ୍ରେସ୍‌କ୍ଲବ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ଯୋଗଦେଇ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିରେ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ପ୍ରେସ୍‌କ୍ଲବର ବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। କ୍ଲବ୍ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏଥିସହ କ୍ଲବର ବାର୍ଷିକ ମୁଖପତ୍ର 'ପ୍ରହରୀ' ପ୍ରକାଶନ ପାଇଁ ସହସମ୍ପାଦନା ମଣ୍ଡଳୀ ଗଠନ କରାଯାଇଥିଲା। କ୍ଲବ୍ ସଭାପତି ଓ ସମ୍ପାଦକଙ୍କ ସମେତ ସମ୍ପାଦନା ମଣ୍ଡଳୀରେ କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସହସମ୍ପାଦକ ମାନସ ରଞ୍ଜନ ଜେନା, ବରିଷ୍ଠ ସଭ୍ୟ ବିବେକାନନ୍ଦ ରାୟ ଓ ସଂଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତଙ୍କୁ ମନୋନୀତ କରାଯାଇଥିଲା। ଜାନୁୟାରୀ ୨୩ରେ ଦିବଂଗତ ସଭାପତି ନରହରି ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ପଡୁଥିବାରୁ ପ୍ରେସ୍‌କ୍ଲବ କାର୍ଯ୍ୟାଳୟ ପରିସରରେ ତାଙ୍କ ଶ୍ରାଦ୍ଧୋତ୍ସବକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଉପସଭାପତି ଗୁଲାମ ଗସ, ସୀତାକାନ୍ତ ସାମଲ, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, ବରିଷ୍ଠ ସଭ୍ୟ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ବିକ୍ରମ କେଶରୀ ମହାନ୍ତି, ଅକ୍ଷୟ କୁମାର ରାଉତ, ଅନିଲ କୁମାର ନାୟକ, ଗିରିଧାରୀ ବେହେରା, ସୁବ୍ରତ ଜେନା, ବିନୋଦ ପରିଡ଼ା, କିଶୋର ରାଉତ ଓ ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ ଧନ୍ୟବାଦ ଦେଇଥିଲେ।

## ଇନ୍ଦିରା ଗାନ୍ଧୀ ଜୟନ୍ତୀ ପାଳିତ

**ଯାଜପୁର ଟାଉନ,୨୦।୧୧(ଡି.ଏନ.ଏ.)**

ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଇନ୍ଦିରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ନେତା ଦିଗମ୍ବର କର ଯୋଗଦେଇ ଇନ୍ଦିରା ବାଲାଂଦେଶ ସ୍ୱାଧୀନତା କ୍ଷେତ୍ରରେ ଆମେରିକାର ବିରୋଧକୁ ଖାତିର ନ କରି ଭାରତୀୟ ସେନା ପଠାଇ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ନଗର ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ ଯୋଗଦେଇ ଇନ୍ଦିରାଙ୍କ ଗୁଣାବଳୀ ଆଲୋଚନା କରିବା ସହିତ ପ୍ରତ୍ୟେକ ନାଗରିକ ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ, ବାସଗୃହ ଓ ସ୍ୱାବଲମ୍ବି ହେବା କ୍ଷେତ୍ରରେ ଇନ୍ଦିରା ବିଧିବଧ ଯୋଜନା କରିଥିଲେ ବୋଲି ପ୍ରକାଶ କରିଥିଲେ। ଉତ୍ସବରେ ପୂର୍ଣ୍ଣଚନ୍ଦ୍ର ଜେନା, କନକଲତା ରାଉତ, ଦୁର୍ଯ୍ୟୋଧନ ବେହେରା, ହୃଷୀକେଶ ପତି, ରଘୁନାଥ ସାହୁ, ନକୁଳ ସାହୁ, ଅରଜିତ ନାୟକ, ସନ୍ତୋଷ ରାଉତ, ସନ୍ତୋଷ ସାହାଣୀ, ମହମ୍ମଦ ଅଧୁର, ମାନସ ରଞ୍ଜନ ପଣ୍ଡା, ଆଲୋକ ବେହେରା ଓ ବିଜୟ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ ଧନ୍ୟବାଦ ଦେଇଥିଲେ।

## ସମ୍ବର୍ଦ୍ଧନା ଉତ୍ସବ, କ୍ୟାସେଟ୍ ଉନ୍ମୋଚିତ



**ସିଂହପୁର,୨୦।୧୧(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ୍ ସିଂହପୁରସ୍ଥିତ ନବଘନ ମହନ୍ତ ମାୟାଧର ଓ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟ ମିଳିତ ଉଦ୍ୟମରେ ଶିଶୁ ଦିବସ ଅବସରରେ ଶିଶୁଙ୍କ ପାଇଁ ଏକ ସଙ୍ଗୀତ ପ୍ରସ୍ତୁତି କରାଯାଇଛି। ଏହି ଉପଲକ୍ଷେ ସମ୍ବର୍ଦ୍ଧନା ଉତ୍ସବ ଓ କ୍ୟାସେଟ୍ ଉନ୍ମୋଚନ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲିକ ଯୋଗଦେଇ କ୍ୟାସେଟ୍ ଉନ୍ମୋଚନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲିକଙ୍କ ନିର୍ଦ୍ଦେଶନାରେ କଳା ଶିକ୍ଷୟିତ୍ରୀ ଅରୁପମା ନାୟକ ଗୀତରେ କଣ୍ଠଦାନ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଗୀତ ରଚନା କରିଛନ୍ତି। ପରେ ପ୍ରଧାନଶିକ୍ଷକ ପ୍ରତାପ ପାତ୍ର, ଦିନେଶ ମଲିକ ଓ ଅରୁପମା ନାୟକଙ୍କୁ ଟ୍ରଫି ଏବଂ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଶିକ୍ଷକ ଜ୍ଞାନରଞ୍ଜନ ସାମଲ ଓ ମନୋରଞ୍ଜନ ବେଉରିଆ ଉପସ୍ଥିତ ରହି ସଯୋଗ କରିଥିଲେ।

# ହେଲ୍ପିଂ ହ୍ୟାଣ୍ଡ ସଦସ୍ୟଙ୍କ ରାହାସ ଯାତ୍ରା ପଡ଼ିଆ ସଫେଇ

**ରସୁଲପୁର,୨୦।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ପ୍ରସିଦ୍ଧ ହରିପୁର ରାହାସ ଯାତ୍ରା ପଡ଼ିଆକୁ ହେଲ୍ପିଂ ହ୍ୟାଣ୍ଡର ସଦସ୍ୟମାନେ ସଫେଇ କରିଛନ୍ତି। ଏହି ଯାତ୍ରା ଅବସରରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ଧରି ଜଗନ୍ନାଥ ମଠ ପରିସରରେ ଅପେରା ପରିବେଷଣ କରାଯାଇଥିଲା। ଫଳରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ପଡ଼ିଆରେ ବିଭିନ୍ନ ମନୋହରୀ, ଜଳଖିଆ, ଚାଟ୍, ଗୁପଚୁପ୍ ଦୋକାନ ଆଦି ଖୋଲିଥିବାରୁ ସେଠାରେ ଅଳିଆ ଆବର୍ଜନା ସହ ଅଇଁଠାପତ୍ର ଏଣେତେଣେ ପକାଯାଇଥିଲା। ମାତ୍ର ଯାତ୍ରା ସରିଯିବା ପରେ କମିଟି ପକ୍ଷରୁ ଆବର୍ଜନା ସଫା କରିବା ଦିଗରେ ପଦକ୍ଷେପ ନିଆଯାଇ ନ ଥିଲା। ତେଣୁ ହେଲ୍ପିଂ ହ୍ୟାଣ୍ଡର ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ସତ୍ୟରଞ୍ଜନ ସାହୁ, ଅଭିମନ୍ୟୁ ନାୟକ, ଅଶ୍ୱିନୀ ଦାସ, ଗୋପାଳ ସାମଲ, ଶ୍ରୀଧର ତ୍ରିପାଠୀ, ସୁଦର୍ଶନ ସାହୁ, ହିମାଂଶୁ ନାୟକ, ଦାମୋଦର ମହାରଣା, ନଣ୍ଡା ସାହୁ, ବୁଲୁ ସାହୁ, ସୁଶାନ୍ତ ସାହୁ ଓ ସୋନୁ ଓଝାଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ପଡ଼ିଆ ସଫେଇ କରିଥିଲେ। ଅନୁଷ୍ଠାନର ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ହେଲ୍ପିଂ ହ୍ୟାଣ୍ଡ ସଦସ୍ୟମାନେ ପଡ଼ିଆ ସଫେଇ କରୁଛନ୍ତି।

# ଚଣ୍ଡିଖୋଲକୁ ସବ୍‌ଡିଭିଜନ୍ ମାନ୍ୟତା ଦାବି

**ଚଣ୍ଡିଖୋଲ,୨୦।୧୧(ଡି.ଏନ୍.ଏ.)**

ଯାଜପୁର ଜିଲାର ଚଣ୍ଡିଖୋଲ ହେଉଛି ଏକ ପ୍ରମୁଖ ଛକ। ଏହି ଛକ ଦେଇ ୧୦ଟି ଜିଲାର ଜନସାଧାରଣ ଯାତାୟାତ କରିଥାନ୍ତି। ଏବେ ବରଗଡ଼ ଜିଲାର ପଦ୍ମପୁର ଉପନିର୍ବାଚନଥିବାରୁ ମୁଖ୍ୟମନ୍ତ୍ରୀ 'ପଦ୍ମପୁର ନାଗରିକ କ୍ରିୟାନୁଷ୍ଠାନ କମିଟି'କୁ ଜିଲା ଘୋଷଣା ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୨୦୨୩ ଡିସେମ୍ବର ୩୦ ସୁଦ୍ଧା ଏହା ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହିକ୍ରମରେ ବଡ଼ଚଣା ଭାରତୀୟ ଜନତା ପାର୍ଟି(ଭାଜପା) ତରଫରୁ ଚଣ୍ଡିଖୋଲକୁ ସବ୍‌ଡିଭିଜନ ମାନ୍ୟତା ଦାବି ହୋଇଛି। ଏନେଇ ରବିବାର ପାର୍ଟି ପକ୍ଷରୁ ଚଣ୍ଡିଖୋଲଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ନାଥ ଶାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମାକାନ୍ତ ରାଉତ, ଆଇନଜୀବୀ ଉଦୟନାଥ ସାହୁ, ପୂର୍ବତନ ଯାଜପୁର ଜିଲା ଭାଜପା ଉପସଭାପତି ଜ୍ଞାନ ରଞ୍ଜନ ସାହୁ, ଅନନ୍ତ କିଶୋର ଷେଣ୍ଠ, ପ୍ରଦୀପ କୁମାର ଧଳ, ନିହାର ସାମଲ ଓ ଅଖିଳ ମୋହନ ବଳ ପ୍ରମୁଖ ଯୋଗଦେଇ ଉପରୋକ୍ତ ଦାବି ଉପସ୍ଥାପନ କରିଛନ୍ତି।




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ଦାବି ଉପସ୍ଥାପନ କରୁଛନ୍ତି।

ସେମାନଙ୍କ ଦାବି ଅନୁଯାୟୀ, ଦାସ କମିଶନ୍ ଚଣ୍ଡିଖୋଲକୁ ଉତ୍ତର କଟକ ଜିଲା କରିବାକୁ ସୁପାରିସ କରିଥିଲେ। ହେଲେ ୧୯୯୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୩୦ଜିଲା ଘୋଷଣା କରିଥିବାବେଳେ ଚଣ୍ଡିଖୋଲକୁ ଜିଲା ମାନ୍ୟତା ମିଳି ନ ଥିଲା। ସେ ଅବିଭକ୍ତ କଟକ ଜିଲାର କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍ ଓ ଯାଜପୁର ସବ୍‌ଡିଭିଜନକୁ ନେଇ ଉତ୍ତର କଟକ ଜିଲା କରିବାକୁ ପ୍ରସ୍ତାବ ରଖିଥିଲେ, ମାତ୍ର ତାହା ହେଲାନାହିଁ। ୨୦୦୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ଚଣା ନିର୍ବାଚନମଣ୍ଡଳୀର ଚଣ୍ଡିଖୋଲ ନିକଟ ସୁଙ୍ଗୁଡ଼ାସ୍ଥିତ ଜନକଲ୍ୟାଣ ହାଇସ୍କୁଲକୁ ନିର୍ବାଚନୀ ପ୍ରଚାରରେ ଆସିଥିଲେ। ସେତେବେଳେ ସେ ଘୋଷଣା କରିଥିଲେ, କ୍ଷମତାକୁ ଆସିଲେ ଚଣ୍ଡିଖୋଲକୁ ସବଡିଭିଜନ୍‌ର ମାନ୍ୟତା ମିଳିବ। କିନ୍ତୁ ଦୁଃଖର କଥା ଇତି ମଧ୍ୟରେ ୧୮ ବର୍ଷ ବିତି ଯାଇଥିଲେ ମଧ୍ୟ ରାଜ୍ୟ ସରକାର ଚଣ୍ଡିଖୋଲକୁ ସବ୍‌ଡିଭିଜନ୍ ପ୍ରଦାନ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ବଡ଼ଚଣାର ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର ୨୦୦୬ରେ ବିଧାନସଭାରେ ଚଣ୍ଡିଖୋଲକୁ ସବ୍‌ଡିଭିଜନର ମାନ୍ୟତା ନେଇ ପ୍ରଶ୍ନ ଉଠାଇଥିଲେ। ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ଖୁବ୍‌ଶୀଘ୍ର ଚଣ୍ଡିଖୋଲକୁ ସବ୍‌ଡିଭିଜନର ମାନ୍ୟତା ମିଳିବ ବୋଲି ପ୍ରକାଶ କରିଥିଲେ। ଏହା ମଧ୍ୟରେ ନବୀନ ସରକାରଙ୍କ ୨୨ବର୍ଷ ପୁରିଥିଲେ ମଧ୍ୟ ତାହା ଘୋଷଣା ହୋଇପାରିଲା ନାହିଁ। ତେଣୁ ଚଣ୍ଡିଖୋଲକୁ ସବ୍‌ଡିଭିଜନର ମାନ୍ୟତା ପ୍ରଦାନ ସହିତ ଏଡିଜେ କୋର୍ଟ ଖୋଲିବା ଏବଂ ତୁରନ୍ତ ଏନ୍ଏସି କରିବାକୁ ବଡ଼ଚଣା ଭାଜପା କର୍ମକର୍ତ୍ତା ଦାବି ଉଠାଇଛନ୍ତି।

## ସଂକ୍ଷେପରେ

### ପ୍ରେମିକ ସହ ଫେରାର ମହିଳାଙ୍କ ପାଇଁ ମହଙ୍ଗା ପଡ଼ିଲା

**ନୟାଗଡ଼ ଅଫିସ,୨୦।୧୧:** ପର ପୁରୁଷ ସହ ଫେରାର ହେବା ପରେ ଇଟାମାଟି ଅଞ୍ଚଳର ଜଣେ ୨୫ ବର୍ଷୀୟା ବିବାହିତା ମହିଳା ହରଡ଼ ଘଣାରେ ପଡିଛନ୍ତି । ସ୍ୱାମୀ ଆଉ ତାଙ୍କୁ ଗ୍ରହଣ କରିବେନି ବୋଲି ରୋକ୍‌ଠୋକ୍ ମନା କରି ଦେଇଛି । ସେପଟେ ପ୍ରେମିକ ମଧ ତାଙ୍କୁ ବିବାହ କରି ପାରିବେନି ବୋଲି କହି ଥାନାରେ ଅଟକ ଅଛନ୍ତି । ଏଭଳି ସ୍ଥଳେ ସମ୍ପୃକ୍ତା ମହିଳା ସ୍ୱାମୀ ଓ ପ୍ରେମିକଙ୍କଠାରୁ ନିରାଶ ହୋଇ ନିଜ ବାପ ଘରକୁ ଫେରିଛନ୍ତି । ସେପଟେ ମା' ଦୋଷ ପାଇଁ ସମ୍ପୃକ୍ତା ମହିଳାଙ୍କ ଝିଅ ଓ ପୁଅ ଅଜା ଘରେ ଆଶ୍ରୟ ନେଇଛନ୍ତି । ଏ ସଂକ୍ରାନ୍ତରେ ଇଟାମାଟି ଥାନା ପୋଲିସ ଏକ ମାମଲା(ନଂ.୨୭୭/୨୨) ରୁଜୁ କରି ତେନ୍ତୁଳିଆପଲ୍ଲୀ ଗାଁର ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ରବିବାର ଡାକ୍ତରୀ ମାଇନା କରିଛି । ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି ।

### ଘର ଗ୍ରୀଲ୍ ଉପାଡ଼ି ନେଲେ ଦୁର୍ବୃତ୍ତ

**ଜି.ଉଦୟଗିରି,୨୦।୧୧(ଡି.ଏନ୍.ଏ.):** କିଛି ମାସର ବ୍ୟବଧାନ ପରେ ପୁଣି ଜି.ଉଦୟଗିରି ସହରରେ ଚୋର ଉପଦ୍ରବ ବୃଦ୍ଧି ପାଇଛି। ଶନିବାର ଶ୍ରୀରାମ ପଦାଠାରେ ନୂତନ ଭାବେ ନିର୍ମିତ ଏକ ସରକାରୀ ବାସଗୃହରେ ଠିକାଦାର ଏକ ବଡ଼ ଲୁହା ଗ୍ରୀଲ ଲଗାଇ ଆସିଥିଲେ। କିନ୍ତୁ ରବିବାର ସକାଳୁ ଦେଖିଲା ବେଳେ ସେହି ଗ୍ରୀଲ କିଏ ତାଡି ନେଇଯାଇଛି। ତା' ସହ କଟର ମେଶିନ ଓ ଶାବଳ ମଧ ଚୋରି ହୋଇଯାଇଛି। ଏତେ ବଡ଼ ଲୁହା ଗ୍ରୀଲ ଚୋରି ହେବା ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠୁଛି। ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଛି ବୋଲି ଠିକାଦାର କହିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ଅଗ୍ନି ନିରାପତ୍ତା ସଚେତନତା, ମକ୍‌ଡ୍ରିଲ

**ବୁଗୁଡା,୨୦।୧୧(ଡି.ଏନ.ଏ.):** ବୁଗୁଡା ଅଗ୍ନିଶମ ବିଭଗ ପକ୍ଷରୁ ସ୍ଥାନୀୟ ଶୋଭନୀୟ ପବ୍ଲିକ ସ୍କୁଲ୍ ପରିସରରେ ଅଗ୍ନି ନିରାପତ୍ତା ସଚେତନତା ଓ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ କେନ୍ଦ୍ରର ଅଧିକାରୀ ସଞ୍ଜୟ କୁମାର ରାଉତଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ଗ୍ୟାସର ବ୍ୟବହାର ପ୍ରଣାଳୀ ଓ କିପରି ଲିଭାଇବା, ନିଆଁ ଲାଗିଲେ କିପରି ଲିଭାଇବା ଓ ନିରାପଦରେ ଉଦ୍ଧାର କରିବା ପ୍ରଣାଳୀ ବିଷୟରେ ସଚେତନ କରାଇବା ସହ ପ୍ରତ୍ୟକ୍ଷ ଭାବେ ପରୀକ୍ଷାମୂଳକ ସହ ଦେଖାଇଥିଲେ। ଏଥିରେ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସଂଜୟ କୁମାର ରାଉତଙ୍କ ପ୍ରମୁଖ ଭାଗ ନେଇ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୋଭନୀୟ ପବ୍ଲିକ ସ୍କୁଲର ଅଧକ୍ଷା ସୁକନ୍ୟା ଦାଶ ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ମାନଙ୍କ ସମେତ ୨୫୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବାଲି ଚାଲାଣ, ଜରିମାନା ଆଦାୟ

**ଆର.ଉଦୟଗିରି, ୨୦।୧୧ (ଡି.ଏନ.ଏ.):** ଆର.ଉଦୟଗିରି ଭାରପ୍ରାପ୍ତ ତହସିଲଦାର ଲରିମନ ଖର୍ସେଲ ଦାୟିତ୍ୱ ନେବା ପରେ ଅଞ୍ଚଳରେ ବାଲି ଚୋରା ଚାଲାଣ ରୋକିବାକୁ ଗୁରୁତ୍ୱ ଦେଉଛନ୍ତି। ଶନିବାର ଆର.ଉଦୟଗିରି ମୁଖ୍ୟ ରାସ୍ତା ଦେଇ ଯାଉଥିବା ୩ ବାଲି ବୋଝେଇ ଗାଡିକୁ ଅଟକାଇଥିଲେ। ବେଆଇନ ଭାବେ ବାଲି ଚାଲାଣ କରାଯାଉଥିବା ଜାଣିବା ପରେ ଭାରପ୍ରାପ୍ତ ତହସିଲଦାର ଖର୍ସେଲ ସରକାରୀ ଗାଡି ପିଛା ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରିଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

**ଗୋପାଳପୁର,୨୦।୧୧(ଡି.ଏନ୍.ଏ.)-** ଗୋଳନ୍ଥରା ଥାନା ଅଞ୍ଚଳ ୧୬ନଂ. ଜାତୀୟ ରାଜପଥରେ ଶନିବାର ବିଳମ୍ବିତ ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋରଳ ଗ୍ରାମର ଲକ୍ଷ୍ମଣ ବେହେରା (୫୦)। ଏହି ଥାନା ଅଧୀନ ସୋରଳ ଗ୍ରାମର ଲକ୍ଷ୍ମଣ ରାତିରେ ୧୬ ନଂ. ଜାତୀୟ ରାଜପଥ ଦେଇ ଗ୍ରାମକୁ ଫେରୁଥିବା ବେଳେ ରଣ୍ଡା ଗ୍ରାମ ନିକଟ ଅମିତ ହସ୍ପିଟାଲ ନିକଟରେ ଲକ୍ଷ୍ମଣଙ୍କୁ ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ଲକ୍ଷ୍ମଣ ଗୁରୁତର ଆହତ ହୋଇ ପଡିଥିଲେ। ଏହି ସମୟରେ ଜଣେ ପଥଚାରୀ ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଲକ୍ଷ୍ମଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଗୋଳନ୍ଥରା ପୋଲିସ ନଂ.୪୨୨/୨୨ରେ ଦୁର୍ଘଟଣା ମାମଲା ରୁଜୁ କରିଛି।

# ମେଗା ପାନୀୟ ଜଳ ପ୍ରକଳ୍ପ ଖର୍ଚ୍ଚ ବଢ଼ିଲା

## ୧୬୭୭ କୋଟିର ଟେଣ୍ଡର ଆହ୍ୱାନ, ୧୧ ବ୍ଲକ ୨ ଏନ୍ଏସିକୁ ପାଣି ଯୋଗାଣ ହେବ

**ଭଞ୍ଜନଗର,୨୦।୧୧(ଡି.ଏନ.ଏ.)**

ରାଜ୍ୟର ସମସ୍ତ ଘରକୁ ୨୦୨୪ ଡିସେମ୍ବର ସୁଦ୍ଧା ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ୟ ରଖିଛନ୍ତି । ଏହି କ୍ରମରେ ଗଞ୍ଜାମ ଜିଲା ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ପକ୍ଷରୁ ୧୧ଟି ବ୍ଲକ ଏବଂ ୨ଟି ଏନଏସିକୁ ମେଗା ପ୍ରକଳ୍ପ ମାଧ୍ୟମରେ ପାଣି ଯୋଗାଣ କରାଯିବ। ନୟାଗଡ଼ ଜିଲା ଗଣିଆ ନିକଟସ୍ଥ ମହାନଦୀରୁ ପାଇପ ଯୋଗେ ପାଣି ଆଣିବା ଯୋଜନା ଅଛି ।

ପ୍ରଥମେ ଗତ ମେ ୧୧ରେ ୧୧ଟି ବ୍ଲକ ପାଇଁ ୧୮୦୭ କୋଟି ୪ଲକ୍ଷ ୩୦ ହଜାର ୩୦୬ ଟଙ୍କା ଅନୁମୋଦନ ହୋଇଥିଲା। କିନ୍ତୁ ବୁଗୁଡ଼ା ଓ ବେଲଗୁଣ୍ଠା ଏନଏସି ସମେତ ପୂର୍ବରୁ ବାଦ୍ ଦିଆଯାଇଥିବା କବିସୂର୍ଯ୍ୟନଗର ବ୍ଲକର କିଛି ଅଂଶ, ବେଗୁନିଆପଡ଼ା ବ୍ଲକର ଆଉ କିଛି ଅଶଂକୁ ଉକ୍ତ ଯୋଜନାରେ ସାମିଲ କରାଯିବା ପରେ ପ୍ରକଳ୍ପ ଖର୍ଚ୍ଚ ୧୯ଶହ ୭୩ କୋଟି ୮ ଲକ୍ଷ ୪୮ ହଜାର ୭୯୧ ଟଙ୍କା ୪୦ ପଇସାକୁ ବୃଦ୍ଧି ପାଇଛି। ଇତିମଧ୍ୟରେ ଉକ୍ତ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବାକୁ ଥିବା ୧୬ଶହ ୭୭ କୋଟି ୬୮ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । ବଳକା ଅର୍ଥ ଜମି ଅଧିଗ୍ରହଣ ସମେତ ଅନ୍ୟାନ୍ୟ ବାବଦକୁ ଖର୍ଚ୍ଚ ହେବା ଅନୁମାନ କରାଯାଉଛି । ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଟେଣ୍ଡର ପେପର ପକାଇବା ବ୍ୟବସ୍ଥା ଚାଲିଛି। ଟେଣ୍ଡର ପ୍ରକ୍ରିୟା ସରିବା ପରେ କାମ ଆରମ୍ଭ ହେବ। ଠିକାଦାର ୫ବର୍ଷ ପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପର ତଦାରଖ କରିବେ। ଉକ୍ତ ମେଗା ପ୍ରକଳ୍ପର ସୁବିଧା ଭଞ୍ଜନଗର ବ୍ଲକ, ବେଲଗୁଣ୍ଠା ବ୍ଲକ ଓ ଏନଏସି, ସୋରଡ଼ା, ବୁଗୁଡ଼ା ବ୍ଲକ ଓ ଏନଏସି, ଜଗନ୍ନାଥପ୍ରସାଦ, ଆସିକା, ବେଗୁନିଆପଡ଼ା, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ପୋଲସରା ଓ ଧରାକୋଟ ବ୍ଲକ ଅଚଂଳ ବାସିନ୍ଦା ପାଇବେ। ଉକ୍ତ ୧୧ ବ୍ଲକରେ ୭୦୩ଟି ଗ୍ରାମ ଥିବା ବେଳେ ସେଥିମଧ୍ୟରେ ୩ଲକ୍ଷ ୨୮ ହଜାର ୫୭୨ ଘର ଅଛି। ବର୍ତ୍ତମାନ ୧ଲକ୍ଷ ୬୦ ହଜାର ୫୨୯ ଘରକୁ ପାଇପ ଯୋଗେ ପାଣି ଯୋଗାଣ ହେଉଛି । ମେଗା ପ୍ରକଳ୍ପରେ ସମସ୍ତ ଘରକୁ ପାଣି ଯୋଗାଣ ହେବ । ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ସେବା ନାହିଁ ସେଠାରେ ସୋଲାର ମାଧ୍ୟମରେ ପାଣି ଯୋଗାଣ ହେବ। ଦୁଇ ଏନଏସିର ସମସ୍ତ ଘରକୁ ବର୍ତମାନ ପାନୀୟ ଜଳ ଯୋଗାଣ କାର୍ଯ୍ୟ ସରିଛି । କିନ୍ତୁ ଉକ୍ତ ଦୁଇ ଏନଏସିରେ ପାଣିର ଉତ୍ସ ଠିକ୍ ନଥିବା ଯୋଗୁ ଆଗାମୀ ଦିନରେ ମେଗା ପ୍ରକଳ୍ପ ମାଧ୍ୟମରେ ପାଣି ଯୋଗାଣ ହେବ । ବେଲଗୁଣ୍ଠା ବ୍ଲକ ବଜ୍ରଗଡ଼, ପଥରା ଭଳି ଅନେକ ଗ୍ରାମରେ ବର୍ତ୍ତମାନ ପାନୀୟ ଜଳ ସମସ୍ୟା ରହିଛି । ଏହାର ବିକଳ୍ପ ବ୍ୟବସ୍ଥା ବିଭାଗ କରିପାରୁନାହିଁ। ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହୋଇପାରିବ, ସେଥିପାଇଁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଡାକି ବାରମ୍ବାର ଆଲୋଚନା କରିଛନ୍ତି। ଅପରପକ୍ଷେ ଗଣିଆର ଯେଉଁ ସ୍ଥାନରୁ ପାଣି ଆଣିବା ଯୋଜନା ଥିଲା ଉକ୍ତ ଅଞ୍ଚଳରେ କୁମ୍ଭୀର ବାସ କରନ୍ତି । ସେଠାରୁ ପାଣି ଆଣିଲେ ପମ୍ପ ଶବ୍ଦରେ କୁମ୍ଭୀର ବିପଦରେ ପଡ଼ିବା ଆଶଙ୍କା ରହିଛି । ଫଳରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନଜିଟି) ଆପତ୍ତି ଅଭିଯୋଗ କରିବାର ସମ୍ଭାବନା ଥିଲା । ତେଣୁ ନୂତନ ସ୍ଥାନ ଚିହ୍ନଟ ପାଇଁ ପୁଣି ସମୟ ଲାଗିଥିଲା। ଅଧିକ୍ଷଣଯନ୍ତ୍ରୀ ସରୋଜ କୁମାର କର, ବନ ବିଭାଗ ଏବଂ ଜଳ ସମ୍ପଦ ବିଭାଗ ଅଧିକାରୀ ବାରମ୍ବାର ଗଣିଆ ଅଚଂଳ ପରିଦର୍ଶନ କରି ପାଣି ଉଠାଇବାର ନୂତନ ସ୍ଥାନ ଚିହ୍ନଟ କରାଯାଇଥିଲା । ପୂର୍ବରୁ କବିସୁର୍ଯ୍ୟନଗର ଏବଂ ବେଗୁନିଆପଡ଼ାର କିଛି ଅଚଂଳକୁ ମେଗା ପ୍ରକଳ୍ପରୁ ବାଦ୍ ଦିଆଯାଇଥିଲା । ଉକ୍ତ ଅଚଂଳକୁ ସାଳିଆ ଡ୍ୟାମରୁ ପାଣି ଆଣି ଦେବାର ଯୋଜନା ଥିଲା । କିନ୍ତୁ ସାଳିଆ ଡ୍ୟାମରୁ ଖୋର୍ଦ୍ଧା ଜିଲା ସମେତ ଖଲିକୋଟ ଅଚଂଳକୁ ପାଣି ଯୋଗାଣ ହେଉଛି । ତେଣୁ ସେଠାରେ ପାଣି ଭବିଷ୍ୟତରେ ଅଭାବ ପଡ଼ିପାରେ । ଏହାକୁ ଆଖି ଆଗରେ ରଖି ଭଞ୍ଜନଗର ମେଗା ପ୍ରକଳ୍ପରେ ଉକ୍ତ ଦୁଇ ବ୍ଲକର ବଳକା ଅଞ୍ଚଳକୁ ମଧ୍ୟ ସାମିଲ କରାଯାଇଥିଲା । ତେଣୁ ଟେଣ୍ଡର ଆହ୍ୱାନରେ ବିଳମ୍ବ ସହ ଖର୍ଚ୍ଚ ପରିମାଣ ବଢ଼ିଥିଲା । ଗଣିଆର ମୁଖ୍ୟ ପମ୍ପ ହାଇସ, କ୍ୱାଟର ସମେତ ପ୍ରମୁଖ ବାବଦକୁ ୩୧୪ କୋଟି ୩୧ଲକ୍ଷ ୮୩ ହଜାର ୮୪୨ଟଙ୍କା ଖର୍ଚ୍ଚ ଯୋଜନା ଅଛି । ଏଥିସହ ୱାଟର ଟ୍ରିଟମେଟ୍ ପ୍ଲାଟ୍ଂ ବାବଦକୁ ୧୧୭ କୋଟି ୬ଲକ୍ଷ ୩୮ ହଜାର ୪୭୬ ଟଙ୍କା, ପାଇପ ବିଛା ବାବଦକୁ ୯୫୬ କୋଟି ୧୨ଲକ୍ଷ ୯୨ ହଜାର ୨୭ଟଙ୍କା, ପାଣି ଟାଙ୍କି (ଇଏସ୍ଆର) ପାଇଁ ୧୨୮ କୋଟି ୪୭ ଲକ୍ଷ ୨୫ ହଜାର ୨୨୫ଟଙ୍କା, ବିଦ୍ୟୁତ୍ ପାଇଁ ୩୯୮ କୋଟି ୨୦ଲକ୍ଷ ୯୬୭ଟଙ୍କା, ଘରୋଇ ପାଇପ ସଂଯୋଗ ପାଇଁ ୩୧ କୋଟି ୪୨ଲକ୍ଷ ୨୮ ହଜାର ୨ଶହ ଟଙ୍କା, ୫ବର୍ଷ ପରିଚାଳନା ପାଇଁ ୧୦୪ କୋଟି ୫୬ଲକ୍ଷ ୫୪ହଜାର ୮୪୫ଟଙ୍କା, ଜମି ଅଧିଗ୍ରହଣ ପାଇଁ ୨୫ କୋଟି, ସୋଲାର ପାୱାର ପ୍ଲାଣ୍ଟ ପାଇଁ ୧୩ କୋଟି ୨୭ଲକ୍ଷ ୭୮ ହଜାର ୨ଶହ ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି । ଏନେଇ ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଅଧିକ୍ଷଣଯନ୍ତ୍ରୀ ସରୋଜ କୁମାର କରଙ୍କୁ ଯୋଗାଯୋଗ କରିବାରେ, ବର୍ତ୍ତମାନ ମେଗା ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଛି । ସରକାରଙ୍କ ଯୋଜନା ଲୋକଙ୍କ ପାଖରେ କିଭଳି ତୁରନ୍ତ ପହଞ୍ଚିପାରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି ।


ଗଣିଆରେ ଅଧୀକ୍ଷଣଯନ୍ତ୍ରୀ ମେଗା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

### ବାଇକ୍‌କୁ ଧକ୍କା ଦେଲା କାର୍: ଦମ୍ପତି ଆହତ

**ପୁରୁଷୋତ୍ତମପୁର, ୨୦।୧୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମରଡା କଲେଜ ସମ୍ମୁଖରେ ରବିବାର ଏକ ଦୁର୍ଘଟଣା ଘଟିଛି। ବାଇକ୍‌ରେ ଯାଉଥିବା ଦମ୍ପତିଙ୍କୁ ଏକ କାର୍ ଧକ୍କା ଦେଇ ବିଦ୍ୟୁତ ଟ୍ରାନ୍ସଫର୍ମରରେ ପିଟି ହୋଇଯାଇଛି। ଏଥିରେ ଦମ୍ପତି ଭାଟକୁମରଡା ଗ୍ରାମର ତୋଫାନ ପଲେଇ (୨୭) ଓ ପ୍ରମିଳା ପଲେଇ(୨୨) ଆହତ ହୋଇଛନ୍ତି। ଉଭୟଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। ତୋଫାନଙ୍କ ଅବସ୍ଥା ଗୁରୁତର ରହିଛି। ପୋଲିସ ଦୁର୍ଘଟଣାସ୍ଥଳରେ ଗାଡି ଦୁଇଟିକୁ ଜବତ କରିବା ସହ କାର ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶ ପାଦପାଟଣାମର କେତେଜଣ ଆୟପ୍ପା ଭକ୍ତ ତାରାତାରିଣୀ ଦର୍ଶନ ସାରି କାରରେ ଫେରୁଥିବା ବେଳେ ଦ୍ରୁତଗତି ଯୋଗୁ ଚାଳକ ଭାରସାମ୍ୟ ହରାଇବାରୁ ସ୍ତ୍ରୀଙ୍କ ସହ ଗାଁକୁ ଫେରୁଥିବା ତୋଫାନଙ୍କ ବାଇକ୍‌କୁ ଧକ୍କା ଦେଇ ଟ୍ରାନ୍ସଫରମରରେ ପିଟି ହୋଇଥିଲା।


ଟ୍ରାନ୍ସଫର୍ମରରେ ପିଟି ହୋଇ ଲାଗି ରହିଥିବା କାର୍।

# ଆଜିଠୁ ଚାଷୀଙ୍କ ଧାରଣା

- ପାଇଲେ ନାହିଁ ଜୱାଦ ବାତ୍ୟା କ୍ଷତିପୂରଣ
- ୧୧ ମାସ ପରେ ଚାଷୀ ହତାଶ

**ନୟାଗଡ଼ ଅଫିସ,୨୦।୧୧**

ବନ୍ୟା, ବାତ୍ୟା, ମରୁଡ଼ି, ଅଦିନିଆ ବର୍ଷା ପରି ପ୍ରାକୃତିକ ବିପର୍ଯ୍ୟୟ ନୟାଗଡ଼ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବାବେଳେ ୧୧ ମାସ ତଳେ ହୋଇଥିବା ବାତ୍ୟା ଜୱାଦର ସହାୟତା ରାଶି ଏଯାବତ ଚାଷୀ ପାଇ ପାରୁ ନାହାନ୍ତି। ଚାଷୀଙ୍କ ସହାୟତା ଅର୍ଥରୁ ତହସିଲ କର୍ତ୍ତୃପକ୍ଷ ସୁଧ ଖାଉଥିବା ଚାଷୀ ଅଭିଯୋଗ କରି ଆସୁଛନ୍ତି। ତେବେ ଜିଲାରେ କେବଳ ଓଡ଼ଗାଁ ତହସିଲଦାର ପ୍ରଥମ ପର୍ଯ୍ୟାୟ ସହାୟତା ଅର୍ଥ ବାଣ୍ଟି ଚୁପ ରହିଛନ୍ତି। ଏହାର ପ୍ରତିବାଦରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି।

ଜିଲାରେ ୨୦୨୧-୨୨ ଆର୍ଥିକ ବର୍ଷରେ ୩୫ ହଜାର ୫୮୮ ହେକ୍ଟର ଜଳସେଚିତ ଜମି ଓ ୬୪ ହଜାର ୨୨୯ ହେକ୍ଟର ଅଣଜଳସେଚିତ ଜମି ଏପରି ମୋଟରେ ୯୯ ହଜାର ୮୧୭ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା। ୨୦୨୧ ସେପ୍ଟେମ୍ବର ସୁଦ୍ଧା ୯୦ ପ୍ରତିଶତ ଜମିରେ ବେଉଷଣ ବହୁ କଷ୍ଟରେ ହୋଇଥିଲା। ନିଅଣ୍ଟିଆ ବର୍ଷା ଯୋଗୁ ନୟାଗଡ଼ ଜିଲାରେ ସେପ୍ଟେମ୍ବର ମାସରେ ମରୁଡି ପରିସ୍ଥିତି ଦେଖା ଦେଇଥିଲା। ବେଉଷଣ ପରେ ଜମି ଫାଟି ଆଁ କରି ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ନଭେମ୍ବର ମାସରେ ଅଦିନିଆ ବର୍ଷା ଓ ଡିସେମ୍ବର ପ୍ରଥମ ସପ୍ତାହର ବାତ୍ୟା ଜୱାଦ ଧାନ ଫସଲ ନଷ୍ଟ କରିଥିଲା। ଚାଷୀ ଧାନ ଅମଳ କରିଥିଲା ହେଲେ ସେଥିରେ ଧାନ ନ ଥିଲା। ବାତ୍ୟା କ୍ଷୟକ୍ଷତିକୁ ଦେଖି ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ୫୦୭ କୋଟି ଟଙ୍କା ଘୋଷଣା କରିଥିଲେ। ସେଥିରେ ନୟାଗଡ଼ ଜିଲାର ୧୨ କୋଟି ଥିବା ଜଣାପଡିଛି। ଏନେଇ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ରଣଜିତ୍ ଦଳବେହେରା କୁହନ୍ତି, ଜୱାଦ ଅନୁଦାନ ତହସିଲ କର୍ତ୍ତୃକ୍ଷପ ସୁଧ ଖାଉଛନ୍ତି। ଏଣୁ ଅନୁଦାନ ବାଣ୍ଟିବା ନାଁ ଧରୁ ନାହାନ୍ତି। ଆମ ଚାଷୀମାନଙ୍କର ସମସ୍ୟା ଜିଲା ପ୍ରଶାସନ ବୁଝୁ ନାହିଁ। ଏଣୁ ଆମେ ଜୱାଦ କ୍ଷତିପୁରଣ ସହ ବୃଦ୍ଧାବୃଦ୍ଧଙ୍କ ଭତ୍ତା ୨ ହଜାର ଟଙ୍କା କରିବା ଓ ମଣ୍ଡିରେ ଧାନ କଟନୀ ଛଟନୀକୁ ରୋକ୍ ଲଗାଇବା ପାଇଁ ସୋମବାର ଧାରଣା ଦେବୁ ବୋଲି କହିଛନ୍ତି।

### ଆନ୍ଦୋଳନ ପରେ ବି ହେଲାନି ସମାଧାନ

ବାତ୍ୟା ଜୱାଦ୍ କ୍ଷତିପୁରଣ ନ ପାଇବାରୁ ଗତ ଅଗଷ୍ଟ ୧୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷୀମାନେ ଧାରଣା ଦେଇଥିଲେ। ୨୦୨୧ ଡିସେମ୍ବର ବାତ୍ୟାର ପ୍ରକୋପରେ ନୟାଗଡ଼ ଜିଲାର ପ୍ରତ୍ୟେକ ସ୍ଥାନରେ କ୍ଷୟକ୍ଷତି ହୋଇଥିଲା। ସେହିମାସ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ୫୦୬ କୋଟି ଟଙ୍କାର ସହାୟତା ରାଶି ଚାଷୀଙ୍କ ପାଇଁ ଘୋଷଣା କରିଥିଲେ। ବାତ୍ୟାର ପ୍ରଭାବ ଜିଲାସାରା ପଡିଥିଲେହେଁ ଦଶପଲ୍ଲା, ଖଣ୍ଡପଡା, ଗଣିଆ ବ୍ଲକ ଏଥିରୁ ବାଦ୍ ପଡିଥିଲା। ବାରମ୍ବାର ଆନ୍ଦୋଳନ ପରେ ଖଣ୍ଡପଡା ବ୍ଲକ କ୍ଷତିପୂରଣ ତାଲିକାରେ ରହିଲା। ହେଲେ ଅନ୍ୟ ଦୁଇଟି ବ୍ଲକ ପୁଣି ବାଦ୍ ପଡିଗଲେ। ଏଣୁ ତୁରନ୍ତ ସହାୟତା ରାଶି ଯୋଗାଇ ଦେବା ସହ ଚାଷୀଙ୍କୁ ତୁରନ୍ତ କ୍ଷତିପୁରଣ ଦେବାକୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସେ ସମୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ବାଣିଜ୍ୟ ମେଳା ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ନୟାଗଡ଼ଅଫିସ,୨୦।୧୧**

ନୟାଗଡ଼ ଦକ୍ଷିଣ କାଳୀ ପଡ଼ିଆରେ ରବିବାର ସନ୍ଧ୍ୟାରେ ବାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷ ନିରୁପମା ଖଟେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲିଟି ଉପାଧକ୍ଷ ଗୁରୁ ପ୍ରସାଦ ଜେନା, କାଉନସିଲର କିଶାନ ଦାସ, ସୁନିତା ମହାପାତ୍ର, ଦୀନବନ୍ଧୁ ଗୁରୁ, ଜାନକୀ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ୮୦ ଷ୍ଟଲ ସ୍ଥାନ ପାଇଛି । ଭୁବନେଶ୍ୱର ସାଇ ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଏହି ମେଳା ଆୟୋଜିତ ହେଉଛି । ଏହାକୁ ବସନ୍ତ ସାହୁ ପରିଚାଳନା କରୁଛନ୍ତି ।

# ଓଷ୍ଟାର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

**ଦଶପଲ୍ଲା,୨୦।୧୧(ଡି.ଏନ.ଏ.)**

ରବିବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ରାଧାମୋହନ ଜୀଉ ନୋଡାଲ ହାଇସ୍କୁଲଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଜିଲା କାର୍ଯ୍ୟକାରୀଣୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ବ୍ଲକ ସଭାପତି ଶରତ ଚନ୍ଦ୍ର ବେହେରା ବୈଠକକୁ ଉଦ୍‌ଘାଟନ କରିଥିଲେ । ଜିଲା ସଭାପତି ଅଯୋଧାନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ବିଶ୍ୱାଳ, ରାଜ୍ୟ ସମ୍ପାଦକ ବିନାୟକ ପରିଡ଼ା, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଗୋଲକ ବିହାରୀ ସାହୁଙ୍କ ସମେତ ୮ ବ୍ଲକର ଓଷ୍ଟା ସମ୍ପାଦକ ଓ ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ନୂତନ ବ୍ଲକ ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବୈଠକରେ ସଂଘର ଆଗାମୀ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ।


କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଓଷ୍ଟାର କର୍ମକର୍ତ୍ତା ଓ ସଦସ୍ୟ।

# ନିୟମିତ ଭାବେ ବସୁନାହିଁ 'ଆମ ପୋଲିସ' ବୈଠକ

**ଖଣ୍ଡପଡ଼ା,୨୦।୧୧(ସ୍ୱ.ପ୍ର.)**

ନିୟମିତ ଭାବେ ଖଣ୍ଡପଡ଼ା ପୋଲିସ ପକ୍ଷରୁ 'ଆମ ପୋଲିସ' ସମିତି ବୈଠକ ଅନୁଷ୍ଠିତ ହେଉନାହିଁ। ବିଗତ ବର୍ଷରେ ଖଣ୍ଡପଡ଼ା ଥାନା ଅଧୀନ ବିଭିନ୍ନ ସ୍ଥାନରେ ଏହି ବୈଠକ ଅନୁଷ୍ଠିତ ହେଉଥିଲା। ହେଲେ ଚଳିତ ବର୍ଷ ସେଥିରେ ବ୍ୟତିକ୍ରମ ଘଟିଛି। କାର୍ଯ୍ୟ ବ୍ୟସ୍ତତାର ଆଳ ଦେଖାଇ ପୋଲିସ କର୍ତ୍ତୃପକ୍ଷ ବୈଠକ ଡାକୁ ନ ଥିବା ଅଭିଯୋଗ ହୋଇଛି। ଆମ ପୋଲିସ ବୈଠକରେ ପୋଲିସ ପ୍ରଶାସନ ଓ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେଉଥିଲା। ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଖଣ୍ଡପଡ଼ା ଥାନାର ବରିଷ୍ଠ ଅଧିକାରୀମାନେ ସୂଚନା ପ୍ରଦାନ କରୁଥିଲେ। ଖଣ୍ଡପଡ଼ା ଥାନା ଇଲାକାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ବୈଠକରେ ଆଲୋଚନା କରାଯାଇ ସମୀକ୍ଷା କରାଯାଉଥିଲା। ଏ ସମ୍ପର୍କରେ ଆଇଆଇସିଙ୍କ ସହ ଯୋଗାଯୋଗ କରିବାରେ କରୋନା ଯୋଗୁ ଏହି ବୈଠକ ବନ୍ଦ ଥିଲା। ଆଗାମୀ ଦିନରେ ଏହି ବୈଠକ ନିୟମିତ ବସିବ ବୋଲି ସେ ସୂଚନା ଦେଇଛନ୍ତି।

# ଭିମରା ଯାତ୍ରା କମିଟିର ବୈଠକ

**ଦଶପଲ୍ଲା,୨୦।୧୧(ଡି.ଏନ.ଏ.)**

ରବିବାର ଖମାର ସାହି ଗ୍ରାମ ପଞ୍ଚାୟତ ନିକଟସ୍ଥ ଭିମରା ପାହାଡ଼ ପର୍ଯ୍ୟଟନ ସ୍ଥଳୀରେ ଯାତ୍ରା କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ତ୍ରିନାଥ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଭିନ୍ନ ବିଷୟରେ ସମୀକ୍ଷା କରାଯାଇଥିଲା । ଆଗାମୀ ଯାତ୍ରା ଉତ୍ସବକୁ ସରସ ସୁନ୍ଦର କରିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଯାତ୍ରା କମିଟିରେ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯିବା ସହିତ ଭିମରାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଉକ୍ତ ବୈଠକରେ ସ୍ଥାନୀୟ ଲୋକଙ୍କ ସହିତ କମିଟିର କର୍ମକର୍ତ୍ତା ସାମିଲ ହୋଇଥିଲେ ।


ଭିମରା ଯାତ୍ରା ପାଇଁ ବସିଥିବା ପ୍ରସ୍ତୁତି ବୈଠକ।

# ବରିଷ୍ଠ ନାଗରିକ ସରକାରୀ ଯୋଜନାରୁ ବଞ୍ଚିତ

### ଘରେ ପାଇଖାନା ନାହିଁ, ଦୁର୍ଦ୍ଦଶା ଭୋଗୁଛନ୍ତି ଦୁଃଶାସନ

**ଖଣ୍ଡପଡ଼ା,୨୦।୧୧(ସ୍ୱ.ପ୍ର.)**

ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବିଭିନ୍ନ ଗାଁ, ପଞ୍ଚାୟତକୁ ବାହ୍ୟ ମଳମୁକ୍ତ ଅଞ୍ଚଳ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିପାଇଁ ପାଇଖାନା ନ ଥିବା ପରିବାରରେ ସରକାର ପାଇଖାନା ନିର୍ମାଣ ପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦେଇଥିଲେ। ଫଳରେ ବହୁ ହିତାଧିକାରୀଙ୍କ ଘରେ ପାଇଖାନା ନିର୍ମାଣ କରାଯାଉଥିଲା। ହେଲେ ଏହି ଯୋଜନାରୁ ବହୁ ଗରିବ ନିରୀହ ହିତାଧିକାରୀ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ପରିତାପର ବିଷୟ ଯେଉଁ ଗରିବ ବୟସ୍କ ତଥା ବରିଷ୍ଠ ନାଗରିକମାନଙ୍କ ପାଇଖାନାର ଜରୁରୀ ଆବଶ୍ୟକତା ରହିଛି, ସେମାନଙ୍କ ନାମ ହିତାଧିକାରୀ ତାଲିକାରେ ନ ଥିବାରୁ ନାନା ସମସ୍ୟା ସୃଷ୍ଟି ହୋଇଛି।

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ୧୩ ନଂ. ୱାର୍ଡ ମାଧବ ଚୌଧୁରୀ ପାଟଣା ଗ୍ରାମର ବରିଷ୍ଠ ନାଗରିକ ଦୁଃଶାସନ ସାହୁଙ୍କ ଘରେ ପାଇଖାନା ନାହିଁ। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଉଠି ବସି ପାରୁନାହାନ୍ତି। ତାଙ୍କ ପକ୍ଷେ ଘର ବାହାରକୁ ମଳତ୍ୟାଗ କରିବାକୁ ଯିବା ସମ୍ଭବ ନୁହେଁ। ଫଳରେ ତାଙ୍କ ନାତି ତାଙ୍କୁ ଏକ ମୋପେଡ଼ରେ ବସାଇ ପ୍ରତିଦିନ କୌଣସି ଖୋଲା ସ୍ଥାନକୁ ନେଇ ମଳତ୍ୟାଗ କରାଉଥିବା ଦେଖିବାକୁ ମିଳିଛି। ତେବେ ଏପରି ପ୍ରତିଦିନ କରିବା ସମ୍ଭବ ନୁହେଁ। ସେଥିପାଇଁ ଦୁଃଶାସନଙ୍କ ସ୍ତ୍ରୀ ଅଧିକାଂଶ ସମୟ ଘରେ କାଗଜ ପକାଇ ତାଙ୍କୁ ମଳତ୍ୟାଗ କରିବାକୁ କହିଛନ୍ତି। ଯଦି ଦୁଃଶାସନ କୌଣସି ଦିନ ଘରେ ମଳତ୍ୟାଗ କରୁଛନ୍ତି ତାକୁ କାଗଜ କିମ୍ବା ପତ୍ରରେ ସଂଗ୍ରହ କରି ସ୍ତ୍ରୀ ଅନ୍ୟତ୍ର ପକାଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଘରେ ଏକ ପାଇଖାନା ନିର୍ମାଣ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏ ଦିଗରେ କେହି ଧ୍ୟାନ ଦେଇ ନ ଥିବା ଦୁଃଶାସନଙ୍କ ସ୍ତ୍ରୀ ଶିଶୁଳା କହିଛନ୍ତି। ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେ ସୂଚନା ଦେଇଛନ୍ତି।


ଶୌଚ ପାଇଁ ଦୁଃଶାସନଙ୍କୁ ନିଆଯାଉଛି।

ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ ଓ ପାରିବାରକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଏହି ବରିଷ୍ଠ ନାଗରିକମାନଙ୍କୁ ଉଚିତ ସମ୍ମାନ ଦେବା ପରିବର୍ତ୍ତେ ନିର୍ଯ୍ୟାତନା ଦିଆଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସରକାରଙ୍କ ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚି ନ ଥିବା ଅଭିଯୋଗ ହେଉଛି। କେବଳ ଦୁଃଶାସନ ନୁହନ୍ତି, ଏପରି ଏକାଧିକ ପରିବାର ସରକାରଙ୍କ ବିଭିନ୍ନ ଯୋଜନାର ବହୁ ଦୂରରେ ରହିଛନ୍ତି। ବ୍ଲକ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଲେ ସମସ୍ୟାର ସମାଧାନ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନିକେତ



@ ଚନ୍ଦନ



@ ଦୀପକ



@ ଦିବ୍ୟଜ୍ୟୋତି




@ ରାଜଲକ୍ଷ୍ମୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିୟମିତ ଆଦେଶନାମା ମିଳୁନାହିଁ

ନୟାଗଡ଼ ଅଫିସ,୨୦।୧୧

ନୟାଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟର ଅବହେଳା ଯୋଗୁ ନିୟମିତ ଆଦେଶନାମା ପାଇ ପାରୁନାହାନ୍ତି ଶିକ୍ଷୟିତ୍ରୀ,ଶିକ୍ଷକ । ସରକାରଙ୍କ ନିର୍ଦ୍ଦେଶକୁ ଶନିବାର ଅଣଦେଖା ନେଇ ଅତିରିକ୍ତ ଜିଲାପାଳ(ଏଡିଏମ)ଙ୍କୁ ଫେରାଦ ହୋଇଛନ୍ତି ବହୁ ଶିକ୍ଷକ । ଯଦି ୭ଦିନ ଭିତରେ ନିୟମିତ କର୍ମଚାରୀ ଭାବେ ଠିକା ଶିକ୍ଷକ ଓ କର୍ମଚାରୀଙ୍କ ନିଯୁକ୍ତି କରା ନ ଯାଏ ତା'ହେଲେ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି ।

ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସଭାନେତ୍ରୀ ମୈତ୍ରୀ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଚିନ୍ମୟ ବୈରୀଗଞ୍ଜନ, ଉପ ସଭାପତି ପଦ୍ମଚରଣ ସାହୁ, କାର୍ଯ୍ୟକାରୀ ସଭାପତି ଶୁଭ୍ରାଂଶୁ ଶେଖର ପାତ୍ର, ରାଜ୍ୟ ସଂଯୋଜକ ଚିନ୍ତାମଣି ମହାରଣା ଓ ସୁଶାନ୍ତ ଗୋଛି ପ୍ରମୁଖ ଜିଲା ଶିକ୍ଷା କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ରାଜ୍ୟ ସରକାର ଗତ ଅକ୍ଟୋବର ୧୫ରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରିଥିଲେ । ଅକ୍ଟୋବର ୧୬ରେ ସାଧାରଣ ପ୍ରଶାସନ



ଶିକ୍ଷୟିତ୍ରୀ,ଶିକ୍ଷକମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା,ଏଡିଏମ୍‌ଙ୍କୁ ଫେରାଦ

ବିଭାଗ ନୋଟିଫିକେଶନ ଜାରି କରିଥିଲେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୧୭ରେ ସାଧାରଣ ପ୍ରଶାସନ ପତ୍ରାଙ୍କ ନଂ.୨୯୦୭୬ । ତା.୧୬।୧୦।୨୦୨୨ ଗ୍ରୁପ ବି, ସି ଓ ଡି ଶ୍ରେଣୀର ଠିକା ନିଯୁକ୍ତିକୁ ଉଚ୍ଛେଦ କରିଥିଲେ । ଏହି ଚିଠି କ୍ରମରେ ରାଜ୍ୟର ସବୁ ବିଭାଗକୁ ଠିକା ପ୍ରଥା ଉଚ୍ଛେଦ କରି ନିୟମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଜ୍ୟ ସରକାରଙ୍କ ଏହି ରାୟକୁ ସବୁ ମହଲରେ ସ୍ୱାଗତ କରାଯାଇଥିଲା । ଗତ ଅକ୍ଟୋବର ୧୬ରୁ ନୟାଗଡ଼ ଜିଲାର କୃଷି, ତହସିଲ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ, ଜଙ୍ଗଲ,ଜିଲା କୋଷାଗାର, ଜିଲା ମଙ୍ଗଳ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀମାନେ ସାଧାରଣ ପ୍ରଶାସନର ଚିଠିର ନିର୍ଦ୍ଦେଶ ଅନୁସାରେ ଠିକା କର୍ମଚାରୀଙ୍କୁ ନିୟମିତ ଦରମା କରାଇ ସାରିଲେଣି । ଯଦି ଜିଲାର ସବୁ ବିଭାଗର ଥିବା ଠିକା କର୍ମଚାରୀ ଯୁଦ୍ଧକାଳୀନ ଭିତ୍ତିରେ ନିୟମିତ ହୋଇ ଦରମା ପାଇପାରିଲେ ତା'ହେଲେ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟର ୫ଶହରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ନିୟମିତ କରା ଯାଇନାହିଁ । ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ପତ୍ରାଙ୍କ. ସଂଖ୍ୟା ୨୨୮୬/୨୮।୧୦।୨୦୨୨ରେ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ ଏବଂ ମାଧ୍ୟମିକ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷେ ରାଜ୍ୟର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ପତ୍ରାଙ୍କ ସଂଖ୍ୟା ୩୧୯୬୮/୧୪।୧୧।୨୦୨୨ ରେ ସୂଚନା ଜାରି କରିଥିଲେ ମଧ୍ୟ ଜିଲା ଶିକ୍ଷା ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି । ଅନ୍ୟପକ୍ଷେ ୨୦୨୦,୨୦୨୧,୨୦୨୨ ମସିହାରେ ନିଯୁକ୍ତି ପାଇଥିବା କୌଣସି ଶିକ୍ଷକଙ୍କ ସର୍ଭିସ ବୁକ, ଜିଆଇଏସ୍ ଓ ପାନ୍ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ ବୋଲି ଅଭିଯୋଗ ହୋଇଛି ।

# ବିଦ୍ୟୁତ୍ ତାର ସଂଯୋଗ ବେଳେ ୨ ଶିକାରୀ ଗିରଫ

## ୪ କେଜି ଜିଆଇ ତାର, ଟାଙ୍ଗିଆ ଓ ଟର୍ଚ୍ଚ ଜବତ

ଓଡ଼ଗାଁ,୨୦।୧୧(ସ୍ୱ.ପ୍ର.)

ନୟାଗଡ଼ ବନଖଣ୍ଡ ଏବଂ ଓଡ଼ଗାଁ ବନାଞ୍ଚଳ ବାହାଡ଼ାଖୋଲା ସେକ୍ସନରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନରେ ତାର ସଂଯୋଗ କରି ଶିକାର ନିମନ୍ତେ ଉଦ୍ୟମ କରୁଥିବା ୨ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି । ଗିରଫ ଶିକାରୀ ଦ୍ୱୟ ହେଲେ ବାହାଡ଼ାଖୋଲା ଫାଣ୍ଡି ଅନ୍ତର୍ଗତ ବେରୁଆଁବାରୀ ପଞ୍ଚାୟତ ବେତନଟୀ ଗ୍ରାମର ଯୁଧିଷ୍ଠିର ନାଇକ (୪୫) ଓ ବିକାଶ ନାଇକ (୨୧) । ଶନିବାର ରାତିରେ ମକରାପଲ୍ଲୀ ସଂରକ୍ଷିତ ଜଙ୍ଗଲ ଦେଇ ଯାଇଥିବା ୧୧ କେଭି ଲାଇନରେ ତାର ସଂଯୋଗ କରି ଏହି ଶିକାରୀଦ୍ୱୟ ବନ୍ୟ ପ୍ରାଣୀ ଶିକାର କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ । ଏନେଇ ସୂଚନା ମିଳିବା ପରେ ବନ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ । ପାଟ୍ରୋଲିଂ କରିବାକୁ ବିଭାଗୀୟ ଅଧିକାରୀମାନେ ଯାଇଥିବା ବେଳେ ଯୁଧିଷ୍ଠିର ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ତାର ସଂଯୋଗ କରିବାକୁ ଉଦ୍ୟମ କରୁଥିଲେ । ଖୁଣ୍ଟ ତଳେ ବିକାଶ ଠିଆ ହୋଇ ତାଙ୍କୁ ସହଯୋଗ କରୁଥିବା ବିଭାଗୀୟ କର୍ମଚାରୀମାନେ ଦେଖିବାକୁ ପାଇଥିଲେ । ଉଭୟଙ୍କୁ ସେମାନେ କାବୁ କରି ପଚରା ଉଚୁରା କରିବାରେ ସେମାନେ ବନ୍ୟପ୍ରାଣୀ ଶିକାର କରିବାକୁ ବ୍ୟାପକ ଭାବେ ୩ ଫୁଟିଆ ବାଉଁଶ ଖୁଣ୍ଟ ସହାୟତାରେ ଜିଆଇ ତାର ବିଛାଇ ଥିବା ସ୍ୱୀକାର କରିଥିଲେ । ସେମାନଙ୍କ ସୂଚନା ଅନୁଯାୟୀ ଜିଆଇ ତାର ୧ ବଣ୍ଡଲ(୪କେଜି),ଗୋଟିଏ ଟାଙ୍ଗିଆ, ଟର୍ଚ୍ଚ ଓ ୩ ଫୁଟିଆ ବାଉଁଶ ଖୁଣ୍ଟି ପୋଲିସ ଜବତ କରିଛି । ଉଭୟଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ନିୟମ ୧୯୭୨ ଅନୁସାରେ ଏକ ମାମଲା(ନଂ. ୨୨/୨୦୨୨) ରୁଜୁ ହେବା ସହିତ ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନପାଳ ସନାତନ ସ୍ୱାଇଁ ସୂଚନା ଦେଇଛନ୍ତି ।



ଗିରଫ ଦୁଇ ଶିକାରୀ ।

# ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ନୟାଗଡ଼ ଅଫିସ,୨୦।୧୧

ନୟାଗଡ଼ ଟିପିସିଓଡିଏଲ ପକ୍ଷରୁ ମନଇଚ୍ଛା ବିଦ୍ୟୁତ୍ କାଟ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ରାଜପାଟଣା ଗ୍ରୀଡରେ ବାର୍ଷିକ ରକ୍ଷଣାବେକ୍ଷଣା ପାଇଁ ୨୨୦/୩୩ କେଭି ରାଜପାଟଣା ଗ୍ରୀଡ ରବିବାର ପୂର୍ବାହ୍ନ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେବ ବୋଲି ଘୋଷଣା କରିଥିଲା । ତେବେ ରବିବାର ରାତ୍ର ସାଢ଼େ ୮ଟା ପରେ ବିଦ୍ୟୁତ୍ ଆସି ନ ଥିବାରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି କେତେକ ସ୍ଥାନରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷରେ ରାତି ୮ଟା ୫୦ରେ ବିଦ୍ୟୁତ୍ ଆସିଥିଲା । ଏହା ପରେ ବି ଏକାଧିକ ଥର ବିଦ୍ୟୁତ୍ କଟିଥିଲା ।

# ୩ ଡକାୟତ ଜେଲ୍ ଗଲେ

- ଡକାୟତି ପ୍ରସ୍ତୁତି ସମୟରେ ଧରାପଡ଼ିଥିଲେ
- ଏକାଧିକ ଯୁବକ ଫେରାର
- ୨ ବାଇକ୍,ସ୍କୁଟି ସହିତ ମାରଣାସ୍ତ୍ର ଜବତ

ରଣପୁର,୨୦।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା କୋଟଗଡ଼ଘାଟିଠାରେ ଶନିବାର ରାତିରେ ଡକାୟତ ପାଇଁ ଯୋଜନା କରୁଥିବାବେଳେ ପୋଲିସ ହାତରେ ୩ ଜଣ ଧରାପଡିଛନ୍ତି । ସେମାନଙ୍କଠାରୁ ୨ ବାଇକ୍, ଗୋଟିଏ ସ୍କୁଟି ସହିତ ମାରଣାସ୍ତ୍ର ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ରଣପୁରର ରାଜେନ୍ଦ୍ର ରଥ(୩୨), ରାହୁଲ ସ୍ୱାଇଁ(୩୦) ଓ ସିଲୁ ନାୟକ(୨୮) । ଏ ନେଇ ପୋଲିସ ରଣପୁର ଥାନାରେ ଏକ ମାମଲା (ନଂ.୨୭୮/୨୨) ରୁଜୁ କରି ତନାଘନା ଚଳାଇଛି। ରବିବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଗିରଫ ୩ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଡକାୟତ ମାମଲା ରହିଛି । ଶନିବାର ରାତିରେ ରଣପୁର-ସୁନାଖୋଲା-କୋଟଗଡ଼ ରାସ୍ତାର ଏକ ଜଙ୍ଗଲିଆ ସ୍ଥାନରେ କେତେଜଣ ଯୁବକ ବସି ବିଳମ୍ବିତ ରାତିରେ ଡକାୟତ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ । ବିଶେଷ ସୂତ୍ରରୁ ଏ ସଂକ୍ରାନ୍ତରେ ଖବର ପାଇବା ପରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ କୋଟଗଡ଼ ଘାଟିରେ ଏସ୍‌ଆଇ ସଞ୍ଜୟ ପରିଡ଼ା ଫୋର୍ସ ସହିତ ଚଢ଼ାଉ କରିଥିଲେ । ଅନ୍ୟ କେତେଜଣ ଡକାୟତ ସେଠାରୁ ଫେରାର ହୋଇଯାଇଥିଲେ। ହେଲେ ପୋଲିସ ଉପରୋକ୍ତ ୩ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ଫେରାର ଡକାୟତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଆଇ ପରିଡ଼ା ପ୍ରକାଶ କରିଛନ୍ତି ।




ରଣପୁର ପୋଲିସ ଦ୍ୱାରା ଗିରଫ ୩ ଡକାୟତ ,ଜବତ ଗାଡ଼ି ଓ ମାରଣାସ୍ତ୍ର ।


TENDER CALL NOTICE

OFFICE OF THE SUPERINTENDENT
GOVT. AYURVEDIC PHARMACY, BOLANGIR

AT.- SAGARPARA (Near I & PR Office, Dist. Bolangir, Pin.- 767001)
Email- gapblgr028@gmail.com Phone No. 06652-232036

No. 582/GAP, BLGR. Dated 19.11.2022

TENDER FOR SUPPLY OF RAW MATERIALS AND CONTINGENT ARTICLES TO GOVERNMENT AYURVEDIC PHARMACY, BALANGIR, ODISHA

**No.E-654:-** Sealed tenders are invited from reputed Manufacturers/ Firms/Authorized dealers including wholesale Co-operative organizations and Government/ Semi Govt. Agencies for supply of raw materials and contingent articles to Government Ayurvedic Pharmacy, Balangir, Odisha for preparation of Ayurvedic medicines for the financial year **2022-23**.

| | | |
|---|---|---|
| 1. | Cost of Tender Book per set | **Rs.1,050.00** (One Thousand and Fifty rupees only including GST) |
| 2. | Availability of tender book | At office of **Superintendent, Government Ayurvedic Pharmacy, Balangir, Odisha** only in shape of D.D. in favour of the **Superintendent, Government Ayurvedic Pharmacy, Balangir, Odisha/log on to www.ayushodisha.nic.in** |
| 3. | Mode of payment of cost of Tender Book | In shape of Demand Draft in favour of **Superintendent, Government Ayurvedic Pharmacy (G.A.P.), Balangir, Odisha** payable at G.A.P., Bolangir |
| 4. | Date of commencement of sale of Tender Book | **Dt: 23.11.2022 at 11.00A.M. to 13.12.2022, up-to 5.00 P.M.** |
| 5. | Last date & time for submission of tender | **Dt.13.12.2022 at 5.00 P.M.** |
| 6. | Mode of submission of tender | To be received through a sealed Tender box kept in the office chamber of the **Superintendent, Government Ayurvedic Pharmacy, Balangir, Odisha** |
| 7. | Mode of submission of sealed samples | To be received by the **Superintendent, Government Ayurvedic Pharmacy, Balangir, Odisha** and in his absence **Dr. Bishnu Prasad Choudhury, A.M.O. Govt. Ay. Pharmacy, Bolangir** will receive the samples from 10.30 A.M to 5 P.M. |
| 8. | Date, time & place for opening of tenders | Technical bids will be opened on **14.12.2022 at 11.30 A.M.** At office chamber of **Superintendent, Government Ayurvedic Pharmacy, Balangir, Odisha.** The date, time & place of opening of the Financial Bids of the technically qualified bidders will be intimated later on. |

The tender inviting authority reserves the right to reject any or all the tenders without assigning any reason thereof. For details, please log on to **www.ayushodisha.nic.in**

Sd./- Superintendent,
Government Ayurvedic Pharmacy
Balangir, Odisha

OIPR-10195/11/0003/2223



OFFICE OF THE PROJECT DIRECTOR
STATE URBAN DEVELOPMENT AGENCY

Plot No. 172, Vivekananda Marg,
Kalpana Square, Bhubaneswar, PIN - 751014
(http://www.sudaodisha.org)

NOTICE FOR CANCELLATION OF RFP

Notice No. 0008 Dt.19.11.2022

No. CAD-2795: RFP No. 001, Dtd.04.08.2022 invited for "selection of agencies for conducting Geotechnical investigation and Drone Survey for quantity estimation of Legacy Waste Dumpsite in Package I (Cuttack Municipal Corporation, Berhampur Municipal Corporation and Puri Municipality) and Package II (Sambalpur Municipal Corporation, Bhadrak Municipality and Balasore Municipality)" is hereby cancelled due to administrative ground.

Sd./- Project Director
State Urban Development Agency

OIPR-13036/11/0015/2223



GOVERNMENT OF ODISHA
DEPARTMENT OF AGRICULTURE & FARMERS' EMPOWERMENT

AUCTION SALE NOTICE

No. L-89: Sealed tender in plain papers/pad are invited by for auction to one Ambassador vehicle bearing Registration No. OR-02-AE-5678 in the upset price Rs.15,000/-. The vehicle is available for inspection in the Secretariat premises of Krushi Bhawan, Gopabandhu Marg, Bhubaneswar in any working days between 11.00 A.M. to 4.00 P.M. before the last date of tender. The tender/ bid should reach the undersigned by 03.12.2022 upto 3.00 P.M. at the latest and tenders received shall be opened before the Additional Secretary to Government, Department of Agriculture and Farmers' Empowerment, in charge of O.E.-II Section at 4.00 P.M. on 05.12.2022 in the presence of tenderers or their authorized representative.

The detailed terms & conditions is available in the Department Notice No. 24118 Dt.17.11.2022, which is available in the Department website **http://agri.odisha.gov.in**.

Sd./- Under Secretary to Government
OIPR-01425/11/0012/2223



GOVT. OF ODISHA No. A-739

DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER

Harabhangi Irrigation Division, Adava, Gajapati
(email id: eeharabhangi@gmail.com)

e-Procurement Notice No. SE-HID-ADV-03/2022-23

| | | | |
|---|---|---|---|
| 1. | Type of Works | : | Construction of New Irrigation Structure |
| 2. | Total Number of Packages | : | 1 (One) No. |
| 3. | Estimated Cost | : | Rs.84.14 lakhs |
| 4. | Bid Identification No. | : | SE-HID-ADV-03(1)/2022-23 |
| 5. | Period of Completion | : | 6 (Six) Months |
| 6. | Availability & Submission of Bids online | : | From 11.00 A.M. of 21.11.2022 to 5.00 P.M. of 05.12.2022 |
| 7. | Date of Opening of Technical Bids | : | 06.12.2022 at 11.30 A.M. in the O/o. the Superintending Engineer, Harabhangi Irrigation Division, Adava. |
| 8. | Procurement Officer | : | Superintending Engineer, Harabhangi Irrigation Division, Adava |
| 9. | Further details can be seen from Govt. website **www.tendersorissa.gov.in** and any addendum/corrigendum/cancellation will be published in the said website. | | |

Sd./- Superintending Engineer
Harabhangi Irrigation Division, Adava
OIPR-32474/11/0002/2223



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA

(E-mail id: cceabp@gmail.com/loabpbbsr@gmail.com)

No. A-740
E-Procurement Notice No. CCEABP-07 of 2022-23

| E-procurement Officer | Name of the Work | Bid Id No. | Tender Cost in Lakhs (Approx.) | Bid Security (Online) | Cost of Bid Document (Online) | Class of Contractor | Period of Completion | Availability of Tender Online for Bidding: From | Availability of Tender Online for Bidding: To | Date of Opening of Technical Bid (Cover - 1) |
|---|---|---|---|---|---|---|---|---|---|---|
| Chief Construction Engineer, A, B Project, Salapada | Cement Concrete Lining of Salandi Left Main Canal (SLMC) from RD 21764m to RD 25025m including construction of additional structures and service road. | ABP-ACD-01/7 of 2022-23 | 2973.00 | Bid Security Declaration | 10,000/- | Spl. & Super Class | 12 Calendar Months | 22.11.22 11.30 A.M. | 15.12.222 5.00 P.M. | 16.12.22 11.30 A.M. |

Further details can be seen from the Govt. website **www.tendersorissa.gov.in/www.dowrodisha.gov.in**. Addendum/corrigendum/cancellation if any required will be published in Govt. website only.

OIPR-32068/11/0012/2223
Sd./- Chief Construction Engineer, Anandapur Barrage Project, Salapada